

୫୧ହଜାର ନିଯୁକ୍ତିପତ୍ର ବାଣ୍ଟିବେ ମୋଦୀ |୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଯମୁନା ପୁନରୁଦ୍ଧାର ନେଇ ବୈଠକ |୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୦୨ Vol. 22 No-102 12 JULY 2025 SATURDAY, BHUBANESWAR ଶନିବାର, ୧୨ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସମ୍ବିଧାନ ବଞ୍ଚାଅ ମହାସମାବେଶରେ ରାହୁଲ

# ଜଳ-ଜଙ୍ଗଲ-ଜମି, ମହିଳା ପ୍ରସଙ୍ଗରେ ବର୍ଷିଲେ




- କଂଗ୍ରେସ କର୍ମୀଙ୍କୁ ଜୋଶ୍, ବିଜେପିକୁ ନିଶାନା
- ଆଦିବାସୀଙ୍କ ସହିତ ଏକତା, ଜଳ, ଜଙ୍ଗଲ-ଜମିର ସୁରକ୍ଷା
- ନିର୍ବାଚନ କମିଶନଙ୍କ ପକ୍ଷପାତ ଉପରେ ବର୍ଷିଲେ
- ଆଦାନୀଙ୍କ ପାଇଁ ଓଡ଼ିଶାରେ ଅଟକିଲା ରଥ
- ମହିଳା ସୁରକ୍ଷା, ନିଖୋଜ ମହିଳାଙ୍କୁ ନେଇ ଚିନ୍ତା ପ୍ରକଟ
- କଂଗ୍ରେସର ତୃଣମୂଳ ଶକ୍ତି, ଲୋକଙ୍କ ଲଢେଇ ଉପରେ ଫୋକସ
- ଡବଲ ଇଞ୍ଜିନ ସରକାର ଧନୀଙ୍କ ପାଇଁ, ଗରିବଙ୍କୁ ଲୁଟୁଛି: ଖଡ଼୍‌ଗେ
- ଧର୍ମ ନାମରେ ବିଭାଜନ ରାଜନୀତି କରୁଛି ବିଜେପି: ଭକ୍ତ
- ସମ୍ବିଧାନକୁ ସମାପ୍ତ କରିବା ମୋଦୀଙ୍କ ଲକ୍ଷ୍ୟ: ବେଣୁଗୋପାଳ

ଭୁବନେଶ୍ୱର,୧୧।୭(ଭାସ୍କର ନ୍ୟୁଜ): କଂଗ୍ରେସ ଯୁବରାଜ ରାହୁଲ ଗାନ୍ଧୀ ଗୁରୁବାର ଭୁବନେଶ୍ୱର ବରମୁଣ୍ଡା ପଡ଼ିଆଠାରେ କଂଗ୍ରେସ ପକ୍ଷରୁ ଆୟୋଜିତ ସମ୍ବିଧାନ ବଞ୍ଚାଅ ମହାସମାବେଶରେ ଭାଜପାକୁ ଜୋରଦାର ନିଶାନା କରିଛନ୍ତି। ସେ କହିଛନ୍ତି, ଏହା ଲୋକଙ୍କ ସରକାର ନୁହେଁ, ଏହା ଆଦାନୀଙ୍କ ଭଳି ଉଦ୍ୟୋଗପତିଙ୍କ ସରକାର। ଆଦାନୀଙ୍କ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ରଥକୁ ଅଟକାଯାଉଛି। ଓଡ଼ିଶାରେ ୪୦ ହଜାରରୁ ଊର୍ଦ୍ଧ୍ୱ ମହିଳା ଗାଏବ ହୋଇଛନ୍ତି। ଏମାନେ କୁଆଡ଼େ ଗଲେ କେହି ଜାଣିନାହାନ୍ତି। ଓଡ଼ିଶାରେ ମହିଳାଙ୍କୁ ଦୁଷ୍କର୍ମ ହେଉଛି, କିନ୍ତୁ ସରକାର ନିରବଦ୍ରଷ୍ଟା ରହିଛନ୍ତି। ଓଡ଼ିଶାରେ ଜଳ, ଜଙ୍ଗଲ, ଜମି ଆଦିବାସୀଙ୍କର ଅଛି ଓ ଆଗାମୀ ଦିନରେ ରହିବ। ଏଠାରେ ଆଦିବାସୀଙ୍କୁ ଜମିରୁ ହଟାଯାଉଛି। ପେଶା ଆଇନ ଲାଗୁ କରାଯାଉନାହିଁ। କିନ୍ତୁ ଆମେ ଏହା ଲାଗୁ କରିବୁ। ବିକାଶ ଓଡ଼ିଶାର ଜନତାଙ୍କ ପାଇଁ କରିବା ଜରୁରି। ନିର୍ଯାତିତ ଲୋକଙ୍କ ପାଇଁ କଂଗ୍ରେସ ସବୁବେଳେ ଛିଡ଼ାହୋଇ ରହିବ। ମୁଁ ଏହି ସରକାର ବିରୋଧରେ ଲଢିବାକୁ ଚାହୁଁଛି। ଏଠାକାର ସରକାରକୁ ହଟାଇବାକୁ ମଧ୍ୟ ଚାହୁଁଛି। ଦଳିତଙ୍କୁ ନା ସରକାରରେ ସ୍ଥାନ ମିଳୁଛି ନା ବ୍ୟୁରୋକ୍ରାସିରେ। ଜାତି ଗଣନା ନିହାତି ଜରୁରି ଓ ଏହା ସେମାନଙ୍କୁ ସଶକ୍ତ କରିବ ବୋଲି ରାହୁଲ କହିଥିଲେ। ସେ କହିଥିଲେ, ଓଡ଼ିଶା ହେଉ କି ଛତିଶଗଡ଼, ସବୁଠି ଆଦାନୀ ଓ ଆଦାନୀ। ରାହୁଲ କହିଥିଲେ ଯେ ଓଡ଼ିଶା ସରକାରଙ୍କ କାମ ହେଉଛି ଓଡ଼ିଶାର ଧନ ଗରିବ ଲୋକଙ୍କଠାରୁ ଚୋରି କରିବା। ପ୍ରଥମେ ବିଜେଡି ଏହି କାମ କରୁଥିଲା। ଏବେ ବିଜେପି ତା'ର ପୁନରାବୃତ୍ତି ଚଳାଇଛି। ଓଡ଼ିଶାର ଗରିବ ଲୋକ, ଦଳିତ, ଚାଷୀ, ମଜୁରିଆ ଗୋଟିଏ ପଟେ, ଅନ୍ୟପଟେ ଆରବପତି ଓ ବିଜେପି ସରକାର। କଂଗ୍ରେସ ଓଡ଼ିଶା ଜନତାଙ୍କ ସହ ମିଶି ଏହି ଲଢେଇ ଜିତିବ। ସେ ବିଜେପିକୁ ନିଶାନା କରି କହିଥିଲେ ଯେ ସାରା ଦେଶରେ ସମ୍ବିଧାନ ଉପରେ ବିଜେପି ଆକ୍ରମଣ କରୁଛି। ମହାରାଷ୍ଟ୍ର ଭଳି ବିହାରରେ ନିର୍ବାଚନ ଚୋରି କରିବାକୁ ପ୍ରୟାସ କରାଯାଉଛି। ଆଉ ଏଥିପାଇଁ ନିର୍ବାଚନ କମିଶନ ନୂଆ ଷଡ଼ଯନ୍ତ୍ର ରଚୁଛନ୍ତି। ନିଜ କାମ ଛାଡ଼ି ସେ ବିଜେପି କାମ କରୁଛନ୍ତି। ମହାରାଷ୍ଟ୍ରରେ ବିଧାନସଭା ଓ ଲୋକସଭା ନିର୍ବାଚନ ଭିତରେ ୧ କୋଟି ନୂଆ ଭୋଟର ଆସିଲେ। ଆଜିଯାଏ କେହି ଜାଣିନାହାନ୍ତି, ସେହି ଭୋଟରମାନେ କେଉଁଠୁ ଆସିଲେ। ଆମେ ନିର୍ବାଚନ କମିଶନଙ୍କୁ ଭୋଟର ତାଲିକା ମାଗିସାରିଛୁ। • ପୃଷ୍ଠା ୫ ଦେଖନ୍ତୁ

## ପିଏସି ବୈଠକରେ ଗୁରୁମନ୍ତ୍ର ଦେଲେ ରାହୁଲ

ଭୁବନେଶ୍ୱର,୧୧।୭(ଭାସ୍କର ନ୍ୟୁଜ): ବରମୁଣ୍ଡା ସମାବେଶ ପରେ ରାହୁଲ ଗାନ୍ଧୀ ମାଷ୍ଟରକ୍ୟାଣ୍ଟିନସ୍ଥିତ କଂଗ୍ରେସ ଭବନକୁ ଯାଇ ପିଏସି ବୈଠକରେ ସାମିଲ ହୋଇଥିଲେ। ରାହୁଲ ପିଏସିର ୨୭ ସଦସ୍ୟଙ୍କ ସହ ଦଳର ସଂଗଠନ ନେଇ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଆଲୋଚନାବେଳେ ରାହୁଲ କହିଥିଲେ ଯେ ସଂଗଠନ ବଢାଅ ଓ ନିଜ ଭିତରେ ଏକତା ରଖ। ସେ କହିଥିଲେ, ଯେପର୍ଯ୍ୟନ୍ତ ନେତାମାନେ ଏକାଠି ହୋଇ କାମ ନ କରିବେ, ସେ ପର୍ଯ୍ୟନ୍ତ ଦଳ ଆଗକୁ ଯାଇପାରିବ ନାହିଁ। ଏହାସହ ସେ ଉପକୂଳ ଓଡ଼ିଶା ଉପରେ ଫୋକସ କରିଥିଲେ। ସମସ୍ତେ ଏକାଠି ହୋଇ କାର୍ଯ୍ୟ କଲେ ଦଳ ସୁଦୃଢ଼ ହେବ ବୋଲି ରାହୁଲ କହିବା ସହ ତୃଣମୂଳସ୍ତରରୁ ସଂଗଠନକୁ ମଜବୁତ କରିବା ପାଇଁ ଆହ୍ୱାନ ମଧ୍ୟ ଦେଇଥିଲେ। ଜାତି ଜନଗଣନା, ପଛୁଆବର୍ଗଙ୍କୁ ସଂରକ୍ଷଣ, ଦଳିତଙ୍କ ସୁରକ୍ଷାକୁ ପ୍ରସଙ୍ଗ କରି ଆନ୍ଦୋଳନ ସହିତ ଲୋକଙ୍କ ପାଖକୁ ଯିବାପାଇଁ ସେ ପରାମର୍ଶ ଦେଇଥିଲେ।




## କ୍ଷମତାକୁ ଆସିପାରିବନି କଂଗ୍ରେସ: ମନମୋହନ



ନୂଆଦିଲ୍ଲୀ/ଭୁବନେଶ୍ୱର,୧୧।୭ (ବ୍ୟୁରୋ): ସୁଯୋଗ ମିଳିଲେ ବି କଂଗ୍ରେସ ଆଉ କ୍ଷମତାକୁ ଆସିପାରିବନି। ଓଡ଼ିଶାରେ କଂଗ୍ରେସର କୌଣସି ସ୍ଥାନ ନାହିଁ। ୧୯ବର୍ଷ ବିରୋଧୀ ଆସନରେ ବସିବା ପରେ ବି କ୍ଷମତାକୁ ଆସିପାରିଲେ ନାହିଁ। ତେଣୁ ଆଜି ସେମାନେ ତୃତୀୟରୁ କିପରି ଏକ ନମ୍ବରକୁ ଯାଇପାରିବେ ବୋଲି ପ୍ରଶ୍ନ କରିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ସେ କହିଛନ୍ତି, କଂଗ୍ରେସ ଦଳ ମିଥ୍ୟା ଉପରେ ଆଧାରିତ। ଭୁବନେଶ୍ୱର ଏମ୍ସ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ଉଦ୍ୟମରେ ହୋଇଥିଲା। ଦିଲ୍ଲୀ ପରେ ଏହା ଦ୍ୱିତୀୟ ଏମ୍ସ। ଭ୍ରଷ୍ଟାଚାର ଓ ବ୍ୟଭିଚାର ଯୋଗୁ କଂଗ୍ରେସକୁ କେହି ଗ୍ରହଣ କରୁନାହାନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ରଥ ତାଙ୍କ ଇଚ୍ଛାରେ ଅଟକେ। ଏଥିରେ ଆଦାନୀଙ୍କର କୌଣସି ଭୂମିକା ନାହିଁ। କଂଗ୍ରେସ ପାଖରେ କୌଣସି ମୁଦ୍ଦା ନଥିବାରୁ କେବଳ ଅପପ୍ରଚାର କରୁଛି ବୋଲି ଶ୍ରୀ ସାମଲ କହିଥିଲେ।

## ସଂକ୍ଷେପରେ...

### ନିର୍ଗୁଣ୍ଡିରେ ହେବ ରେଳ ଫ୍ଲାଏଓଭର

କଟକ,୧୧।୭(ଭାସ୍କର ନ୍ୟୁଜ): କଟକ ନିକଟ ନିର୍ଗୁଣ୍ଡି ରେଳ ଷ୍ଟେସନରେ ଫ୍ଲାଏଓଭର ନିର୍ମାଣ କରାଯିବ। ଏଥିସହ କଟକ ନିର୍ଗୁଣ୍ଡି ରେଳପଥକୁ ଚାରିଲେନ କରାଯିବ। ଏ ନେଇ ରେଳ ମନ୍ତ୍ରଣାଳୟ ମଞ୍ଜୁରି ଦେଇଛି। ଏଥିପାଇଁ ୮୦୨.୯ କୋଟି ଟଙ୍କା ବ୍ୟୟ କରାଯିବ। ଏହି ଚତୁର୍ଥ ରେଳ ଲାଇନ ପାଇଁ ମହାନଦୀ ଓ ବିରୂପାରେ ୨ଟି ସେତୁ ମଧ୍ୟ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି।

### ଆଜି ଓଡ଼ିଶା ଫେରିବେ ନବୀନ

ଭୁବନେଶ୍ୱର,୧୧।୭(ଭାସ୍କର ନ୍ୟୁଜ): ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଶନିବାର ଓଡ଼ିଶା ଫେରିବେ। ଏ ନେଇ ରାଜ୍ୟ ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି। ମୁମ୍ବାଇରେ ଚିକିତ୍ସା ପରେ ସେ ଓଡ଼ିଶା ଫେରୁଛନ୍ତି। ଶନିବାର ଦିନ ୧୧.୫୦ରେ ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ପାଇଁ ବିଜେଡି ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି।


### ମହାନଦୀରେ ଛିଡି ପଡ଼ିଲା ବିଦ୍ୟୁତ ତାର

କଟକ,୧୧।୭(ଭାସ୍କର ନ୍ୟୁଜ): ଶୁକ୍ରବାର ମୁଣ୍ଡଳୀ ନିକଟରେ ମହାନଦୀ ଉପରେ ଯାଇଥିବା ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ଛିଡି ପଡ଼ିଥିବାବେଳେ ଏହାକୁ ଗ୍ରୀଡ଼କୋ ପକ୍ଷରୁ ମରାମତି କରାଯାଉଛି। ଇନସ୍ୟୁଲେଟର ଖରାପ ହୋଇଥିବାରୁ ଏହା ଖସି ପଡ଼ିଥିବା କୁହାଯାଉଛି। ଏଥିରେ କାହାର କିଛି କ୍ଷୟକ୍ଷତି ଘଟିନାହିଁ। ତେବେ ଘଟଣାସ୍ଥଳରେ ଏନଡିଆରଏଫ ଟିମ୍‌କୁ ମୁତୟନ କରାଯାଇଥିଲା। ଏହାକୁ ନେଇ କିଛି ସମୟ ପାଇଁ ସେଠାରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା।

ସେନ୍‌ସେକ୍ସ: ୮୨,୫୦୦.୪୭
ସର୍ବାଧିକ: ୩୩ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

### ୧୧।୭।୨୦୨୫ ର ମତାମତ

ବରିଷ୍ଠ ଅଧିକାରୀମାନେ ଲାଞ୍ଚ ନେଇ ଜେଲ ଗଲେ ପ୍ରଭାବ କନିଷ୍ଠଙ୍କ ଉପରେ ପଡ଼ିବ ନାହିଁ କି?




### ଆଜିର ପ୍ରସଙ୍ଗ

ରାହୁଲଙ୍କ ଓଡ଼ିଶା ଗସ୍ତ ରାଜ୍ୟ ରାଜନୀତିରେ ପ୍ରଭାବ ବିସ୍ତାର କରିବାରେ ସହାୟକ ହେବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

### ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଡ୍ରାଇଭର ସଂଘ ଆନ୍ଦୋଳନ କଲା
ରାଇଜ ହେଲା ଅଚଳ
ସରକାର ସଂଘ ଆଲୋଚନା ହେଲା
ହେଲା ତ ପୁଣି ବିଫଳ
ଲୋକେ ଭୋଗୁଛନ୍ତି ଫଳ
କେବେ ସରକାର ବିଚାର କରିବେ
ଯାତ୍ରୀଙ୍କୁ ମିଳିବ ବଳ...

## ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ, ବିଜେପି ସଭାପତି

# ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ,୧୧।୭: ଦିଲ୍ଲୀରେ ଓଡ଼ିଶା ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଫାଇଲ୍। ଗୋଟିଏ ସମୟରେ ଦିଲ୍ଲୀରେ ରହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ଉଭୟ ଦିଲ୍ଲୀରେ ଥିବାରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା ଜୋର ଧରିଛି। ଏଥିସହ ସଂଗଠନ ଓ ସରକାର ଭିତରେ ସମନ୍ୱୟ ରକ୍ଷାପାଇଁ ଦିଲ୍ଲୀ ନେତୃତ୍ୱ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାର ମଧ୍ୟ ସମ୍ଭାବନା ରହିଛି। ବିଜେପି ସଭାପତି ଦାୟିତ୍ୱ ନେବାପରେ ମନମୋହନ ଦିଲ୍ଲୀ ଗସ୍ତରେ ଅଛନ୍ତି। ଏପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ରାଞ୍ଚିରେ ବୈଠକ ସାରି ଦିଲ୍ଲୀରେ ପହଞ୍ଚିଛନ୍ତି। ତେବେ ମନମୋହନ ସାମଲଙ୍କ ପ୍ରତିକ୍ରିୟାରୁ ଜଣାପଡ଼ିଛି ଯେ ଦିଲ୍ଲୀରେ ଓଡ଼ିଶା ସରକାରଙ୍କ ରୂପରେଖ ପ୍ରସ୍ତୁତ ହେବ। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦିଆଯିବାର ମଧ୍ୟ ସମ୍ଭାବନା ରହିଛି। କେନ୍ଦ୍ର ନିର୍ଦ୍ଦେଶରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ, ତେଣୁ ମୋହନ-ମନମୋହନଙ୍କ ଦିଲ୍ଲୀ ଗସ୍ତ ରାଜ୍ୟ ରାଜନୀତିରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆରଏସଏସର ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ବି.ଏଲ. ସନ୍ତୋଷଙ୍କୁ ସାକ୍ଷାତ କରିଛନ୍ତି। ଓଡ଼ିଶା ସରକାରଙ୍କ ଭବିଷ୍ୟତ ରୂପରେଖ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ଏଥିସହ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କୁ ମଧ୍ୟ ସେ ସାକ୍ଷାତ କରିଥିବା ସୂଚନା ମିଳିଛି। ଏହାବ୍ୟତୀତ ଅନ୍ୟ କେନ୍ଦ୍ରୀୟ ନେତୃତ୍ୱଙ୍କୁ ଶ୍ରୀ ମାଝୀ ଭେଟିବେ ବୋଲି ସୂଚନା ମିଳିଛି।

## '୩ ମାସ ମଧ୍ୟରେ ହେବ ରତ୍ନ ଗଣତି'



ଭୁବନେଶ୍ୱର,୧୧।୭(ଭାସ୍କର ନ୍ୟୁଜ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ମରାମତି କାମ ଶେଷ ହୋଇଛି। କିନ୍ତୁ ଗଣତି ପାଇଁ କିଛି ସମୟ ଲାଗିବ ବୋଲି ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ଗଣତି କାର୍ଯ୍ୟପାଇଁ ରିଜର୍ଭ ବ୍ୟାଙ୍କର ସହାୟତା ଲୋଡ଼ାଯାଇଛି। ସେଠାରୁ ସମ୍ମତି ମିଳିଲେ କାର୍ଯ୍ୟ ଆରମ୍ଭ ହେବ। ତଥାପି ଆଗାମୀ ୩ ମାସ ଭିତରେ ଏହି କାର୍ଯ୍ୟ ଆରମ୍ଭ ହେବାର ସମ୍ଭାବନା ରହିଛି। ଏଥିପୂର୍ବରୁ ଗୁରୁବାର ଶ୍ରୀ ହରିଚନ୍ଦନ କହିଥିଲେ ଯେ ରତ୍ନଭଣ୍ଡାର ଗଣତିବେଳେ ରିଜର୍ଭ ବ୍ୟାଙ୍କର ଦୁଇଜଣ ଅଧିକାରୀ ଉପସ୍ଥିତ ରହିବେ। ଏଥିପାଇଁ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣରଙ୍କୁ ରାଜ୍ୟ • ପୃଷ୍ଠା ୫ ଦେଖନ୍ତୁ

## ଜିଦ୍‌ରେ ଅଟଳ ଡ୍ରାଇଭର ମହାସଂଘ

# ସାଧାରଣ ଜୀବନଯାତ୍ରା ଠପ୍



- ଲିଖିତ ପ୍ରତିଶ୍ରୁତି ନ ମିଳିବା ଯାଏ ବନ୍ଦ ହେବନି ଆନ୍ଦୋଳନ
- ରାସ୍ତାରେ ବିଶୃଙ୍ଖଳା କିମ୍ବା ଗାଡ଼ି ନ ଅଟକାଇବାକୁ ପରାମର୍ଶ
- ଶାନ୍ତିପୂର୍ଣ୍ଣଭାବେ ରାସ୍ତାକଡ଼ରେ ବସି ଆନ୍ଦୋଳନ ପାଇଁ ଆହ୍ୱାନ
- ଆନ୍ଦୋଳନ ପ୍ରତ୍ୟାହାର ପାଇଁ ମହାସଂଘକୁ ନିବେଦନ କଲେ ମନ୍ତ୍ରୀ

ଭୁବନେଶ୍ୱର,୧୧।୭(ଭାସ୍କର ନ୍ୟୁଜ): ୭ ଦଫା ଦାବିରେ ଓଡ଼ିଶା ଡ୍ରାଇଭର ମହାସଂଘ ଚଳାଇଥିବା ଆନ୍ଦୋଳନ ଶୁକ୍ରବାର ଚତୁର୍ଥ ଦିନରେ ପହଞ୍ଚିଛି। ଚକ ଅଖ ବନ୍ଦ ରହିଥିବାରୁ ସାଧାରଣ ଜୀବନଯାତ୍ରା ସଂପୂର୍ଣ୍ଣରୂପେ ପ୍ରଭାବିତ ହୋଇଛି। ବିଭିନ୍ନ ବସଷ୍ଟାଣ୍ଡରେ ବସଗୁଡ଼ିକ ରହିଥିଲେ ମଧ୍ୟ ଚାଲୁ ନଥିବାରୁ ଯାତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ପେଟ୍ରୋଲ, ଡିଜେଲ ସହ ଗ୍ୟାସ୍ ଆଗକୁ ସଂକଟରେ ପଡ଼ିବ ବୋଲି ଚର୍ଚ୍ଚା ମଧ୍ୟ ଜୋର ଧରିଛି। ସେହିପରି ଟ୍ରକ୍ ଆସୁନଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ପାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି। ସରକାର ଲିଖିତ ପ୍ରତିଶ୍ରୁତି ନ ଦେଲା ପର୍ଯ୍ୟନ୍ତ ଆନ୍ଦୋଳନ ପ୍ରତ୍ୟାହାର ହେବ ନାହିଁ ବୋଲି ଡ୍ରାଇଭର ମହାସଂଘ ସଭାପତି ରୋକଠୋକ କହିଛନ୍ତି। ଏଥିସହ ସେ କହିଛନ୍ତି ଯେ ରାସ୍ତାରେ କୌଣସି ପ୍ରକାର ବିଶୃଙ୍ଖଳା କରନାହିଁ କିମ୍ବା କୌଣସି ଗାଡ଼ିକୁ ଅଟକାଅ ନାହିଁ। ବରଂ ରାସ୍ତା • ପୃଷ୍ଠା ୫ ଦେଖନ୍ତୁ

## ଆଜିଠୁ ଗଡ଼ିବ ଘରୋଇ ବସ୍

ପୁରୀ/କଟକ,୧୧।୭(ଭାସ୍କର ନ୍ୟୁଜ): ୭ ଦଫା ଦାବିରେ ଓଡ଼ିଶା ଡ୍ରାଇଭର ମହାସଂଘ ଚଳାଇଥିବା ଆନ୍ଦୋଳନ ଶୁକ୍ରବାର ଚତୁର୍ଥ ଦିନରେ ପହଞ୍ଚିଛି। ଫଳରେ ସାରା ରାଜ୍ୟରେ ପରିବହନ ସେବା ଠପ୍ ହୋଇପଡ଼ିଛି। ଯାତ୍ରୀମାନେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ଘରୋଇ ବସ୍ ମାଲିକସଂଘ ଶନିବାରଠାରୁ ବସ୍ ଚଳାଚଳ କରିବ ବୋଲି ଘୋଷଣା କରିଛି। ଏ ନେଇ ମାଲିକ ସଂଘର ସଭାପତି ପ୍ରିୟବ୍ରତ ତ୍ରିପାଠୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପୁରୀରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯିବା ସହ ଦିନ ଓ ରାତିରେ ବସ୍ ଚଳାଚଳ କରିବ। ସରକାର ଏଥିପାଇଁ ସୁରକ୍ଷା ଯୋଗାଇ ଦେବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ସେ ଆହୁରି କହିଥିଲେ, ଯଦି ଡ୍ରାଇଭର ମହାସଂଘ ବିରୋଧ କରେ ତେବେ ଆମେ ମଧ୍ୟ ତା'ର ବିରୋଧ କରିବୁ।



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ଚନ୍ଦନାସ୍ଥିତ ଶ୍ରୀଶ୍ରୀ ଶିରିଡ଼ି ସାଇ ଅର୍ଚ୍ଚନା ଟ୍ରଷ୍ଟ ଓ ରୋଟାରୀ କ୍ଲବ ଜଳେଶ୍ୱର ପକ୍ଷରୁ ଗୁରୁବାର ପୂର୍ବାହ୍ଣରେ ଗୁରୁ ପୂର୍ଣ୍ଣିମା ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶିରିଡ଼ି ସାଇ ମନ୍ଦିର ପରିସରରେ ଆୟୋଜିତ ହୋଇଯାଇଅଛି। ଓଡ଼ିଶାରେ କୌଣସି ବ୍ୟକ୍ତି ରକ୍ତ ଅଭାବରୁ ମୃତ୍ୟୁ ନ ହେବା ଉଦ୍ଦେଶ୍ୟରେ ରୋଟାରୀ କ୍ଲବ୍ ଜଳେଶ୍ୱର, ସାଇ ଅର୍ଚ୍ଚନା ଟ୍ରଷ୍ଟ ଓ 'ସମ୍ବାଦ-ଆମ ଓଡ଼ିଶା' ମିଳିତ ସହଯୋଗରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବା ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।ଶିବିରକୁ ବିଶିଷ୍ଟ ବ୍ୟବସାୟୀ ସନ୍ତୋଷ କୁମାର ରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରୋଟାରୀ କ୍ଲବ୍‌ର ପୂର୍ବତନ ସଭାପତି ତଥା ଯୁବନେତା ରାଜେଶ କୁମାର ଖଟୁଆ, ଜିଲ୍ଲା ରକ୍ତଦାତା ସଂଘର ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ସାମ୍ବାଦିକ ରବୀନ୍ଦ୍ର ସେନାପତି ଓ ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ଗୁରୁପୂର୍ଣ୍ଣିମା ଭଳି ପବିତ୍ର ଦିନରେ ଏପରି ଶିବିର ଆୟୋଜନକୁ ପ୍ରଶଂସା କରିଥିଲେ। ଟ୍ରଷ୍ଟ ଓ ରୋଟାରୀ କ୍ଲବ୍ ସଭାପତି ସୁବୀର କୁମାର ସେନାପତି, ସମ୍ପାଦକ ତଥା ରୋଟାରୀ କ୍ଲବ ଆଇପିପି ଭାସ୍କର ରଞ୍ଜନ ସ୍ୱାଇଁ, ରୋଟାରୀ କ୍ଲବ ସମ୍ପାଦକ ଅଂଶୁମାନ ରାଉତ, କୋଷାଧ୍ୟକ୍ଷ ତଥା ପୂର୍ବତନ ସଭାପତି ବିକାଶ କୁମାର ଧରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ବାଲେଶ୍ୱର ରକ୍ତକେନ୍ଦ୍ରର ଡାକ୍ତର ଦିଲ୍ଲୀପ କୁମାର ପାତ୍ର, ଟେକ୍ନିସିଆନ ଦେବାଶିଷ ଦତ୍ତ, ବିଜୟ କୁମାର ପଟ୍ଟନାୟକ, ରାଜେଶ ମିଶ୍ର, ହେମଲତା ସେଠୀ ପ୍ରମୁଖ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ମୋଟ ୭୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

# ଆଳି ବ୍ଲକର ଧୋୟାଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ

## ଖରସ୍ରୋତା, ବ୍ରାହ୍ମଣୀ ଓ କାଣୀ ନଦୀରେ ପ୍ରଥମ ବନ୍ୟାଜଳ ପ୍ରବେଶ



ଆଳି (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକରେ ପ୍ରବାହିତ ଖରସ୍ରୋତା, ବ୍ରାହ୍ମଣୀ ଓ କାଣୀ ନଦୀରେ ପ୍ରଥମ ବନ୍ୟାଜଳ ପ୍ରବେଶ କରିଛି । ଖରସ୍ରୋତା ଓ ଏହାର ଶାଖା କାଣି ନଦୀରେ ବନ୍ୟା ଆସିବା ଯୋଗୁଁ ଆଳି ଧୋୟାଞ୍ଚଳକୁ ଗମନା ଗମନ ନିମନ୍ତେ ଥିବା ଆଳି ଗୋବିନ୍ଦପୁର ମୁଖ୍ୟ ରାସ୍ତାର ମାନପୁର ଘୋଷରା ନିକଟରେ ପ୍ରାୟ ୨ ଫୁଟର ବନ୍ୟା ପାଣି ପ୍ରବାହିତ ହେଉଛି। ଯାହାଫଳରେ ଧୋୟାଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବା ସହ ଯାଜପୁର ଜିଲ୍ଲାକୁ ମଧ ଯାତାୟତ ଠପ ହୋଇଯାଇଛି। ପେଟପଡା ପଞ୍ଚାୟତ ସମ୍ପୂର୍ଣ୍ଣ ପାଣି ଘେରରେ ରହିଛି। ସେହିପରି ଏରଡ଼ଙ୍ଗ, ପାଳିମି, ଦେସାହି, ସଂସିଦ୍ଧା, ଗୋବିନ୍ଦପୁର, ଜୁଆଣିଆ, ଅର୍ଗଳ, ଡିମିରିପାଳ ଆଦି ପଞ୍ଚାୟତର ଅଧିବାସୀମାନେ ମଧ ପାଣି ଘେରରେ ରହିଛନ୍ତି । ଏହି ରାସ୍ତା ଦେଇ ଲୋକେ ସଦରମହକୁମାକୁ ଯାଉଥିବା ବେଳେ ପ୍ରତ୍ୟେକ ଦିନ ଛାତ୍ରଛାତ୍ରୀ ମାନେ ସ୍କୁଲ କଲେଜକୁ ଯାତାୟାତ କରନ୍ତି । ଯାହା ଏବେ ସେମାନଙ୍କ ର ମୁଖ୍ୟ ଚିନ୍ତାର ବିଷୟ । ସେହିପରି ଆଳି ବ୍ଲକ ରିଙ୍ଗ ବନ୍ଧ ନିକଟସ୍ଥ କିଛି ଗ୍ରାମ ଜଳବନ୍ଦୀ ହୋଇଥିବା ବେଳେ ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଯାଇଛି । ସୂଚନା ଅନୁଯାୟୀ ବ୍ରାହ୍ମଣୀ ନଦୀରେ ବନ୍ୟା ଯୋଗୁଁ ଆଳି ବ୍ଲକର ପତ୍ରପୁର, ନରେନ୍ଦ୍ରପୁର ପଞ୍ଚାୟତର ଶତାଧିକ ପରିବାର ଜଳବନ୍ଦୀ ଅବସ୍ଥାରେ ରହିଥିବା କୋଳିଡିହ ପଞ୍ଚାୟତର କିଛି ଗ୍ରାମ ମଧ ପାଣି ଘେରରେ ରହିଛନ୍ତି। ତଟବନ୍ଧ ବିଭାଗ ଓ ବ୍ଲକ କାର୍ଯ୍ୟାଳୟ ସବୁ ସହାୟତା ପାଇଁ ପ୍ରସ୍ତୁତ ଥିବା ଜଣାଇଥିବା ବେଳେ ଆଳି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜରୁରୀ ଚିକିତ୍ସା ପାଇଁ ପ୍ରସ୍ତୁତ ଥିବା ଆଳି ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ପ୍ରଣବ ଶୁକ୍ଳା ସୂଚନା ଦେଇଛନ୍ତି । ଏ ନେଇ ଆଳି ବିଡ଼ିଓ ତାଙ୍କ ପ୍ରତିକ୍ରିୟା ରେ କହିଛନ୍ତି ଯେ ଆଳି ପ୍ରଶାସନ ଏହା ଉପରେ ତୀକ୍ଷ୍ଣ ନଜର ରଖିବା ସହ ବନ୍ୟାକୁ ମୁକାବିଲା କରିବା ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛି ।

# ନାବାଳିକା ଅପହରଣ ମାମଲାରେ ଯୁବକ ଗିରଫ

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ କହ୍ନେଇପୁରପଂଚାୟତ ଭଗତପୁର ଗୋପାଳ ସାହିର ଜଣେ ଯୁବକ ସେହି ଗ୍ରାମର ଜଣେ ନାବାଳିକା ଅପହରଣ ଘଟଣାରେ ଗିରଫ ହୋଇଥିବା ଜଣାପଡ଼ିଛି । ସୂଚନାଥାଉକି, ଗୋପାଳସାହିର ଓମ୍ ବେହେରା ନିଜ ଗ୍ରାମର ଜଣେ ନାବାଳିକା ସହ ପ୍ରେମ ସମ୍ପର୍କ ପରେ ତାକୁ ଅପହରଣ କରି ଦୁଷ୍କର୍ମ କରିଥିବା ନେଇ ନାବାଳିକାର ପରିବାର ତରଫରୁ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା ।ଘଟଣାର ତଦନ୍ତ କରି ଏସ୍ଆଇ ବିକାଶ ସେଠୀ ଅଭିଯୁକ୍ତ ଓମ୍‌କୁ ଗିରଫ୍ କରିବା ସହ କୋର୍ଟଚାଲାଣ କରାଯାଇଥିବା ନେଇ ସୂଚନା ପ୍ରଦାନ କରିଛନ୍ତି । ତେବେ ନାବାଳିକା ଜଣକ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ନିଜର ବୟାନ ରଖି ପରିବାର ସହ ଘରକୁ ଫେରିବା ପାଇଁ ଅନିଚ୍ଛା ପ୍ରକାଶ କରିବାରୁ ତାକୁ ସୁଧାର ଗୃହକୁ ପଠାଇ ଦିଆଯାଇଥିବା ନେଇ ସୂଚନା ମିଳିଛି ।

## ■ବରିଷ୍ଠ ଆଇନଜୀବୀଙ୍କୁ ନିର୍ଯାତନା ଘଟଣା

# କଲମଛାଡ଼ ଆନ୍ଦୋଳନ ସହ ପଥପ୍ରାନ୍ତ ସଭା




ଜଳେଶ୍ୱର(ଭାସ୍କର ନ୍ୟୁଜ): ବାଲେଶ୍ୱରରେ ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସଙ୍କୁ ପ୍ରୋବେସନ୍‌ରେ ଥିବା ଜଣେ ଆଇଏଏସ୍ ଅଧିକାରୀ ଓ ସହଦେବଖୁଣ୍ଟା ଥାନା ପୋଲିସ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିବା ସହ ଅମାନୁଷିକ ନିର୍ଯାତନା ଦେବା ଘଟଣାରେ ଗତ କାଲି ଜଳେଶ୍ୱର ଓକିଲ ସଂଘ ପକ୍ଷରୁ କଲମଛାଡ଼ ଆନ୍ଦୋଳନ ହୋଇଛି। ଜଳେଶ୍ୱର ଓକିଲ ସଂଘର ସମସ୍ତ ଆଇନଜୀବୀମାନେ କୋର୍ଟ ପରିସରରେ ସମବେତ ହୋଇ କଳାବ୍ୟାଜ୍ ପରିଧାନ କରିଥିଲେ। ଏଥିସହ କଲମ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିଲେ।ଏହି ଅବସରରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଓକିଲ ସଂଘର ସଭାପତି କୁଞ୍ଜ ବିହାରୀ ଦାସ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ବିଜନ କୁମାର ଦେ, ବରିଷ୍ଠ ଆଇନଜୀବି ସତ୍ୟସୁନ୍ଦର ଦାସ, ଚିନ୍ମୟ କୁମାର ଦାସ, ଜିତାଂଶୁ ଶେଖର ନନ୍ଦୀ, ଦେବକାନ୍ତ କାନ୍ତ, ସବିତା ସାହୁ, ରବୀନ୍ଦ୍ର ଦଣ୍ଡପାଟ, ଗିରିଜା ଶଙ୍କର ଦାସ, ଘନଶ୍ୟାମ ସାହୁ, ପତିତପାବନ ପ୍ରଧାନ, ଅବଧୂତ ଜେନା, ପୂର୍ଣ୍ଣେନ୍ଦୁ ଆଚାର୍ଯ୍ୟ, ସିଦ୍ଧାର୍ଥ ଦାସ, ଅଜିତ କୁମାର ସୁର, ବିନୋଦକୁମାର ଗିରି, ମଳୟ ମହାନ୍ତି, ଫାଲଗୁନୀ ପାଣିଗ୍ରାହୀ, ଭବାନୀ ଶଙ୍କର ଭଞ୍ଜ, ରାମ ଶଙ୍କର ସାହୁ, ସ୍ୱାଧାଦେବୀ ଭଞ୍ଜ, ସନ୍ଦୀପ ମହାନ୍ତି, ସବ୍ୟସାଚୀ ଦାସ, ବିଶ୍ୱଜିତ ଧଳ, ଅମରେନ୍ଦ୍ର ଦେ, ରାଜେଶ ପାତ୍ର ତଥା ସଂଘର ଅନ୍ୟ ସଦସ୍ୟମାନେ ସାମିଲ ହୋଇଥିଲେ।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଡେଲାଙ୍ଗ(ଭାସ୍କର ନ୍ୟୁଜ୍):ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ସୁଜନପୁର ପଂଚାୟତର ସୁଜନପୁର ଗ୍ରାମର ଦିଲ୍ଲିପ ମହାନ୍ତିଙ୍କ ଜ୍ୟେଷ୍ଠ ପୁତ୍ର ଅଜିତ ମହାନ୍ତି ଓରଫ ସିଲୁ (୩୦) ବର୍ଷ ଗୁରୁବାର ଅପରାହ୍ନ ୧ ଟା ବେଳେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଠାରୁ ଅନତି ଦୂରରେ ଯାଇଥିବା ବାଇପାସ୍‌ରେ ନିଜ ବାଇକ୍‌ରେ ଯାଉଥିବା ବେଳେ ପଛପଟୁ ଆସୁଥିବା ହାଇୱା ଧକ୍କାରେ ଗୁରୁତ୍ୱର ଅବସ୍ଥାରେ ତଳେ ପଡ଼ିଯାଇଥିଲେ । ତେବେ ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏ.ଏମ.ଏସ. ହସ୍ପିଟାଲରେ ଭର୍ତି କରାଯାଇଥିଲା । ଡ଼ାକ୍ତରଙ୍କ ପ୍ରଚେଷ୍ଟା ସତ୍ୱେ ଅଜିତ୍ ମୃତ୍ୟୁବରଣ କରିଥିଲେ । ଏହି ମୃତ୍ୟୁ ଖବର ପାଇ ପରିବାର ଲୋକ ଭୁବନେଶ୍ୱର ସ୍ଥିତ ଏ.ଏମ.ଏସ. ହସ୍ପିଟାଲରେ ପହଚିଂବା ପରେ ସେଠାରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ଏ ନେଇ ସ୍ଥାନୀୟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ପରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଗ୍ରାମ ଶଶ୍ମାନରେ ଏକ ଶୋକାକୂଳ ପରିବେଶରେ ଶବକୁ ସଂସ୍କାର କରାଯାଇଛି।

# ବରିଷ୍ଠ ସାମ୍ବାଦିକା ସୀମନ୍ତିକାଙ୍କୁ ଶ୍ରଦ୍ଧାଞ୍ଜଳି




ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : କଟକ ଜିଲ୍ଲା 'ସମ୍ବାଦ' ପ୍ରତିନିଧି ବରିଷ୍ଠ ସାମ୍ବାଦିକା ସୀମନ୍ତିକା ନନ୍ଦଙ୍କର ମାତ୍ର ୪୨ବର୍ଷ ବୟସରେ ଅକାଳ ବିୟୋଗରେ ସାମ୍ବାଦିକ ମହଲରେ ଶୋକର ଛାୟା ଖେଳିଯାଇଥିବା ବେଳେ ପ୍ରେସ୍ ଟ୍ରଷ୍ଟ ଅଫ୍ ଟାଙ୍ଗୀ-ଚୌଦ୍ୱାର ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଚୌଦ୍ୱାର ଜେଲ ରୋଡ଼ରେ ଥିବା ଅଫିସ୍ ଗୃହରେ ଟ୍ରଷ୍ଟର ସଭାପତି ସୁବ୍ରତ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶୋକସଭାରେ ଟ୍ରଷ୍ଟର ଉପଦେଷ୍ଟା ରତିକାନ୍ତ ପଟ୍ଟନାୟକ ଓ ନରେଶ ସାହୁ, ସାମ୍ବାଦିକ ନାରାୟଣ ଚନ୍ଦ୍ର ଜେନା, ସୁଧାଂଶୁ ଶେଖର ପରିଜା, ଲୋକନାଥ ମାଝୀ, ବିଶ୍ୱଜିତ୍ ବିଶ୍ୱାଳ, ପ୍ରକାଶ ଚନ୍ଦ୍ର ନାୟକ, ନସିମ୍ ବେଗ୍, ମଳୟ କୁମାର ମହାପାତ୍ର, ସରୋଜ କୁମାର ଭଦ୍ରା, ନୀଳମଣି କର, ସାମ୍ବାଦିକ ପବିତ୍ର କୁମାର ମହାନ୍ତି, ମାନସକୁମାର ସାମଲ, ଶଙ୍କର୍ଷଣ ମହାପାତ୍ର, ଅଜିତ୍ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱର୍ଗତନନ୍ଦଙ୍କର ବଳିଷ୍ଠ ସାମ୍ବାଦିକତା ଉପରେ ଆଲୋକପାତ ହେବା ସହିତ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ସମସ୍ତେ ନୀରବ ପ୍ରାର୍ଥନା କରିଥିଲେ । ଶେଷରେ ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ସ୍ୱାଧୀନ ଦାସ ସମସ୍ତଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ।

# ବନ ମହୋତ୍ସବ ପାଳିତ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ଗଛ ଆମ ଜୀବନ ଧନ, ଦିଏ ଆମକୁ ପାଣି ପବନ। ଏଭଳି ଏକ ବାର୍ତ୍ତା ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସବୁଜ ଶାଖା ଓ ଓଡିଶା ପର୍ଯ୍ୟାବରଣ ସଂରକ୍ଷଣ ତରଫରୁ ୭୬ତମ ବନ ମହୋତ୍ସବ ଅବସରରେ ଉପକୂଳ କୁ ସୁରକ୍ଷା ପାଇଁ ଚାରାରୋପଣ କରାଯାଇଛି। ଦେବୀ ନଦୀ ମୁହାଣ ସଂଲଗ୍ନ ଉଉରିଆଁ ନଦୀ ଆର୍ଦ୍ରଭୂମି ଅଞ୍ଚଳରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନ ପ୍ରତିନିଧି, ରାଜନେତା, ପରିବେଶ କର୍ମୀ, ମହିଳା, ମତ୍ସ୍ୟଜୀବୀ ସମୂହ ସାମିଲ ହୋଇବନି, ରାଇ, ସିନ୍ଦୁକା, ଗରାଣୀ ଓ ବନ୍ଦାରି ପ୍ରଭୃତି ପ୍ରଜାତିର ୫୦୦ରୁ ଉର୍ଦ୍ଧ୍ୱ ଚାରାରୋପଣ କରିଥିଲେ। ଅତିଥି ଭାବରେ ଜଗତସିଂହପୁର ଲୋକସଭା ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ଅସ୍ତରଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ଯୋଗଦେଇ ଚାରାରୋପଣ କରିବା ସହିତ ସ୍ଥାନୀୟ ସମୁଦାୟଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ଦିନରେ ଟ୍ରଷ୍ଟ ଓ ସବୁଜ ଶାଖା ପକ୍ଷରୁ ଆରମ୍ଭ କରାଯାଇଥିବା ବୃହତ୍ତ ପ୍ରୟାସ ଯାହା ୨୦୩୦ ମସିହା ସୁଦ୍ଧା ୧ ମିଲିୟନ ଲୁଣା ଜଙ୍ଗଲ ଚାରା ରୋପଣର ପ୍ରୟାସ ସଫଳ ଦିଗରେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ଶ୍ରୀ ଛାଟୋଇ ପ୍ରତିଶ୍ରୁତି ଦେଇଥିଲେ।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟ ପରିଚାଳନା ଟ୍ରଷ୍ଟି ସୌମ୍ୟ ରଞ୍ଜନ ବିଶ୍ୱାଳ, ଟ୍ରଷ୍ଟି ଶିବ ପ୍ରସାଦ ମଲ୍ଲିକ୍, ଲୁଣା ଜଙ୍ଗଲ ସୁରକ୍ଷା କର୍ମୀ ପୂର୍ଣ୍ଣଚନ୍ଦ୍ର କାଣ୍ଡି ଓ ଲକ୍ଷ୍ମୀଧର କାଣ୍ଡି ଯୋଗ ଦେଇଥିଲେ । ଏଥିସହିତ ସବୁଜ ଶାଖା ସଭାପତି ରମାକାନ୍ତ ବସ୍ତିଆ, ସଦସ୍ୟ ପ୍ରଶାନ୍ତ ବେହେରା, ଜୟରାମ ପାତ୍ର, ସମାଜସେବୀ ଲିକୁ ଲେଙ୍କା ପ୍ରଭୃତି ଯୋଗଦେଇ ଚାରା ରୋପଣରେ ସାମିଲ ହୋଇଥିଲେ।

# ବିଡିଓଙ୍କ ପ୍ରତିଶ୍ରୁତି ପରେ ଅନଶନରୁ ଓହରିଲେ ସରପଞ୍ଚ ଓ ସମିତି ସଭ୍ୟ

## ବାତିଲ ହେଲା ବଦଳି




ରାଜନଗର ( ଭାସ୍କର ନ୍ୟୁଜ୍): ବିଜେଡିର ୨୪ବର୍ଷ ଶାସନରେ ଯାହା ଦେଖିବାକୁ ମିଳିନଥିଲା । ଏବେ ବିଜେପି ସରକାର ସମୟରେ ଦଳୀୟ ନେତୃତ୍ୱର ତ୍ରୁଟିକୁ ବିଜେଡି ବିରୋଧ କରି ଔଷଧ ବିନା ତାଟିଆ କାମୁଡିବା ନ୍ୟାୟରେ ବିଡିଓଙ୍କ ମନମୁଖି କାର୍ଯ୍ୟ କଳାପରେ ଅସନ୍ତୋଷ ପ୍ରକାଶ କରି ଅଫିସରେ ତାଲାପକାଇ ଅନଶନରେ ବସିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏପରି ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକରେ ବିଡ଼ିଓ ଶ୍ରୀ ଅନିରୁଦ୍ଧ ବେହେରାଙ୍କ ମନମାନୀରେ ୧୦ଟି ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବଦଳି କରିଛନ୍ତି। ଯାହାକି ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚମାନଙ୍କ ଅଗୋଚରରେ ହୋଇଥିବାରୁ ବିଡିଓଙ୍କ ଉପରେ ଅସନ୍ତୋଷ ପ୍ରକାଶ କରି ଆଜି ୧୨.୩୦ସମୟରେ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ବିଡିଓଙ୍କ ଅଫିସ୍‌ରେ ତାଲା ପକାଇ ଅନଶନରେ ବସିଥିଲେ।ଏପରିକି ରାତିଅଧିଆ ବଦଳିକୁ ସମିତି ଅଧ୍ୟକ୍ଷା ମଧ ଜାଣି ନାହାଁନ୍ତି ବୋଲି କହିଛନ୍ତି। ଏପରି ବଦଳି ହେଲେ ନୂଆ ପିଇଓଙ୍କ ଦ୍ୱାରା ଉନ୍ନୟନ କାର୍ଯ୍ୟ ଠପ୍ ହେବା ସହ ବିଭିନ୍ନ ତଥ୍ୟ ପଦାକୁ ଆସିବା ସହଜ ହୋଇଯିବ, ଯାହାକି ପଞ୍ଚାୟତର ସିକ୍ରେଟ କିଛି ରହିବା ଅସମ୍ଭବ ହୋଇପଡିବ। ବିଡ଼ିଓ ଶ୍ରୀ ବେହେରା ଅଫିସରେ ନଥିଲେ ମଧ ଆଜି ସନ୍ଧ୍ୟାରେ ଅଫିସକୁ ଆସିବା ପରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଓ ସରପଞ୍ଚ ସଂଘଙ୍କ ସଭାପତି ଅଶୋକ ମହାନ୍ତି ସମେତ ଏକ ପ୍ରତିନିଧି ଦଳ ବିଡ଼ିଓଙ୍କ ସହିତ ଆଲୋଚନା ହୋଇଥିଲା। ପରେ ବଦଳି ହୋଇଥିବା ୧୦ଜଣ ପିଇଓଙ୍କ ବଦଳିକୁ ବାତିଲ କରିବାକୁ ବିଡ଼ିଓ ପ୍ରତିଶ୍ରୁତି ଦେଇଛନ୍ତି। ବିଡିଓଙ୍କ ପ୍ରତିଶ୍ରୁତି ପରେ ସରପଞ୍ଚ ସଂଘ ସଭାପତି ଶ୍ରୀ ମହାନ୍ତି ଅନଶନ କାରୀଙ୍କୁ ମିଠା ଖୁଆଇ ଅନଶନରୁ ଉଠାଇଥିଲେ। ବିଡ଼ିଓ ତାଙ୍କର କ୍ଷମତାକୁ କାହା ନିର୍ଦ୍ଦେଶରେ ଅପବ୍ୟବହାର କରି ବଦଳି କରିବା ପରମୁହୂର୍ତ୍ତରେ ବଦଳି ବାତିଲି କରିବା ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ବିଜେଡିର ଦ୍ୱିତୀୟ ଇନିଂସ୍ ସଫଳତା ହାସଲ କରିଛି ବୋଲି ବିଜେଡି କର୍ମୀ ଆଲୋଚନା କରୁଛନ୍ତି।

# ଚିଲିକା ତହସିଲ କାର୍ଯ୍ୟାଳୟରେ ଚାରାରୋପଣ

ଚିଲିକା(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ଖୋର୍ଦ୍ଧା ଜିଲ୍ଲା ଚିଲିକା ତହସିଲି ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ । ଗଛ ଆମ ଜୀବନ, ଗଛ ବଞ୍ଚିଲେ ଆମେ ବଞ୍ଚିବା । ଏହି ନାରା ନେଇ ଆଜି ଚିଲିକା ତହସିଲଦାର କାହ୍ନୁ ଚରଣ ଘଡ଼ାଇ, ଆଡ଼ିସିନାଲ ତହସିଲଦାର ବିଷ୍ଣୁପ୍ରିୟା ବେହେରା , ଅତିରିକ୍ତ ପୁରୀର ପୂର୍ବତନ ଏଡିଏମ ସୁକାନ୍ତ ପ୍ରଧାନ ସମେତ ଚିଲିକା ତହସିଲ ସମସ୍ତ କର୍ମଚାରୀ ମିଳିତ ସହଯୋଗରେ ଆଜି ବୃକ୍ଷ ରୋପଣ କରାଯାଇଅଛି । ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲାର ଅତିରିକ୍ତ ଏଡିଏମ ସୁକାନ୍ତ ପ୍ରଧାନ ଯୋଗ ଦେବା ସହିତ ଲାଗିଥିବା ଗଛକୁ ସମ୍ପୂର୍ଣ୍ଣ ଭାବେ ଦାୟିତ୍ୱ ନେବା ଶପଥ ନେଇଛନ୍ତି । ଏହି ଗଛ ଛୋଟରୁ ବଡ଼ ହେଲା ପରେ ଗଛର କାଠକୁ ପୁରୀ ଜଗନ୍ନାଥଙ୍କ ନିକଟରେ ଲାଗିବ ବୋଲି କହିଛନ୍ତି। ଆଜି ଗୁରୁପୂର୍ଣ୍ଣିମା ହୋଇଥିବାରୁ ବଉଳ ଗଛ ଲଗାଯିବା ସହ ଅନ୍ୟାନ୍ୟ ଗଛ ଚିଲିକା ତହସିଲ ପରିସରରେ ଲଗାଯାଇଅଛି ।



# ଯୁବ ସମାଜସେବୀଙ୍କୁ ପ୍ରକୃତିବନ୍ଧୁ ସମ୍ମାନ



ବୋଲଗଡ (ଭାସ୍କର ନ୍ୟୁଜ୍): ଓଡିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳ ବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଗୁରୁବାର ଦିନ ଖୋର୍ଦ୍ଧା ଆଦର୍ଶ ବିଦ୍ୟାଳୟ ନିକଟରେ ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ପ୍ରକୃତି ବନ୍ଧୁ ପୁରସ୍କାର ବିତରଣ କରାଯାଇଛି । ଖୋର୍ଦ୍ଧା ଜିଲ୍ଲା ସ୍ତରରେ ୧୦ ଟି ବ୍ଲକରୁ ଜଣେ ଲେଖାଏଁ ଚୟନ କରାଯାଇ ୧୦ ଜଣଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡିଶାର ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟବକ୍ତା ଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥିଭାବେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଖୋର୍ଦ୍ଧା ଜିଲ୍ଲା ବନଖଣ୍ଡ ଅଧିକାରୀ ଲାଡେ ଗଜାନନ ଦୟାନନ୍ଦ, ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକାରୀ ସାଗରିକା ନାଥ ଏବଂ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଉପସ୍ଥିତ ଥିଲେ । ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକର ରାସୋଳ ଗ୍ରାମର ଯୁବ ସମାଜସେବୀ ସତ୍ୟନାରାୟଣ ବାରିକଙ୍କୁ ମୁଖ୍ୟ ଅତିଥି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମାନପତ୍ର, ଫୁଲଗଛ, ସାର୍ଟିଫିକେଟ ସହିତ ଦଶ ହଜାର ଟଙ୍କା ପ୍ରଦାନ କରି ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ କରିଛନ୍ତି । ବୋଲଗଡ ବ୍ଲକ ପାଇଁ ଏହା ଗର୍ବ ଓ ଗୌରବ ବିଷୟ ପାଲଟିଛି । ଯୁବ ସମାଜସେବୀ ଶ୍ରୀ ବାରିକ ବୃକ୍ଷ ହିଁ ଜୀବନ ମୂଲ୍ୟବୋଧକୁ ହୃଦବୋଧ କରି ଛାତ୍ର ଜୀବନରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୭ ବର୍ଷ ଧରି ସମାଜ ସେବାରେ ଲାଗିପଡିଛନ୍ତି। ପ୍ରକୃତିକୁ ସରସ ସୁନ୍ଦର କରିବାରେ ଯେଉଁ ସ୍ୱପ୍ନ ଦେଖିଛନ୍ତି ପ୍ରତିବର୍ଷ ନିଜେ ପରିଶ୍ରମ କରି ବୃକ୍ଷ ରୋପଣ କରି ମାଗେଣାରେ ଚାରା ମଧ ବଣ୍ଟନ କରିବା ସହିତ ଜଙ୍ଗଲ ସୁରକ୍ଷା ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା କରୁଛନ୍ତି । ଛାତ୍ର ଜୀବନରୁ ଆଜି ପର୍ଯ୍ୟନ୍ତ ପାଖାପାଖି ୨ ହଜାର ବୃକ୍ଷରୋପଣ କରିଛନ୍ତି । ପରିବେଶ ସୁରକ୍ଷା ସଚେତନତା ପାଇଁ ବୋଲଗଡର ବିଭିନ୍ନ ଅନୁଷ୍ଠାନ ତରଫରୁ ସେ ହୋଇଛନ୍ତି ସମ୍ମାନିତ । ଶ୍ରୀ ବାରିକ ନିଜର ସ୍ୱଳ୍ପ ଆର୍ଥିକ ରୋଜଗାରରେ ପରିଶ୍ରମ କରି ସମାଜ ପାଇଁ କରିଛନ୍ତି ଅନେକ କାର୍ଯ୍ୟ । ଆଜିର ଏ ସଫଳତା ପାଇଁ ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ଗୋପାଳପୁର ସରପଞ୍ଚ ପ୍ରଦୀପ କୁମାର ବାରିକ, ବୋଲଗଡ ପୂର୍ବତନ ବିଡ଼ିଓ ଶରତ ଚନ୍ଦ୍ର ମଲ୍ଲିକ, ହଟିକଲଚର ବିଭାଗର ଅଧିକାରୀ, କୃଷି ବିଭାଗ ଅଧିକାରୀ ଏବଂ ବୋଲଗଡର ଭଏସ ଅଫ ମିଡ଼ିଆ ସାମ୍ବାଦିକ ସଂଘ ପକ୍ଷରୁ ଅନେକ ପ୍ରଶଂସା ସହିତ ଶୁଭେଚ୍ଛା ଜଣାଇଛନ୍ତି । ସତ୍ୟନାରାୟଣ ବାରିକ କହିଛନ୍ତି ଆଧୁନିକ ଯୁଗରେ ନିଜ ସ୍ୱାର୍ଥ ପାଇଁ ବୃକ୍ଷ, ପାହାଡ଼ କାଟି ସେଠାରେ ମଣିଷ ନିଜର ବିଶାଳକାୟ କୋଠା ତିଆରି କରାଯିବା ଫଳରେ ଦିନକୁ ଦିନ ଉତ୍ତାପ ବୃଦ୍ଧି ପାଉଛି । ତେଣୁ ବ୍ୟାପକ ଚାରା ରୋପଣ ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଛନ୍ତି । ଆଜି ଏ ପୁରସ୍କାର ତାଙ୍କୁ ଆଗାମୀ ଦିନରେ ପ୍ରେରଣା ଦେବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

# ଚରାଭୂଇଁ ପାଲଟିଛି ଉପନିବନ୍ଧକ କାର୍ଯ୍ୟାଳୟ, ପ୍ରଶାସନ ଚୁପ୍

ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ଉପନିବନ୍ଧକ କାର୍ଯ୍ୟାଳୟରେ ଚାଲିଛି ଜମି ମାଫିଆଙ୍କ ରାଜ୍। ଜମି ମାଫିଆମାନେ କାର୍ଯ୍ୟାଳୟରେ ଅସମ୍ଭବକୁ ସମ୍ଭବ କରୁଥିବା ବେଳେ ଅଧିକାରୀ ନୀରବଦ୍ରଷ୍ଟା ସାଜିବା ଅଧିକାରୀଙ୍କ ଦୁର୍ବଳତା ପ୍ରକାଶ ପାଉଛି । କଣ ପାଇଁ ଉପନିବନ୍ଧକ କାର୍ଯ୍ୟାଳୟରେ ଜମିମାଫିଆ ବସି ରହୁଛନ୍ତି ତାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ପାଟପୁର ମୌଜାରେ ଅନେକ କଲୋନୀ ଗଢିଉଠିଥିବା ବେଳେ କଲୋନୀକୁ ରାସ୍ତା ନଥାଇ ଚକନାଳୀରେ ରାସ୍ତା ନିର୍ମାଣ କରାଯାଇଛି । ଏପରି କରିଥିବା ବ୍ୟକ୍ତି ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଆଧିପତ୍ୟ ବିସ୍ତାର କରି ସବ୍‌ରେଜିଷ୍ଟ୍ରାରଙ୍କ ଭିତିରି ସଂପର୍କ ରହିଥିବା ଚର୍ଚ୍ଚା ଜୋର ଧରିଛି। ପାଟପୁର ମୌଜାରେ ମଧ କିପରି ସିଧାସଳଖ ଭାବେ ଘରବାରୀ କିସମି ପରିବର୍ତ୍ତନ କରାଯାଉଛି ତାହା ତଦନ୍ତ ସାପେକ୍ଷ । ଚକନାଳୀରେ ରାସ୍ତା କରାଯାଉଥିବା ବେଳେ ପାଟପୁର ରାଜସ୍ୱ ନିରୀକ୍ଷକ କିପରି ଜାଣିପାରୁନାହାଁନ୍ତି ନା ଜାଣିଶୁଣି ଚକନାଳୀକୁ ରାସ୍ତାରେ ପରିଣତ କରିବା ପାଇଁ ପ୍ରୋତ୍ସାହନ ଦେଉଛନ୍ତି। ଏହି ଘଟଣା ଉପରେ ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କ ଦୃଷ୍ଟିଦେବା ପାଇଁ ଦାବି ହେଉଛି। ପାଟପୁର ଅଣ୍ଡିଆ ମୌଜାରେ ଘରବାରି ନକରି କେତେକ ବ୍ୟକ୍ତି ମନଇଚ୍ଛା ଏକମହଲା ଠାରୁ ଆରମ୍ଭ କରି ୪ମହଲା ପର୍ଯ୍ୟନ୍ତ ଗୃହନିର୍ମାଣ କରୁଛନ୍ତି । ପରିଷଦ ଠାରୁ ମଧ କୌଣସି ଆଦେଶ ନନେଇ ଗୃହନିର୍ମାଣ କରୁଛନ୍ତି। ଏପରି ହେବା ଦ୍ୱାରା କୋଟି କୋଟି ଟଙ୍କାର ସରକାରଙ୍କ ରାଜସ୍ୱ କ୍ଷତି ଘଟୁଛି । ଏହି ଘଟଣା ସଂପର୍କରେ ତହସିଲଦାରଙ୍କ ମତ ନେବାରେ ତହସିଲଦାର କହିଛନ୍ତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରି ଘଟଣା ନଜରକୁ ଆସିଲେ କାହାକୁବି ଛଡାଯିବ ନାହିଁ।

# ସତ୍ୟଜିତ୍‌ଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ

## ରୋଜଗାରିଆ ପୁଅ କିଡ୍‌ନୀ ରୋଗରେ ଆକ୍ରାନ୍ତ

ଆଳି (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ କଳସପୁର ଗ୍ରାମର ଶତ୍ରୁଘନ ପାଣ୍ଡବଙ୍କ ଏକ ମାତ୍ର ରୋଜଗାରକ୍ଷମ ପୁଅ ସତ୍ୟଜିତ (୪୨) କିଡ୍‌ନୀ ରୋଗ ରେ ପୀଡିତ ହୋଇ ଦୁଇଟି କିଡ୍‌ନୀର ଅଧିକାଂଶ ଅଂଶ ହରାଇ ଅସହାୟ ଅବସ୍ଥାରେ ଜୀବନଯାପନ କରୁଛନ୍ତି । ସୂଚନା ସୂତ୍ରରୁ ପ୍ରକାଶ ଯେ ସତ୍ୟଜିତ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ପୁଅ ଥିଲେ । ସେ ସୁଦୂର ଚେନ୍ନାଇ ଠାରେ ଏକ ଘରୋଇ କମ୍ପାନୀରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ଆସୁଥିଲେ। କାର୍ଯ୍ୟ କରୁଥିବା ସମୟରେ ହଠାତ ସେ ଅସୁସ୍ଥତା ଅନୁଭବ କରିବାରୁ ଚେନ୍ନାଇରେ ଡାକ୍ତରଙ୍କ ପରାମର୍ଶ କରିଥିଲେ । ଡାକ୍ତରଙ୍କ ଠାରୁ କିଛି ଦିନ ଔଷଧ ଖାଇଥିଲେ । ଦିନକୁ ଦିନ ଅଧିକ ଦେହ ଅସୁସ୍ଥତା ଅନୁଭବ କରିବା ପରେ ସେ ଘରକୁ ଆସି କଟକ ବଡ଼ ମେଡିକାଲକୁ ଚିକିତ୍ସା ପାଇଁ ଯାଇଥିଲେ । ସେଠାରେ ଡାକ୍ତର ତାଙ୍କର ସମସ୍ତ ପରୀକ୍ଷା ନିରୀକ୍ଷା କରିବା ପରେ ତାଙ୍କର ଦୁଇଟି କିଡ୍‌ନୀର ୮୫ ପ୍ରତିଶତରୁ ଉର୍ଦ୍ଧ୍ୱ ଖରାପ ଥିବା ଜଣାଇଥିଲେ। ପରେ ସତ୍ୟଜିତଙ୍କ ଚିକିତ୍ସା ଆରମ୍ଭ କରାଇ ସପ୍ତାହକୁ ୨ ଥର ଲେଖାଏଁ ଡାଏଲସିସ କରିବା ପାଇଁ ପରାମର୍ଶ ଦେଇଥିଲେ । ସେଠାରେ ଚାରିଥର ଡାଏଲସିସ କରାଇବା ପରେ ତାଙ୍କୁ ପଟ୍ଟାମୁଣ୍ଡାଇର ଏକ ଘରୋଇ ଚିକିତ୍ସାଳୟରେ ଡାଏଲସିସ କରାଇବା ପାଇଁ ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ସତ୍ୟଜିତ ଥରକୁ ପାଖାପାଖି ୩ ହଜାର ଟଙ୍କା ଓ ମାସକୁ ପ୍ରାୟ ୨୪ ହଜାର ଟଙ୍କା ଖର୍ଚ୍ଚ କରି ଆଜିକୁ ତିନି ମାସ ହେବ ଡାଏଲସିସ କରାଉଛନ୍ତି । ଗତ ସପ୍ତାହରେ ସତ୍ୟଜିତଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲକୁ ଅଧିକ ଚିକିତ୍ସା ପାଇଁ ପଠାଯାଇଥିଲା ।ଡାକ୍ତର ତାଙ୍କୁ ସେଠାରେ ପୁନର୍ବାର ସମସ୍ତ ପରୀକ୍ଷା କରିବା ପରେ ତାଙ୍କର କିଡ୍‌ନୀ ପ୍ରତ୍ୟାରୋପଣ ପାଇଁ ପରାମର୍ଶ ଦେଇଥିଲେ । କିଡ୍‌ନୀ ପ୍ରତ୍ୟାରୋପଣ ପାଇଁ ୪୦ ରୁ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବା ଜାଣି ସମ୍ପୂର୍ଣ୍ଣ ପରିବାର ଏବେ ଚିନ୍ତାରେ ମ୍ରିୟମାଣ ହୋଇପଡିଛନ୍ତି । ଖବର ପାଇ ପ୍ରଥମେ ଆଳି ନମୌଜାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଦେବ ଦାସ ସେବା ସଂସ୍ଥା, ଆଳି ପତ୍ରପୁର ଅଞ୍ଚଳର ସତ୍ୟନାରାୟଣ ସେବା ଟ୍ରଷ୍ଟ, ନମୌଜା କଳଦିଆ ଗ୍ରାମର ପ୍ରାକ୍ତନ ରିଜର୍ଭବ୍ୟାଙ୍କ ଅଧିକାରୀ ଚକ୍ରଧର ଦାଶ ଓ ବିଏମ ହେଲପିଙ୍ଗ ହ୍ୟାଣ୍ଡ ବଡ଼ମଙ୍ଗ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲେ ମଧ ଦୁଃଖର ବିଷୟ ଏହି ଆର୍ଥିକ ସାହାଯ୍ୟ ସତ୍ୟଜିତଙ୍କ ଚିକିତ୍ସା ପାଇଁ ସମୁଦ୍ରକୁ ଶଙ୍ଖେ । ଫଳରେ ଗ୍ରାମବାସୀମାନଙ୍କ ସହ ସତ୍ୟଜିତଙ୍କ ପରିବାରର ସମସ୍ତ ସଦସ୍ୟ ସରକାରୀ ଓ ବେସରକାରୀ ସଂସ୍ଥା ଓ ଟ୍ରଷ୍ଟ ନିକଟରେ ସହାୟତା ଲୋଡିଛନ୍ତି । ତତସହିତ କିଛି ସରକାରୀ ସାହାଯ୍ୟ ନିମିତ୍ତ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି । ଏ ନେଇ ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ସେ ଏ ନେଇ ମୁଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବି ।



# ନିଷ୍ଠା-ସମତା ଓ ଅନ୍ତର୍ନିବେଶୀ ଶିକ୍ଷା ଉପରେ ଶିକ୍ଷକ ତାଲିମ




ଚିକିଟି(ଭାସ୍କର ନ୍ୟୁଜ): ବିଦ୍ୟାଳୟରେ ପାଠ ପଢୁଥିବା ବିଭିନ୍ନ ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାର ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପାଇଁ ନିଷ୍ଠା ସମତା ଓ ଅନ୍ତର୍ନିବେଶୀ ଶିକ୍ଷା ସମ୍ବନ୍ଧୀୟ ପଞ୍ଚଦିବସୀୟ ତାଲିମ ଚିକିଟୀ ବ୍ଲକ୍ ଅନ୍ତର୍ଗତ ରାଜକବି ରାଧାମୋହନ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇ ଯାଇଛି। ବିବିଧତାପୂର୍ଣ୍ଣ ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷ, ସମସ୍ତ ଏକୋଇଶ ପ୍ରକାର ଦିବ୍ୟାଙ୍ଗତା, ସ୍ୱତନ୍ତ୍ର ଆବଶ୍ୟକତା ଥିବା ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ନିମନ୍ତେ ଶିକ୍ଷାଗତ ବ୍ୟବସ୍ଥା, ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ, ସାର୍ବଜନୀନ ଶିକ୍ଷଣ ଢାଞ୍ଚା, ଭାଷା ଓ ପରିବେଶ, ଗଣିତ ଓ ବିଜ୍ଞାନ, ଶାରୀରିକ ଓ ଅନୁକୂଳିତ ଶିକ୍ଷା, ବ୍ୟକ୍ତିଗତ ଶୈକ୍ଷିକ ଯୋଜନା ପ୍ରସ୍ତୁତି, ଗୃହଭିତ୍ତିକ ଶିକ୍ଷାଦାନ, ପ୍ରଶସ୍ତ ଆପ୍ ଆଦି ବିଷୟରେ ବିଶଦ ଆଲୋଚନା କରାଯାଇ ସକ୍ରିୟାତ୍ମକ ତାଲିମ ପ୍ରଦାନ କରାଯାଇଥିଲା। ଚିକିଟି ବ୍ଲକର ନୂଆପଡ଼ା, ପତିଗୋବିନ୍ଦପୁର, କେ. ନୂଆଗାଁ, କଳବାଡ, ଚିକିଟି ଏନ.ଏ.ସି, ରାମଚନ୍ଦ୍ରପୁର କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟରୁ ଜଣେ ଲେଖାଏଁ ଶିକ୍ଷକ/ଶିକ୍ଷୟିତ୍ରୀ ଏହି ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବ୍ଲକ୍‌ସ୍ତରୀୟ ସମ୍ବଳ ଶିକ୍ଷକ ବଦ୍ରିନାଥ ପଣ୍ଡା, ନରସିଂହ ପତି, ବୈଶାଳୀ ବେରିହା, ସୁଜାତା ପାଣିଗ୍ରାହୀ ଓ ତାରା ପ୍ରସାଦ ପ୍ରଧାନ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ବ୍ଲକ୍‌ର ଗୋଷ୍ଠୀ ଶିକ୍ଷା ଅଧିକାରୀ ପନ୍ନଗ ଭୂଷଣ ମାଝୀ, ଏବିଇଓ ତଥା ବିଆର୍‌ସିସି ତ୍ରିନାଥ ମଲ୍ଲିକ, ପୂର୍ବତନ ଏବିଇଓ ତଥା ବିଆର୍‌ସିସି ନିଗମାନନ୍ଦ ପଣ୍ଡା ଓ ରାଜକବି ରାଧାମୋହନ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବାସୁଦେବ ମହାନ୍ତି ତାଲିମ କାର୍ଯ୍ୟକ୍ରମରେ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ପ୍ରଶିକ୍ଷଣର ଉଦ୍ଦେଶ୍ୟ, ଲକ୍ଷ୍ୟ କିପରି ବିଦ୍ୟାଳୟ ସ୍ତରରେ ସମସ୍ତ ପ୍ରକାର ଶିକ୍ଷାର୍ଥୀଙ୍କ ପାଇଁ ଉପଯୋଗୀ ହୋଇ ପାରିବ, ସେ ସମ୍ପର୍କରେ ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀ ମାଝୀ ବୁଝାଇ କହିଥିଲେ। ବ୍ଲକ୍ ସମ୍ବଳ ଶିକ୍ଷକ ତାରା ପ୍ରସାଦ ପ୍ରଧାନ ତାଲିମ କାର୍ଯ୍ୟ ପରିଚାଳନା କରିଥିଲେ।



କଟକ(ଭାସ୍କର ନ୍ୟୁଜ୍): ବଜ୍ରପାତରୁ ଜନସାଧାରଣଙ୍କ ସୁରକ୍ଷା ତଥା ଏଥି ସମ୍ବନ୍ଧୀୟ ସତର୍କତା ଅବଲମ୍ବନ ନିମନ୍ତେ ସମସ୍ତ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ଆଜି ଅପରାହ୍ନରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଅଧ୍ୟକ୍ଷ, ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଦ୍ୱାରା ବଜ୍ରପାତ ସୁରକ୍ଷା ସମ୍ପର୍କିତ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି । ରଥ ଜିଲ୍ଲାର ସହରାଞ୍ଚଳ ଏବଂ ସମସ୍ତ ବ୍ଲକଗୁଡିକ ପରିକ୍ରମା କରି ଜନସାଧାରଣ ବଜ୍ରପାତ ସମୟରେ ପଦକ୍ଷେପ ସ୍ୱରୂପ କିପରି ସୁରକ୍ଷିତ ରହିପାରିବେ ଏଥି ସମ୍ବନ୍ଧୀୟ ସଚେତନତା ବାର୍ତ୍ତାମାନ ପ୍ରଦାନ କରିବ । ପ୍ରକାଶ ଥାଉକି ସତର୍କତାମୂଳକ ପଦକ୍ଷେପ, ସୁରକ୍ଷା ବାର୍ତ୍ତା, ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା କମ କରିବା ଉପରେ ସୂଚନା ପ୍ରଦର୍ଶନୀ, ଅଡିଓ-ଭିଜୁଆଲ୍ ବାର୍ତା ଏବଂ ସୂଚନା ପୁସ୍ତିକା ସହିତ ସଚେତନତା ରଥ ଜିଲ୍ଲାର ସମସ୍ତ ଅଂଚଳ ବୁଲି ପ୍ରଚାର ପ୍ରସାର କରିବ । ସଚେତନତା ରଥର ଶୁଭାରମ୍ଭ ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଡଃ. ଦିବ୍ୟଲୋଚନ ମହାନ୍ତି, ଡେପୁଟୀ କଲେକ୍ଟର(ଜରୁରୀ), ସୁଜୟ ପତି, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ, (ଜରୁରୀ) ବାପି ବିଶ୍ୱଜିତ ସାହୁ ତଥା ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

**ସିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫାଉଣ୍ଡେସନ୍‌ର ୪ର୍ଥ ପରିଚାଳନା ପରିଷଦ ବୈଠକ**

## ଉଚ୍ଚଶିକ୍ଷା ପାଇଁ ମେଧାବୀ ଛାତ୍ରଙ୍କୁ ସହାୟତା ପ୍ରସ୍ତାବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫାଉଣ୍ଡେସନର ଚତୁର୍ଥ ପରିଚାଳନା ପରିଷଦ ବୈଠକ ଭୁବନେଶ୍ୱରର ଖାରବେଳ ଭବନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଅଧ୍ୟକ୍ଷତା କରି କହିଲେ ଯେ ବ୍ୟାଘ୍ର ସଂରକ୍ଷଣରେ ପରିବେଶଗତ, ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ବିକାଶକୁ ସହଜ କରିବା, ଉପରୋକ୍ତ ସମ୍ବନ୍ଧିତ କ୍ଷେତ୍ରରେ ଗବେଷଣା, ପରିବେଶଗତ ଶିକ୍ଷା ଏବଂ ତାଲିମକୁ ସମର୍ଥନ କରିବା ଆଦି ସିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫାଉଣ୍ଡେସନର ପ୍ରମୁଖ ଲକ୍ଷ୍ୟ ଓ ଆଭିମୁଖ୍ୟ । ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଫାଉଣ୍ଡେସନ ନିରନ୍ତର ଉଦ୍ୟମ କରି ଆସିଛି । ୨୦୨୫ ୨୬ ବର୍ଷ ପାଇଁ ବାର୍ଷିକ କାର୍ଯ୍ୟାନ୍ୱୟନ ଯୋଜନା ୧୦ କୋଟି ୪୮ ଲକ୍ଷ ଟଙ୍କା ପ୍ରସ୍ତୁତ ଓ ଅନୁମୋଦିତ ହୋଇଛି । ଏହାର ସଦୁପଯୋଗ କରି ସିମିଳିପାଳ ଅଞ୍ଚଳର ଗ୍ରାମୀଣ ମେଧାବୀ ଛାତ୍ରମାନଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ଦେବାକୁ ଓ ଗ୍ରାମୀଣ ଯୁବକମାନଙ୍କୁ ଡ୍ରାଇଭିଂ, ବୈଦ୍ୟୁତିକ ଏବଂ ଯାନ୍ତ୍ରିକ କାର୍ଯ୍ୟ, ସିଲାଇ ଆଦି ଦକ୍ଷତା ପ୍ରଦାନ କରିବାକୁ ଜଙ୍ଗଲ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ମତବ୍ୟକ୍ତ କରିଥିଲେ । ସିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫାଉଣ୍ଡେସନର ଉପାଧ୍ୟକ୍ଷ ତଥା ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ କହିଲେ ଯେ ଜଙ୍ଗଲ ନିର୍ଭରଶୀଳ ସମ୍ପ୍ରଦାୟ ପାଇଁ ଦକ୍ଷତା ବିକାଶ ଏବଂ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ, ପ୍ରକୃତି ଶିକ୍ଷା, ସଂରକ୍ଷଣ, ସଚେତନତା ସୃଷ୍ଟି ଏବଂ ପ୍ରଚାର, ଗବେଷଣା ଏବଂ ତଦାରଖ, ବନ କର୍ମଚାରୀ ଏବଂ ସ୍କ୍ୱାଡ୍ କଲ୍ୟାଣ ଏବଂ ତାଲିମ, ସିମିଳିପାଳ ବ୍ୟାଘ୍ର ସଂରକ୍ଷଣରେ ପରିବେଶ ପର୍ଯ୍ୟଟନ ସଫାରୀ ପରିଚାଳନା ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ବନ୍ୟ ସମ୍ପ୍ରଦାୟ କଲ୍ୟାଣ କ୍ଷେତ୍ରରେ ଏହି ଅର୍ଥ ବିନିଯୋଗ ହେବ । ପରିଚାଳନା ପରିଷଦ ବୈଠକରେ ମୟୁରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ସଚିବ ଦେବେନ୍ କୁମାର ପ୍ରଧାନ, ମୁଖ୍ୟ ବନ ସଂରକ୍ଷକ ମନୋଜ ଭି. ନାୟାର, ସିମିଳିପାଳ ବ୍ୟାଘ୍ର ସଂରକ୍ଷଣର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ ସଂରକ୍ଷକ, ସିମିଳିପାଳ (ଉତ୍ତର) ବନ୍ୟପ୍ରାଣୀ ଡିଭିଜନର ଉପ ନିର୍ଦ୍ଦେଶକ, ସିମିଳିପାଳ (ଦକ୍ଷିଣ) ବନ୍ୟପ୍ରାଣୀ ଡିଭିଜନର ଉପ ନିର୍ଦ୍ଦେଶକ, ଓୟୁଏଟି ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟର ସର୍ଜରୀ ବିଭାଗର ପୂର୍ବତନ ମୁଖ୍ୟ ଡ. ଇନ୍ଦ୍ରମଣି ନାଥ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦାର ପ୍ରାଣୀ ବିଜ୍ଞାନ ପ୍ରଫେସର ଡ. ହେମନ୍ତ କୁମାର ସାହୁ ଓ ପରିଚାଳନା କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସୁଚିନ୍ତିତ ପରାମର୍ଶ ଦେଇଥିଲେ ।

**ଅଗଷ୍ଟ ୧୦ରେ କଳିଙ୍ଗରେ ହେବ ୱାର୍ଲଡ଼ ଆଥଲେଟିକ୍ କଣ୍ଟିନେଣ୍ଟାଲ ଟୁର୍**

## ଅଂଶଗ୍ରହଣ କରିବେ ୧୦ରୁ ଅଧିକ ଦେଶ, ୧୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଆୟୋଜିତ ହେବ ୱାର୍ଲଡ଼ ଆଥଲେଟିକ୍ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭେଲ)। ଆସନ୍ତା ଅଗଷ୍ଟ ମାସ ୧୦ ତାରିଖ ଏହି ବିଶ୍ୱ ସ୍ତରୀୟ ପ୍ରତିଯୋଗିତାର ଆୟୋଜନ କରାଯିବ। ଶୁକ୍ରବାର କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରତିଯୋଗିତା ସମ୍ବନ୍ଧୀୟ ସବିଶେଷ ବିବରଣୀ ପ୍ରଦାନ କରିଛନ୍ତି। ସେ କହିଛନ୍ତି କଳିଙ୍ଗ ଷ୍ଟାଡ଼ିୟମ୍‌ରେ ବିଶ୍ୱସ୍ତରୀୟ ଆଥଲେଟିକ୍ ପ୍ରତିଯୋଗିତା ଆୟୋଜନ କରାଯିବ। ଓଡ଼ିଶାରେ ପ୍ରଥମଥର ପାଇଁ ଅଗଷ୍ଟ ୧୦ ତାରିଖରେ ୱାର୍ଲଡ଼ ଆଥଲେଟିକ୍ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭେଲ) ପ୍ରତିଯୋଗିତାର ଆୟୋଜନ କରାଯିବ। ପ୍ରତିଯୋଗିତାରେ ଭାରତ, ତୁର୍କମେନିସ୍ତାନ, ଭୁଟାନ୍, ଫିଲିପାଇନ୍ସ, ଦକ୍ଷିଣ କୋରିଆ, ମାଲେସିଆ, ଇରାକ୍, ଭିଏତ୍‌ନାମ, ରିପବ୍ଲିକ ଅଫ୍ କାମେରୁନ୍, ଶ୍ରୀଲଙ୍କା, ଇରାନ୍ ଏବଂ ମାଳଦ୍ୱୀପ ଆଦି ୧୦ରୁ ଅଧିକ ଦେଶର କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ୧୫୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ସମୁଦାୟ ୨୦ଟି ଇଭେଣ୍ଟର ଆୟୋଜନ କରାଯିବ। ପ୍ରତିଯୋଗିତାରେ ମଧ ଓଡ଼ିଶାର କ୍ରୀଡ଼ାବିତ୍ ଭଲ ପ୍ରଦର୍ଶନ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଆଶାବ୍ୟକ୍ତ କରିଛନ୍ତି। ଓଡ଼ିଶାରେ ଏହି ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରାଯିବ ବୋଲି ଆଥଲେଟିକ୍ସ ଫେଡ଼େରେସନ୍ ଅଫ ଇଣ୍ଡିଆର ସେକ୍ରେଟାରୀ ଜେନେରାଲ ସନ୍ଦୀପ ମେହତା ମତପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଆଥଲେଟିକ୍ସ ଫେଡ଼େରେସନ୍ ଅଫ ଇଣ୍ଡିଆର ଟ୍ରେଜେରର ପ୍ରମୁଖ ଉପସ୍ଥିତ ଥିଲେ।

## ଡ୍ରାଇଭର ମହାସଂଘର ଆନ୍ଦୋଳନ ଜାରି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶୁକ୍ରବାର ବି ଜାରି ରହିଛି ଡ୍ରାଇଭର ମହାସଂଘର ଆନ୍ଦୋଳନ। ଏବେ ବି ବସ ଷ୍ଟପରେ ଲୋକେ ବସ୍ ଅପେକ୍ଷାରେ ରହିଛନ୍ତି । କୌଣସି ବସ ଆଜି ବି ଚାଲୁ ନାହିଁ। ଦୂର ଦୁରାନ୍ତର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବେ ବସ ଚଳାଚଳ ସ୍ୱାଭାବିକ ହେବ ତାକୁ ନେଇ ଚିନ୍ତାରେ ଲୋକେ । ସେପଟେ ଅନେକ ଡ୍ରାଇଭର ଆଜି ବି ଅସନ୍ତୋଷ ଦେଖାଇଛନ୍ତି। ଗାଡି ନ ଚାଲିଲେ ଗାଡିର କିସ୍ତି ଦେଇ ହେଉନାହିଁ। ତେଣୁ ଗାଡି ଚଳାଇବାକୁ ଅନେକ ଡ୍ରାଇଭର ଓ ମାଲିକ ନିଷ୍ପତି ନେଇଛନ୍ତି। ଡ୍ରାଇଭର ସଂଘ ଦୁଇ ଫାଳ ହେବାର ଯଥେଷ୍ଟ ସମ୍ଭାବନା ରହିଥିବାର ସ୍ପଷ୍ଟ ହେଉଛି।

## ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ଉପସ୍ଥାନ ଯାଞ୍ଚ ପାଇଁ ଆସିବ ଆପ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ଉପସ୍ଥାନ ଯାଞ୍ଚ ପାଇଁ ସ୍ମାର୍ଟ-ଫୋନ୍ ଆଧାରିତ ଆପ୍ ଆଣିବାକୁ ଯାଉଛନ୍ତି ରାଜ୍ୟ ସରକାର । ଏ ନେଇ ସମସ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଚିଠି ଲେଖିଲେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶକା । ଚିଠିରେ କୁହାଯାଇଛି ଯେ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତି ଚିହ୍ନଟ ପାଇଁ ଏକ ସ୍ମାର୍ଟ-ଫୋନ୍ ଆଧାରିତ ଆପ୍ ୧ ଅଗଷ୍ଟ, ୨୦୨୫ ଠାରୁ ରାଜ୍ୟର ସମସ୍ତ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରିବାର ପ୍ରସ୍ତାବ ରହିଛି । ଅଧିକାରୀ ଓ କର୍ମଚାରୀ ମାନେ ନିଜ ମୋବାଇଲ କି ଉଚ୍ଚ ପଦସ୍ତ ଅଧିକାରୀ ଙ୍କ ମୋବାଇଲରେ ଉପସ୍ଥାପନ ଚିହ୍ନଟ କରିବାକୁ ଚାହୁଁଛନ୍ତି ୨୫ ଜୁଲାଇ ସୁଦ୍ଧା ସେମାନଙ୍କ ମତାମତ ଜଣାଇବାକୁ ଚିଠି ଦ୍ୱାରା ଜଣା ଯାଇଛି ।

## ୧୪ରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ସୋମବାର, ଜୁଲାଇ ୧୪ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନ ସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

## ବିଜେପିର ରାଷ୍ଟ୍ରୀୟ ସଙ୍ଗଠନ ସମ୍ପାଦକଙ୍କୁ ଭେଟିଲେ ମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେପିର ରାଷ୍ଟ୍ରୀୟ ସଙ୍ଗଠନ ସମ୍ପାଦକ ବି ଏଲ ସନ୍ତୋଷଙ୍କୁ ଶୁକ୍ରବାର ଭେଟିଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏକ୍ସରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଶୁକ୍ରବାର ଆମ ଦଳର ରାଷ୍ଟ୍ରୀୟ ସଙ୍ଗଠନ ମନ୍ତ୍ରୀ ବି ଏଲ ସନ୍ତୋଷଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଲି । ଏହି ଅବସରରେ ଓଡ଼ିଶା ସରକାରଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟ, ବିକାଶ ଯୋଜନା ଏବଂ ଭବିଷ୍ୟତ ରୂପରେଖ ଉପରେ ବିସ୍ତୃତ ଆଲୋଚନା କରିବା ସହ ତାଙ୍କୁ 'ଓଡ଼ିଶା ଭିଜନ ବୁକ୍' ପ୍ରଦାନ କରିଲି ।

## ମହୁଆଙ୍କ ମନ୍ତବ୍ୟକୁ ସୁରେଶଙ୍କ କଡା ଭର୍ତ୍ସନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଟିଏମସି ସାଂସଦ ମହୁଆ ମିତ୍ରଙ୍କ ମନ୍ତବ୍ୟକୁ କଡା ଭର୍ତ୍ସନା କରିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ମହୁଆ ମିତ୍ର ଯାହା କୁହନ୍ତି ସେ ନିଜେ ବୁଝନ୍ତି ନାହିଁ। ମହୁଆ ମିତ୍ର ଲୋକସଭାରୁ ବିତାଡ଼ିତ ହୋଇଥିଲେ। ଆଉ ସେ ପୁଣି କଣ ଓଡ଼ିଶାକୁ ଧମକ ଦେବେ। ଓଡ଼ିଆ ପୁଅକୁ ବାହା ହୋଇଛନ୍ତି ଆଉ ମାସେ ପୁରିନି ଶଶୁର ଘରକୁ ଧମିକି ଦେଉଛନ୍ତି। ଶାଶୁ ଘର କଲେ ଓଡ଼ିଶାରେ କିନ୍ତୁ ମନ ଓ ଶରୀର ଅଛି ବଙ୍ଗଳାରେ । ପିନାକୀ ବାବୁ କଣ କରୁଥିବେ ମୁଁ ବୁଝି ପାରୁ ନାହିଁ । ଇଂରେଜ ମାନେ ଓଡ଼ିଶାକୁ ଧମକେଇ ପାରି ଲେନି ଆଉ ମହୁଆ ମିତ୍ର କିଏ ? ସେ ଓଡିଶା ପ୍ରତି ଦୃଷ୍ଟି ନ ଦେଇ ଯଦି ବେଙ୍ଗଲ ପ୍ରତି ଦୃଷ୍ଟି ଦିଅନ୍ତେ ତାଙ୍କ ପାଇଁ ତେବେ ମଙ୍ଗଳ ହୁଅନ୍ତା ।

## ୧୪ରେ କଟକ ପ୍ରଧାନ ଡାକଘର ଅଧିନସ୍ଥ ସମସ୍ତ ଡାକକାର୍ଯ୍ୟ ବନ୍ଦ

କଟକ(ଭାସ୍କର ନ୍ୟୁଜ୍): କଟକ ପ୍ରଧାନ ଡାକଘର ଏବଂ ଏହା ଅଧିନସ୍ଥ ସମସ୍ତ ଉପ ଡାକଘର ତଥା ଶାଖା ଡାକଘର ଆସନ୍ତା ୧୪ ତାରିଖରେ ବନ୍ଦ ରହିବ । ଏହି ଡାକଘରରେ ଏକ ନୂତନ ସଫ୍ଟୱେରର ପ୍ରଚଳନ ଆସନ୍ତା ଜୁଲାଇ ୧୫ ତାରିଖରେ ହେବାକୁ ଯାଉଛି । ଏହି ଉପଲକ୍ଷେ ଉକ୍ତ ଡାକଘର ମାନଙ୍କରେ ଆସନ୍ତା ୧୪ ତାରିଖରେ ସମସ୍ତ ଡାକ କାରବାର ବନ୍ଦ ରହିବ ବୋଲି ବରିଷ୍ଠ ଡାକ ଅଧିକ୍ଷକ କଟକ ନଗର ଡାକ ମଣ୍ଡଳ ପକ୍ଷରୁ ଜଣାଇ ଦିଆଯାଇଛି ।

## ସମ୍ବିଧାନ ବଞ୍ଚାଅ ନୁହେଁ କଂଗ୍ରେସ ବଞ୍ଚାଅ ସମାବେଶ: ବିଜେପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଂଗ୍ରେସ ଲଗାତାର ଗଣତନ୍ତ୍ରର କଣ୍ଠରୋଧ କରିଛି। ଦେଶର ବିରୋଧୀ ଦଳ ନେତା ଓ କଂଗ୍ରେସ ଅଧ୍ୟକ୍ଷଙ୍କ କାର୍ଯ୍ୟକ୍ରମ ଆଜି ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଛି। ମାତ୍ର ଏବେବି କଂଗ୍ରେସ ହତାଶା ମଧ୍ୟରେ ରହିଛି। ଏହି ଦଳ ଓଡ଼ିଶାର ସାଧାରଣ ଲୋକଙ୍କଠାରୁ ଦୂରେଇ ଯାଇଛି। ପ୍ରତି ନିର୍ବାଚନରେ ତାର ଭୋଟ ପ୍ରତିଶତ କମିବାରେ ଲାଗିଛି। ଦେଶରେ ଗତ ୩ଟି ସାଧାରଣ ନିର୍ବାଚନରେ କଂଗ୍ରେସର ସାଂସଦ ସଂଖ୍ୟା ୩ ଅଙ୍କ ମଧ୍ୟ ଛୁଇଁପାରିନାହିଁ। ପ୍ରତିଦିନ କଂଗ୍ରେସ ସଂଗଠନର ଯେଉଁଭଳି ଭାବେ ନିମ୍ନଗାମୀ ହେଉଛି ସେଥିରୁ ଲାଗୁଛି ଏହା ସମ୍ବିଧାନ ବଞ୍ଚାଅ ନୁହେଁ, ନିଜ ଅସ୍ତିତ୍ୱକୁ ରକ୍ଷା କରିବା ପାଇଁ କଂଗ୍ରେସ ବଞ୍ଚାଅ ସମାବେଶ। କଂଗ୍ରେସ ଗଣତନ୍ତ୍ର କଥା କହିବା, ନିଜେ କାଚ ଘର ମଧ୍ୟରେ ରହି ଅନ୍ୟକୁ ପଥର ଫୋପାଡିବା ସଦୃଶ। ଆଜି ଓଡ଼ିଶା ଆସିଥିବା ରାହୁଲ ଗାନ୍ଧୀ ବାରମ୍ବାର ସମ୍ବିଧାନକୁ ହତ୍ୟା କରିଛନ୍ତି ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ମହାମହିମ ଓଡ଼ିଶା ରାଷ୍ଟ୍ରପତିଙ୍କୁ ଅପମାନିତ କରିଛନ୍ତି। ଏନେଇ ଉଭୟ ପ୍ରଥମେ ଓଡ଼ିଶା ମାଟିରେ କ୍ଷମା ମାଗନ୍ତୁ ବୋଲି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ସାମ୍ବାଦିକ ସମ୍ମିଳୀରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରାଜେନ୍ଦ୍ର ପଣ୍ଡା ଓ ତପନ ଚାନ୍ଦ ଉପସ୍ଥିତ ଥିଲେ।

INDIAN RAILWAYS
ସତ୍ୟମେବ ଜୟତେ ଭାରତ ସରକାର
ବିକଶିତ ଭାରତର ସଂକଳ୍ପ
ଯୁବ ଶକ୍ତିର ସଶକ୍ତିକରଣ



ଯୁବ ବର୍ଗଙ୍କୁ ସରକାରୀ ଚାକିରୀ ଦେବା ନିମନ୍ତେ
ରୋଜଗାର ମେଳା
ଦେଶବ୍ୟାପୀ ୪୭ ଗୋଟି ସ୍ଥାନରେ ଆୟୋଜିତ
ସମାରୋହରେ ୫୧,୦୦୦ରୁ ଉର୍ଦ୍ଧ୍ୱ ଚୟନିତ ପ୍ରାର୍ଥୀଙ୍କୁ
ନିଯୁକ୍ତି ପତ୍ର ବିତରଣ
ପ୍ରଧାନମନ୍ତ୍ରୀ
ନରେନ୍ଦ୍ର ମୋଦୀଙ୍କ
ଦ୍ୱାରା
ଶନିବାର, ୧୨ ଜୁଲାଇ, ୨୦୨୫ | ପୂର୍ବାହ୍ନ ୧୧:୦୦ ଘଟିକା
(ଭିଡିଓ କନ୍‌ଫରେନ୍ସିଙ୍ଗ୍ ମାଧ୍ୟମରେ)
କେନ୍ଦ୍ର ସରକାର ଓ ସହଭାଗୀ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି
ସମାନ ସୁଯୋଗ ପ୍ରଦାନ ନିମନ୍ତେ ୧୩ ଗୋଟି ଆଞ୍ଚଳିକ ଭାଷାରେ ଚୟନ ପରୀକ୍ଷାର ବ୍ୟବସ୍ଥା
୧.୨୧ କୋଟିରୁ ଅଧିକ ସରକାରୀ କର୍ମଚାରୀ ଆଇ-ଗଟ୍ କର୍ମଯୋଗୀ ପୋର୍ଟାଲ୍ ରେ ଉପଲବ୍ଧ୨୮୦୦ ଗୋଟି ଉଚ୍ଚ ଗୁଣବତ୍ତାଯୁକ୍ତ ପାଠ୍ୟକ୍ରମ ମାଧ୍ୟମରେ ତାଲିମ୍ ପାଉଛନ୍ତି
ମହିଳା, ଦିବ୍ୟାଙ୍ଗଜନ ଓ ବିଭିନ୍ନ ଜିଲ୍ଲାର ଆଶାୟୀ ପ୍ରାର୍ଥୀମାନଙ୍କୁ ସ୍ୱତନ୍ତ୍ର ସୁବିଧା
ଏକ ଅନଲାଇନ୍ ସିଷ୍ଟମ୍ ଦ୍ୱାରା ଶୂନ୍ୟସ୍ଥାନ ଓ ଚୟନ ପ୍ରକ୍ରିୟାର ନିରନ୍ତର ମନିଟରିଂ
ୟୁପିଏସସି, ଏସଏସସି, ରେଳବାଇ ଚୟନ ବୋର୍ଡ ଓ ଆଇବିପିଏସ୍ ପରି ଲୋକପ୍ରିୟ ସଂସ୍ଥାନ ଦ୍ୱାରା ମନୋନୟନ
ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟା ବଜାୟ ରଖିବା ନିମନ୍ତେ, ପେପର ଲିକ୍ ବିପକ୍ଷରେ କଡ଼ା ଆଇନ୍
DD NEWS ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ
ତାଲିମ ସମ୍ବନ୍ଧୀୟ ଅଧିକ ସୂଚନା ନିମନ୍ତେ କର୍ମଯୋଗୀ ମଡ୍ୟୁଲ ୱେବସାଇଟ୍ https://igotkarmayogi.gov.in/ ପରିଦର୍ଶନ କରନ୍ତୁ କିମ୍ବା କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।
ଆମକୁ ଅନୁସରଣ କରନ୍ତୁ /Railminindia

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ।"

- ମହାତ୍ମା ଗାନ୍ଧୀ



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।"

-ସନ୍ଥକବି ଭୀମଭୋଇ



# ପରିବହନ ସେବାରେ ଅଚଳାବସ୍ଥା

## ସମାଧାନର ପନ୍ଥା ଏକାନ୍ତ ଜରୁରି

ସାତଦଫା ଦାବି ପୂରଣ ପାଇଁ ରାଜ୍ୟର ଡ୍ରାଇଭରମାନେ ଗତ ୪ଦିନ ଧରି ଷ୍ଟିଅରିଂ ଛାଡ଼ି ଆନ୍ଦୋଳନ କରିବା ଯୋଗୁଁ ପରିବହନ କ୍ଷେତ୍ରରେ ଗୁରୁତର ସ୍ଥିତି ଦେଖା ଦେଇଛି। ଆନ୍ଦୋଳନକାରୀ ଡ୍ରାଇଭରମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରି ଗାଡ଼ି ଚଳାଚଳ ବନ୍ଦ କରିଥିବାରୁ ଯାତ୍ରୀସେବା ବ୍ୟାହତ ହେବା ସଙ୍ଗେ ସଙ୍ଗେ ତୈଳ ଯୋଗାଣ କ୍ଷେତ୍ରରେ ସଙ୍କଟ ଦେଖାଦେଇଛି। କେବଳ ଜରୁରିକାଳୀନ ସେବାରେ ନିୟୋଜିତ କେତେକ ଯାନବାହନକୁ ଛାଡ଼ି ଦେଲେ ବାକି ସବୁ ସ୍ଥାନରେ ଗାଡ଼ି ମଟର ଚଳାଚଳ ବନ୍ଦ ରହିଛି। ଯାତ୍ରୀ ପରିବହନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅଚଳ ହେବା ଯୋଗୁଁ ବିଭିନ୍ନ ସ୍ଥାନରେ ଦରଦାମ ବୃଦ୍ଧି ପାଉଥିବାର ଦେଖାଯାଉଛି। ତିନିଦିନ ପୂର୍ବେ ଡ୍ରାଇଭର ମହାସଂଘ ସହିତ ରାଜ୍ୟ ପରିବହନ ମନ୍ତ୍ରୀଙ୍କର ଆଲୋଚନା ହୋଇଥିଲା। ଏହି ଆଲୋଚନାରୁ କିଛିଟା ସୁଫଳ ମିଳିବ ବୋଲି ଆଶା କରାଯାଉଥିଲେ ହେଁ ତାହା ସମ୍ଭବ ହୋଇନାହିଁ ଏବଂ ଡ୍ରାଇଭରମାନେ ଆନ୍ଦୋଳନକୁ ଅଧିକ ଜୋରଦାର୍ କରିଛନ୍ତି। ସରକାର ଓ ମହାସଂଘ ଉଭୟେ ନିଜ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ପାରାଦୀପ, ବାଲେଶ୍ୱର, ଝାରସୁଗୁଡ଼ା ଓ ଜଟଣୀ ଠାରେ ରାଜ୍ୟର ଚାରିଟି ତୈଳ ଡିପୋ ରହିଥିବା ସ୍ଥଳେ ସେଠାରୁ ତୈଳ ପରିବହନ ବନ୍ଦ ହୋଇଯାଇଛି। ଏହି ଚାରିଦିନ ଭିତରେ ଅଧିକାଂଶ ପେଟ୍ରୋଲ ପମ୍ପରେ ଗଚ୍ଛିତ ଥିବା ତେଲ ସରି ଆସିଲାଣି। ସରକାର ପୋଲିସ ସହାୟତାରେ ଡିପୋରୁ ତେଲ ପରିବହନ କରି ବିଭିନ୍ନ ଟାଙ୍କିକୁ ଯୋଗାଉଥିଲେ ବି ତାହା ପର୍ଯ୍ୟାପ୍ତ ହେଉନାହିଁ। ଆନ୍ଦୋଳନକାରୀ ଡ୍ରାଇଭରମାନେ ତେଲ ଆଣୁଥିବା ଗାଡ଼ିର ଡ୍ରାଇଭରଙ୍କୁ ଅଟକାଇ ଗାଡ଼ି ନଚଳାଇବାକୁ ଅନୁରୋଧ କରୁଛନ୍ତି। ଏଥିଯୋଗୁଁ କିଛି ସ୍ଥାନରେ ଉତ୍ତେଜନା ଓ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବାର ଖବର ହସ୍ତଗତ ହୋଇଛି। କେବଳ ପେଟ୍ରୋଲ ଓ ଡିଜେଲ ଭଳି ସାମଗ୍ରୀ ନୁହେଁ ଏହି ଧର୍ମଘଟ ଯୋଗୁଁ ଜାଳେଣି ଗ୍ୟାସ୍ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଛି। ବିଭିନ୍ନ ସ୍ଥାନରେ ଗ୍ୟାସ୍ ସିଲିଣ୍ଡର ବୋଝେଇ ଗାଡ଼ିଗୁଡ଼ିକ ଅଟକି ରହିଛି। ଅବଶ୍ୟ ଇତିମଧ୍ୟରେ ରାଜ୍ୟର ଡ୍ରାଇଭର ମହାସଂଘରେ ଫାଟ ଦେଖିବାକୁ ମିଳିଛି ଏବଂ ଅନ୍ୟଏକ ସଂଘ ବର୍ତ୍ତମାନର ଆନ୍ଦୋଳନକୁ ବିରୋଧ କରୁଛି। ମାତ୍ର ଯେଉଁ ସଂଘ ବିରୋଧ କରୁଛି, ତାହା ସରକାରୀ ସ୍ୱୀକୃତିପ୍ରାପ୍ତ ହୋଇନଥିବାରୁ ଆନ୍ଦୋଳନର ପରିସମାପ୍ତି ଘଟୁନାହିଁ ଏବଂ ସଂଖ୍ୟାଧିକ ଡ୍ରାଇଭର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଡ୍ରାଇଭରମାନଙ୍କ ଷ୍ଟିଅରିଂ ବନ୍ଦ ଆନ୍ଦୋଳନ ଚାଲିଥିବା ସମୟରେ କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଏବଂ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ 'ସମ୍ବିଧାନ ବଞ୍ଚାଅ' ସମାବେଶରେ ଯୋଗ ଦେବାକୁ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସିଥିଲେ। ଦଳୀୟ କର୍ମୀ ଓ ସମର୍ଥକଙ୍କୁ ଏହି ସମାବେଶରେ ଯୋଗଦେବା ଉଦ୍ଦେଶ୍ୟରେ ଆନ୍ଦୋଳନକୁ କିଛିଟା କୋହଳ କରିବା ଲାଗି ଡ୍ରାଇଭର ମହାସଂଘ ନିଷ୍ପତ୍ତି ନେଇଥିଲା। ଅର୍ଥାତ୍ ଭୁବନେଶ୍ୱର ସମାବେଶରେ ଯୋଗ ଦେବାକୁ ଆସୁଥିବା ଗାଡ଼ି ମଟରଗୁଡ଼ିକୁ ନଅଟକାଇବା ପାଇଁ ମହାସଂଘ ଘୋଷଣା କରିଥିଲା। ମହାସଂଘର ଏତାଦୃଶ ପଦକ୍ଷେପ ଶାସକ ବିଜେପିକୁ କେତେକାଂଶରେ କ୍ଷୁବ୍ଧ କଲା ଭଳି ମନେ ହେଉଛି ଏବଂ ଆନ୍ଦୋଳନରେ ରାଜନୀତି ପ୍ରବେଶ କରିଛି ବୋଲି ପରିବହନ ମନ୍ତ୍ରୀ ମନ୍ତବ୍ୟ ଦେଇଛନ୍ତି। ଅନ୍ୟପକ୍ଷରେ ମହାସଂଘ ସହିତ ଆଲୋଚନା କରି ଆନ୍ଦୋଳନର ଅବସାନ ଘଟାଇବାକୁ ବିଜେଡି ଓ କଂଗ୍ରେସ ଭଳି ରାଜନୈତିକ ଦଳଗୁଡ଼ିକ ସରକାରଙ୍କୁ ନିବେଦନ କରିଛନ୍ତି। ଡ୍ରାଇଭରଙ୍କ ଆନ୍ଦୋଳନ ଅଧିକ ଦିନ ଅବ୍ୟାହତ ରହିଲେ, ରାଜ୍ୟବାସୀଙ୍କ ଦୁର୍ଦ୍ଦଶା ବଢ଼ିବାର ସମ୍ଭାବନା ଥିବାରୁ ସରକାର କାଳ ବିଳମ୍ବ ନକରି ସମାଧାନର ପନ୍ଥା ବାହାର କରିବା ବିଜ୍ଞତାର କାର୍ଯ୍ୟ ହେବ।

# ମୁଦ୍ରା, ବ୍ୟାଙ୍କିଙ୍ଗ୍ ଏବଂ ଆର୍ଥିକ ବିଷମତା



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଆଜିର ବିଶ୍ୱସ୍ତରୀୟ ଅର୍ଥବ୍ୟବସ୍ଥାରେ ମୁଦ୍ରା କେବଳ ବିନିମୟର ମାଧ୍ୟମ ହୋଇ ରହିନାହିଁ, ବରଂ ଶାସନ, ନୀତି ଏବଂ ସାମାଜିକ ବିଭାଜନର ପ୍ରକରଣ ପାଲିଟି ଯାଇଛି। ମୁଦ୍ରା ଏବଂ ବ୍ୟାଙ୍କିଙ୍ଗ୍ ପ୍ରଣାଳୀ ଗୋଟିଏ ପଟେ ସମାଜରେ ଆର୍ଥିକ କ୍ରୀୟାକୁ ଗତିଶୀଳ କରୁଥିବା ବେଳେ ଅନ୍ୟପଟେ ଏକ ଗଭୀର ଏବଂ ସ୍ଥାୟୀ ବିଷମତାର ମଞ୍ଜିବୁଣି ଦେଇଛି। ପ୍ରାକ୍‌କାଳର ସ୍ୱର୍ଣ୍ଣମୁଦ୍ରା ଠାରୁ ଆରମ୍ଭ କରି ଏବେର ମୁଦ୍ରା (କାଗଜ ଟଙ୍କା) ଏବଂ ଡିଜିଟାଲ ଟଙ୍କା ପର୍ଯ୍ୟନ୍ତର ଯାତ୍ରା କେବଳ ଟେକ୍‌ନିକ୍ ବିକାଶ ତା' ନୁହେଁ ଏହା ଶାସନ ବା ସତ୍ତା-ସମ୍ପର୍କ ଏବଂ ସାମାଜିକ ନ୍ୟାୟର କଥା କହିଥାଏ। ପ୍ରାକ୍ କାଳରେ ବସ୍ତୁ ବିନିମୟରୁ ଆରମ୍ଭ ହୋଇ ମୁଦ୍ରାର ବିକାଶ ହୋଇଥିଲା। ଯେତେବେଳେ ମୁଦ୍ରା ଧାତୁ ଆଧାରିତ ଥିଲା ବିଶେଷ କରି ସୁନା ବା ରୁପାର ସେତେବେଳେ ତା'ର ଅନ୍ତର୍ନିହିତ ମୂଲ୍ୟଥିଲା। କିନ୍ତୁ ଯେତେବେଳେ କାଗଜ ମୁଦ୍ରା (ଟଙ୍କାର) ବ୍ୟବସାୟ ଆରମ୍ଭ ହେଲା ମୁଦ୍ରାର ବାସ୍ତବିକ ମୂଲ୍ୟ ଏବଂ ତା'ର ସ୍ୱୀକୃତି ରାଷ୍ଟ୍ରର ଗ୍ୟାରେଣ୍ଟି ଉପରେ ନିର୍ଭର କଲା। ଡିଜିଟାଲ ଯୁଗରେ ଏହା ଆହୁରି ଅମୂର୍ତ୍ତ ହୋଇଗଲା ଓ ଏବେ ଏହା କେବଳ ଖାତା ବା ପାସ୍‌ବୁକ୍‌ରେ ଦରଜ କରାଯାଉ ଥିବା ଅଙ୍କ ଭାବେ ରହିଗଲା। ଏହି ଅମୁର୍ତ୍ତତା ମୁଦ୍ରାକୁ ଏକ ରାଜନୈତିକ ଉପକରଣ ଭାବେ ପରିଗଣିତ କରିଦେଲା ଯାହାର ସୃଜନ ଓ ନିୟନ୍ତ୍ରଣ ଶକ୍ତି ସୀମିତ ସଂସ୍ଥା ମାନଙ୍କର ହାତରେ କେନ୍ଦ୍ରୀତ ହୋଇଗଲା।

ଯେତେବେଳେ ରାଷ୍ଟ୍ରବା ଦେଶ ଅଧିକ ମୁଦ୍ରା ଛପାଇଥାଏ ସେତେବେଳେ ମୁଦ୍ରାସ୍ଫୀତି ସୃଷ୍ଟି ହୁଏ ଯେଉଁଥିପାଇଁ ମୁଦ୍ରାର ମୂଲ୍ୟ ହ୍ରାସ ପାଇଥାଏ। କିନ୍ତୁ ଏହି ହ୍ରାସ ସବୁକୁ ପ୍ରଭାବିତ କରିନଥାଏ। ଶ୍ରମିକଙ୍କ ଆୟ ସ୍ଥିର ରହିଥାଏ ପରନ୍ତୁ ସେମାନଙ୍କ ଜୀବନଶୈଳୀ ମହଙ୍ଗା ହୋଇଯାଏ, ପୁଞ୍ଜିପତିଙ୍କ ସମ୍ପତ୍ତିର ମୂଲ୍ୟ ବଢିଯାଏ ଯେପରି ଜମି, ଅଂଶଧନ (ଶେୟାର) ଓ ସୁନା। ଏହି ପ୍ରକାର ମୁଦ୍ରାର ଅମୂର୍ତ୍ତତା ଏବଂ ସୃଜନର ଅସମାନ ପ୍ରଣାଳୀ ଶ୍ରମର ଶୋଷଣ ଏବଂ ସମ୍ପତ୍ତି ଆଧାରିତ ଆୟର ବର୍ଚ୍ଚସ୍ୱ ବୃଦ୍ଧି କରିଥାଏ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଏବଂ ୟୁପିଆଇ ଭଳି ପ୍ରଣାଳୀ ସବୁସୁବିଧା ଜନକ ନିଶ୍ଚୟ ହେଲେ ଏହା ପଛରେ। ଏକ ସର୍ବବ୍ୟାପକ ଦୃଷ୍ଟି ରଖିଥିବା ତନ୍ତ୍ର ମଧ୍ୟ ସକ୍ରିୟ ରହିଛି। ଏହି ତନ୍ତ୍ର ନିମ୍ନ ଏବଂ ମଧ୍ୟମ ବର୍ଗର ଆର୍ଥିକ ବ୍ୟବହାର ଉପରେ ନଜର ରଖିଥାଏ। ଅଙ୍କନ ଏବଂ ମୂଲ୍ୟାଙ୍କନ ସମ୍ଭବ ହୋଇଥାଏ ଯେଉଁଥି ପାଇଁ ସାମାଜିକ ସହାୟତା ଯୋଜନା, କ୍ରେଡିଟ୍ ସ୍କୋର ବା ସାମାଜିକ ସ୍ଥିତିରେ ଭେଦଭାବ ଭଳି ପରିସ୍ଥିତି ଦେଖାଯାଇଥାଏ।

ମୁଦ୍ରା ଏବଂ ବ୍ୟାଙ୍କିଙ୍ଗ୍‌ର ବିକାଶ ଏମିତି ଏକ ସମାଜକୁ ଜନ୍ମ ଦେଇଛୁ ଯେଉଁଠି ବାସ୍ତବିକ ଉତ୍ପାଦନ ଆପେକ୍ଷା ଆର୍ଥୀକ ବ୍ୟାପାର, ଟ୍ରେଡିଙ୍ଗ ଏବଂ ନିବେଶ ଅଧିକ ଲାଭଦାୟକ ହୋଇଯାଇଛି। ଏହା ଫଳରେ ଶ୍ରମିକ ଏବଂ ଉତ୍ପାଦକ ବର୍ଗଙ୍କ ଭୂମିକା ଗୌଣ ହୋଇଯାଇଛି ଏବଂ ବିତ୍ତୀୟ ବର୍ଗ ସାମାଜିକ ଶକ୍ତିର କେନ୍ଦ୍ର ପାଲିଟିଯାଇଛି। ଏହା ଏଭଳି ସଂରଚନା ଯାହା ଆର୍ଥୀକ ଅସମାନତାକୁ ଜନ୍ମ ଦେବା ସହ ଅସମାନତାକୁ ସଂସ୍ଥାଗତ ରୂପ ମଧ୍ୟ ଦେଇଥାଏ। ଯୁକ୍ତି କରାଯାଇପାରେ ଯେ ମୁଦ୍ରା ଏବଂ ବ୍ୟାଙ୍କିଙ୍ଗର ଏହି ରୂପ ବା ବ୍ୟବସ୍ଥା କେବଳ ଆଧୁନିକତାର ସ୍ୱଭାବିକ ପରିମାଣ ଅଟେ। କିନ୍ତୁ ଏହାକୁ ଠିକ୍ ବୋଲି କୁହାଯାଇ ପରିବ ନାହିଁ। ଏହି ସମ୍ପୂର୍ଣ୍ଣ ବ୍ୟବସ୍ଥା ରାଜନିତିକ ଏବଂ ନୀତିଗତ ବିକଳ୍ପ ଦ୍ୱାରା ନିର୍ମିତ କରାଯାଇଛି। ମୁଦ୍ରାର ସୃଜନ ପ୍ରକ୍ରିୟା ଉପର ଲୋକଙ୍କର ନିୟନ୍ତ୍ରଣ ନାହିଁ। ଏ ପ୍ରସଙ୍ଗରେ ଚିନ୍ତା କରାଯିବା ଆବଶ୍ୟକ ଯେ ବ୍ୟାଙ୍କମାନେ ଡିପୋଜିଟ୍ ରଖୁଥିବା ଜମାକରୀଙ୍କୁ ସେମାନଙ୍କ ଫିକ୍ସଡିପୋଜିଟ୍ ଉପରେ ଯେଉଁ ସୁଧ ଦେଉଛନ୍ତି ତା'ର ହାର ମୁଦ୍ରାସ୍ଫୀତିର ହାର ତୁଳନାରେ କେତେ ? ମୁଦ୍ରା ଏବଂ ବ୍ୟାଙ୍କିଙ୍ଗ୍‌ର ଅମୂର୍ତ୍ତ ରୂପ ଆର୍ଥିକ ଗତିବିଧିକୁ ବ୍ୟାପକ ଏବଂ ତୀବ୍ର କରିଥାଏ, ହେଲେ ଅନ୍ୟପକ୍ଷରେ ସମାଜରେ ଆର୍ଥିକ ବିଷମତାକୁ ବୈଧ ଏବଂ ସ୍ଥାୟୀକରି ଦେଇଥାଏ। ଯଦି ଏହାକୁ ରୋକା ନଯାଏ ତେବେ ଭବିଷ୍ୟତରେ ଏମିତି ଅବସ୍ଥା ସୃଷ୍ଟି ହେବ ଯେଉଁଠି ମୁଦ୍ରାର ସୁବିଧା କେବଳ ଗୋଟିଏ ବର୍ଗଙ୍କୁ ମିଳିବ ଏବଂ ଶୋଷଣ ଅନିବାର୍ଯ୍ୟ ହୋଇଯିବ। ମୁଦ୍ରା ଭୌତିକ ହେଉ, ଡିଜିଟାଲ ହେଇ ବା କ୍ରିପ୍ଟୋ ହେଉ ସଂସ୍ଥାନ ଶୂନ୍ୟତାରେ କାମ କରିଥାଏ ନା କିଛି ଖାସ୍ ସଂସ୍ଥାନ ମୁହ ସାମସ୍ୟ ସ୍ଥାପନ କରି କାର୍ଯ୍ୟ କରିଥାଏ ବା ଚାଲିଥାଏ ?

ମୁଦ୍ରା କେବଳ ବିନିମୟର ମାଧ୍ୟମ ନୁହେଁ ଏହା ଏକ ସମାଜିକ ଅନୁବନ୍ଧ, ସାମାଜିକ ଶକ୍ତି ଏବଂ ନ୍ୟାୟ ପ୍ରକ୍ରିୟାର ଅଂଶ ଅଟେ। ଯେତେବେଳ ରାଷ୍ଟ୍ର ବା ବ୍ୟାଙ୍କମୁଦ୍ରାର ନିର୍ମାଣ (ଛପାଇବା) କରିଥାନ୍ତି ସେତେବେଳେ ତାହା କେବଳ ଆର୍ଥୀକ ପ୍ରବାହ ନୁହେଁ ସାମାଜିକ ସମ୍ପର୍କରେ ସଂରଚନା ମଧ୍ୟ ସ୍ଥିର କରିଥାଏ। ଯେଉଁ ସମାଜରେ ମୁଦ୍ରା ହାସଲ କରବା ଆର୍ଥୀକ ସ୍ଥିତି, କ୍ରେଡିଟ୍‌ସ୍କୋର ବା ସମ୍ପତ୍ତି ଉପରେ ନିର୍ଭର କରେ ସେଠି ମୁଦ୍ରା ସମାଜିକ ବିଭାଜନ ପାଇଁ ବାଟ ଖୋଲି ଦେଇଥାଏ ଏବଂ ସାମାଜିକ ନ୍ୟାୟ ବିପର୍ଯ୍ୟସ୍ତ ହୋଇଥାଏ। ମୁଦ୍ରାର ଅର୍ଥ ଶାସ୍ତ୍ରକୁ କେବଳ ଟେକନିକ୍ ବା ମୂଲ୍ୟ ସିଦ୍ଧାନ୍ତ ଦୃଷ୍ଟିରେ ନୁହେଁ ବରଂ ସାମାଜିକ, ରାଜନୈତିକ ଏବଂ ନୈତିକ ଦୃଷ୍ଟିରେ ଦେଖିବା ଉଚିତ୍। ଆମକୁ ଏହି ବ୍ୟାପକ ଦୃଷ୍ଟିକୋଣକୁ ଆପଣେଇବାକୁ ପଡିବ। ଏହା କେବଳ ଯେ ଉପଯୋଗୀତା ନୁହେଁ ବରଂ ସମୟର ଆବଶ୍ୟକତା ବୋଲି କୁହାଯାଇପାରେ।

# ମାନବବାଦ ଓ ଶ୍ରୀଜଗନ୍ନାଥ

ଡା. ରାମପ୍ରସାଦ ରାୟ
କଟକ, ମୋ: ୮୨୬୦୪୦୮୮୩୬

ସୃଷ୍ଟିର ମଣିଷ ଜୀବନ ଦୁର୍ଲ୍ଲଭ। ମଣିଷ ସମାଜ ଓ ବ୍ୟକ୍ତିର ମଙ୍ଗଳ ପାଇଁ ପ୍ରତୀମାପୂଜା, ଧର୍ମାନୁଷ୍ଠାନ ଗଠନ ଏବଂ ଶ୍ରୀଜଗନ୍ନାଥଙ୍କ ଆରାଧନା। ଶ୍ରୀଜଗନ୍ନାଥଙ୍କ ଆରାଧନା ମୂଳରେ ମନୁଷ୍ୟର କଲ୍ୟାଣ ସାଧନ ମୂଳ ଲକ୍ଷ୍ୟ। ମଣିଷ ହିଁ ମଣିଷର ମୁଖ୍ୟ ଅଧ୍ୟୟନ ବସ୍ତୁ। ନାରୀ ଓ ପୁରୁଷ ସୃଷ୍ଟିର ମୂଳ। ତହୁଁ ନର, ନାରୀ ସମ୍ପର୍କ ମଧ୍ୟ ଗଭୀର ହେବାକୁ ବାଧ। ଏହା ଶ୍ରଦ୍ଧା, ସାମାଜିକତା ଆକର୍ଷଣ ମଧ୍ୟରେ ପରିସ୍ଫୁଟ। ଏହା କେବଳ ଦେହ ସମ୍ପର୍କୀୟ ଏକ ସ୍ଥୂଳ ବ୍ୟବସ୍ଥା ନୁହେଁ। ମାତ୍ର ନାରୀ ଓ ନର ପ୍ରତି ଆକର୍ଷଣ ମୂଳରେ କାମ ନିଶ୍ଚୟ ଅଛି। ଏହି କାମ ଉପରକୁ ମନକୁ ଓ ସମାଜକୁ ନେବାରେ ପ୍ରତିମାପୂଜା ଏକ ପ୍ରଧାନ ଉପାୟ ବା କୌଶଳ। ମଣିଷ ମନକୁ ମହତ୍ତର କରିବା ପ୍ରତିମାପୂଜା ଶିକ୍ଷା ଦିଏ। ପ୍ରତିମାପୂଜା ବିବର୍ତ୍ତନ ଇତିହାସ ସହ ମଣିଷ ମନର ଉତ୍କର୍ଷ ଗଭୀର ଭାବରେ ସମ୍ବନ୍ଧଶୀଳ। ତନ୍ତ୍ର, ଶକ୍ତି ଉପାସନା ବା ମାତୃପୂଜାରେ ଏହି ସୃଷ୍ଟି ତତ୍ତ୍ୱ ନିବିଡ଼ ଭାବରେ ସଂପୃକ୍ତ। ମାଆ ହେଉଛି ଜନ୍ମଦାତ୍ରୀ ଏବଂ ମଣିଷ ଜୀବନର ମୂଳଦୁଆ। ତହୁଁ ମାତୃପୂଜା ଆଦି ଭାରତୀୟ ଧର୍ମ ଧାରଣାର ଏକ ଅଙ୍ଗ ବେଦପୂର୍ବରୁ ବୋଲି ସୁବିଦିତ। ଦାମ୍ପତ୍ୟ ଜୀବନକୁ ମଧୁର କରିବା ପ୍ରତିମା ପୂଜା ବା ବହୁ ଧର୍ମ ଧାରାର ମୂଳ ଉଦ୍ଦେଶ୍ୟ। ତହୁଁ ପ୍ରତିମା ପୂଜା ବା ଧର୍ମାନୁଷ୍ଠାନରେ ମଣିଷକୁ ତ୍ୟାଗକରି କୌଣସି ଅବାସ୍ତବ ଆଦର୍ଶ ଅଭିମୁଖୀ ନୁହେଁ।

ମଣିଷର ବ୍ୟକ୍ତିଗତ ଓ ସାମାଜିକ କଲ୍ୟାଣ ସାଧନ ପାଇଁ ଶ୍ରୀଜଗନ୍ନାଥଙ୍କ ପୂଜା, ପର୍ବ-ପର୍ବାଣୀ ଏବଂ ଅର୍ଚ୍ଚନା, ଆରାଧନା। ଏହି ମାନବ ବାଦ ରୁକ୍ଷ ଜଡ଼ବାଦୀ ମାନବବାଦ ଠାରୁ ପୃଥକ ଓ ସ୍ୱତନ୍ତ୍ର। ଚେତନଶୂନ୍ୟ ଜଡ଼ରୁ ଜଡ଼ ସିନା ସୃଷ୍ଟି ହୋଇପାରେ, ମାତ୍ର ଚେତନ ଜଡ଼ ମଧ୍ୟରୁ କିପରି ଆସେ ? ଶ୍ରୀଜଗନ୍ନାଥ ଜଡ଼ ଦେବତା ନୁହନ୍ତି। ସେ ଏକ ମହାଚେତନ ଶକ୍ତିର ପରିପ୍ରକାଶ ଓ ପ୍ରତୀକ।

ଶ୍ରୀଜଗନ୍ନାଥଙ୍କୁ କେବଳ ଧାର୍ମିକ ଦୃଷ୍ଟିରେ ଦେଖିଲେ ସମ୍ୟକ ଦର୍ଶନ ହେବନାହିଁ। ସେ ଓଡ଼ିଶା ଓ ଭାରତ ଇତିହାସ ଓ ଲୋକମାନଙ୍କ ଜୀବନ ସହ ସଂପୃକ୍ତ। ଓଡ଼ିଶାର ସାଧାରଣ ଜୀବନକୁ ଦୁଇଟି ଶକ୍ତି ବିଶେଷ ପ୍ରଭାବ ପକାଇଛି। ଏକ ହେଲା ଶ୍ରୀଜଗନ୍ନାଥ ଦାଶଙ୍କ ଓଡ଼ିଆ ଏକାଦଶ ସ୍କନ୍ଦ ଭାଗବତ। ଦ୍ୱିତୀୟଟି ହେଲା ଶ୍ରୀଜଗନ୍ନାଥ ଅନୁଷ୍ଠାନ। ଓଡ଼ିଆ ଭାଗବତ ରଚନା ପୂର୍ବରୁ ଶ୍ରୀଜଗନ୍ନାଥ ପ୍ରତିଷ୍ଠିତ ଓ ତାଙ୍କ ମହିମା ସଚାଳିତ। ହିନ୍ଦୀ ସାହିତ୍ୟରେ ତୁଳସୀ ଦାଶ ଶ୍ରୀରାଚରିତ ମାନସ ଭଳି ଓଡ଼ିଆରେ ଭାଗବତ। ସଂସ୍କୃତ ଲୋକେ ବୁଝି ପାରିବେ ନାହିଁ ବୋଲି ଶ୍ରୀଜଗନ୍ନାଥ ଦାଶ ଓଡ଼ିଆ ଜାତୀୟ ଜୀବନରେ ଅକ୍ଷୟ ଉପକାର ସାଧନ କରିଯାଇଅଛନ୍ତି। ଶ୍ରୀଜଗନ୍ନାଥ ଏକମାତ୍ର ଦେବତା ସେ ଓଡ଼ିଶାର ଗ୍ରାମେ ଗ୍ରାମେ ପରିଚିତ। ଆର୍ଯ୍ୟମାନଙ୍କ ଧର୍ମ ଧାରାରେ ପ୍ରତିମା ପୂଜା ନାହିଁ। ଆର୍ଯ୍ୟମାନେ ହୋମ ଓ ନିରାକାର ବ୍ରହ୍ମଙ୍କୁ ପ୍ରାର୍ଥନା କରନ୍ତି। ଆର୍ଯ୍ୟ ମାନଙ୍କ ଚଳଣିରେ ଜାତି ଭେଦ ନାହିଁ। ଏବେ ବି ଦିଲ୍ଲୀ ଆର୍ଯ୍ୟ ସମାଜରେ ନିର୍ଦ୍ଦିଷ୍ଟ ବ୍ରାହ୍ମଣ ବା ପୁରୋହିତ ନାହାନ୍ତି। ଧର୍ମସଭା ଓ ହୋମ ସମୟରେ ଜଣେ ପୁରୋଧା ବା ପୁରୋହିତ କାର୍ଯ୍ୟ ସମ୍ପାଦନ କରନ୍ତି।

ବିଶ୍ୱର ସବୁ ଧର୍ମ ସଂସ୍କୃତିର ମୂଳପିଣ୍ଡ ଶ୍ରୀଜଗନ୍ନାଥ ହେଉଛନ୍ତି ଏକ ଗଣଦେବତା। ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ଏକ ଗଣ ସଂସ୍କୃତିରେ ପରିଚିତ ହେବା ସ୍ୱାଭାବିକ। ଓଡ଼ିଶାର ଧର୍ମ, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପ୍ରବାହ ସର୍ବଜନସ୍ୱୀକୃତ। ଓଡ଼ିଶାର ଶ୍ରୀକ୍ଷେତ୍ରର ଶ୍ରୀଜଗନ୍ନାଥ ଜାତୀୟ ଓ ଆନ୍ତର୍ଜାତୀୟ ସଂହତିର ପ୍ରତୀକ ଅଟନ୍ତି। ସର୍ବୋପରି ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଶାର ଜାତୀୟ ଜୀବନର ପ୍ରତୀକ। ସେ ହିଁ ଏକମାତ୍ର ସେବ୍ୟ ଅନ୍ୟ ସମସ୍ତେ ସେବକ। ସେ ମନୁଷ୍ୟ ଠାରୁ ଆରମ୍ଭ କରି କୀଟ ପତଙ୍ଗ ସଚରାଚର ସମସ୍ତଙ୍କର ନାଥ ସେ ଅଦ୍ୱିତୀୟ।

# ସମର୍ପିତ ସାମ୍ୟବାଦୀ ବିଶ୍ୱନାଥ ସାହୁ

ଭଗବାନ ସାହୁ
ଗାନ୍ଧୀନଗର, ବ୍ରହ୍ମପୁର
ମୋ: ୯୩୩୮୨୮୩୩୯୧

ଆଜକୁ ଶହେ ବର୍ଷ ତଳେ ଉଣେଇଶହ ପଚିଶ ମସିହା ଜୁଲାଇ ମାସ ବାର ତାରିଖ ଦିନ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ନଗର ଉପକଣ୍ଠ ବଡ଼କୁଶସ୍ଥଳୀ ଗ୍ରାମରେ ପିତା ଗୋପିନାଥ ସାହୁ ଓ ମାତା ଇନ୍ଦୁମତିଙ୍କ ଗର୍ଭରୁ ବିଶ୍ୱନାଥ ସାହୁଙ୍କ ଜନ୍ମ। ଗାଁରେ ପ୍ରାଥମିକ ଶିକ୍ଷା ସମାପ୍ତ ପରେ ପୁରୁଷୋତ୍ତମପୁର ନରସିଂହ ଦାଶ ହାଇସ୍କୁଲରେ ଛାତ୍ର ଥିବାବେଳେ ୧୯୪୩ ମସିହା ବଙ୍ଗଳା ଦୁର୍ଭିକ୍ଷରେ ଖାଦ୍ୟାଭାବରେ ପ୍ରପୀଡିତ ଲୋକେ ଏବଂ ବର୍ମାରେ ଦାଦନ ଖଟିବାକୁ ଯାଇଥିବା ଓଡ଼ିଆ ଲୋକେ ଦ୍ୱିତୀୟ ବିଶ୍ୱ ମହାଯୁଦ୍ଧ ଯୋଗୁଁ ଜୀବନ ରକ୍ଷାଲାଗି ପାଦରେ ଚାଲି ଚାଲି ଓଡ଼ିଶା ଫେରିଲେ। ଏହି ଲୋକମାନେ ଭୋକରେ ଡ଼ହଳବିକଳ ହେଉଥାନ୍ତି। ସେତେବେଳେ ଯୁଦ୍ଧ ସମୟ। ପାଖରେ ଖାଦ୍ୟ କିଣିବା ପାଇଁ ଅର୍ଥ ନଥାଏ। ତାହା ମଧ୍ୟ ଚଢ଼ା ଦାମ। ଖାଇବାକୁ ନପାଇ ଲୋକେ ରାସ୍ତା କଡ଼ରେ ପୋକମାଛି ପରି ମରୁଥାନ୍ତି। ବାଳକ ବିଶ୍ୱନାଥ ସାହୁ ସହପାଠୀ ଛାତ୍ରଙ୍କୁ ନେଇ ଦୁର୍ଭିକ୍ଷ ପ୍ରପୀଡିତ ପିଲା ଓ ଲୋକଙ୍କୁ କିଛି କିଛି ଖାଦ୍ୟ ଯୋଗାଇଥିଲେ। ଏହି ପରିସ୍ଥିତି ତାହାଙ୍କ ମନରେ ବ୍ରିଟିଶ ସରକାର ବିରୋଧୀ ଦାବାନଳ ବଢାଇ ଦେଇଥିଲା। ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନାତି ଶିକ୍ଷାବିତ୍ ସତ୍ୟବାଦୀ ମିଶ୍ରଙ୍କ ପ୍ରେରଣାରେ ସେ ଅଖିଳ ଭାରତ ଛାତ୍ର ସଂଘରେ ଯୋଗ ଦିଅନ୍ତି ଏବଂ ବ୍ରହ୍ମପୁର ଠାରେ ଜିଲ୍ଲା ଛାତ୍ର ସମ୍ମିଳନୀରେ ଛାତ୍ର ସଂଘର ଜିଲ୍ଲା ସହ-ସମ୍ପାଦକ ଓ ପରେ ଏହାର ସମ୍ପାଦକ ହେଲେ। ୧୯୪୬ ମସିହାରେ ଖଲ୍ଲିକୋଟ କଲେଜର ଛାତ୍ରଥିବା ବେଳେ ସହଯୋଗୀ ଦ୍ୟୁତିକୃଷ୍ଣ ପଣ୍ଡା, ହରିବନ୍ଧୁ ବେହେରା, ନରସିଂହ ପଣ୍ଡାଙ୍କ ସହିତ ମିଶି କଲେଜ କୋଠାରେ ଉଡୁଥିବା ବ୍ରିଟିଶ ପତାକା ୟୁନିୟନ ଜ୍ୟାକ୍‌କୁ ଚିରି ଫୋପାଡି ଦେଇଥିଲେ ଏବଂ ପୋଲିସ ଲାଠିମାଡ଼ରେ ମୁଣ୍ଡ ଫାଟି ରକ୍ତାକ୍ତ ହୋଇଥିଲେ। ୧୯୪୬ ମସିହା ଜୁନ ଦୁଇ ତାରିଖରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେଇ ଖଲିକୋଟ କଲେଜରେ ପାର୍ଟିର ଶାଖା ଗଠନ କରିବାରେ ସକ୍ଷମ ହୋଇଥିଲେ ଏବଂ ୧୯୪୮ ମସିହାରେ ମୁସ୍ତାଦାରୀ ଓ ଜମିଦାରୀ ପ୍ରଥାର ବିଲୋପଲାଗି କୃଷକ ଆନ୍ଦୋଳନ ଉପରେ ତାକରଡା ଠାରେ ପୋଲିସର ଗୁଳି ଚାଳନା ଯୋଗୁଁ ହେମ ସମେତ ଛଅ ଜଣ ଶହୀଦ ହୋଇଥିଲେ ଏବଂ ବ୍ୟାପକ ଗିରଫଦାରୀକୁ ଏଡ଼ାଇବା ପାଇଁ ଅଜ୍ଞାତବାସରେ ରହିଥିବା ନେତୃସ୍ଥାନୀୟଙ୍କ ମଧ୍ୟରେ ଯୋଗାଯୋଗ ରକ୍ଷାକରି କୃଷକ ଆନ୍ଦୋଳନକୁ ତେଜିଆନ କରୁଥିବା ବେଳେ ପୋଲିସ ଦ୍ୱାରା ୧୯୪୯ ମସିହାରେ ଗିରଫ ହୋଇ, କମ୍ୟୁନିଷ୍ଟ ଦଳ ଉପରୁ ବେଆଇନ କଟକଣା ଉଠାଇ ଦିଆଯିବା ପର୍ଯ୍ୟନ୍ତ କାରାଗାରରେ ରହି ସେ ୧୯୫୨ ମସିହାରେ ବ୍ରହ୍ମପୁର ଜେଲରୁ ତିନିବର୍ଷ ଚାରିମାସ ପରେ ମୁକ୍ତ ହୋଇଥିଲେ। ପାର୍ଟିର ନିର୍ଦ୍ଦେଶରେ ଭାଗଚାଷୀ ମାନଙ୍କୁ ସଂଗଠିତ କରି ଆନ୍ଦୋଳନ କରିବାରେ ବ୍ରତୀ ହୋଇଥିଲେ। ସେ ଜିଲ୍ଲା କୃଷକ ସଭାର ଦାୟିତ୍ୱରେ ରହି ଭାଗଚାଷୀଙ୍କୁ ଜମିର ସତ୍ତ୍ୱ ପ୍ରଦାନ, ଖଜଣା ଧାର୍ଯ୍ୟ, ଭାଗଚାଷ ପ୍ରଥାକୁ ବିଲୋପ, ବେଠି ପ୍ରଥାର ଉଚ୍ଛେଦ ଆଦି ଦାବି ଲାଗି କାର୍ଯ୍ୟ କରିଥିଲେ। କମ୍ୟୁନିଷ୍ଟ ପାର୍ଟି ଓ କୃଷକ ସଭାର ଆନ୍ଦୋଳନ ଫଳରେ ମୁସ୍ତାଦାରୀ ଓ ଜମିଦାରୀ ପ୍ରଥା ଲୋପ ହୋଇଥିଲା ଏବଂ ଭୂସଂସ୍କାର ଆଇନ ପ୍ରବର୍ତ୍ତନ ହୋଇ ଚାଷୀମାନେ ଜମିର ମାଲିକ ହୋଇପାରିଲେ, ଭାଗଚାଷୀ ମାନେ ବେଠି ନ ଖଟି ମଜୁରି ପାଇଲେ। ୧୯୭୭ରୁ ୧୯୮୧ ଓ ୧୯୮୧ରୁ ୧୯୮୫ ନିର୍ବାଚନରେ ଦଳପକ୍ଷରୁ ଛତ୍ରପୁର ବିଧାୟକ ଥିଲା ବେଳେ ଭୂସଂସ୍କାର ଆଇନକୁ ବିଧାନସଭାରେ ଗୃହୀତ କରାଇନେବା ପାଇଁ ସହଯୋଗୀ ଦଳଙ୍କ ସହ ଯୋଗସୂତ୍ର ରଖି ସମର୍ଥନ ହାସଲ କରିବା ଫଳରେ ତାହା ଗୃହୀତ ହୋଇପାରିଥିଲା। ସେ ଆଡ୍‌ଭୋକେଟ ନଥିଲେ କିନ୍ତୁ ଓକିଲାତିରେ ନୂଆଁରେ ପ୍ରବେଶ କରୁଥିବା ଆଡ୍‌ଭୋକେଟ ମାନେ ପ୍ରଥମାବସ୍ଥାରେ ଆର୍ଥିକ ଦୁଃର୍ଦ୍ଦଶା ଭୋଗ କରୁଥିବା ଅନୁଭବକରି ସେମାନଙ୍କ ମଙ୍ଗଳ ପାଇଁ ବିଧି ବ୍ୟବସ୍ଥା ଓ ଷ୍ଟାଇପେଣ୍ଡ ଦେବାଲାଗି ବିଧାନସଭାରେ ୧୯୮୧ ମସିହାରେ ଏକ ବେସରକାରୀ ବିଲ "ଆଡ୍‌ଭୋକେଟ୍‌ସ ୱେଲଫର ଫଣ୍ଡ ବିଲ ୧୯୮୧" ଆଗତ କରିଥିଲେ। ଏହାକୁ ସରକାର ଗ୍ରହଣ କରିନଥିଲେ, କିନ୍ତୁ ପରେ ସରକାର ନିଜ ପକ୍ଷରୁ ଏହି ଆଇନ ଗୃହୀତ କରାଇ ନେଇଥିଲେ। ଏବେ ମଧ୍ୟ ନୂଆଁକରି ପ୍ରବେଶ କରୁଥିବା ଆଡ଼ଭୋକେଟ ମାନଙ୍କୁ ଷ୍ଟାଇପେଣ୍ଡ ଦେବା ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରିନାହିଁ। ସେ ୧୯୫୮ ମସିହାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଗଞ୍ଜାମ ଜିଲ୍ଲା ସମ୍ପାଦକ ଭାବେ ନିର୍ବାଚିତ ହୋଇ ଦୀର୍ଘ ୨୪ବର୍ଷ ଏହି ପଦବୀରେ କାର୍ଯ୍ୟ କରିଥିଲେ ଏବଂ ଏହି ସମୟରେ ଦଳର ସଂଗଠନକୁ ଗାଁ ଗହଳରେ ଏପରି ପ୍ରସାରିତ କରିପାରି ଲୋକଙ୍କ ବିଶ୍ୱାସ ଭାଜନ ହୋଇପାରିଥିଲେ ଯେ ଗଞ୍ଜାମ ଜିଲ୍ଲାକୁ 'କମ୍ୟୁନିଷ୍ଟ ଦୁର୍ଗ' ଭାବେ ପରିଗଣିତ କରାଯାଉଥିଲା। ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଓଡ଼ିଶା ବିଧାନସଭାର ୧୧ଟି ନିର୍ବାଚନ ମଧ୍ୟରୁ ୮ଟି ନିର୍ବାଚନରେ ଦଳର ପ୍ରାର୍ଥୀ ବିଜୟ ହାସଲ କରି ଦଳକୁ ଗୌରବାନ୍ୱିତ କରିପାରିଥିଲେ। ସ୍ୱାଧୀନତା ପୂର୍ବରୁ ସ୍ୱାଧୀନତା ଆନ୍ଦୋଳନ ସହିତ ଗଡଜାତ ଅଞ୍ଚଳର କୃଷକ ଆନ୍ଦୋଳନରେ ଯୋଗ ଦେଇଥିବା ତା'ଙ୍କ ଜୀବନର ଅବିସ୍ମରଣୀୟ ସ୍ମରକୀ ବୋଲି ସେ ବହୁବାର କରି ଆସୁଥିଲେ। ୧୯୬୯ ମସିହାରେ ପାର୍ଟିର ଡାକରାରେ ଘରୋଇ ବ୍ୟାଙ୍କ ଗୁଡ଼ିକୁ ଜାତୀୟ କରଣ କରିବା ଦାବି ନେଇ ଆନ୍ଦୋଳନରେ ଭାଗ ନେଇ ଭାରତୀୟ ଅଟକ ଆଇନ ବଳରେ ୯ଦିନ କାରାବରଣ କରିଥିଲେ। ଶିକ୍ଷାକୁ ପ୍ରାଥମିକତା ଦେଇ ଭାଗଚାଷୀମାନଙ୍କ ପିଲାମାନେ ଦୂରଦୂରାନ୍ତ ଯାଇ ପାଠପଢିବା ସମ୍ଭବ ନୁହେଁ ବୋଲି ବିଚାର କରି ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲ୍ଲା ପୁରୀ, ଗଞ୍ଜାମ, ଗଜପତି, କୋରାପୁଟର ବିଭିନ୍ନ ସ୍ଥାନରେ ୨୦ରୁ ଊର୍ଦ୍ଧ୍ୱ ହାଇସ୍କୁଲ, ବହୁ ମାଇନର ସ୍କୁଲ ଓ ଦୁଇଟି କଲେଜ ଓ ପୁରୁଷୋତ୍ତମପୁର ଠାରେ ହିନ୍ଦୀ ଓ ସଂସ୍କୃତ ବିଦ୍ୟାଳୟ ସ୍ଥାପନ କରିପାରିଥିଲେ। ବଡକୁଶସ୍ଥଳୀ ଗ୍ରାମ ପଞ୍ଚାୟତକୁ ଦୁଇଥର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ଏହାକୁ ରାଜ୍ୟର ଶ୍ରେଷ୍ଠ ପଞ୍ଚାୟତର ମାନ୍ୟତା ହାସଲ କରିବାରେ ସକ୍ଷମ ହୋଇ ପାରିଥିଲେ। ନିର୍ବାଚନ ହିସାବ ରାଜ୍ୟ ନିର୍ବାଚନ କମିଶନଙ୍କୁ ଦେବାବେଳେ ଏହାର ହିସାବ ସର୍ବନିମ୍ନ ଥିବା ଦେଖି ଅଫିସରମାନେ ବ୍ୟୟ ବଢାଇ ଦର୍ଶାଇବାକୁ କହିବାରୁ ତା'ର ଉତ୍ତରରେ ସେ କହିଥିଲେ ଯେ ଯାହା ବ୍ୟୟ ହୋଇଛି, ତା'ର ସଠିକ ହିସାବ ଦିଆଯାଇଛି ଏବଂ ତାହାକୁ ବଢାଇବାର ପ୍ରଶ୍ନ ଉଠୁନାହିଁ ଏବଂ ଲୋକଙ୍କ ଠାରୁ ସଂଗୃହିତ ନିର୍ବାଚନ ପାଣ୍ଠିର ବଳକା ଅର୍ଥ ହିସାବ ସହ ରାଜ୍ୟ ପାର୍ଟିଅଫିସରେ ଦାଖଲ କରିଥିଲେ। ଏଥି ପୂର୍ବରୁ ବିଧାୟକ ଓ ସାଂସଦ ଲକ୍ଷ୍ମଣ ମହାପାତ୍ର ବଳକା ପାଣ୍ଠିକୁ ପାର୍ଟିକୁ ହସ୍ତାନ୍ତର କରିଥିବା ଦୃଷ୍ଟାନ୍ତ ରହିଛି। ସେ ଗଞ୍ଜାମ ଜିଲ୍ଲାର ପାର୍ଟି ସମ୍ପାଦକ ଓ କୃଷକ ସଭାରେ କାର୍ଯ୍ୟ କରିବା ମଧ୍ୟରେ ଦଳୀୟ କର୍ମୀ ଓ ସାଧାରଣ ଲୋକଙ୍କ ସହ ଏପରି ସୁସଂପର୍କ ପ୍ରତିଷ୍ଠା କରିପାରିଥିଲେ ଓ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଜିଣିପାରିଥିଲେ ଯେ ୧୯୬୪ ମସିହାରେ କମ୍ୟୁନିଷ୍ଟ ପାର୍ଟିର ବିଭାଜନ ବେଳେ ଏବଂ ୧୯୬୯ ମସିହା ନକ୍ସଲବାଡ ଉଦ୍‌ବେଳନ ବେଳେ ଦଳର କୌଣସି ନେତା ବା କର୍ମୀ ଦଳ ପରିତ୍ୟାଗ କରିନଥିଲେ। ଶେଷ ଜୀବନ ପର୍ଯ୍ୟନ୍ତ ସାମ୍ୟବାଦୀ ଆଦର୍ଶରେ ଅନୁପ୍ରାଣିତ ଓ କାର୍ଯ୍ୟରତ କୃଷକ ସାଥୀ ବିଶ୍ୱାନାଥ ସାହୁଙ୍କ ଦେହାନ୍ତ ୯୧ବର୍ଷ ବୟସରେ ୨୦୧୬ ମସିହା ମାର୍ଚ୍ଚ ମାସ ୧୮ ତାରିଖରେ ହୋଇଗଲା।

# ମିଛ କହିବା ମାନବିକତାର ହତ୍ୟା



କିଶୋର ଚନ୍ଦ୍ର ବେହେରା
ନନ୍ଦପୁର, କୋରାପୁଟ
ମୋ: ୯୪୩୭୯୫୫୫୬୮

ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟକ ଓ ଗୀତିକାର ରାମକୃଷ୍ଣ ନନ୍ଦଙ୍କ ରଚିତ ଆହେ ଦୟାମୟ ବିଶ୍ୱ ବିହାରୀ ଓଡ଼ିଶାର ବହୁ ବିଦ୍ୟାଳୟରେ ପ୍ରାର୍ଥନା ଭାବରେ ଗାନ କରାଯାଏ-'ସତ କହିବାକୁ କିଆଁ ଡ଼ରିବି, ସତ କହି ପଛେ ମଲେ ମରିବି', 'ମୋତେ ଏତିକି ଶିଖାଅ ସାଇଁ ହେ, ମୋର ଧନଜନ ଲୋଡ଼ା ନାହିଁ ହେ' ପ୍ରାର୍ଥନାଟିକୁ ଛାତ୍ରଛାତ୍ରୀମାନେ ବୋଲି ସାରିବା ପରେ ପାଠପଢା ଆରମ୍ଭ ହୁଏ। ପ୍ରାର୍ଥନାଟିକୁ ବୋଲିବାର ଉଦ୍ଦେଶ୍ୟ, ଛାତ୍ରଛାତ୍ରୀମାନେ ଯେପରି ସତ୍‌ମାର୍ଗକୁ ଅନୁସରଣ କରି, ମିଥ୍ୟାକୁ ପରିତ୍ୟାଗ କରି ଲୋଭର ବଶବର୍ତ୍ତୀ ନହୋଇ ପାଠପଢା ପ୍ରତି ମନୋନିବେଶ କରି ଜଣେ ଜଣେ ମେଧାବୀ ଛାତ୍ରଛାତ୍ରୀ ଭାବେ ବିଦ୍ୟାଳୟ, ଶିକ୍ଷକ, ସମାଜ ଓ ପିତାମାତାଙ୍କ ନାମ ଟେକ ରଖିବେ। ଅବଶ୍ୟ ବିଦ୍ୟାଳୟମାନଙ୍କରେ ସେ ପ୍ରାର୍ଥନା ବୋଲଯାଉଛି କି ନାହିଁ ତାହା ତ ଦୂରର କଥା କିନ୍ତୁ ସତ ବଦଳରେ ମିଛ ଉପରେ ବେଶି ଗୁରୁତ୍ୱ ଦିଆଯାଉଛି। ଲୋକେ ସତ କହିବାକୁ ଯେତିକି ଘୃଣା କରନ୍ତି, ମିଛ କହି ସେତିକି ଆନନ୍ଦ ପାଇଥାନ୍ତି। ହେଲେ ଏହି ମିଛ ପାଇଁ ବେଳେ ବେଳେ ବହୁ ମୂଲ୍ୟ ଦେବାକୁ ପଡ଼ିଥାଏ। ମିଛ କହିବା ମହାପାପ ବୋଲି ପିଲାଟିବେଳୁ ଗୁରୁଜନମାନେ ଆମକୁ ନୀତି ବଚନ ଶୁଣାଇ ଆସିଛନ୍ତି। ତା'ର ପ୍ରତିଫଳନ କ'ଣ ଆମ ଜୀବନରେ ପଡ଼ିଛି ? ଏହାର ଯଥେଷ୍ଟ ପ୍ରମାଣ ଆମ ପୁରାଣମାନଙ୍କରେ ହିଁ ମିଳିବ। ଏଥିପାଇଁ କେତେ ପୌରାଣିକ ଚରିତ୍ରମାନଙ୍କରେ କଳଙ୍କ ଲାଗିଛି। ମିଛର ନିଆଁରେ ପୋଡ଼ିଯାଇଛି କେତେକେତେ ସୁନ୍ଦର ଦାମ୍ପତ୍ୟଜୀବନ। ମିଛର ସୁଡ଼ଙ୍ଗ ଦେଇ ଗର୍ଜି ଉଠିଛି କେତେ ବଜ୍ରବାଣ, ଧ୍ୱଂସ ପାଇଛି କେତେ ରାଜପରିବାର, ଇତିହାସ ତା'ର ମୂକସାକ୍ଷୀ। ହେଲେ ମିଥ୍ୟା ପାଇଁ କ୍ଷମା ନାହିଁ। ମହାନ ଗ୍ରନ୍ଥ ରାମାୟଣ ଓ ମହାଭାରତରେ କିପରି ମିଥ୍ୟା ଜୀବନ ବିନାଶ କରେ, ପରିବାରକୁ ଛାରଖାର କରିଦିଏ, ଏହି କଥାଟି ପ୍ରାଞ୍ଜଳ ଭାବରେ ସ୍ଥାନିତ ହୋଇଛି- ଯେଉଁଥିରେ ଜନସଚେତନତା ସୃଷ୍ଟି କରାଯାଇଛି। କୁହାଯାଇଛି ମିଥ୍ୟାର ପଥ କଣ୍ଟକିତ ଓ ଘନ ଅନ୍ଧକାର ଆଉ ସତ୍ୟର ପଥ ଆଲୋକିତ ଓ ସୁଗମ। ମିଛର ନିଆଁ ମୁଣ୍ଡାଟାକୁ ଅଣ୍ଟିରେ ରଖିଲେ ସେ ଯେ କେତେବେଳେ ଜୀବନ ନେଇ ଯାଇପାରେ ଏକଥା କେହି ହେଲେ ଭାବନ୍ତି ନାହିଁ। ଯେହେତୁ ମଣିଷ ହେଉଛି ସାମାଜିକ ପ୍ରାଣୀ, ଅନେକ ଥର ସେ ନିଜ ନିଜ ଅନୁସାରେ ଜିନିଷକୁ ବିକୃତ କରଦିଏ। ଏପରି ଆମ୍ଭମାନଙ୍କର ପ୍ରକୃତି ହେଉଛି ମିଛ କହିବା ଏବଂ ସତ କହିବା। ମିଛ କହିବା ସମୟରେ ଶରୀରରେ କିଛି ପରିବର୍ତ୍ତନ ଘଟେ, ଯେଉଁଥିପାଇଁ ଜାଣିପାରିବା ଯେ ଅନ୍ୟ ଜଣକ ମିଛ କହୁଛନ୍ତି।

ଏହା ବ୍ୟତୀତ, ଯେତେବେଳେ ଆପଣ ମିଛ କହୁନ୍ତି, ଆପଣଙ୍କର ଆଖିପତା ମଧ୍ୟ ଶୀଘ୍ର ପଡ଼ିଥାଏ। ମିଛ କହିବା ସମୟରେ, ବ୍ୟକ୍ତି ମିଛକୁ ସତ୍ୟ ପ୍ରମାଣ କରିବାକୁ ଯାଇ ଅତ୍ୟଧିକ କଥା କହିବା ଆରମ୍ଭ କରେ ଏବଂ ଆଖି ଯୋଗାଯୋଗରୁ ଦୂରେଇ ଯାଏ। କେବଳ ଏତିକି ନୁହେଁ, ସେ ମୁହଁ ଏବଂ ନାକକୁ ମଧ୍ୟ ସାମ୍ନା ଲୋକ ଠାରୁ ଦୂରେଇ ରଖିବା ପାଇଁ ଚେଷ୍ଟା କରନ୍ତି। ଏପରି ପରିସ୍ଥିତିରେ, ଅନ୍ୟ ଜଣକ ମିଛ କହୁଥିବାର ଦେଖିବାକୁ ମିଳିଥାଏ। ବିଜ୍ଞାନ କୁହେ ଯେ ଯେତେବେଳେ ଆମେ ମିଛ କହିଥାଉ, ନାକ ଚାରିପାଖରେ ଥିବା ମାଂସପେଶୀର ତାପମାତ୍ରା ଏବଂ ଆଖିର ଭିତର କୋଣରେ ଯଥେଷ୍ଟ ବୃଦ୍ଧି ପାଇଥାଏ। ବୈଜ୍ଞାନିକମାନଙ୍କ ଅଧ୍ୟୟନ ଅନୁଯାୟୀ, ମାନସିକ କାର୍ଯ୍ୟ କରୁଥିବା ଲୋକଙ୍କ ମୁହଁର ତାପମାତ୍ରା ହ୍ରାସ ପାଇଥିବାର ଦେଖାଯାଇଛି। ଯେଉଁଠାରେ ଲୋକମାନେ ଅଧିକ ଚିନ୍ତା ଅନୁଭବ କରନ୍ତି, ସେମାନଙ୍କର ମୁଖର ତାପମାତ୍ରା ବଢ଼ିଥାଏ। ଶରୀରର ଏକ ଅଙ୍ଗ ଅଛି ଯାହା ମିଛ କହିବା ସମୟରେ ଗରମ ହୋଇଯାଏ। ସ୍ପେନର ଗ୍ରେନାଡା ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗ ବିଦ୍ୟାର୍ଥୀ ଅନୁସନ୍ଧାନକାରୀମାନେ ପରୀକ୍ଷଣରେ ଲୋକଙ୍କ ମୁଖର ତାପମାତ୍ରା ଅଧ୍ୟୟନ ପାଇଁ ଥର୍ମୋଗ୍ରାଫି ବ୍ୟବହାର କରିଥିଲେ। ଏହା ଅନୁଯାୟୀ, ପିନୋକିଓ ପ୍ରଭାବରେ, ଆପଣଙ୍କର ନାକ କହିପାରେ ଯେ ଆପଣ ମିଛ କହୁଛନ୍ତି। ସାଇନ୍ସ ଡେଲି ୱେବସାଇଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଯେତେବେଳେ ଜଣେ ବ୍ୟକ୍ତି ମିଛ କହନ୍ତି, ସେତେବେଳେ ସେ "ପିନୋକିଓ ଇଫେକ୍ଟ" ଅନୁଭବ କରନ୍ତି। ପିନୋକିଓ ପ୍ରଭାବ ହେତୁ ନାକ ଚାରିପାଖରେ ଥିବା ମାଂସପେଶୀର ତାପମାତ୍ରା ଏବଂ ଆଖିର ଭିତର କୋଣ ବଢ଼ିଯାଏ। ବିଜ୍ଞାନ ସମ୍ବନ୍ଧୀୟ ବ୍ୟତୀତ ଯଦି ଆମେ ପୌରାଣିକ କିମ୍ବଦନ୍ତୀକୁ ଆଲୋଚନା କରିବା ସମାଜର ମଙ୍ଗଳ ନିମନ୍ତେ ମଧ୍ୟ ମିଛର ଆଶ୍ରୟ ନେବାକୁ ପଡ଼ିଥାଏ। ମହାଭାରତ ଯୁଦ୍ଧର ମଧ୍ୟ ଭାଗରେ ଯେତେବେଳେ ଭଗବାନ ଶ୍ରୀକୃଷ୍ଣଙ୍କ ପରାମର୍ଶ କ୍ରମେ ଧର୍ମରାଜ ଯୁଧିଷ୍ଠିର ଅଶ୍ୱତ୍‌ଥାମା ନାମକ ଏକ ହସ୍ତୀର ମୃତ୍ୟୁରେ ଚିତ୍କାର କରି କହିଲେ ଯେ 'ନରେ ବା ଗୁଞ୍ଜରେ ଅଶ୍ୱତ୍‌ଥାମା ହତ', ସେତିକି ବେଳେ ଏହା ଶ୍ରୀକୃଷ୍ଣଙ୍କ ପ୍ରଚ୍ଛନ୍ନ ଉଦ୍ଦେଶ୍ୟକୁ ସଫଳ କରି ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଅସ୍ତ୍ର ତ୍ୟାଗର କାରଣ ହୋଇଥିଲା।

ପିତାମାତାଙ୍କର ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ସେମାନଙ୍କର ପିଲାକୁ ଭରଣ ପୋଷଣ କରିବା ଏବଂ ସେମାନଙ୍କୁ ସଚ୍ଚୋଟତା ଅଭ୍ୟାସ ଶିଖାଇବା, କିନ୍ତୁ ଅନେକ ଥର ପିଲା ଜାଣିଶୁଣି ମିଛ ଶିଖିଥାଏ। ଏଭଳି ପରିସ୍ଥିତିରେ ଅବିଭାବକମାନେ ଆରମ୍ଭରେ ନିଜ ସନ୍ତାନର ଚପଳାତାକୁ ଦୃଷ୍ଟିରେ ରଖି ଏହି ଅଭ୍ୟାସକୁ ଅଣଦେଖା କରନ୍ତି। କିନ୍ତୁ ବେଳେବେଳେ ପିଲାମାନେ ଅଧିକ ମିଛ କହିବା ଆରମ୍ଭ କରିଥାନ୍ତି। ଏଥିପାଇଁ ସର୍ବପ୍ରଥମେ ପିଲାଟି କାହିଁକି ମିଛ କହୁଛି ତାହା ଜାଣିବା ଜରୁରୀ ହୋଇଥାଏ। ଅନେକ ଥର ଶିକ୍ଷକ କିମ୍ବା ପିତାମାତାମାନଙ୍କ ଦ୍ୱାରା ଗାଳିଗୁଲଜ ଶୁଣିବା ଭୟ ହେତୁ ମିଛ କହିଥାନ୍ତି। ଏପରି ପରିସ୍ଥିତିରେ ପ୍ରଥମେ ପିଲା ଙ୍କ ମିଛ କହୁଥିବାର କାରଣ ଖୋଜିବାକୁ ପଡ଼ିବ। ପିଲାଟି ଅଧିକାଂଶ ଜିନିଷ ପରିବାରର ବଡ଼ ଲୋକଙ୍କ ଠାରୁ ଶିଖିଥାନ୍ତି। ତେଣୁ ଧ୍ୟାନ ଦିଅନ୍ତୁ ଯେ ଆପଣ ପିଲାଙ୍କ ଆଗରେ କୌଣସି ପ୍ରକାରର ମିଛ କହିବେ ନାହିଁ। କାରଣ ପିଲାମାନେ କେବଳ ସେମାନଙ୍କ ପିତାମାତାଙ୍କୁ ଦେଖି ଶିଖନ୍ତି। ଏପରି ଭାବେ ପିଲାମାନେ ମଧ୍ୟ ଯାହା ଠିକ୍ ତାହା ଆପଣଙ୍କ ଠାରୁ ଅନୁକରଣ କରନ୍ତି। ଏଭଳି ପରିସ୍ଥିତିରେ ଅନେକ ଥର ଆମେ ନିଜ ସ୍ୱାର୍ଥ ପାଇଁ ପିଲାମାନଙ୍କ ସାମ୍ନାରେ ମିଛ କହିଥାଉ। ସେଥିପାଇଁ ପରବର୍ତ୍ତୀ ସମୟରେ ଏହା ପିଲାମାନଙ୍କ ଉପରେ ପ୍ରଭାବ ପକାଇଥାଏ, କାରଣ ପରିବାର ହେଉଛି ପ୍ରତ୍ୟେକ ଶିଶୁ ମାନଙ୍କର ପ୍ରାଥମିକ ଶିକ୍ଷାର ଏନ୍ତୁଡ଼ିଶାଳ। ପିଲାଟି ମନରୁ ଅତି ଦୁର୍ବଳ ହୋଇଥାଏ। ଯେତେବେଳେ ଆପଣ ସେମାନଙ୍କୁ ଗାଳି ଦିଅନ୍ତି, ସେମାନେ କାନ୍ଦିବା ଆରମ୍ଭ କରନ୍ତି। ତେଣୁ ଯେତେବେଳେ ଆପଣ ସେମାନଙ୍କୁ ପ୍ରଶଂସା କରନ୍ତି, ସେମାନେ ଖୁସି ଏବଂ ଉତ୍ସାହିତ ହୁଅନ୍ତି। ଏପରି ପରିସ୍ଥିତିରେ ଯେତେବେଳ ପିଲାଟି ସତ କହିଥାଏ କିମ୍ବା କିଛି ଭଲ କାମ କରେ, ତାଙ୍କୁ ଉତ୍ସାହିତ କରିଥାଏ, କିନ୍ତୁ ଯେତେବେଳେ ଆପଣ ମିଛ କହୁଥିବା ବେଳେ ପିଲାକୁ ଧରୁଛନ୍ତି। ସେତେବେଳେ ପ୍ରଥମ ଥର ପାଇଁ, ତାଙ୍କୁ କେବଳ ଚେତାବନୀ ଦିଅ ଏବଂ ତାଙ୍କୁ ଛାଡି ଦିଅନ୍ତୁ। ଏହା ପରେ ପିଲା ଯଦି ବାରମ୍ବାର ମିଛ କହୁଛି, ତାହେଲେ ତାଙ୍କୁ ଦଣ୍ଡ ଦେବା ପାଇଁ ଚିନ୍ତା କରନ୍ତୁ। ଯଦି ଆପଣଙ୍କ ପିଲା ଏପରି କିଛି ଭୁଲ କରୁଛନ୍ତି ଯାହା ପାଇଁ ତାଙ୍କୁ ଦଣ୍ଡ ଦେବା ନିହାତି ଜରୁରୀ, ତାହେଲେ ତାଙ୍କୁ ଏପରି କିଛି ଦଣ୍ଡ ଦିଅନ୍ତୁ, ଯେଉଁଥିରେ ସେମାନେ କିଛି ଶିଖିବେ। ଏପରି ପରିସ୍ଥିତିରେ ଆପଣ ପିଲାଙ୍କୁ କିଛି ଅତିରିକ୍ତ କାମ ଦେଇପାରିବେ। ତାଙ୍କୁ ପ୍ରତିଦିନ ସକାଳେ ଶୀଘ୍ର ଉଠିବା ପରି ଘର କାମ କରିବାକୁ କୁହନ୍ତୁ। ଏହା ମଧ୍ୟ ଶିଶୁର ଏକ ନୂଆ ଅଭ୍ୟାସ ବିକାଶ କରିବ। ସେଥିପାଇଁ ଆପଣ ଏପରି ସବୁ କାମ କରନ୍ତୁ, ଯେପରି ପିଲାଟି ଏହି ସବୁ କଥାରୁ କିଛି ନା କିଛି ଶିଖିବ ଏବଂ ଭଲ ମଣିଷ ହୋଇପାରିବ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର




ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଦୋଳସାହିରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗୁରୁବାର ପବିତ୍ର ଗୁରୁ ପୂର୍ଣ୍ଣିମା ଅବସରରେ ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସେବକ କିଶୋର କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଶୁ ବିଦ୍ୟାମନ୍ଦିରକୁ ଉଦ୍ଘାଟନ କରିଥିଲେ। ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଉଦ୍ଘାଟନ ଉତ୍ସବରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମାଜସେବୀ ବିଶ୍ୱଜିତ୍ ବେହେରା, ବିଦ୍ଧା ସ୍ଥିତ ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ମଥୁରାମୋହନ ବେହେରା ପ୍ରମୁଖ ଯୋଗ ଦେଇ ଶିଶୁ ବିଦ୍ୟାମନ୍ଦିରର ଶିକ୍ଷା ସହିତ ପିଲାମାନଙ୍କୁ ଆଧ୍ୟାତ୍ମିକ ଓ ବୌଦ୍ଧିକ ଶିକ୍ଷା ଦେଇଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ମନୋରଞ୍ଜନ ଦାକ୍ଷିତ, ଧନେଶ୍ୱର ବିଶ୍ୱାଳ, ଦିଲୀପ ଓଝା, ଉମାକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁ ପୂଜନ, ଧ୍ୱଜ ପୂଜନ ଓ ଭାରତ ମାତା ପୂଜନ ପରେ ଗୁରୁମା ଶ୍ୱେତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଶିଶୁ ବିଦ୍ୟାମନ୍ଦିରରେ ୫ଜଣ ଛାତ୍ରଛାତ୍ରୀଙ୍କୁ ନାମଲେଖାଇ ବିଦ୍ୟାଳୟ ପ୍ରବେଶ କରାଯାଇଥିଲା। ଶିଶୁ ବିଦ୍ୟାମନ୍ଦିରର ଶୁଭ୍ରାଂଶୁ ସାହୁ, ପ୍ରୀୟାଂଶୀ ସାହୁ, ଶୁଭଲକ୍ଷ୍ମୀ ସାହୁ, ଶ୍ରଦ୍ଧାଞ୍ଜଳି ସାହୁ, ଦିବ୍ୟାଂଶୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



### କଙ୍କଡ଼ାହାଡ଼ ବ୍ଲକ୍‌ରେ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା

# କାର୍ଯ୍ୟରେ ବିଶୃଙ୍ଖଳା ବରଦାସ୍ତ କରାଯିବ ନାହିଁ: ଜିଲ୍ଲାପାଳ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଜିଲ୍ଲାର କଙ୍କଡ଼ାହାଡ଼ ବ୍ଲକ ସ୍ଥିତ ଅପହଞ୍ଚ ଅଞ୍ଚଳରେ ସେଠାକାର ଗ୍ରାଉଣ୍ଡ ଜ଼ିରୋର ସ୍ଥିତି ସମୀକ୍ଷା କରିଛନ୍ତି । ବାସ୍ତବରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସୁିଧା ସୁଯୋଗ ଓ ଯୋଜନାମାନ ଅପହଞ୍ଚ ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ଅନୁଧ୍ୟାନ କରିଥିଲେ । ଶ୍ରୀ ଉପାଧ୍ୟାୟ ପ୍ରଥମେ ବ୍ଲକର କରଗୋଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡୁଙ୍ଗପାଳ ଗ୍ରାମକୁ ଯାଇଥିଲେ । ସେଠାରେ ସେ କସ୍ତୁରିବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିଦର୍ଶନ କରି ସେଠାରେ ରୋଷେଇ ପାଇଁ ବ୍ୟବହାର ହେଉଥିବା ବାସନ ନିମ୍ନମାନର ଥିବାରୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଏହାକୁ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେବା ସହ ବିଦ୍ୟାଳୟ ଓ ଛାତ୍ରୀବାସର ଚାରିପାଖ ସଫା ସୁତୁରା ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ବିଦ୍ୟାଳୟର ମେଟ୍ରୋନ ଅନୁପସ୍ଥିତ ଥିବାରୁ ସେ ସମ୍ପର୍କରେ ରିପୋର୍ଟ ଦେବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାପରେ ସେ ବ୍ଲକର ନୂତନ ବସ୍ ଷ୍ଟାଣ୍ଡ ନିର୍ମାଣ ନିମିତ୍ତ ପ୍ରସ୍ତାବିତ ସ୍ଥାନକୁ ଯାଇ ଏହାର ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ ଓ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ପର୍ଯ୍ୟନ୍ତ ନୂତନ ବସ୍ ଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ସରିନାହିଁ ସେତେ ପର୍ଯ୍ୟନ୍ତ ଅସ୍ଥାୟୀ ଷ୍ଟାଣ୍ଡ ପାଇଁ ଜମି ପ୍ରଦାନ କରିବା ପାଇଁ । ଏଥିସହିତ ଏହାର ପରିଚାଳନା କିପରି ସଠିକ ଢଙ୍ଗରେ ହେବ ଏହାର ଦାୟିତ୍ୱ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଉପରେ ନ୍ୟସ୍ତ କରିଥିଲେ । ପରେ ଜିଲ୍ଲାପାଳ କରଗୋଳ ପଞ୍ଚାୟତର ଶାସପକ୍ଷି ଗ୍ରାମରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଏହାର ପରିଚାଳନା ସମ୍ପର୍କରେ ଡାକ୍ତର ଓ ନର୍ସଙ୍କ ସହ ଆଲୋଚନା କରିଥିଲେ ଓ ସ୍ୱାସ୍ଥ୍ୟ କେନ୍ଦ୍ରର ସର୍ବାଙ୍ଗୀନ ଉନ୍ନତି ପାଇଁ ଯୋଜନା ପ୍ରସ୍ତୁତି ପାଇଁ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ସେ ଶାସପସି ଗ୍ରାମରେ ଥିବା ଅଂକାଂକ୍ଷୀ ବହୁମୁଖୀ ଉତ୍ପାଦନ ଓ ବିକ୍ରୟ କେନ୍ଦ୍ରର ଅନୁଧ୍ୟାନ କରି ଯଥାଶୀଘ୍ର ତାହାର ଟେଣ୍ଡର ପ୍ରକ୍ରିୟା ଓ ନିର୍ମାଣ କାର୍ଯ୍ୟ କରିବାକୁ କହିଥିଲେ । ସେହିଭଳି କାନ୍ତୋଲ ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିବା ସମୟରେ ସେଠାରେ ଅଙ୍ଗନବାଡ଼ି କର୍ମୀ ଅନୁପସ୍ଥିତି ଥିବାରୁ ସିଡିପିଓ ଏ ସଂକ୍ରାନ୍ତରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ । ଏହାପରେ ଜିଲ୍ଲାପାଳ କାନ୍ତୋଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୋଟେ ଗ୍ରାମକୁ ଯାଇ ଅଧିବାସୀଙ୍କ ସହ ଆଲୋଚନା କରିଥିଲେ । ସରକାରୀ ସୁବିଧା ସୁଯୋଗ ସଠିକ ଭାବେ ଲୋକମାନେ ପାଉଛନ୍ତି ନା ନାହିଁ ତାହା ଅନୁଧ୍ୟାନ କରିଥିଲେ । ଏହାସହ ବ୍ଲକ ପ୍ରାଣୀସମ୍ପଦ ଅଧିକାରୀଙ୍କୁ ଛେଳି ପାଳନ ଯୋଜନାରେ ସ୍ଥାନୀୟ ଲୋକଙ୍କୁ ସହାୟତା ପ୍ରଦାନ କରିବାକୁ କହିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ପିଏମ ଜନମନ ଯୋଜନାରେ ସମସ୍ତ ହିତାଧିକାରୀ ଗୃହ ପାଇଛନ୍ତି ନା ନାହିଁ ତାକୁ ସୁନିଶ୍ଚିତ କରିବା ପାଇଁ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ବ୍ଲକ ମଙ୍ଗଳ ଅଧିକାରୀଙ୍କୁ କହିଥିଲେ ଯେ, ଯେଉଁ ଆଦିବାସୀ ଜନଜାତିର ପିଲା ଅଧାରୁ ପାଠ ଛାଡୁଛନ୍ତି ସେମାନଙ୍କୁ ପୁନର୍ବାର ବିଦ୍ୟାଳୟକୁ ଆଣିବା ପାଇଁ ପଦକ୍ଷେପ ନେବା ପାଇଁ କହିଥିଲେ । ଏହାପରେ ସେ ଏକୁଲ, ସେକୁଲ ଓ ପୁଟିପାଳ ଗ୍ରାମକୁ ଯାଇ ସେଠାକାର ଲୋକଙ୍କ ସହ ଆଲୋଚନା କରିଥିଲେ ଓ ସେଠାକାର ଲୋକଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଗଣ ତତ୍ପରତା ପ୍ରକାଶ କରିବା ସହିତ ଯଥା ଶୀଘ୍ର ସ୍ଥାନୀୟ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି ।

## ଠିକା ସଂସ୍ଥା ଶ୍ରମିକଙ୍କୁ ହତ୍ୟା ଅଭିଯୋଗ, ଥାନାରେ ମାମଲା

ମାର୍ଶାଘାଇ(ଭାସ୍କର ନ୍ୟୁଜ): ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଗାଜକାର ଠିକା ସଂସ୍ଥାରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମୃତ ଶ୍ରମିକ ପୁରୀ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଚାରିନଳା ଗ୍ରାମର ବିଜୟ ଦାସ। ପରିବାର ଲୋକେ ଏନେଇ ମାର୍ଶାଘାଇ ଥାନାରେ ଏତଲା ଦେଇଛନ୍ତି। କମ୍ପାନି ଲୋକ ମିଳିମିଶି ତାଙ୍କ ଭାଇକୁ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ଭାଇ ବାଟୁଆ ଦାସ ଅଭିଯୋଗ କରିଛନ୍ତି। ପୋଲିସ୍ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ମୃତ ବିଜୟ ଗତ ୪ମାସ ହେବ ଏହି ଠିକା ସଂସ୍ଥାରେ ଶ୍ରମିକ ଭାବେ କାମ କରୁଥିଲେ। ବଡ଼ପାଳରେ ଥିବା କ୍ୟାମ୍ପରେ ସେ ଅନ୍ୟ ସହଯୋଗୀଙ୍କ ସହ ରହୁଥିଲେ । ସବୁଦିନ ଭଳି ସେ ଗୁରୁବାର ସକାଳୁ ସେ କମ୍ପାନିର ହଳଦିଆ ଗୋଡାରେ ବନାଯାଉଥିବ ନୂଆ ପୋଲ କାର୍ଯ୍ୟ କରିବାକୁ ଯାଇଥିଲେ। କମ୍ପାନୀ ଅଭିଯୋଗ ମୁତାବକ ତାକୁ କରେଣ୍ଟ ଲାଗି ପଡିଯାଇଥିଲା। ତାକୁ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆମ୍ବୁଲାନ୍ସ ଯୋଗେ ପୁଣି କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସାଳୟରେ ଦୀର୍ଘ ସମୟ ରହିବା ପରେ କୌଣସି ସୂତ୍ରରୁ ମାର୍ଶାଘାଇ ପୋଲିସ ଖବର ପାଇ ସେଠାରୁ ଆମ୍ବୁଲାନ୍ସକୁ ଫେରାଇ ଆଣିଥିଲେ। ଆମ୍ବୁଲାନ୍ସ ଡ୍ରାଇଭରଠୁ ସବୁ ସୁଣିବା ପରେ କମ୍ପାନୀ ଅଧିକାରୀଙ୍କୁ ଥାନାରେ ଅଟକ ରଖିଥିଲେ। ସେମାନଙ୍କୁ ଠୁ ବୟାନ ନେଇସରିବା ପରେ ଜାଣିବାକୁ ପାଇଲେ ସେମାନେ ମୃତ ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ମାନସ ଭୋଇ ନାମକ ଜଣେ ବ୍ୟକ୍ତି ତାଙ୍କୁ ଫୋନ୍ କରି ଜଣାଇଛନ୍ତି। ମୃତକଙ୍କ ବଡ଼ଭାଇ ଆସି ମାର୍ଶାଘାଇ ଥାନାରେ ଥିବା ଆମ୍ବୁଲାନ୍ସରେ ଭାଇଙ୍କୁ ଦେଖିଲା ପରେ ବିଜୟଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିବାରୁ ତାଙ୍କୁ ଯୋଜନାବଦ୍ଧ ହତ୍ୟା କରାଯାଇଥିବା ଭାଇ ଅଭିଯୋଗ କରିଛନ୍ତି । ଅନ୍ୟପଟେ ବୁଦ୍ଧିଜୀବୀ ମହଲରେ ତଦନ୍ତକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏ ସମ୍ପର୍କରେ ମାର୍ଶାଘାଇ ଆଇଆଇସି ତପନ ନାୟକ ପ୍ରତିକ୍ରିୟାରେ କହିଛନ୍ତି ମୃତ ବ୍ୟକ୍ତି ନିଶ୍ଚିତ ନ୍ୟାୟ ପାଇବେ, ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ।

## ନିମାପଡ଼ାରୁ ଚୋରି ଗାଡି ପିପିଲିରୁ ଜବତ, ଦୁଇ ଗିରଫ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ବାଇକ ଚୋରି ପରେ ବୋଲେରୋ ଚୋରି ରାକେଟ ସକ୍ରିୟ ହୋଇଥିବା ବେଳେ ନିମାପଡ଼ା ବ୍ଲକରୁ ଏକ ବୋଲେରୋକୁ ଚୋରି କରିନେବା ସଂପର୍କରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ୍ ପିପିଲିରୁ ଗାଡିକୁ ଜବତ କରିବା ସହ ରାକେଟରେ ସଂପୃକ୍ତ ଥିବା ଦୁଇଜଣ ଚୋରଙ୍କୁ ଧରିବାରେ ସଫଳ ହୋଇଛି। ଏହି ରାକେଟ କେଉଁ କେଉଁ ଅଞ୍ଚଳରୁ ବୋଲେରୋ ଚୋରି କରନ୍ତି, ପୋଲିସ୍‌ର ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ଥାନା ଅଳକୁଣ୍ଡ ଗ୍ରାମରୁ ସୋମବାର ବିଳମ୍ବିତ ରାତ୍ରରେ ଏକ ବୋଲେରୋ ପିକ୍ ଅପ୍ ଗାଡି ଯାହାର ନମ୍ବର ଓଡି-୦୨ୟୁ-୧୩୨୮ ଚୋରି ସଂପର୍କରେ ଚାରିଛକ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ୍ ଏକ ମାମଲା କରି ତଦନ୍ତ ଚାଲୁ ରଖିଥିବା ବେଳେ କୌଣସି ସୂତ୍ରରୁ ଖବର ପାଇଲେ ପିପିଲିରେ ବୋଲେରୋ ଗାଡି ଚୋରି ହୋଇଛି ବୋଲି ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ପିପିଲି ଥାନ ଅଞ୍ଚଳରୁ ବୋଲେରୋ ଗାଡିକୁ ଜବତ କରିବା ସହ ଦୁଇଜଣଙ୍କୁ ଶୁକ୍ରବାର ଗିରଫ କରିଛି। ଦୁଇ ଅଭିଯୁକ୍ତ ହେଲେ ପିପିଲି ଥାନାର ଅଜୟ କୁମାର ଶୁକଳ, ଗୋପ ଥାନାର ରମଜ୍ଜନ୍ ଖାଁ ବୋଲି। ସେମାନଙ୍କୁ ପୋଲିସ୍ କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଂଜୁର ହେବାରୁ ଦୁଇ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡିଛି।

## ଅସନ୍ତୁଷ୍ଟ ବିଜେଡିର ଗୁରୁତ୍ୱପର୍ଣ୍ଣ ବୈଠକ, ସାମୂହିକ ଇସ୍ତଫା ନିଷ୍ପତ୍ତି !

ବଡ଼ଚଣା(ଭାସ୍କର ନ୍ୟୁଜ): ଶୁକ୍ରବାର ଚଣ୍ଡିଖୋଲ ପୂର୍ତ୍ତ ବିଭାଗ ଡ଼ାକ ବଙ୍ଗଳାରେ ଅସନ୍ତୁଷ୍ଟ ବିଜେଡିର ଏକ ଗୁରୁତ୍ୱପୂର୍ଣ୍ଣ ଗୁପ୍ତ ବୈଠକ ବଡ଼ଚଣା ପୂର୍ବତନ ବ୍ଲକ ସଭାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଖବରରୁ ପ୍ରକାଶ ଯେ ଶୁକ୍ରବାର ୧୧ଟାରେ ଅସନ୍ତୁଷ୍ଟ ବିଜେଡିର ନେତୃତ୍ୱ ନେଉଥିବା ବ୍ଲକ୍ ଅଧକ୍ଷା, ଉପାଧକ୍ଷ, ଦୁଇ ଜିଲ୍ଲା ପରିଷଦ ୧୫ରୁ ଉର୍ଦ୍ଧ ସରପଞ୍ଚ ଓ ସମିତି ସଭ୍ୟସଭ୍ୟାଙ୍କ ପ୍ରତିନିଧି ଏବଂ ଆଗୁଆ କର୍ମୀ ବୈଠକରେ ଯୋଗ ଦେଇଥିଲେ । ପ୍ରକାଶଥାଉ ଯେ ବଡ଼ଚଣା ବିଧାନସଭା ଚଳିତ ନିର୍ବାଚନରେ ବିଜେଡି ଅନ୍ତର୍ଦ୍ୱନ୍ଦ୍ୱ ଯୋଗୁଁ ଦଳ ପରାସ୍ତ ହୋଇଥିଲା । ବଡ଼ଚଣା ବିଜେଡିର ବିଧାୟିକା ପ୍ରାର୍ଥିନୀ ଭାବେ ବର୍ଷା ପ୍ରିୟଦର୍ଶିନୀ ପରାଜୟ ପରେ ବଡ଼ଚଣାର କୌଣସି ସାଙ୍ଗଠନିକ କାର୍ଯ୍ୟରେ ଯୋଗ ନଦେଉଥିବା ଜଣାପଡ଼ିଛି । ପୂର୍ବରୁ ଜନ୍ମେଜୟ ଲେଙ୍କା ଚଳିତ ନିର୍ବାଚନରେ ଦାୟିତ୍ୱରେ ଥବାବେଳେ ଏବେ ବିଜେଡି ଦଳର ସାଙ୍ଗଠନିକ କାର୍ଯ୍ୟରେ ନିଜକୁ ଦୂରେଇ ରଖିଛନ୍ତି । ବର୍ଷେ ହେବ ବିଜେଡି ସଂଗଠନର ଦାୟିତ୍ୱରେ କେହି ଭଲ ଭାବରେ ବିଜେଡି ନେତୃତ୍ୱ ନ ନେବାରୁ ବଡ଼ଚଣା ବିଜେଡି ଭାଗ ଭାଗରେ ପରିଣତ ହୋଇଥିଲା । କିଛିଦିନ ପରେ ଯାଜପୁର ବିଜେଡି ସାଙ୍ଗଠନିକ ଦାୟିତ୍ୱରେ ଥିବା ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ବଡ଼ଚଣା ପୁନର୍ବାର ଯୁବ ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ରଙ୍କୁ ଦାୟିତ୍ୱ ଦେଇଥିବାରୁ ଦଳରେ କିଛି ଆଗୁଆ ନେତା ଓ କର୍ମୀଙ୍କ ମଧ୍ୟରେ ଅସନ୍ତୁଷ୍ଟ ବାତାବରଣ ସୃଷ୍ଟି ହୋଇଥିଲା । ଏହାର ସୁଯୋଗ ନେଇ ବିଜେପି ନିଜର କାୟା ବିସ୍ତାର ପାଇଁ ଅସନ୍ତୁଷ୍ଟ ବିଜେଡି ନେତା ଓ କର୍ମୀଙ୍କୁ ବିଜେପିରେ ମିସେଇବା ପାଇଁ ଦ୍ୱାର ଖୋଲିଦେଇଛି । ବୈଠକରେ ବିଜେଡ଼ିରୁ ଇସ୍ତଫା ଦେବା ସହ ବିଜେପିରେ ସାମିଲ ହେବେ ବୋଲି ସମୂହ ନିଷ୍ପତ୍ତି ହୋଇଛି। ପୂର୍ବରୁ ବିଧାକଙ୍କ ସହ ପ୍ରାଥମିକ ଆଲୋଚନା ସରିଛି, ଖୁବ୍‌ଶୀଘ୍ର ମିଶିବାର ଦିନ ଧାର୍ଯ୍ୟ କରାଯିବ ବୋଲି ପୂର୍ବତନ ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲଙ୍କଠୁ ପ୍ରକାଶ ।

### ଟ୍ରେଡିଂ ବିଜିନେସ୍ ଆଳରେ କୋଟି କୋଟି ଟଙ୍କା ଲୁଟ୍

## ପ୍ରତିବାଦରେ ରଘୁନାଥପୁର ଥାନା ଘେରିଲେ ଶତାଧିକ ମହିଳା



ରଘୁନାଥପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅଧିନ ଗୁଆଳିପୁର ପଞ୍ଚାୟତର ମହିଳାମାନେ ଦଲାଲଙ୍କ ଦ୍ୱାରା କୋଟି କୋଟି ଟଙ୍କା ଲୁଟର ଶିକାର ହୋଇଥିବା ଘଟଣା ସାମନାକୁ ଆସିଛି। ଅଭିଯୋଗ ଅନୁଯାୟୀ ୨୦୨୩ ମସିହାରେ ଉକ୍ତ ପଞ୍ଚାୟତର କିଛି ଦଲା ମାନେ ଏହି ପଞ୍ଚାୟତ ଅଧିନ ବର୍ତ୍ତୀ, ରାଧାନଗର ପାଟେଣିଗାଁ, କୃର୍ତ୍ତାଙ୍ଗ ଗ୍ରାମକୁ ବିଭିନ୍ନ ପ୍ରଲୋଭନ ଦେଖାଇ ଟ୍ରେଡିଂ ବିଜିନେସ ଆଳରେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାଙ୍କୁ ଡକାଇ ମହିଳାଙ୍କ ନାମରେ ଲୋନ କରାଇ ଲୋନ ଟଙ୍କାକୁ ନେବା ସହିତ ମହିଳାଙ୍କ ସଞ୍ଚିତ ଟଙ୍କାକୁ ମଧ ଲୁଟି ନେଇଛନ୍ତି। ମହିଳାମାନେ ପ୍ରଲୋଭନରେ ପଡି ପ୍ରାୟ ୩କୋଟିରୁ ଉର୍ଦ୍ଧ ଟଙ୍କା ଲୁଟର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ ମହିଳା ମାନେ କିଛିମାସ ପୂର୍ବରୁ ଥାନାର ଦ୍ୱାରସ୍ଥ ହୋଇଥିଲେ ବି ଦେଇଥିବା ଟଙ୍କା ଫେରି ପାଇନାହାନ୍ତି। ଅପରପକ୍ଷରେ ଘୋରୋଇ ଅର୍ଥଲଗାଣକାରୀ ସଂସ୍ଥାମାନେ କିସ୍ତିପାଇଁ ଲୋନ ନେଇଥିବା ମହିଳାଙ୍କ ଘରେ ପହଞ୍ଚି ଟଙ୍କା ଜୁଲୁମ୍ କରୁଥିବାରୁ ପରିବାର ମଧରେ ଅଶାନ୍ତି ଲାଗି ରହୁଛି। ଶେଷରେ ହତାଶ ହୋଇ ଶତାଧିକ ମହିଳା ଶୁକ୍ରବାର ରଘୁନାଥପୁର ଥାନାକୁ ଘେରିଥିବା ଦେଖିବାକୁ ମିଳିଛି। ତେବେ ଏହି ପଞ୍ଚାୟତର ଜୈନିକ ଠିକାଦାର ଏହି ହରିଲୁଟର ମୁଖ୍ୟ କାର୍ପଟଦାର ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଥିବା ସୁଣିବାକୁ ମିଳୁଛି। ଅନ୍ୟପକ୍ଷରେ ରଘୁନାଥପୁର ଅଞ୍ଚଳରେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଛତୁ ଫୁଟିଲା ପରି ମୁଣ୍ଡ ଟେକୁଥିବାରୁ ଗ୍ରାମାଞ୍ଚଳର ସାଧାରଣ ଗରିବ ଖଟିଖିଆ ପରିବାର ଏମାନଙ୍କ ଜାଲରେ ପଡି ଋଣଭାର ସମ୍ଭାଳି ନପାରି ସର୍ବଶାନ୍ତ ହେଉଛନ୍ତି। ସରକାର ହୁଅନ୍ତୁ କି ଜିଲ୍ଲା ପ୍ରଶାସନ ହେଉ କାହାରି ଏମାନଙ୍କ ପ୍ରତି ନଜର ରହୁନାହିଁ। ଫଳରେ ଏମାନଙ୍କ ପ୍ରାର୍ଦୁଭାବ ଦିନକୁ ଦିନ ବଢି ଚାଲିଛି। ଏମାନଙ୍କ ଉପରେ ଦୃଢ ପଦକ୍ଷପ ନେବା ସହ କୋଟି କୋଟି ଟଙ୍କା ଲୁଟର ଶିକାର ହୋଇଥିବା ମହିଳାଙ୍କୁ ନ୍ୟାୟ ପ୍ରଦାନ ପାଇଁ ସରକାରଙ୍କ ନିକଟରେ ଦାବି ହେଉଛି।

# ୩ ଆନ୍ତଃରାଜ୍ୟ ଲୁଟେରା ସହ ୨ ସୁନା ବେପାରି ଗିରଫ



ଯୋଡ଼ା(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲାର ବଡ଼ବିଲ ପୋଲିସକୁ ମିଳିଲା ବଡ଼ ସଫଳତା । ୩ ଆନ୍ତଃରାଜ୍ୟ ଲୁଟେରା ଓ ୨ ସୁନା ବେପାରୀଙ୍କୁ ଗିରଫ କରିଛି ବଡ଼ବିଲ ପୋଲିସ । ସୂଚନାରୁ ପ୍ରକାଶ ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଯୋଡ଼ା, ବଡ଼ବିଲ ଓ ଚମ୍ପୁଆ ଥାନା ଅଞ୍ଚଳରେ ସୁନା, ରୁପା ଅଳଙ୍କାର ଲୁଟ ଆଦି ଅନେକ ମାମଲା ସାମ୍ନାକୁ ଆସୁଥିବା ବେଳେ ଏହାକୁ ନଜରରେ ରଖି କେନ୍ଦୁଝର ଏସ୍‌ପି. ନୀତିନ କୁଲାସ କରଙ୍କ ନିର୍ଦ୍ଦେଶ କ୍ରମେ ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ଓ ଥାନା ଅଧିକାରୀ ଅଶୋକ କୁମାର ନାୟକଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା । ତେବେ ଏଥିରେ ଏକ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ ସକ୍ରିୟ ଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବଡ଼ବିଲ ପୋଲିସର ଦୁଇଟି ଟିମ ଝାଡ଼ଖଣ୍ଡ ପ୍ରଦେଶର ପଶ୍ଚିମ ସିଂହଭୂମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲେ । ବଡ଼ବିଲ ପୋଲିସ ଦ୍ୱାରା କରାଯାଇଥିବା ଏହି ଅପରେସନରେ ୩ ଅନ୍ତଃରାଜ୍ୟ ଲୁଟେରାଙ୍କୁ ଗିରଫ କରାଜିବା ସହ ସେମାନଙ୍କ ଠାରୁ ଚୋରା ସାମଗ୍ରୀ କିଣୁଥିବା ୨ ଅଳଙ୍କାର ଦୋକାନୀକୁ ମଧ୍ୟ ପୋଲିସ ଗିରଫ କରିଛି । ଗିରଫମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୁମ ଜିଲ୍ଲା ମଝିଗାଁ ଥାନା ଅଞ୍ଚଳର ରାଜେନ୍ଦ୍ର ପିଙ୍ଗୁଆ(୩୨), ଦୀପକ ଗୋପ (୩୦) ଓ ଜଗନ୍ନାଥପୁର ଥାନା ଅଞ୍ଚଳର ସରୋଜ କେଶରୀ(୩୨) । ରାଜେନ୍ଦ୍ର ନାମରେ ଯୋଡ଼ା, ବଡ଼ବିଲ, ଚମ୍ପୁଆ ଓ ଝାଡ଼ଖଣ୍ଡ ପ୍ରଦେଶ ହାଟଗମାରିହା ଥାନାରେ ୧୦ ମାମଲା, ସରୋଜ ନାମରେ ଯୋଡ଼ା ଓ ବଡ଼ବିଲ ଥାନାରେ ୮ ମାମଲା ଓ ଦୀପକ ନାମରେ ଯୋଡ଼ା, ବଡ଼ବିଲ ଓ ଚମ୍ପୁଆ ଥାନାରେ ଗୋଟିଏ ଲେଖାଏ ମାମଲା ରହିଥିବା ଜଣାପଡିଛି । ଏମାନଙ୍କ ଠାରୁ ଚୋରାରେ ସୁନା ରୁପା ଅଳଙ୍କାର କିଣୁଥିବା ଅଭିଯୁକ୍ତ ମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ପୂର୍ବ ସିଂହଭୂମି ଜିଲ୍ଲା ବାଗବେଡା ଥାନା ଅଞ୍ଚଳର ଶିବ ପ୍ରକାଶ ପ୍ରସାଦ ଓ ରାଜେନ୍ଦ୍ର ପ୍ରସାଦ । ଏମାନଙ୍କଠାରୁ ୩ କି.ଗ୍ରା ୬୮୧ ଗ୍ରାମ ୨୭ ମିଲିଗ୍ରାମ ଓଜନର ରୁପା ଗହଣା, ୨୯ ଗ୍ରାମ ୫୩୦ ମିଲିଗ୍ରାମ ଓଜନର ସୁନା ଗହଣା ଓ ଏକ ଚୋରା ବାଇକ (ଜେ.ଏଚ୍. ୦୫. ବି ଏନ୍. ୯୨୬୬)ଜବତ ହୋଇଥିବା ବଡ଼ବିଲ ଏସଡିପିଓ ଶ୍ରୀ ପିଙ୍ଗୁଆ ପ୍ରକାଶ କରିଛନ୍ତି ।

## ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ତିହିଡି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ତାଳପଦା ଗ୍ରାମର ଖଗେଶ୍ୱର ମାଝୀ (୫୮) ନାମକ ବୃଦ୍ଧଙ୍କ ମୃତଦେହ ସ୍ଥାନୀୟ ଚନ୍ଦନ ପୋଖରୀରୁ ଶୁକ୍ରବାର ସକାଳେ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ଏ ସଂପର୍କରେ ତିହିଡ଼ି ପୋଲିସ ୨୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଶୁକ୍ରବାର ସକାଳେ ଖଗେଶ୍ୱରଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସ ଓ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ପୋଖରୀରୁ ଖଗେଶ୍ୱରଙ୍କ ମୃତଦେହ ଉଦ୍ଧାର କରିଥିଲେ। ଗୁରୁବାର ରାତିରେ ଖଗେଶ୍ୱର ପୋଖରୀରେ ପଡ଼ି ବୁଡ଼ି ଯାଇଥିବା ସନ୍ଦେହ କରାଯାଉଛି।

## ଏବେ ୧୦ ପ୍ରତିଶତ ଉନ୍ନୟନ କାର୍ଯ୍ୟ ହେଉନି: ପ୍ରମିଳା




ବିଞ୍ଝାରପୁର(ଭାସ୍କର ନ୍ୟୁଜ): ରାଜ୍ୟର ବିଜେପି ସରକାର ଓ ପ୍ରଶାସନ ସ୍ଥାଣୁ। ସରକାରୀ ଦପ୍ତରରେ ଫାଇଲ୍ ମାସ ମାସ ଧରି ପଡ଼ିରହୁଛି। ଆଗକୁ ଘୁଞ୍ଚୁନି। ବିଜେଡ଼ି ଶାସନରେ ହେଉଥିବା ଉନ୍ନୟନ କାର୍ଯ୍ୟର ୧୦ ପ୍ରତିଶତ କାର୍ଯ୍ୟ ଏବେ ବିଜେପି ଶାସନରେ ହେଉନି ବୋଲି ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି। ଦଶରଥପୁର ପଞ୍ଚାୟତ ସମିତିର ୫ମ ସାଧାରଣ ବୈଠକରେ ଯୋଗ ଦେବା ଅବସରରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ଏଭଳି କହି ସରକାରଙ୍କ ଉପରେ ବର୍ଷିଛନ୍ତି । ବିକଶିତ ଗାଁ ବିକଶିତ ଓଡ଼ିଶା ଭଳି ସବୁ ଯୋଜନାରେ କଳଙ୍କି ଲାଗିଛି। ଉନ୍ନୟନ କାର୍ଯ୍ୟ ହେଉନି ବୋଲି ନିର୍ବାଚିତ ଜନପ୍ରତିନିଧି ଅଭିଯୋଗ ବାଢିଛନ୍ତି । ସରକାର, ପ୍ରଶାସନ ସବୁଠି ଅଚଳାବସ୍ଥା। ପଚାରିଲେ ସରକାରୀ ବାବୁଙ୍କ ତୁଣ୍ଡ ଖୋଲୁନି। ଗଣମାଧମରେ ଏଭଳି ପ୍ରମିଳା ମୋହନ ମାଝି ସରକାର ଓ ବ୍ଲକ୍ ପ୍ରଶାସନ ଉପରେ ବର୍ଷିଛନ୍ତି। ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ସରପଞ୍ଚ ହିମାଂଶୁ ଶେଖର ନାୟକ, ସଂଯୁକ୍ତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସାପ କାମୁଡାରେ ଛାତ୍ର ମୃତ

ମାହାଙ୍ଗା(ଭାସ୍କର ନ୍ୟୁଜ): ସାପ କାମୁଡ଼ାରେ ଅଷ୍ଟମ ଶ୍ରେଣୀ ଛାତ୍ର ମୃତ। ଘଟଣାରୁ ପ୍ରକାଶ ଯେ ଓସଙ୍ଗ ପଞ୍ଚାୟତ କୌଡୁକୋଲା ଗ୍ରାମର ମହେନ୍ଦ୍ର ମଲ୍ଲିକଙ୍କ ଏକମାତ୍ର ପୁତ୍ର ରାଜକୁମାର ମଲ୍ଲିକ ଗତ ରାତିରେ ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ତାଙ୍କୁ ପ୍ରଥମେ ମାହାଙ୍ଗା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ଼ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ।

## କଲ୍ୟାଣୀ ମଣ୍ଡପ ସ୍ଥାନ ଚୟନ ନେଇ ବିରୋଧ



କଣ୍ଟାପଡା(ଭାସ୍କର ନ୍ୟୁଜ): କଣ୍ଟାପଡା ବ୍ଲକ ନାହାଳପୁର ପଞ୍ଚାୟତରେ କଲ୍ୟାଣୀ ମଣ୍ଡପ ନିର୍ମାଣ ପାଇଁ ଚୟନ କରାଯାଇଥିବା ଜାଗାକୁ ବିରୋଧ କରିଛନ୍ତି ୧୦ରୁ ଉର୍ଦ୍ଧ୍ୱ ୱାର୍ଡର ପଞ୍ଚାୟତବାସୀ। ଦଳବଳ ନିର୍ବିଶେଷରେ ଶୁକ୍ରବାର କଣ୍ଟାପଡା ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ, ବିଡ଼ିଓ ଓ ତହସିଲଦାରଙ୍କୁ ଭେଟି ଯେଉଁ ଜାଗାରେ କଲ୍ୟାଣୀ ମଣ୍ଡପ ପାଇଁ ଜାଗା ଚୟନ କରାଯାଇଛି, ଉକ୍ତ ଜାଗାରେ ନ କରି ଅନ୍ୟତ୍ର କରିବାକୁ ଦାବି କରିଛନ୍ତି। କଲ୍ୟାଣୀ ମଣ୍ଡପ ନିର୍ମାଣ ପାଇଁ ଚୟନ କରାଯାଇଥିବା ଜାଗାଟି ଗୋଚର କିସମ ଥିବାବେଳେ ଏହାକୁ ଡି ରିଜର୍ଭେସନ କରାଯାଇନାହିଁ। ଜାଗାଟି ଖାଲୁଆ ଅଞ୍ଚଳ ହୋଇଥିବା ବେଳେ ପଞ୍ଚାୟତର ଭୌଗଳିକ ଦୃଷ୍ଟିରୁ ଗୋଟିଏ କୋଣ ଅଟେ। ଏହି କଲ୍ୟାଣୀ ମଣ୍ଡପ ନିର୍ମାଣ କରାଯାଉଥିବା ଜାଗାକୁ ପଞ୍ଚାୟତର ୧୦ରୁ ଉର୍ଦ୍ଧ୍ୱ ୱାର୍ଡର ଗ୍ରାମବାସୀ ତୀବ୍ର ବିରୋଧ କରୁଛନ୍ତି। ଯାହାକୁ ନେଇ ବ୍ଲକ କାର୍ଯ୍ୟାଳୟରେ ତହସିଲଦାର ଓ ସହକାରୀ ଯନ୍ତ୍ରୀଙ୍କ କଥାରେ ତାଳ ମେଳ ରହିନଥିଲା। ପଞ୍ଚାୟତର ଅଧିକାଂଶ ମୁରବି ଶ୍ରେଣୀର ଲୋକମାନେ ବିଧାୟକଙ୍କୁ ଭେଟି ପଞ୍ଚାୟତବାସୀ ଚୟନ କରିଥିବା ଜାଗାରେ କଲ୍ୟାଣୀ ମଣ୍ଡପ ନିର୍ମାଣ ପାଇଁ ଦାବି ଜଣାଇବେ । ଏଠାରେ ସୂଚନାଥାଉ କି କିଛି କୁଚକ୍ରୀ ଗୋଷ୍ଠୀ ନିଜ ସ୍ୱାର୍ଥ ପାଇଁ ଦୁର୍ଗମ ଅଞ୍ଚଳରେ ମଣ୍ଡପ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସ୍ଥିତ ଅସ୍ତରଙ୍ଗ ନିବାସୀ ଜଣେ ଧର୍ମପ୍ରାଣା ଓ ପରୋପକାରୀ ମହିଳା ଭାବେ ପରିଚିତ ତଥା ସ୍ୱର୍ଗତଃ ଲକ୍ଷ୍ମୀଧର ବେହେରାଙ୍କ ସହ ଧର୍ମିଣୀ ଦୌପଦୀ ବେହେରା(୭୫)ଙ୍କ ଶୁକ୍ରବାର ଅପରାହ୍ନ ୩.୧୨ରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ସନ୍ତୋଷ (ପ୍ରଫୁଲ୍ଲ ), ପ୍ରକାଶ (ବାବୁଲି ), ଜ୍ୱାଇଁ ବରିଷ୍ଠ ସାମ୍ବାଦିକ ବିଜୟ ବେହେରା, ନାତି, ନାତୁଣୀ ଓ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସ୍ୱର୍ଗତଃ ଦୌପଦୀ ବେହେରା ଅତ୍ୟନ୍ତ ସ୍ନେହଶିଳ, ସଂସ୍କାରି, ଆଧାତ୍ମିକ ଚେତନାବାଦୀ ଏବଂ ପରୋପକାରୀ ମହିଳା ଭାବେ ସର୍ବଜନ ଆଦୃତ ହୋଇଥିଲେ। ତାଙ୍କ ପରଲୋକରେ ଅସ୍ତରଙ୍ଗ ସମେତ ସାରା ଅସ୍ତରଙ୍ଗରେ ଶୋକର ଛାୟା ଖେଳି ଯାଇଛି। ବନ୍ଧୁ ପରିଜନ ଗଭୀର ଶୋକବ୍ୟକ୍ତ କରିବା ସହ ତାଙ୍କ ବାସଭବନରେ ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ ଓ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଶେଷ ଦର୍ଶନ କରିବା ସଙ୍ଗେ ସଙ୍ଗେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ସନ୍ତୋଷ ବେହେରା (ପ୍ରଫୁଲ୍ଲ )ମୁଖାଗ୍ନି ଦେଇଥିଲେ।

## ଲୁଟ୍‌ର ନୂଆ ଠିକଣା ପାଟରଙ୍ଗା ପଞ୍ଚାୟତ

କୋରେଇ(ଭାସ୍କର ନ୍ୟୁଜ): ପଞ୍ଚାୟତିରାଜ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ ସରକାର, ଶୂନ୍ୟଦୁର୍ନୀତି ପାଇଁ ପଞ୍ଚାୟତରେ ବିଭାଗୀୟ ଅଧିକାରୀଙ୍କ ନାମରେ ପ୍ରାଏତ ଉନ୍ନତିମୂଳକ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥାଏ। କିନ୍ତୁ ଦୁଃଖର ବିଷୟ ସରକାରୀ ଅଧିକାରୀଙ୍କ ଦୁର୍ନୀତିଖୋର ମନବୃତି ପାଇଁ ସରକାରଙ୍କ ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରୁ ନଥିବା ଏକ ବଡ ସମସ୍ୟା ଭାବେ ପରିଲକ୍ଷିତ ହେଉଛି। ଯେମିତିକି ପୂର୍ବ ସରକାରରେ ଅନେକ ଦୁର୍ନୀତିର କଥା ବିଭିନ୍ନ ସମୟରେ ଦେଖିବାକୁ ମିଳୁଥିଲା ଠିକ୍ ସେହିଭଳି ବର୍ତ୍ତମାନର ସରକାରରେ ମୁଣ୍ଡବ୍ୟଥାର କାରଣ ଭାବେ ଉଭା ହେବାରେ ଲାଗିଛି। କୋରେଇ ବ୍ଲକରେ ଅନେକ ଉନ୍ନୟନ କାର୍ଯ୍ୟ ସରକାରୀସ୍ତରରେ ହାତକୁ ନେଇଥିବା ବେଳେ କିଛି ଦୁର୍ନୀତିଖୋର ଦାଗୀ ଅଧିକାରୀ ଦୁର୍ନୀତି କରିବାର ରାସ୍ତା ଆପଣେଇଛନ୍ତି । ପାଟରଙ୍ଗା ଗ୍ରାମପଞ୍ଚାୟତର ଏକ ପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ନୂଆଗଡିଆ ପୁନରୁଦ୍ଧାର କାର୍ଯ୍ୟ ପାଇଁ ୧୦ ଲକ୍ଷ ଟଙ୍କାରେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ପଞ୍ଚଦଶ ଅର୍ଥ କମିଶନ ଯୋଜନା ମାଧ୍ୟମରେ ୨ଲକ୍ଷ ଟଙ୍କାର ଅନୁଦାନ ହୋଇଥିବା ପୃଥକ୍ ସୂଚନା ଫଳକରେ ଦର୍ଶାଯାଇଛି ଯାହାକି ସରକାରୀ ଅର୍ଥ ହଡ଼ପ କରିବା ପାଇଁ ନୂଆ ତରିକା ବୋଲି ଅଭିଯୋଗ ହେଉଛି। ମନରେଗା ଯୋଜନାର ବିଧି ବ୍ୟବସ୍ଥାରେ ଗ୍ରାମାଞ୍ଚଳରେ ଥିବା ଦିନ ମଜୁରିଆଙ୍କୁ କର୍ମ ନିଯୁକ୍ତି ଦେବା ପାଇଁ ମାରେଗା ମାଧ୍ୟମରେ ବିଭିନ୍ନ ପ୍ରକାର କାର୍ଯ୍ୟ ମାଟି କାର୍ଯ୍ୟ ହେଉଛି କିନ୍ତୁ ଦୁଃଖର ବିଷୟ ପ୍ରକୃତରେ ଦିନ ମଜୁରିଆଙ୍କୁ କାର୍ଯ୍ୟରେ ନିୟୋଜିତ ନ କରି ମେସିନ ଲଗାଇ କାର୍ଯ୍ୟ କରି ଅର୍ଥ ହଡ଼ପ କରିବା ପାଇଁ ପଞ୍ଚଦଶ ଅର୍ଥ କମିଶନ ଯୋଜନାକୁ ଢାଲ କରାଯାଇଥିବା ସଙ୍ଗୀନ ଅଭିଯୋଗ ହେଉଛି। କାର୍ଯ୍ୟଟି କାର୍ଯ୍ୟନିବାହୀ ସଂସ୍ଥା ଗ୍ରାମପଞ୍ଚାୟତ ନାମରେ ଥିବାବେଳେ ସରକାରୀ ଅଧିକାରୀ ଦୁର୍ନୀତିର ପନ୍ଥା ଆପଣେଇଛନ୍ତି ତାହା ଚିନ୍ତା ବିଷୟ ପାଲଟିଛି। ପଞ୍ଚାୟତ କାର୍ଯ୍ୟ ଦାୟିତ୍ୱରେ ଥିବା ଜେଇ ନଳିନୀକାନ୍ତ ଚନ୍ଦ୍ର ପୂର୍ବରୁ କୋରେଇ ବ୍ଲକରେ ଦୁର୍ନୀତି କରି କାର୍ଯ୍ୟରୁ ନିଲମ୍ବିତ ହୋଇଥିଲେ ବର୍ତ୍ତମାନ ସେହି ପୁରୁଣା ରାସ୍ତା ଆପଣାଇ ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ଆଲୋଚନା ହେଉଛି। ତୁରନ୍ତ ଏହି କାର୍ଯ୍ୟର ବ୍ଲକ ପ୍ରଶାସନ ତଦନ୍ତ କରି ବିଲ୍‌କୁ ବନ୍ଦ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

## ପାରାଦୀପ ଟର୍ମିନାଲରେ ଟ୍ୟାଙ୍କର ମାଲିକଙ୍କୁ ଏକତାର ଆହ୍ୱାନ ଦେଲେ ପ୍ରକାଶ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ସ୍ଥିତ ଏଚପିସିଏଲ, ଆଇଓସିଏଲ, ବିପିସିଏଲ ଟର୍ମିନାଲର ସମସ୍ତ ଟ୍ୟାଙ୍କର ମାଲିକଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ହୋଟେଲ ଗୋଲଡେନ ଆଙ୍କର ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଲ ଓଡିଶା ଟ୍ୟାଙ୍କର ଆସୋସିଏସନର ବରିଷ୍ଠ ସଭ୍ୟ ରଞ୍ଜନ ଧଳ ସଭାପତିତ୍ୱ କରିଥିଲେ । ୫୦ ରୁ ଉର୍ଦ୍ଧ ଟ୍ୟାଙ୍କର ମାଲିକ ଯୋଗ ଦେଇଥିଲା ବେଳେ ଆସୋସିଏସନର ସଭାପତି କୃଷ୍ଣ ଚନ୍ଦ୍ର ଦାସ ଓ ପୂର୍ବ ଉପକୂଳ ଶ୍ରମିକ ସଂଘର ସଭାପତି ତଥା ଟର୍ମିନାଲରେ କାର୍ଯ୍ୟରତ ସମସ୍ତ ଟ୍ୟାଙ୍କର ଚାଳକ ସଙ୍ଘର ସଭାପତି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଉପସ୍ଥିତ ଥିଲେ । ଏଚପିସିଏଲରେ ଗତ କିଛିଦିନ ତଳେ ଟ୍ୟାଙ୍କରର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଯାଇଛି । ଏଥିରେ ରାଜ୍ୟ ବାହାରର ବହୁ ପରିବହନ ସଂସ୍ଥା ମାନେ ଟେଣ୍ଡର ପକାଇଛନ୍ତି । ଯଦି ତାଙ୍କର ଟେଣ୍ଡର ଗୃହୀତ ହୁଏ, ତାହେଲେ ଆମ ରାଜ୍ୟର ଟ୍ୟାଙ୍କର ମାଲିକ ମାନେ ଜୀବିକା ହରାଇବେ । ଏହିପରି ଆଉ କିଛି ମାସ ପରେ ଆଇଓସିଏଲ ଓ ବିପିସିଏଲରେ ମଧ୍ୟ ଟେଣ୍ଡର ହେବାକୁ ଯାଉଛି । ଏହିପରି ଭାବେ ଯଦି ବାହାର ରାଜ୍ୟର ପରିବହନ ସଂସ୍ଥାମାନେ ଟେଣ୍ଡରରେ ଅଂଶଗ୍ରହଣ କରନ୍ତି ଏବଂ କାର୍ଯ୍ୟାଦେଶ ପାଆନ୍ତି ତେବେ ସ୍ଥାନୀୟ ଓ ରାଜ୍ୟର ଟ୍ୟାଙ୍କର ମାଲିକ ମାନେ ହତାଶ ହେବେ । ତେଣୁ ବୈଠକରେ ଟ୍ୟାଙ୍କର ଚାଳକ ସଙ୍ଘ ଓ ଟ୍ୟାଙ୍କର ମାଲିକ ସଙ୍ଘ ଏକାଠି ହୋଇ ବାହାର ରାଜ୍ୟର ଟ୍ୟାଙ୍କରକୁ ପୁରାଇ ନଦେବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରିଥିଲେ । ଏତଦବ୍ୟତୀତ ଆସନ୍ତା ୧୬ ତାରିଖରେ ସମସ୍ତ ଟ୍ୟାଙ୍କର ମାଲିକଙ୍କୁ ନେଇ ଏକ ପ୍ରତିବାଦ ସଭା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ଅଲ ଓଡିଶା ଟ୍ୟାଙ୍କର ମାଲିକ ସଙ୍ଘ ଉପଦେଷ୍ଟା ଲକ୍ଷ୍ମୀଧର ମହାନ୍ତି, ସମ୍ପାଦକ ଶ୍ରୀବଲ୍ଲଭ କର, ବିନୟ ରାଉଳ, ଫିରୋଜ ଖାନ, ରଞ୍ଜନ ବର୍ଦ୍ଧନ, ପ୍ରଭାକର ମିଶ୍ର, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲାବେଳେ ଟ୍ୟାଙ୍କର ଚାଳକ ସଙ୍ଘର ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା, ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂହ, ଉପସଭାପତି ସୁବ୍ରତ କୁମାର ପ୍ରଧାନ ଓ ରତ୍ନାକର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

### ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଜାତୀୟ ପ୍ରଶିକ୍ଷଣ ଶିବିର

# ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱ




ଡେଲାଙ୍ଗ(ଭାସ୍କର ନ୍ୟୁଜ): ଡେଲାଙ୍ଗ ବ୍ଲକ୍ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଗୁରୁ ଓ ଶୁକ୍ର ଦୁଇ ଦିନ ଧରି ୮୦ ଜଣ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ନେଇ ଆମ ଦେଶରେ ନାଗରିକତା ହେବାର ସମ୍ବିଧାନରେ ଥିବା ଧାରା, ଭୋଟର ତାଲିକାରେ ନୂତନ ନାମ ପଞ୍ଜିକରଣ, ବାଦ୍‌ର ନିୟମ ଆଦି ନିର୍ବାଚନ ସମ୍ବନ୍ଧୀୟ ଅନୁଷ୍ଠିତ ଜାତୀୟ ପ୍ରଶିକ୍ଷଣ ଶିବିରରେ ଆଗକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ଗୁରୁତ୍ୱାରୋପ କରାଯାଇଛି। ପ୍ରଥମ ଦିବସରେ ସ୍ଥାନୀୟ ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ ଶିବିରକୁ ଉଦ୍ଘାଟନ କରି ଏକ ସୁସ୍ଥ, ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତ କରିବା ସମସ୍ତଙ୍କ ପ୍ରାଥମିକ ଲକ୍ଷ୍ୟ ହେବା ଉଚିତ୍ ବୋଲି ପ୍ରକାଶ କରି ସମ୍ବିଧାନରେ ଥିବା ବିଭିନ୍ନ ଧାରା, ନିର୍ବାଚନ ସମ୍ବନ୍ଧୀୟ ପ୍ରଶିକ୍ଷଣର ଉଦ୍ଦେଶ୍ୟ ବୁଝିବାକୁ ପରାମର୍ଶ ଦେଇଥିଲେ । ଦୁଇଦିନ ଧରି ଚାଲିଥିବା ଶିବିରରେ ଭାରତରେ ନାଗରିକତା ଗ୍ରହଣ ସଂକ୍ରାନ୍ତିୟ ସମ୍ବିଧାନରେ ଉଲ୍ଲିଖିତ ବିଭିନ୍ନ ଧାରା, ଭାରତୀୟ ନିର୍ବାଚନ ନିୟମାନୁସାରେ ଭୋଟର ତାଲିକାରେ ନୂଆ ଭୋଟରଙ୍କ ଯୋଗ, ତାଲିକାରୁ ନାମ ବାଦ୍, ସ୍ଥାନାନ୍ତରିତ,ଶସୋଧନ, ବିଏଲଓଙ୍କ ଆଇନଗତ ଦାୟିତ୍ୱ ଓ କର୍ତ୍ତବ୍ୟ ଆଦି ସମ୍ବନ୍ଧେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ବିଏଲଓ ଆପ୍ ଓ ଭୋଟର ହେଲ୍ପ ଲାଇନ ମାଧ୍ୟମରେ ଫର୍ମ ୬, ୭, ୮ରେ ବ୍ୟବହାର କରି ଭୋଟର ତାଲିକାରେ ନାମ ସଂପୃକ୍ତି, ବାଦ୍, ସଂଶୋଧନ, ସ୍ଥାନାନ୍ତରିତର ବିଧି ସମ୍ପର୍କରେ ମଧ୍ୟ ପ୍ରଶିକ୍ଷକମାନେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ । କ୍ଷେତ୍ରରେ କାମ କଲାବେଳେ ଓ ନିର୍ବାଚନ ସମୟରେ ବୁଥ୍ ସ୍ତରୀୟ ଅଧିକାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧୀୟ ପ୍ରଶ୍ନବାଣରେ ଶିବିର ପ୍ରକମ୍ପିତ ହୋଇଥିଲା। ଡେଲାଙ୍ଗ ବିଡିଓ କ୍ଷିତିଶ୍ ଚନ୍ଦ୍ର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସବୁ କାର୍ଯ୍ୟକ୍ରମ ସୁରୁଖୁରୁରେ ଓ ଶୃଙ୍ଖଳାର ସହ ସମ୍ପାଦିତ ହୋଇଥିଲା। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସଚିନ୍ଦ୍ର ପ୍ରଧାନ ଶିବିରରେ ପୁରା କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ। ପ୍ରଶିକ୍ଷକ ଭାବେ ବି.ଏଲ୍.ଓ. ସୁପରଭାଇଜର ପବିତ୍ର ମୋହନ ଜେନା, ପବିତ୍ର ପଣ୍ଡା, ବିଏଲ୍‌ଓ ମନୋରଞ୍ଜନ ଜେନା, ପ୍ରବେଶ ମେକାପ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆଲୋଚନାରେ ବି ଏଲ୍ ଓ ବିଜୟ ବିଶ୍ୱାଳ, ଅଭିମନ୍ୟୁ ସିଂ, ମନୋରଞ୍ଜନ ପ୍ରଧାନ, ଲାବଣ୍ୟେନ୍ଦୁ ଦଳାଇ, ବିଭୁତି ଭୁଷଣ ନନ୍ଦ, ଦୁଃଶାସନ ସାହୁ, ପବିତ୍ର ଭୋଇ, ବନମାଳୀ ସାହୁ, କୈଳାସ ବେହେରା, ଗଦାଧର ପାଣି ନାରାୟଣ ବରାଳ, ପ୍ରଦୀପ କୁମାର ପ୍ରଧାନ, ଟିକେଇ ଦଳାଇ, ସୁଧାଂଶୁ ବାଳା ପ୍ରଧାନ, ରୀତା ବେହେରା ଏବଂ ଅନ୍ୟମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ବି ଏଲ୍ ଓ ଅଭୟ ଚରଣ ସାହୁ ଶେଷରେ ସମସ୍ତଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଦେଇଥିଲେ। ସମସ୍ତଙ୍କୁ ଶେଷରେ ପ୍ରଶିକ୍ଷଣର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।




ବାଙ୍କୀ, (ଭାସ୍କର ନ୍ୟୁଜ୍) : ୭୬ ତମ ବନମହୋତ୍ସବ ସପ୍ତାହ ପାଳନ ଅବସରରେ କୁନି କୁନି ପିଲାମାନଙ୍କ ଗହଣରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରିଛନ୍ତି ଡମପଡା ବିଇଓ କାମରାଜ ସାହୁ, ସିଆରସିସି ଶିବ ପ୍ରସାଦ ପରିଡା ଓ ପ୍ରକୃତି ବନ୍ଧୁ ଶିକ୍ଷକ ବଳରାମ ପାଇକରାୟ। କଟକ ଜିଲ୍ଲାର ଡମପଡା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ନାଏକଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ପରିବେଶ ସୁସ୍ଥ ରହିଲେ ଆମେ ସୁସ୍ଥ ରହିବା, ପରିବେଶ ବଞ୍ଚିଲେ ଆମେ ବଞ୍ଚିବା, ତେଣୁ ଆମେ ସମସ୍ତେ ସୁସ୍ଥ, ସୁନ୍ଦର ତଥା ଆକର୍ଷଣୀୟ ପରିବେଶ ସୃଷ୍ଟି ପାଇଁ ଆଜିଠାରୁ ଯତ୍ନବାନ ହେବା ପାଇଁ ବିଇଓ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ। କୁନିକୁନି ପିଲାଙ୍କ ଗହଣରେ ଚାରାରୋପଣ କରି ବନ ମହୋତ୍ସବ ପାଳନ କରିବା ସହିତ ସମସ୍ତେ ବେଶ କିଛି ସମୟ ପାଇଁ ଖୁସି ସାଉଁଟି ଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସରୋଜ କୁମାର ମହାପାତ୍ର, ପ୍ରତାପ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ହରପ୍ରୀୟା ସ୍ୱାଇଁ, କୁମୁଦୀନି ଦାଶ, ବିଦ୍ୟାଳୟର ରୋଷେୟା ଓ ପରିଚାଳନା କମିଟିର ସଦସ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ବିଭିନ୍ନ ସ୍ଥାନରେ ଗୁରୁ ପୂର୍ଣ୍ଣିମା ପାଳିତ



ଖଇରପୁଟ, (ଭାସ୍କର ନ୍ୟୁଜ୍) : ଖଇରପୁଟ ବ୍ଲକ ଅନ୍ତର୍ଗତ ପୁରୁଣାଗୁମ୍ମା ସ୍ଥିତ କୁଡୁମୁଲୁଗୁମ୍ମା ଏସ୍‌ଏସ୍‌ଡ଼ି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଭାରତୀୟ ଜନତା ପାର୍ଟି ଖଇରପୁଟ ମଣ୍ଡଳ ପକ୍ଷରୁ ଗୁରୁ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଖଇରପୁଟ ବିଜେପି ମଣ୍ଡଳ ସଭାପତି ଜ୍ୟୋତି ରଞ୍ଜନ ବେହେରାଙ୍କ ନେତୃତ୍ୱରେ ହୋଇଥିବା ବେଳେ ଖଇରପୁଟ ପୂର୍ବତନ ମଣ୍ଡଳ ସଭାପତି ବିଦ୍ୟାଧର ସାହାଣୀ, କୁଡୁମୁଲୁଗୁମ୍ମା ଶକ୍ତିକେନ୍ଦ୍ର ପ୍ରମୁଖ ଗୋପୀନାଥ ଦାସ, ବରିଷ୍ଠ କାର୍ଯ୍ୟକର୍ତ୍ତା ଅଜୟ କୁମାର ପଟ୍ଟନାୟକ, ସୁଧୀର କୁମାର ପ୍ରଧାନ, କୁନାଲ ସୁକଦୁଲାରୀଙ୍କ ସହିତ ଦଳୀୟ କାର୍ଯ୍ୟକର୍ତ୍ତା, ବିଦ୍ୟାଳୟର କର୍ମଚାରୀ ଓ ଛାତ୍ରୀ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ବିଶ୍ୱାଳ, ବିଦ୍ୟାଳୟର ଶିକ୍ଷକଙ୍କୁ ଛାତ୍ରୀ ମାନେ ଗୁରୁ ପୂର୍ଣ୍ଣିମା ଅବସରରେ ବନ୍ଦାପନା କରିବା ପରେ ବିଜେପିର କାର୍ଯ୍ୟକର୍ତ୍ତା ମାନେ ସମସ୍ତଙ୍କୁ ଗୋଟିଏ ଗୋଟିଏ କଲମ ପ୍ରଦାନ କରି ଗୁରୁ ପୂର୍ଣ୍ଣିମା ପାଳନ କରିଥିଲେ। ଶିଷ୍ୟ ମାନଙ୍କ ଜୀବନରେ ଗୁରୁଙ୍କ କଣ ଭୂମିକା ରହିଛି ସେ ବିଷୟରେ ଖଇରପୁଟ ବିଜେପି ମଣ୍ଡଳ ସଭାପତି ଶ୍ରୀ ବେହେରା ଛାତ୍ରୀ ମାନଙ୍କୁ ବୁଝାଇଥିଲେ।



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍) : ଗୁରୁବାର ଦିନ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପାରଳାଖେମୁଣ୍ଡି ଠାରେ ଶ୍ରୀ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପରମ ପବିତ୍ର ଗୈରିକ ଧ୍ୱଜକୁ ପୂଜନ କରିବା ସହ ଉକ୍ତ ଦିବସର ମହତ୍ତ୍ୱ ସମ୍ବନ୍ଧରେ ଆଲୋକ ପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଦେବୀ ମଠର ମହନ୍ତ ପୂଜ୍ୟ ଶ୍ରୀ ରାମାନନ୍ଦ ଦାସ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଅପରାହ୍ନ ସମୟରେ ତିନିଠାକୁରଙ୍କ ସୁନାବେଶ ଅବସରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରେ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ୍ୟ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ଭକ୍ତ ମାନଙ୍କୁ ହାଲୁଆ ପ୍ରସାଦ ବିତରଣ କରାଯାଇଥିଲା । ଭକ୍ତମାନେ ବହୁ ଆନନ୍ଦର ସହ ପ୍ରସାଦ ସେବନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମଟି ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଅବିଭାବକମାନଙ୍କ ସହଯୋଗ ସଫଳ ହୋଇଥିଲା । ଏଥିରେ ବିଦ୍ୟାଳୟର ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ।



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଗୁରୁବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଜଳେଶ୍ୱରର ଶ୍ରୀଗୁରୁ ପୂର୍ଣ୍ଣିମା ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଧା ରଞ୍ଜନ ବାଗ ଅତିଥି ପରିଚୟ ସହ ଗୁରୁପୂର୍ଣ୍ଣିମା ଦିବସର ଉଦେଶ୍ୟ ଆଲୋକପାତ କରିଥିଲେ। ସମ୍ପାଦକ ଗିରୀଶ କୁମାର ପାଣିଗ୍ରାହୀ ବେଦ ସମ୍ବନ୍ଧରେ ଅବଗତ କରାଇଥିଲେ। ସଭାପତି ଶଶିକାନ୍ତ ପ୍ରଧାନ, ଶୁଭ୍ରାଂଶୁ ଶେଖର ଦାସ ମହାପାତ୍ର ଏବଂ ମୁଖ୍ୟ ଅତିଥି ଭାବେ ଗୌରୀଶଙ୍କର ଦାସ ପୂର୍ବତମ ଉପ ସଭାପତି ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ସଭାପତି ଜୀତାରାମ ଦେ ଯୋଗଦାନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ରଣଜିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ପ୍ରତିନିଧି ଅନନ୍ତ କୁମାର ଭୂୟାଁ ଧ୍ୱଜ ଉତ୍ତୋଳନ, ସଂଘ ପ୍ରାର୍ଥନା କରିଥିଲେ। ଉକ୍ତ ଦିବସରେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ। ମୁଖ୍ୟ ଅତିଥି ବ୍ୟାସ ପୂର୍ଣ୍ଣିମାର ଉଦ୍ଦେଶ୍ୟ ସମ୍ବନ୍ଧରେ ପୁଂଖାନୁପୁଂଖ ଛୋଟ ଛୋଟ ଗଳ୍ପ ମାଧ୍ୟମରେ ଆଲୋଚନା କରିଥିଲେ।

# ଜିଲ୍ଲା ଶିଳ୍ପ କେନ୍ଦ୍ରରେ ନାହାନ୍ତି ସ୍ଥାୟୀ ଜେନେରାଲ ମ୍ୟାନେଜର

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଆଗକୁ ବଢ଼ିବା ଲାଗି ଅନେକ ସମ୍ଭାବନା ରହିଛି। ନୂଆ ରୋଜଗାର ବି ସୃଷ୍ଟି ହୋଇପାରିବ କିନ୍ତୁ ଜିଲ୍ଲା ଶିଳ୍ପ କେନ୍ଦ୍ର ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟରେ ନାହାନ୍ତି କର୍ମଚାରୀ। ତେଣୁ ସରକାରୀ ଯୋଜନାରେ ସାମିଲ ହେବାକୁ ଚାହୁଁଥିବା ଯୁବ ଉଦ୍ୟୋଗୀ କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରୁଛନ୍ତି। ଶିଳ୍ପ କେନ୍ଦ୍ରରେ ସ୍ଥାୟୀ ଜେନେରାଲ ମ୍ୟାନେଜର ନଥିଲା ବେଳେ ଜୟପୁର କେନ୍ଦ୍ରର ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଦୁଇଟି କେନ୍ଦ୍ରର ଦାୟିତ୍ୱ ଯୋଗୁଁ ନିୟମିତ ମାଲକାନଗିରି ଆସୁନାହାନ୍ତି। ସେହିପରି ଦୁଇ ସହକାରୀ ଶିଳ୍ପଅଧିକାରୀଙ୍କ ବହୁ ଦିନ ହେଲା ଦେଖା ମିଳୁନାହିଁ। ଜଣେ ବରିଷ୍ଠ ସହାୟକ ଓ ଜଣେ କନିଷ୍ଠ ସହାୟକ ସମେତ ୨ ଜଣ ପିଅନ ରହିବା କଥା। କିନ୍ତୁ କେବଳ ଜଣେ ବରିଷ୍ଠ ସହାୟକ ହିଁ ଉପସ୍ଥିତ ରହୁଥିବା ଦେଖିବାକୁ ମିଳିଛି। ପିଏମ୍‌ଇଜିପି ଏବଂ ପିଏମ୍‌ଏଫ୍‌ଏନ୍‌ଇ ଯୋଜନା ଏହି କାର୍ଯ୍ୟାଳୟରୁ କାର୍ଯ୍ୟକାରୀ ହେଉଛି। ପିଏମ୍‌ଇଜିପି ଯୋଜନାରେ ଉଦ୍ୟୋଗୀଙ୍କୁ ୧୦ଲକ୍ଷ ପର୍ଯ୍ୟନ୍ତ ଋଣ ମିଳିଥାଏ। ସେହିପରି ପିଏସ୍‌ଏଫ୍‌ଏନ୍‌ଇ ଯୋଜନାରେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ୨୦୦୭ ମସିହାରୁ ଉଭୟ ଯୋଜନା ଆରମ୍ଭ ହୋଇଥିଲା କେବେ କେତେ ଜଣ ଯୋଜନାରେ ଉପକୃତ ହୋଇଛନ୍ତି ତାହାର ହିସାବ କାର୍ଯ୍ୟାଳୟରେ ନାହିଁ। ବରିଷ୍ଠ ସହାୟକ ପ୍ରତିଦିନ କାର୍ଯ୍ୟାଳୟକୁ ଆସୁଥିଲେ ସୁଦ୍ଧା ତଥ୍ୟ ପ୍ରଦାନରେ ଅସମର୍ଥ। ଉଦ୍ୟୋଗ ଆଶା ନେଇଆସୁଥିବା ଉଦ୍ୟୋଗୀଙ୍କୁ ବରିଷ୍ଠ ସହାୟକ ନିଜ ହାତରେ କିଛି ନଥିବା ଉତର ଦେଇ ଫେରାଇ ଦେଉଛନ୍ତି। ତେଣୁ ଅସନ୍ତୋଷ ବଢ଼ିବାରେ ଲାଗିଛି ଜିଲ୍ଲାର ଦୁର୍ଗମ ଅଞ୍ଚଳରୁ ପ୍ରତିଦିନ ୫୦ରୁ ଊର୍ଦ୍ଧ୍ୱ ଉଦ୍ୟୋଗୀ ଜିଲ୍ଲା ଶିଳ୍ପ କେନ୍ଦ୍ର ଆସି ଖର୍ଚ୍ଚାନ୍ତ ହେବା ସହ କୌଣସି କାମ କରିନପାରି ହତାଶ ହେଉଛନ୍ତି। ଏନେଇ ବିଭାଗର ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଯୋଗାଯୋଗ ହୋଇପାରିନଥିଲା। ଜିଲ୍ଲା ପ୍ରଶାସନ ମଧ୍ୟ କୌଣସି ପଦକ୍ଷେପ ନେଉନଥିବାରୁ ନିରାଶା ବଢ଼ିବାରେ ଲାଗିଛି ଏକ ବର୍ଷରୁ ଅଧିକ ସମୟ ହେବ ଏହି କେନ୍ଦ୍ରରେ କୌଣସି କାମ ଠିକ୍ ଭାବେ ହେଉନଥିବାରୁ କିଭଳି ଯୋଜନା ଗୁଡିକ ସଫଳ ହେବ ବୋଲି ପ୍ରଶ୍ନ ଉଠିଛି ।

# ବ୍ଲକସ୍ତରୀୟ ବାଲ୍ୟବିବାହ ନିରୋଧ ସମନ୍ୱୟ କାର୍ଯ୍ୟକ୍ରମ




ବୌଦ୍ଧ (ଭାସ୍କର ନ୍ୟୁଜ୍): ହରଭଙ୍ଗା ପଞ୍ଚାୟତ ସମିତି ସଭାଗୃହ ଠାରେ ବିଶ୍ୱଯୁବ କେନ୍ଦ୍ର, ଅନୁଗୁଳ ଏବଂ ପଞ୍ଚାୟତ ସମିତି ହରଭଙ୍ଗାଙ୍କ ସହଯୋଗରେ ବାଲ୍ୟବିବାହ ନୀରୋଧ ସମ୍ବନ୍ଧୀୟ ସମସ୍ତ ସହଯୋଗୀ ବିଭାଗ ମାନଙ୍କୁନେଇ ବ୍ଲକସ୍ତରୀୟ ସମନ୍ୱୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରରେ ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ସେଠି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭୁବନେଶ୍ୱର ସେଠୀ, ଜିପିଡିଓ ଜତିନ୍ଦ୍ର କୁମାର ମିଶ୍ର, ହରଭଙ୍ଗା ଥାନାର ଭାରପ୍ରାପ୍ତ ଅଧିକାରୀ ନଳିନୀ କାନ୍ତ ଦାସ, ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କଲେଜ ପ୍ରିନସିପାଲ, ବ୍ଲକର ସମସ୍ତ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଆଇ.ସି.ଡ଼ି.ଏସ ସୁପରଭାଇଜର ଏବଂ କର୍ମୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ବିଶ୍ୱଯୁବ କେନ୍ଦ୍ରର ସଂଯୋଜକ ଅଭିଷେକ ମହାପାତ୍ର ସମସ୍ତଙ୍କୁ ପୁଷ୍ପଗୁଚ୍ଛ ସହ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶରତ କୁମାର ସେଠି ହରଭଙ୍ଗା ବ୍ଲକକୁ ବାଲ୍ୟ ବିବାହ ମୁକ୍ତ କରିବାପାଇଁ ବିଭିନ୍ନ ପ୍ରକାର ପ୍ରନ୍ଥା ଉପରେ ଆଲୋଚନା କରିଥିଲେ ଓ ସବୁ ପଞ୍ଚାୟତର ପିଇଓ ମାନଙ୍କୁ ଏକ ବିବାହ ରେଜିଷ୍ଟର ପରିଚାଳନା କରିବାକୁ କହିଥିଲେ। ଭୁବନେଶ୍ୱର ସେଠି ପୁଅ ଝିଅ ମାନଙ୍କ ଭିତରେ କରୁଥିବା ଭେଦ ଭାବ, ନାରୀ ଶିକ୍ଷା, ନାରୀ ସଶକ୍ତିକରଣ ଓ ଶିକ୍ଷକ କେମିତି ବ୍ୟବହାର କରିବେ ଯେଉଁ ଥିରେ ଗୋଟେ ଶିଶୁ ତାହାର ସମସ୍ତ ସମସ୍ୟାକୁ କହିପାରିବ, ଇତ୍ୟାଦି ଉପରେ ଆଲୋଚନା କରିଥିଲେ। ବିଶ୍ୱଯୁବ କେନ୍ଦ୍ରର ସଦସ୍ୟ ସମ୍ପାଦକ ମନୋଜ କୁମାର ମହାପାତ୍ର ବାଲ୍ୟବିବାହ ନିଷେଧ ଆଇନର ବିଭିନ୍ନ ଦିଗ ଏବଂ ସମ୍ପର୍କିତ ସମସ୍ୟା ଏବଂ ଆଇନ ପାଳନରେ ବିଭିନ୍ନ ବିଭାଗ ଗୁଡ଼ିକର ଭୂମିକା ଉପରେ ଆଲୋକପାତ କରିଥିଲେ ଓ ପ୍ରଧାନ ଶିକ୍ଷକ ମାନଙ୍କୁ ନିଜର ନାମଫଳକରେ ସିଏମ୍‌ଆଇଓ ଲେଖିବା ପାଇଁ କହିଥିଲେ ଓ ବାଲ୍ୟବିବାହ କ୍ଷେତ୍ରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ନିଶ୍ଚିତ କଲେ। ହରଭଙ୍ଗା ଥାନା ଅଧିକାରୀ ନଳିନୀ କାନ୍ତ ଦାସ ଶିଶୁ ସୁରକ୍ଷା ଦିଗରେ ଆମ୍ଭ ମାନଙ୍କର କର୍ତ୍ତବ୍ୟ ଓ ପୋଲିସର ଭୂମିକା ଉପରେ ବ୍ୟାଖ୍ୟା କରିଥିଲେ । ବିଶ୍ୱଯୁବ କେନ୍ଦ୍ର ସଭାପତି ବସନ୍ତ କୁମାର ପ୍ରଧାନ ସଂସ୍ଥା ଭୂମିକା ବିଷୟରେ ଅବଗତ କରାଇଥିଲେ। ସମସ୍ତ ୨୨ ଟି ଯାକ ପଂଚାୟତରେ ବିବାହ ରେଜିଷ୍ଟର ଓ ସ୍ଥାନାନ୍ତରଣ ରେଜିଷ୍ଟର ପରିଚାଳନା କରିବାକୁ ନିଷ୍ପତି ନିଆଗଲା।

## ଭୋଟର ତାଲିକା ସଂଶୋଧନ ଶିବିର ଉଦ୍‌ଯାପିତ

ବାମରା, (ଭାସ୍କର ନ୍ୟୁଜ୍) : ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ପରିସରରେ ଥିବା ସଭାଗୃହରେ ଦ୍ୱି ଦିବସୀୟ ବୁଥ୍ ସ୍ତରୀୟ ଅଧିକାରୀ ଙ୍କ ଭୋଟର ତାଲିକା ସଂଶୋଧନ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣ ଶିବିରରେ ନିର୍ବାଚନୀ ସମ୍ପର୍କୀୟ ବିଭିନ୍ନ ନିୟମାବଳୀ, ଭୋଟର ତାଲିକା ସଂଶୋଧନ, ବୁଥ୍ ସ୍ତରୀୟ ଅଧିକାରୀଙ୍କ ଭୂମିକା, ବି ଏଲ ଓ ଆପ ବ୍ୟବହାର ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷଣ ଶେଷ ପର୍ଯ୍ୟାୟରେ ବ୍ଲକ୍ ସ୍ତରୀୟ ଅଧିକାରୀ ଓ ସୁପରଭାଇଜରଙ୍କ ପରୀକ୍ଷା କରାଯିବା ପରେ ସମସ୍ତଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସାଧନ ସଂଯୋଜକ ଭାବେ କୁଚିଣ୍ଡା ଉପଜିଲ୍ଲାପାଳ ଡ଼. ଗୌରବମୟ ପ୍ରଧାନ, ବାମରା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁଷ୍କଳ ପ୍ରଧାନ, ବାମରା ତହସିଲଦାର ଅଶ୍ୱିନୀ ପଣ୍ଡା, ଅତିରିକ୍ତ ତସିଲଦାର ସୁଜୟ କୁମାର ପଣ୍ଡା, କମ୍ପ୍ୟୁଟର ପ୍ରୋଗ୍ରାମର ତ୍ରିଲୋଚନ ସାହୁ, ସତ୍ୟଜିତ ସରାଫ, ୱିଲିୟମ୍ ବାଗ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ ।

## ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

ସାରସକଣା, (ଭାସ୍କର ନ୍ୟୁଜ୍), ସାରସକଣା ବ୍ଲକ ଅନ୍ତର୍ଗତ ଉମାଦେଇପୁର ପଞ୍ଚାୟତର ହରିଶ୍ଚନ୍ଦ୍ର ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟରେ, ମୟୂରଭଞ୍ଜ ଜିଲ୍ଲାର ପାନ୍ଧଡା ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଆଦିବାସୀ ଓ ମହିଳା ଉନ୍ନୟନ ସୋସାଇଟି' ଓ ନେହେରୁ ଯୁବ କେନ୍ଦ୍ର, ମୟୂରଭଞ୍ଜ, ଭାରତ ସରକାରଙ୍କ ମିଳିତ ସହାୟତାରେ ଜୁଲାଇ ୧୧ ତାରିଖ ଦିନ ବିଶ୍ୱ ଜନ ସଂଖ୍ୟା ଦିବସ ପାଳିତ



ହୋଇଯାଇଛି। ଉକ୍ତ ଦିବସର ତାତ୍ପର୍ଯ୍ୟ ଓ ପାଳନ କରିବା ଉଦ୍ଦେଶ୍ୟ ସମ୍ପର୍କରେ ସଂସ୍ଥାର ଯୁଗ୍ମ ନିର୍ଦ୍ଦେଶକ ଦେବାଶିଷ ଶତପଥୀ ଉପସ୍ଥାପନ କରି ଅତିଥି ପରିଚୟ କାର୍ଯ୍ୟ ତୁଲାଇ ଥିଲେ। ପ୍ରଥମେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୀପକ କୁମାର ବେହେରା ଛାତ୍ର ଛାତ୍ରୀ ମାନଙ୍କୁ ଜନସଂଖ୍ୟା ବିସ୍ଫୋରଣ ବିଷୟରେ ଅବଗତ କରାଇଥିଲେ। ପରେ ମୁଖ୍ୟ ଅତିଥି ଲୋକନାଥ ମହାନ୍ତ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଜନସଂଖ୍ୟା ବିସ୍ଫୋରଣ ଓ ତାର ନିରାକରଣ ସମ୍ପର୍କରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ ମହିତ୍ ମିଶ୍ର, ଦ୍ୱିତୀୟ ରୁଦ୍ରାକ୍ଷ ଷଡ଼ଙ୍ଗୀ ଓ ତୃତୀୟ ଦେବସ୍ମିତା ମଣ୍ଡଳ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରାଯାଇ ଥିଲା । ଅନ୍ୟ ମାନଙ୍କ ମଧ୍ୟ ରେ ଗୀତାଞ୍ଜଳି ମାଡାମ୍, ମଧୁସ୍ମିତା, ଓ ବିଜ୍ଞାନ ମାଡ୍ରାସ ଏବଂ ଅନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀ ମଧ୍ୟ ଉପସ୍ଥିତ ଥିଲେ। ପରିଶେଷରେ ପଦଯାତ୍ରା ଆରମ୍ଭ ହୋଇ କାର୍ଯ୍ୟକ୍ରମକୁ ସାଙ୍ଗ କରିଥିଲେ।

# ଭାରତୀୟ ଖଣି ବ୍ୟୁରୋ ପକ୍ଷରୁ ବାଫ୍ଲିମାଳି ଖଣିକୁ ପଞ୍ଚତାରକା ରେଟିଂ ସମ୍ମାନ



ରାୟଗଡା, (ଭାସ୍କର ନ୍ୟୁଜ୍): ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ବାଫ୍ଲିମାଳି ଖଣିକୁ ପଞ୍ଚତାରକା ରେଟିଂ ସମ୍ମାନ ମିଳିଛି। ରାଜସ୍ଥାନ ଜୟପୁର ଠାରେ ଆୟୋଜିତ ଭାରତୀୟ ଖଣି ବ୍ୟୁରୋ (ଆଇବିଏମ୍)ର ବାର୍ଷିକ କାର୍ଯ୍ୟକ୍ରମରେ ବାଫ୍ଲିମାଳି ବକ୍ସାଇଟ ଖଣିକୁ ବହୁ ପ୍ରତିଷ୍ଠିତ ପଞ୍ଚତାରକା ରେଟିଂ ସମ୍ମାନ ପ୍ରଦାନ ହୋଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷନ ରେଡ୍ଡୀ, ଉତ୍କଳ ଆଲୁମିନା ବାଫ୍ଲିମାଳି ଖଣି ମୁଖ୍ୟ ବିଜୟ ଚୌହାନ, ଭୂତତ୍ତ୍ୱ ମୁଖ୍ୟ କେ.ସି ଜ୍ୟୋତିସିଙ୍କ ସମେତ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜର ଅନ୍ୟ ପ୍ରମୁଖ କର୍ମକର୍ତ୍ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ୨୦୨୩- ୨୦୨୪ ମସିହାରେ ବାଫ୍ଲିମାଳି ଖଣି କଞ୍ଚାମାଲ ଉତ୍ତୋଳନ ଓ ପରିବହନ ପ୍ରକ୍ରିୟାରେ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରିବା ସହ ପରିବେଶ ସୁରକ୍ଷା ଓ ସ୍ଥାନୀୟ ଅଞ୍ଚଳରେ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟ ଦିଗରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିବାରୁ ମର୍ଯ୍ୟାଦା ସମ୍ପନ୍ନ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ବାଫ୍ଲିମାଳି ଖଣି ମୁଖ୍ୟ ବିଜୟ ଚୌହାନ କହିଛନ୍ତି ଯେ, ଏଭଳି ସମ୍ମାନ ଆଗାମୀ ଦିନରେ ବାଫ୍ଲିମାଳି ଖଣି କର୍ମଚାରୀମାନଙ୍କୁ ସମାଜିକ ଓ ପରିବେଶ ସୁରକ୍ଷା ପ୍ରତି ଆହୁରି ପ୍ରତିବଦ୍ଧତା ସହିତ କାର୍ଯ୍ୟ କରିବା ପାଇଁ ଉତ୍ସହ ଯୋଗାଇବ। ଆଗାମୀ ବର୍ଷରେ ସପ୍ତମ ତାରକା ରେଟିଂ ପୁରସ୍କାର ହାସଲ ପାଇଁ ଖଣି ତରଫରୁ ସମସ୍ତ ମାନଦଣ୍ଡ ପାଳନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ଚୌହାନ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜର ବାଫ୍ଲିମାଳି ଖଣି ସମେତ ଭୂଷର ଏବଂ ସମରୀ ଖଣିକୁ ମଧ୍ୟ ପଞ୍ଚତାରକା ପୁରସ୍କାର ପ୍ରଦାନ କରାଯାଇଛି। ଯଦ୍ଦ୍ୱାରା ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଦାଇତ୍ୱ ସମ୍ପନ୍ନ ସଂସ୍ଥା ଭାବେ ସମସ୍ତ ପରିବେଶ ଓ ସୁରକ୍ଷା ମାନଦଣ୍ଡକୁ ଅନୁସରଣ କରି ଖଣି ଉତ୍ତୋଳନ କରୁଥିବା ପ୍ରତିଫଳନ ହୋଇଛି।

## ୨୫ ତମ କୁଲତା ଜାତି ମହାସଭା ପ୍ରସ୍ତୁତି ବୈଠକ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍) : ଓଡିଶା କୁଲତା ସମାଜ ସଭାପତି ପ୍ରଦ୍ୟୁମ୍ନ ସାହୁ ଓଡିଶା କୁଲତା ସମାଜର ପ୍ରତିଷ୍ଠାତା ସଭାପତି ଭାବେ ଅନେକ ବର୍ଷ ହେଲା ରହିଛନ୍ତି। ଓଡିଶା କୁଲତା ସମାଜକୁ ସମଗ୍ର ଓଡ଼ିଶାରେ ଏକ ଶକ୍ତିଶାଳୀ ସଂଗଠନ ଭାବେ ଗଢି ତୋଳିବା ତାଙ୍କର ଲକ୍ଷ୍ୟ ଏ ଉଦେଶ୍ୟରେ ସେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ସଭା ସମିତିରେ ଯୋଗ ଦେଇଥାନ୍ତି। ପ୍ରଦ୍ୟୁମ୍ନ ସାହୁ ଆଗାମୀ ୨୫ ତମ କୁଲତା ଜାତି ମହାସଭା ଆୟୋଜନ କରିବା ପାଇଁ ସମ୍ବଲପୁର ଜିଲ୍ଲା ତାଳବ ଠାରେ ଆୟୋଜିତ ମହାସଭା ପ୍ରସ୍ତୁତି ବୈଠକରେ ଶ୍ରୀ ସାହୁ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ସେ ଆଗାମୀ ୨୫ ତମ କୁଲତା ଜାତି ମହାସଭାକୁ ଏକତା ବଦ୍ଧ ଭାବେ କରିବା ପାଇଁ ଓଡ଼ିଶାର ସମସ୍ତ କୁଲତା ଜାତିକୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ।

# ବର୍ଷାରେ ବେହାଲ ଉପନିବନ୍ଧଙ୍କ କାର୍ଯ୍ୟାଳୟ

- ମାସେ ପୂର୍ବରୁ ହୋଇଥିଲା ଗ୍ରୀଡିଂ
- ରେକର୍ଡ ରୁମ ବି ସୁରକ୍ଷିତ ନୁହେଁ
- ଠିକାଦାର, ଯନ୍ତ୍ରୀଙ୍କୁ ଗିରଫ ଦାବି



ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଉପ ନିର୍ବନ୍ଧଙ୍କ କାର୍ଯ୍ୟାଳୟକୁ ସର୍କାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଗ୍ରାମ୍ୟ ଉନୟନ ବିଭାଗ ଦ୍ୱାରା ଘର ଗୁଡିକ ମରାମତି କରିବା ସହ ଛାତ ଗିଡିଙ୍ଗ କରାଇଥିଲେ। ଏହି କାମ ସରିବା ଏକ ମାସ ପୂରିନାହିଁ, ସାମାନ୍ୟ ବର୍ଷାରେ ଛାତରୁ ପାଣି ଗଳି ଘର ଭିତର ଭାସୁଛି। ଏମିତିକି ଲୋକମାନଙ୍କର ବହୁମୂଲ୍ୟ ବାନ ସମ୍ପତ୍ତି ଦଲିଲ ଓ ଅନ୍ୟାନ୍ୟ କାଗଜପତ୍ର ରେକର୍ଡ ରୁମରେ ରହିଛି। ହେଲେ ଏହି ରୁମରେ ମଧ ବର୍ଷା ହେଉଥିବାରୁ ଲୋକମାନଙ୍କର ଏହି ଦଲିଲ ଉପରେ ପାଣି ପଡି ନଷ୍ଟ ହେଉଛି। ଯେଉଁ ରେକର୍ଡ ରୁମ ସୁରକ୍ଷିତ ରହିବା କଥା ସେହି ରୁମରୁ ପାଣି ଗାଳୁଥିବା ନେଇ କର୍ମଚାରୀ ମଧ୍ୟ ଆତଙ୍କିତ। ଏଠାରେ ପ୍ରଶ୍ନ ଉଠୁଛି ସରକାରଙ୍କ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ଠିକାଦାର କାମ କରୁଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ମାନେ କରୁଥିଲେ କଣ ନିମ୍ନମାନର କାମ ଯୋଗୁ ଆଜି ଏ ସମସ୍ୟା ଉପୁଜିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ କାମ କରାଯାଇଛି ନା ଟଙ୍କା ହଡ଼ପ କରାଯାଇଛି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ପ୍ରଣବ ବିଶ୍ୱାଳଙ୍କୁ ପଚାରିବାରୁ ସବୁ କାମ ଠିକ ଠାକ ହୋଇଥିଲା, ପାଣି କାହିଁ ଗଳୁଛି ଛାତ ଉପରେ ଚଢି ଦେଖି କହିବି ବୋଲି କହିଛନ୍ତି। ଏହି ସମସ୍ୟା ୧୫ ଦିନରୁ ଉର୍ଦ୍ଧ୍ୱ ହୋଇଯାଇଥିବା ବେଳେ ଯନ୍ତ୍ରୀ କେବେ ଛାତ ଉପରେ ଚଢିବେ ତାହା ଏବେ ଆଲୋଚନାର ବିଷୟ ପାଲଟିଛି।

## ବଡ଼ଚଣାରେ ନୂତନ ସବ୍ ରେଜିଷ୍ଟ୍ରାର୍‌ଙ୍କ ନିଯୁକ୍ତି

ବଡ଼ଚଣା (ଭାସ୍କର ନ୍ୟୁଜ୍) : ବଡ଼ଚଣାରେ ଥିବା ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଦୀର୍ଘ ମାସ ହେବ ସବ ରେଜିଷ୍ଟାର୍ ପଦବୀ ଖାଲି ପଡ଼ିଥିଲା। ଦର୍ପଣ ତହସିଲରୁ ଅତିରିକ୍ତ ତହସିଲଦାର ଅସ୍ଥାୟୀ ଭାବରେ ଦାୟିତ୍ୱ ତୁଲାଉଥିଲେ। ବଡ଼ଚଣା ବ୍ଲକର ୪୩ ଗୋଟି ପଞ୍ଚାୟତ ର ଜମି ଜମା ଖର୍ଦ୍ଦୀ ବିକ୍ରି କରିବାକୁ ବହୁ କଷ୍ଟକର, ରେଜିଷ୍ଟ୍ରି ହେଲେ ମଧ କବାଲା ନେବାକୁ ଆଠ ଦଶ ଦିନ ଲାଗୁଥିଲା ଦୂର ଦୂରଦୂରାନ୍ତରୁ ଆସୁଥିବା ଜନସାଧାରଣ ବହୁ ହଇରାଣ ହରକତ ହୋଇଥାନ୍ତି। ରେଜିଷ୍ଟ୍ରେସନ କାଗଜ ପାଇବା ପାଇଁ ସାଧାରଣତଃ ଯିବାଆସିବା ଗାଡ଼ି ଭଡ଼ାରେ ଖର୍ଚ୍ଚାନ୍ତ ହୋଇ ହତାଶ ହେଉଥିବା ନଜରକୁ ଆସିଛି। ଜନସାଧାରଣଙ୍କ ଦାବି ଓ ଆବଶ୍ୟକତା ବିଭିନ୍ନ ଗଣମାଧମ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନ ଦୀର୍ଘ ମାସ ପରେ ସ୍ଥାୟୀ ସବ୍ ରେଜିଷ୍ଟାର୍ ପଦବୀ ପୂରଣ କରାଯାଇଛି। ନୂତନ ସବ ରେଜିଷ୍ଟ୍ରାର ଭାବେ କନ୍ଦିତା କୁମାରୀ ଜେନା କାର୍ଯ୍ୟାଳୟରେ ଯୋଗଦେଇଛନ୍ତି । କୁମାରୀ ଜେନା ସବ୍ ରେଜିଷ୍ଟାର୍ ଯୋଗଦେବା ପରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ। ଆଜି ମୋହରି ସଂଘ ସଭାପତି ଅନନ୍ତ ଚରଣ ପୃଷ୍ଟି, ଭେଣ୍ଡର ସଂଘ ସଭାପତି ରବୀନ୍ଦ୍ର ନାଥ ଦଶ ନୂତନ ସବ ରେଜିଷ୍ଟାର୍‌ଙ୍କୁ ସ୍ୱାଗତ କରିଥିଲେ।

# ଅଜଣା ଘାସ ନଷ୍ଟ କରୁଛି ମକା ଚାଷ : ଚିନ୍ତାରେ ମକା ଚାଷୀ



ଉମରକୋଟ, (ଭାସ୍କର ନ୍ୟୁଜ୍) : ଚଳିତବର୍ଷ ମକା ଚାଷ ଲାଗି ପାଣିପାଗ ଅନୁକୂଳ ରହିଥିବା ବେଳେ ପ୍ରାୟ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ଚାଷୀ କ୍ଷେତରେ ମକା ଚାଷ କରିଛନ୍ତି। କିନ୍ତୁ କ୍ଷେତରେ ଅଜଣା ଘାସ ବ୍ୟାପକ ଭାବେ ବୃଦ୍ଧି ପାଇଥିବାରୁ ମକା ଚାଷ କ୍ଷତିଗ୍ରସ୍ତ ହେବା ଆଶଙ୍କା କରୁଛନ୍ତି ଚାଷୀ। ମକା ଲାଗିବା ପୂର୍ବରୁ ଏହି ଅଦରକାରୀ ତୃଣ ବା ଘାସର କୌଣସି ପ୍ରକାରେ କ୍ଷେତରେ ଦେଖିବାକୁ ମିଳୁନଥିଲା। ମକା ବୀଜରୋପଣ ପରେ ମକା ଗଜା ହୋଇ ଗଛ ଗୁଡ଼ିକ ୧୦ ଇଞ୍ଚରୁ ଫୁଟେ ପର୍ଯ୍ୟନ୍ତ ବଢି ଥିବା ସମୟରେ ଏହି ଅଦରକାରୀ ଗଛ ମକା ସହ ତାଳ ଦେଇ ବଢ଼ିବାରେ ଲାଗିଛି। ପ୍ରତି ମକା ଗଛ ଚାରିଆଡ଼େ ଏହି ଘାସ ବଢି ମକା ଗଛ ବୃଦ୍ଧିରେ ପ୍ରତିବନ୍ଧକ ହୋଇଛି। ଚାରିଆଡ଼େ କେବଳ ଛୋଟ ବାଉଁଶ ତୃଣ ଜଙ୍ଗଲ ସଦୃଶ୍ୟ ମକା ଜମିକୁ ଢାଙ୍କି ରଖିଛି ଏହି ଅଦରକାରୀ ବାଲୁଙ୍ଗା ଘାସ। ମକା ଫସଲରେ ବ୍ୟବହୃତ ରାସାୟନିକ ସାର ଓ ଭିଟାମିନକୁ ସଂଗ୍ରହ କରି ବଂଶ ବିସ୍ତାର କରୁଛି ଏହି ତୃଣ। ଏହାର ପ୍ରତିକାର ପାଇଁ ଚାଷୀ ଘାସ ମରା ଔଷଧ ଲାଉଡ଼ିସ ରାସାୟନିକ ଔଷଧ ଜମିରେ ସିଞ୍ଚନ କରୁଛି। ଯାହାର ମୂଲ୍ୟ ଅଧିକ ରହିଥିବାରୁ ଗରିବ ଶ୍ରେଣୀ ଚାଷୀ କିଣି ଏହାକୁ ବ୍ୟବହାର କରିବା କାଠିକର ପାଠ ହୋଇଛି। ଚାଷୀଙ୍କ କହିବା କଥା ଗତବର୍ଷ ଏହି ଘାସମାରା ଔଷଧ ଦାମ ୧୨୦୦ ଟଙ୍କା ରହିଥିବା ବେଳେ ଚଳିତବର୍ଷ ଏହାର ମୂଲ୍ୟ ପାଖାପାଖି ଦୁଇ ହଜାର ଟଙ୍କାରେ ବିକ୍ରି ହେଉଛି। ଝରିଗାଁ ଚନ୍ଦାହାଣ୍ଡି ଉମରକୋଟ ବ୍ଲକର ବିଭିନ୍ନ ପ୍ରାନ୍ତରେ ସମ ଅବସ୍ଥା ଦେଖିବାକୁ ମିଳିଛି। କ୍ଷେତରୁ ଏହାକୁ ଟାଣି ସଫା କରିବାକୁ ହେଲେ ଏକର ପ୍ରତି ପ୍ରାୟ ପାଞ୍ଚ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ବୋଲି ବରିଷ୍ଠ ଚାଷୀ ଦେବଜ୍ୟାରି ପଟ୍ଟନାୟକ କହିଛନ୍ତି। ଦୁଇଟି ବିକଳ୍ପ ମଧ୍ୟରୁ ଗୋଟିଏ ବିକଳ୍ପ ନକଲେ ମକା କ୍ଷତିଗ୍ରସ୍ତ ହେବାର ସୁନିଶ୍ଚିତ ଆଶଙ୍କା ରହିଛି। ବ୍ଲକ କୃଷି ଅଧିକାରୀ ସୁନିତା ସିଂହଙ୍କୁ ଏହି ପ୍ରସଙ୍ଗରେ ଯୋଗାଯୋଗ କରିବାରୁ ଏହାର ପ୍ରତିକାର ପାଇଁ ଲାଉଡିସର ବ୍ୟବହାର ଫଳପ୍ରଦ ହେଉନଥିବା ବେଳେ ଏହାର ପ୍ରୟୋଗରେ ମକା ଗଛ କ୍ଷତି ହେବାର ସମ୍ଭାବନା ଥିବା କହିଛନ୍ତି। ଅନ୍ୟ କେଉଁ ଔଷଧ ବ୍ୟବହାର ହୋଇପାରିବ ସେନେଇ ଉପରିସ୍ଥ କୃଷି ବିଶେଷଜ୍ଞଙ୍କ ପରାମର୍ଶ ନେବା ପରେ ଚାଷୀଙ୍କୁ ସୂଚନା ଦିଆଯିବ ବୋଲି କହିଛନ୍ତି। ସରକାରୀ ସୂଚନା ଅନୁସାରେ ବ୍ଲକରେ ୧୭,୩୫୦ ହେକ୍ଟର ଚାଷ ଜମି ରହିଥିବା ବେଳେ ୭,୯୫୦ ହେକ୍ଟର ଜମିରେ ମକା ଚାଷ ହେଉଥିବା ସୂଚନା ରହିଛି। ଚଳିତବର୍ଷ ଝରିଗାଁ ବ୍ଲକର କୁଟ୍ରୀ ଛାପର, ଇଚ୍ଛାପୁର, ଚଚା, ଚକଲା ପଦର ବଡ ଟେମରା ଆଦି ପଞ୍ଚାୟତ ଗୁଡ଼ିକରେ ଏହି ଶସ୍ୟ ଅନିଷ୍ଟକାରୀ ବାଲୁଙ୍ଗା ଘାସ ଡଙ୍ଗର ଜମିରେ ଦେଖିବାକୁ ମିଳୁଛି। ଧାର କରଜ କରି ମକା ଚାଷ କରୁଥିବା ଚାଷୀ ଭାଇ ବେଶ୍ ଚିନ୍ତାଗ୍ରସ୍ତ ଅଛନ୍ତି। ତେଣୁ ଅଞ୍ଚଳରେ ଥିବା ମକା ଚାଷୀଙ୍କୁ ଏହାର ପ୍ରତିକାର ପାଇଁ ଉପଯୁକ୍ତ ଔଷଧ ଉପଲବ୍ଧ କରାଇବାକୁ ସ୍ଥାନୀୟ ଚାଷୀ କୃଷି ବିଭାଗକୁ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ନହେଲେ ଅଞ୍ଚଳବାସୀ ଜୀବନଜୀବିକାର ପ୍ରଧାନ ପନ୍ଥା ଭାବେ ୭୦ ପ୍ରତିଶତ ଚାଷୀ ନିର୍ଭର କରୁଥିବା ବେଳେ ଚଳିତବର୍ଷ ଦେଖାଯାଇଥିବା ବାଉଁଶ ଘାସ ଭଳି ଦେଖାଯାଉଥିବା ବାଲୁଙ୍ଗା ଘାସ ଚାଷୀଙ୍କୁ ଘୋର ଆର୍ଥିକ କ୍ଷତି ଘଟାଇବ ବୋଲି ଚାଷୀ ଆଶଙ୍କା କରୁଛି।

## ପତଞ୍ଜଳୀ ପରିବାର ପକ୍ଷରୁ ଗୁରୁ ପୂର୍ଣ୍ଣିମା ପାଳିତ



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍) : ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ଭାରତ ସ୍ୱାଭିମାନ ନ୍ୟାସ ପତଞ୍ଜଳୀ ପରିବାର ପକ୍ଷରୁ ସ୍ଥାନୀୟ ଓପିଏମ୍ ଶିବ ମନ୍ଦିରର ପ୍ରାଙ୍ଗଣରେ ଗୁରୁ ପୂର୍ଣ୍ଣିମା ପାଳନ ଅବସରରେ ଏକ ହୱନ କାର୍ଯ୍ୟକ୍ରମ କରିଥିଲେ। ଏହି ହୱନ କାର୍ଯ୍ୟକ୍ରମକୁ ପଣ୍ଡିତ ମନୋରଞ୍ଜନ ମିଶ୍ରଙ୍କ ଦ୍ୱାରା କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ପତଞ୍ଜଳୀ ପରିବାରର ୬୦ରୁ ଅଧିକ ଯୋଗ ସାଧକ ଯୋଗ ଦେଇ ଗୁରୁଙ୍କ ଆରାଧନା କରିଥଲେ ଓ ଗୁରୁ ମାନକ ଠାରୁ ଆଶୀର୍ବାଦ ନେଇ ଥିଲେ ଓ ରଞ୍ଜନ ସିଂ, ପ୍ରଶାନ୍ତ ପାଲଟା ସିଂହ, ଅଭୟ ଜାଜୁ, ମିନା ସାହା, ଅପରନା ଗୁପ୍ତା, ଜ୍ୟୋତି ଗୁପ୍ତା, ସଙ୍ଗୀତ ରୁଙ୍ଗଟା, ସନ୍ଦୀପ ଅଗ୍ରୱାଲ, ଜ୍ୟୋତି ସାହୁ, ବିଜନ ଚକ୍ରବର୍ତ୍ତୀ, ଅନୁପ ଶ୍ରୀବାସ୍ତବ, ରେବତୀ ରାଉତ, ସରିତା ନାୟକ, ନିଲମ୍ ପ୍ରସାଦ ପ୍ରମୁଖ ଉପସ୍ଥିତ ରହି ଗୁରୁ ପୂର୍ଣ୍ଣିମା ପାଳିତ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥଲେ।

## ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ଚାଷ ଓ ଚାଷୀ

ବାମରା, (ଭାସ୍କର ନ୍ୟୁଜ୍) : ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ଅନ୍ତର୍ଗତ ସମସ୍ତ ପଞ୍ଚାୟତ ମାନଙ୍କରେ ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ଏହା ବ୍ୟତୀତ ଘର ଭିତରେ ପାଣି ପଶିଯିବା ସହିତ ଘର ଭାଙ୍ଗିଯାଇଛି। ଚାଷ ଜମି ଜଳମଗ୍ନ ସହ ବହୁ ଜମିରେ ଘାଇ ସୃଷ୍ଟି ହୋଇଛି ଓ ଅନେକ ସ୍ଥାନରେ ବାଲିଚର ହୋଇ ଯାଇଛି। ଲଗାଣ ବର୍ଷା ଯୋଗୁଁ ଚାଷୀ ଧାନ ବିହନ ପକାଇ ଥିବାବେଳେ ଧାନ ବିହନ ଗଜା ହୋଇ ଅତ୍ୟଧିକ ବର୍ଷା ହେତୁ ନଷ୍ଟ ହୋଇ ଯାଇଛି। ଏଥିରେ ଚାଷୀ ପୁଣି ଥରେ ବିହନ ପକାଇ ଥିବା କହିଛନ୍ତି। ଲଗାଣ ବର୍ଷାରେ କୃଷି କାମ ବାଧାସୃଷ୍ଟି ହୋଇଛି। ଜିଲ୍ଲା ପ୍ରଶାସନ ଓ ବ୍ଲକ୍ ଅଧିକାରୀ ସଠିକ୍ ଆକଳନ କରି ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।



ନିଆଳି (ଭାସ୍କର ନ୍ୟୁଜ୍) : ଭାରତୀୟ ଜନତା ପାର୍ଟି କର୍ମଦର୍ଶୀ କାର୍ଯ୍ୟାଳୟରେ ନିଆଳି ବିଧାୟକ ଛବି ମଲିକ ପହଞ୍ଚ, ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ମୁଖ୍ୟତଃ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ପାଇଖାନା ଓ ରାସନ ଆଦି ସମ୍ପର୍କିତ ଅଧିକାଂଶ ଅଭିଯୋଗ ଆସିଥିଲା। ସାମୂହିକ ଅଭିଯୋଗ ମଧ୍ୟରେ ରାସ୍ତା, ନଳକୂପ ଓ ମଠ ମନ୍ଦିର ସମ୍ପର୍କିତ ଅଭିଯୋଗ ଜଣାଯାଇଛି। ବିଧାୟକ ଶ୍ରୀଯୁକ୍ତ ମଲିକ ଉଭୟ ଅଭିଯୋଗ ଗ୍ରହଣ କରି ସେସବୁର ସମାଧାନ ନିମନ୍ତେ ଅଭିଯୋଗକାରୀଙ୍କୁ ପ୍ରତିଶ୍ରୁତି ଦେବା ସହ ବିଭାଗୀୟ ଅଧିକାରୀ ମାନଙ୍କୁ ଅଭିଯୋଗର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ କର୍ମଦର୍ଶୀ ଓ ସିଠାଳ ମଣ୍ଡଳରେ ୧୦ଟି ପଞ୍ଚାୟତର ଶତାଧିକ ଜନସାଧାରଣ ଏହି ଅଭିଯୋଗ ସ୍ଥାନରେ ନିଜ ନିଜର ଗୁହାରି କରି ବିଧାୟକଙ୍କୁ ଅବଗତ କରିଥିଲେ। ଦୁଇ ମଣ୍ଡଳର ସଭାପତି ବୃଷକେତୁ ସାମଲ, ରାଜେଶ କୁମାର ସାହୁ ସାଂସଦଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ ମହାନ୍ତି, ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ବିଶ୍ୱାଳ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ସଂଚାଳନ କରୁଥିବା ବେଳେ କର୍ମଦର୍ଶୀ ଶକ୍ତି କେନ୍ଦ୍ର ପ୍ରମୁଖ ରଜନୀ କାନ୍ତ ମହାପାତ୍ର, ବିଜେପି ସଂଗଠକ ସରୋଜ କୁମାର ସ୍ୱାଇଁ, ଏରଖ ପ୍ରମୁଖ ଅଭିମନ୍ୟୁ ମହାପାତ୍ର, ଦୁଷ୍ମନ୍ତ ସ୍ୱାଇଁ, ଏକ ବରୁଆ କାହ୍ନୁଚରଣ ସାହୁ, ସିଠାଳ ମଣ୍ଡଳ ପ୍ରଭାରୀ ପ୍ରଭାତ ଜେନା ସାଗର ମଲିକ, ସୂର୍ଯ୍ୟକାନ୍ତ ମଲିକ ପ୍ରମୁଖ ଉପସ୍ଥିତ ରହି ବିଧାୟକ ଜନ ଶୁଣାଣି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଶିକ୍ଷାବିତ୍ ରମେଶ ଚନ୍ଦ୍ର ସ୍ୱାଇଁ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇ ଥିଲେ।



## ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ, ହୀନସ୍ତା ଭୋଗୁଛନ୍ତି ଲୋକେ



ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ରାଜ୍ୟରେ ୩ଦିନ ଧରି ସମସ୍ତ ଡ୍ରାଇଭର ମାନେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ କରିବା ଫଳରେ ଏହାର ପ୍ରଭାବ ବଡ଼ଚଣା ବ୍ଲକ ଉପରେ ପଡ଼ିଛି। ଯାହାଫଳରେ ସାଧାରଣ ଲୋକେ ନାହିଁନଥିବା ଅସୁବିଧାରେ ପଡ଼ିଛନ୍ତି। ବଡ଼ଚଣା ବ୍ଲକର ଚଣ୍ଡିଖୋଲ ଛକରେ ବ୍ଲକ ଡାଇଭର ସଂଘ ପକ୍ଷରୁ ମଧ୍ୟ ଆନ୍ଦୋଳନ କରାଯାଇଛି। ଫଳରେ ଏବେ ବଡ଼ଚଣା ବ୍ଲକ ଅଞ୍ଚଳରେ ବିଭିନ୍ନ ପ୍ରକାର ଖାଦ୍ୟ ତଥା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ପ୍ରଭାବ ପଡ଼ିଛି। ପନିପରିବା ଠାରୁ ଆରମ୍ଭ କରି ଗ୍ରୋସରୀ ସାମଗ୍ରୀ ତଥା ପେଟ୍ରୋଲ ଓ ଡିଜେଲ ଉପରେ ମଧ୍ୟ ଏହାର ପ୍ରଭାବ ପରିଥିବା ଦେଖିବାକୁ ମିଳିଛି। ଏହି ନିର୍ବାଚନ ମଣ୍ଡଳୀରେ ଥିବା ପେଟ୍ରୋଲ ଟାଙ୍କିରେ ଏବେ ପେଟ୍ରୋଲ ମିଳିବାରେ ଅସୁବିଧା ସୃଷ୍ଟି ହୋଇଛି। ଚଣ୍ଡିଖୋଲ ଛକ ହେଉ ବା ବଡ଼ଚଣା ଏପରିକି ଏଠାରେ ଥିବା ବିଭିନ୍ନ ପରିବା ହାଟରେ ପନିପରିବା ଦାମ୍ ଅଧିକ ହୋଇଗଲାଣି। ପରିବା ଟ୍ରକ ବାହାରୁ ଆସି ଏଠିସବୁ ସ୍ଥାନରେ ପରିବା ଦେଉଥିଲେ ମାତ୍ର ଆନ୍ଦୋଳନ ଯୋଗୁଁ ଟ୍ରକ ଏଠାକୁ ଆସୁନଥିବାରୁ ପରିବା ଦର ଆପେ ଆପେ ବୃଦ୍ଧି ପାଉଛି। ଯାହାଫଳରେ ଖାଉଟି ମାନେ ବାଧ୍ୟହୋଇ ଉଚ୍ଚା ଦରରେ ପରିବା କିଣିବାକୁ ବାଧ୍ୟ ହେଉଛନ୍ତି। ସେହିପରି ବିଭିନ୍ନ ସଉଦା ଦୋକାନରେ ଏବେ ଧୀରେଧୀରେ ସମସ୍ତ ସରଞ୍ଜାମ ଦର ବୃଦ୍ଧି ପାଇଲାଣି। ଦର ବୃଦ୍ଧି ପାଇବାର ଏକମାତ୍ର କୌଣସି ତେଜରାରି ସାମଗ୍ରୀ ଟ୍ରକ ବାହାରୁ ଆସୁନଥିବା ଏବଂ ଟ୍ରକ ଜାତାୟତ କରୁନଥିବାରୁ ଲୋକଙ୍କୁ ଏଭଳି ଅବସ୍ଥା ଭୋଗିବାକୁ ପଡୁଛି। ଅନ୍ୟପଟେ ଜନସାଧାରଣଙ୍କ ଯାତାୟାତରେ ବାଧକ ହେଉଛି ଏକମାତ୍ର ଉପାୟ କିନ୍ତୁ ପେଟ୍ରୋଲ ଟାଙ୍କିରେ ଧାରେଧାରେ ପେଟ୍ରୋଲ ସରିବାକୁ ବସିଲାଣି, ବଡ଼ଚଣା ବ୍ଲକ ଅଞ୍ଚଳରେ ଥିବା ଅନେକ ପେଟ୍ରୋଲ ଟାଙ୍କିରେ ଏବେ ତେଲ ମିଳୁଛି ସତ ମାତ୍ର ଆଉ ଗୋଟିଏ ଦିନ ପରେ ଏହି ପେଟ୍ରୋଲ ମିଳିବାରେ ଅସୁବିଧା ସୃଷ୍ଟି ହେବ। ସେହିପରି ଦୈନିକ ବିଭିନ୍ନ ସ୍ଥାନକୁ ଜନସାଧାରଣ ଶହଶହ ସଂଖ୍ୟାରେ ବସରେ ସରକାରୀ ଅଫିସକୁ ଯାଉଥିଲେ ଏବଂ ବିଭିନ୍ନ ଅଞ୍ଚଳରୁ ବିଭିନ୍ନ ସ୍ଥାନକୁ ବସ୍ ଯୋଗେ ଯାଉଥିଲେ ମାତ୍ର ବସ୍ ବନ୍ଦ ଥିବାରୁ ଲୋକଙ୍କ ଯାତାୟାତରେ ନାହିଁନଥିବା ଅସୁବିଧା ଦେଖାଦେଇଛି। ତେଣୁ ରାଜ୍ୟ ସରକାର ତୁରନ୍ତ ଡାଇଭର ସଂଘର ଦାବିକୁ ମାନି ବା କୌଣସି ଉପାୟରେ ସେମାନଙ୍କ ଆନ୍ଦୋଳନକୁ ବନ୍ଦ କରିବାକୁ ବହୁ ବୁଦ୍ଧିଜୀବୀ ସରକାରଙ୍କ ନିକଟରେ ଦାବି ରଖିଛନ୍ତି।

## ବ୍ଲକସ୍ତରୀୟ ନିର୍ବାଚନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଅଷ୍ଟରଙ୍ଗ (ଭାସ୍କର ନ୍ୟୁଜ୍) : ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ମାସ ୩ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ବୁଥସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି। ଏହି ଅବସରରେ ପୁରୀ ଜିଲ୍ଲା ଅଷ୍ଟରଙ୍ଗ ବ୍ଲକ ସଭାଗୃହରେ ନିର୍ବାଚନ ମଣ୍ଡଳୀର ବୁଥସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବୁଥସ୍ତରୀୟ ଅଧିକାରୀଙ୍କୁ ନିର୍ବାଚନ, ଭୋଟର ପଞ୍ଜିକରଣ ସମ୍ବନ୍ଧରେ ପ୍ରଶିକ୍ଷଣ ଦେବା ସହିତ କିପରି ନିରପେକ୍ଷ, ଶୃଙ୍ଖଳିତ ଓ ତ୍ରୁଟିଶୂନ୍ୟ ପରିଚାଳନା ଓ ସଂଶୋଧିତ ଭୋଟର ତାଲିକା ପ୍ରସ୍ତୁତି କରାଯାଇ ପାରିବ ସେ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଷ୍ଟରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ମଣ୍ଡଳ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ମୋବାଇଲ ଆପ୍ ଓ ପୋର୍ଟାଲ ବିଷୟରେ ଅଙ୍ଗନବାଡି କର୍ମୀ ଓ ଶିକ୍ଷକମାନଙ୍କୁ ଆଲୋକପାତ କରାଯାଇଥିଲା।

## ୩୫ ଲିଟର ଦେଶୀମଦ ସହ ସ୍କୁଟି ଜବତ, ୧ ଗିରଫ



ବଡ଼ଚଣା (ଭାସ୍କର ନ୍ୟୁଜ୍) : ଯାଜପୁର ଜିଲ୍ଲା ବଡ଼ଚଣା ନିର୍ବାଚନ ମଣ୍ଡଳୀର ବୈରୀ ଥାନା ପୁଲିସ ଗତକାଲି ରାତିରେ ଛତିଆ କମାନୀ ବଜାରରୁ ଜଣେ ବେଆଇନ ମଦ କେପାରୀକୁ ଧରିବା ସହିତ ଗିରଫ କରିବାରେ ସକ୍ଷମ ହୋଇଛି। ସୂଚନା ମୁତାବକ ବୈରୀ ଥାନା ଅଧିନସ୍ଥ ଛତିଆ କମାନୀ ବଜାରରେ ଗୁରୁବାର ରାତି ପ୍ରାୟ ୯.୩୦ ସମୟରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ କମାନୀ ବଜାରର ବାବାଜୀ ସିଂହଙ୍କ ପୁଅ କେଶବ ସିଂହ (୫୩) ଏକ ଦୋକାନରେ ଚୋରାରେ ଦେଶୀମଦ ବିକ୍ରି କରୁଥିବା ବେଳେ ପୋଲିସ ତାଙ୍କୁ କାବୁ କରି ଥାନାକୁ ଆଣି ଥିଲେ। ତାଙ୍କ ନିକଟରୁ ୩୫ ଲିଟର ଦେଶୀମଦ ସହ ବ୍ୟବହୃତ କରୁଥିବା କଳା ରଙ୍ଗର ଆକ୍ଟିଭା ସ୍କୁଟି(ଓଡି ୦୫ ବିଏନ୍ ୨୭୯୦)କୁ ମଧ୍ୟ ପୋଲିସ ଜବତ କରିଛି। ତଦନ୍ତ ଅଧିକାରୀ ଭାବରେ ଏଏସ୍ଆଇ ସଂଗ୍ରାମ କୁମାର ରାଉତ ଥାନା କେଶ୍ ନମ୍ବର - ୧୪୪/୨୫ ୟୁ/ଏସ୍ -୫୨(ଏ) ଓଡ଼ିଶା ଅବକାରୀ ଆଇନ ୨୦୦୮ରେ ମାମଲା ରୁଜୁ କରି ଅଭିଯୁକ୍ତ କେଶବକୁ ଗିରଫ କରି ଶୁକ୍ରବାର ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି। ଛତିଆ ଅଞ୍ଚଳରେ ବ୍ୟାପକ ମାତ୍ରାରେ ନିଶା କାରବାର ଚାଲିଥିବା ଅଭିଯୋଗ ଅଛି। ଖୁବଶୀଘ୍ର ଏମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଅଂଶୁବାଳା ଦାସ ପ୍ରକାଶ କରିଛନ୍ତି।

## ରାସ୍ତାକଡ଼ରୁ ମାଂସ ଦୋକାନ ସ୍ଥାନାନ୍ତର କରିବାକୁ ଦାବି

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ବ୍ରଜରାଜନଗର ପୌର ପରିଷଦ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ବେଆଇନ ଭାବରେ ରାସ୍ତାକଡ଼ରେ ଥିବା ମାଂସ ଦୋକାନ ସ୍ଥାନାନ୍ତର ନେଇ ପୌର ନିର୍ବାହୀ ଅଧିକାରୀଙ୍କୁ ହିନ୍ଦୁ ଚେତନା ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିଯୋଗୁଁ ଅଞ୍ଚଳର ପରିବେଶ ଉପରେ ଖରାପ ପ୍ରଭାବ ପଡୁଥିବା ମଞ୍ଚ ପକ୍ଷରୁ କୁହାଯାଇଛି। ଡିଏଭି ପବ୍ଲିକ ସ୍କୁଲ, ମନ୍ଦିର, ସହିତ ସାମାଜିକ ସ୍ଥଳୀ ନିକଟରେ ଏହି ମାଂସ ଦୋକାନ ରହିବା ଫଳରେ ପରିବେଶ ସମେତ ବିଦ୍ୟାଳୟକୁ ଯାଉଥିବା ଶିଶୁ ଏବଂ ରାସ୍ତାରେ ଯାତାୟାତ କରୁଥିବା ଜନସାଧାରଣଙ୍କ ପ୍ରତି ଖରାପ ପ୍ରଭାବ ପଡୁଛି। ରାସ୍ତାକଡ଼ରେ ମାଂସ ଦୋକାନ ଥିବାରୁ ରାସ୍ତାରେ ଯାଉଥିବା ଲୋକେ ଦୁର୍ଗନ୍ଧର ଶିକାର ହେଉଛନ୍ତି। ଆଗକୁ ଶ୍ରାବଣ ମାସ ଥିବାବେଳେ ଏଥିପ୍ରତି ଦୃଷ୍ଟି ଦେଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ହିନ୍ଦୁ ଚେତନା ମଞ୍ଚ ପୌର ନିର୍ବାହୀ ଅଧିକାରୀଙ୍କ ନିକଟରେ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ଭାନୁପ୍ରକାଶ ସିଂହ, ଲକ୍ଷ୍ମୀକାନ୍ତ ପାତ୍ରଙ୍କ ସମେତ ମଞ୍ଚର ଅନେକ ସଦସ୍ୟ ଉପସ୍ଥିତ ଥିଲେ।

## କୋରାପୁଟ ଜିଲ୍ଲା ପେଶାଦାର ସାମ୍ବାଦିକ ସଂଘର ବାର୍ଷିକୋତ୍ସବ

କୋରାପୁଟ (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ କୋଟପାଡ଼ ସ୍ଥିତ କଲ୍ୟାଣ ମଣ୍ଡପରେ ଆୟୋଜିତ ହୋଇଯାଇଛି। କୋରାପୁଟ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ଜ୍ଞାନେନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ବିଭିନ୍ନ ଛପା ଏବଂ ସାଟେଲାଇଟ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାଇ ଗଣମାଧ୍ୟମ ପ୍ରତିନିଧି ଦଳ ଏକ ଶୋଭାଯାତ୍ରା ବାହାର କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋଟପାଡ଼ ବ୍ଲକ ଡେଭଲପମେଣ୍ଟ ଅଧିକାରୀ ସନ୍ଧ୍ୟା ସମରଥଙ୍କ ଜରିଆରେ ୯ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟର କାର୍ଯ୍ୟରତ ପେସାଦାର ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଏବଂ ସାମ୍ବାଦିକ ମାନଙ୍କ ଚିହ୍ନଟ ପ୍ରକ୍ରିୟା ଏବଂ ସାମ୍ବାଦିକ ବିଭିନ୍ନ ସମସ୍ୟାକୁ ନେଇ ଉପସ୍ଥିତ ଲୋକପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରବା ସହିତ ରାଜ୍ୟ ସରକାର ଏ ବିଷୟରେ ଶୀଘ୍ର ପଦକ୍ଷେପ ଗ୍ରହଣ କରବାକୁ ରାଜ୍ୟ ସଭାପତି ମନୋଜ ଦାସ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ସେହିପରି ରାଜ୍ୟ ସାଧାରଣ ସମ୍ପାଦକ ରାଜ କିଶୋର ସ୍ୱାଇଁ ସାମ୍ବାଦିକଙ୍କ ସମସ୍ୟାକୁ ନେଇ ନିଜର ମତାମତ ବ୍ୟକ୍ତ କରିଥିଲେ। ଅପରପକ୍ଷରେ କାର୍ଯ୍ୟକ୍ରମରେ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଥିବା ଗଣମାଧ୍ୟମ ପ୍ରତିନିଧି, ବ୍ୟକ୍ତି ବିଶେଷଙ୍କୁ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କୋଟପାଡ଼ ବାର କାଉନସିଲ ଅଧ୍ୟକ୍ଷ ମଣିପ୍ରସାଦ ପଟ୍ଟନାୟକ, ପରିଷଦ ଅଧ୍ୟକ୍ଷ ଏମ. ଶଙ୍କର ରାଓ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। କୋଟପାଡ଼ ମହାବିଦ୍ୟାଳୟର ପ୍ରିନ୍ସପାଲ ଶେଷାନନ୍ଦ ମିଶ୍ର, କୋଟପାଡ଼ ଚାମ୍ବର ଅଫ୍ କମର୍ସ ଅଧ୍ୟକ୍ଷ ଗଣେଶ ପଣ୍ଡାଙ୍କ ବ୍ୟତୀତ ଅନେକ ବୁଦ୍ଧିଜୀବୀ ଏହି ବୈଠକରେ ଉପସ୍ଥିତ ରହିଥିଲେ। ଅଜିତ ପଟ୍ଟନାୟକ ସମ୍ପାଦକ, (କୋଟପାଡ଼ ସାମ୍ବାଦିକ ସଂଘ) ବସନ୍ତ ପେଗଡ଼ (କୋଟପାଡ଼ ସାମ୍ବାଦିକ ସଂଘ ଉପସଭାପତି) ସୋନାତନ ଦାସ (କୋଷାଧ୍ୟକ୍ଷ) ଅମିତ ପରିଚ୍ଛା ପ୍ରମୁଖ ଏହି ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

## କୁଞ୍ଜବିହାରୀ ଆଞ୍ଚଳିକ ବିକାଶ ମଞ୍ଚ ପକ୍ଷରୁ ଚାରାରୋପଣ



ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ୪ନଂ ଜୋନ ବିଜୁ ଜନତା ଦଳ ପକ୍ଷରୁ ଢିଙ୍କିଆ ପଞ୍ଚାୟତର ଜଟାଧାର ସମୁଦ୍ର ବେଳାଭୂମି ଠାରେ ସବୁଜ ଓଡ଼ିଶା ଓ ସୁସ୍ଥ ଓଡ଼ିଶା ଗଠନ ପାଇଁ ଚାରାରୋପଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଚାରାରୋପଣ କରିଥିଲେ। ଜଳବାୟୁ ପରିବର୍ତ୍ତନ ହେବା ଯୋଗୁଁ ଋତୁଚକ୍ରରେ ପରିବର୍ତ୍ତନ କାରଣରୁ ଠିକ୍ ସମୟରେ ବର୍ଷା, ଶୀତ ନହେବା ଓ ଗ୍ରୀଷ୍ମତାପ ବୃଦ୍ଧି ପାଇବା ଯୋଗୁଁ ବ୍ୟାପକ ଭାବେ ବୃକ୍ଷ ରୋପଣର ଆବଶ୍ୟକତା ରହିଛି ବୋଲି ଶ୍ରୀ ଜେନା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ଏରସମା ବ୍ଲକ ବିଜେଡ଼ି ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ପ୍ରିତବାସ ଗଛାୟତ, ପଞ୍ଚାୟତ ସମିତି ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଉପାଧକ୍ଷ ବିକାଶ କୁମାର ପରିଡ଼ା, ବାଲିକୁଦା-ଏରସମା ଯୁବ ବିଜେଡ଼ି ସଭାପତି ପାର୍ଥ ସାରଥୀ ରାଉତ, ଗଡ଼ କୁଜଙ୍ଗ ସରପଞ୍ଚ କବିତା ଦାସ, ଜିଲ୍ଲା ଉପସଭାପତି ବିଜୟ କୁମାର ପାଲ୍ ପ୍ରମୁଖ ଯୋଗ ଦେଇ ଚାରାରୋପଣ କରିବା ସହ ଶିଶୁଟିଏ ବୃକ୍ଷଟିଏ ବୋଲି ତୁଳନା କରିଥଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ କିଶୋର କୁମାର ପରିଡ଼ା, ବିଭୁ ରଞ୍ଜନ ସାମନ୍ତରାୟ, ସଞ୍ଜୟ କୁମାର ମହାନ୍ତି, ହରିହର ଲିଙ୍ଗରାଜ ମହାନ୍ତି, ଗୋପୀନାଥ ସାମନ୍ତରାୟ, ଢିଙ୍କିଆ ସମିତିର ସଭାପତି ଅକ୍ଷୟ ବେହେରା, ସମିତି ସଭ୍ୟ ବିକ୍ରମ ମହାପାତ୍ର, ଯୁବ ସମାଜସେବୀ ଗଣେଷ ରାଉତ, ଡ଼ ତମିଲ୍ ପ୍ରଧାନ, ପ୍ରକାଶ ଚନ୍ଦ୍ର ଦାସ, ରାଜେନ୍ଦ୍ର ବେହେରା, ବିଜୟ ଚାନ୍ଦ ନାୟକ, କାର୍ତ୍ତିକ ଦାସ ଓ ବୁଟୁଲାଲ ମହାପାତ୍ର ପ୍ରମୁଖଙ୍କ ସମେତ ବାଲିତୁଠ ୪ନଂ ଯୋନର ୧ହଜାରରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଯୋଗଦେଇଥିଲେ। ଏହି ଅବସରରେ କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ପୂରଣ କରିନଥିବାରୁ କମ୍ପାନୀ ବିରୋଧରେ ନେତୃମଣ୍ଡଳୀ ବକ୍ତବ୍ୟ ରଖିଥିଲେ।

## ଓଏଏସ୍ ଅଫିସରଙ୍କୁ ଧମକ ଦେଇ ୩ କଣ୍ଟ୍ରାକ୍ଟର ଗିରଫ

ପୁରୁଷୋତ୍ତମପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ଦଣ୍ଡସେନାଙ୍କୁ ଅଫିସ କାର୍ଯ୍ୟାଳୟରେ ପଶି ୩ଜଣ ବିଜେଡି ଠିକାଦାର ଜୀବନରେ ମାରିଦେବାକୁ ଧମକ ଦେବା ସହ ବିଭିନ୍ନ ଅଭଦ୍ର ଭାଷା ପ୍ରୟୋଗ କରି ଗାଳି ଦେଇ ଅପମାନ ଶବ୍ଦ କହି ଅଫିସ ଟେବୁଲ ବାଡେଇ ଧମକ ଦେବା ମହଙ୍ଗା ପଡିଛି। ବିଜେଡି କଣ୍ଟ୍ରାକ୍ଟର ମାନେ ଅତି ନିମ୍ନମାନର କାର୍ଯ୍ୟ କରି ଜବରଦସ୍ତ ଭାବେ ବିଲ୍ କରାଇବା ଓ ସବୁଦିନେ ଅଫିସ୍ ଭିତରେ ପଶି ହୋହଲ୍ଲା କରି ଆସୁଥିଲେ। ଗତ ୩୦ ତାରିଖ ଦିନ ଏପଟେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଚାଲିଥିବା ବେଳେ ସେପଟେ ଜଣେ ବରିଷ୍ଠ ଓଏଏସ୍ ଅଫିସର ତଥା ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଧମକ ଖବର ଓଏଏସ୍ ସଂଘ ପାଖରେ ଅଭିଯୋଗ ପରେ ଗଣମାଧ୍ୟମରେ ପ୍ରକାଶିତ ଖବର ଶୁଣି ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏଥିନେଇ କାର୍ଯ୍ୟ ନିର୍ବାହୀ ଅଧିକାରୀ ଥାନାରେ ଅଭିଯୋଗ କରିଥିଲେ। ପୁରୁଷୋତ୍ତମପୁର ଥାନା ଅଧିକାରୀ ରାଜେଶ କୁମାର ନାୟକ କେସ୍ ନମ୍ବର ୫୨୨/୨୫ ପ୍ରକାରେ ଠିକାଦାର ଆଶିଷ କୁମାର ମହାପାତ୍ର ଓ ତାଙ୍କ ବାପା ନାରାୟଣ ପ୍ରସାଦ ମହାପାତ୍ର ଏବଂ ଦୀପକ ଗୌଡ ତିନି କଣ୍ଟ୍ରାକ୍ଟରକୁ ଆରେଷ୍ଟ କରି କୋର୍ଟକୁ ପଠାଇ ଦିଆଯାଇଛି। ଏହି ମାନଙ୍କର ଠିକା କାମ ଅତି ନିମ୍ନମାନର ବୋଲି ଜନସାଧାରଣଙ୍କ ଅଭିଯୋଗ ବାରମ୍ବାର ହୋଇ ଆସୁଥିଲା ଓ ଭିଜିଲାନ୍ସ ଚଢ଼ାଉ କରି ୧୨୨ ଗୋଟି ଫାଇଲ ଜବତ କରି ନେଇ ଖୋଲତାଡ କରୁଥିବା ବେଳେ ସହର ମଧ୍ୟ ଭାଗରେ ଥିବା ଗୋପାଳ ବନ୍ଧର ଗାର୍ଡୱାଲ ନିର୍ମାଣର ବିଲ୍ ତୁରନ୍ତ କରାଇ ଦେବା ପାଇଁ ବଧ କରି ଧମକ ଦେବା ମହଙ୍ଗା ପଡିଛି। ପୁରୁଷୋତ୍ତମପୁର କୋର୍ଟରେ ବେଲ୍ ରିଜେକ୍ଟ ହୋଇଥିବାରୁ ଏମାନଙ୍କୁ ଜେଲ୍ ପଠାଇ ଦିଆଯାଇଛି।

## କଟନୀ ଛଟନୀକୁ ବିରୋଧ
## ରାଜରାସ୍ତାକୁ ଓହ୍ଲାଇଲେ ଚାଷୀ



କଣାସ (ଭାସ୍କର ନ୍ୟୁଜ୍) : ଧାନର ଏଫ୍ଏକ୍ୟୁ ମାନକୁ ନେଇ ଚାଷୀ ଓ ମିଲର ମଧ୍ୟରେ ଦେଖାଦେଇଛି ବିବାଦ ଯାହାକୁ ନେଇ ଚାଷୀ ଆଜି ରାଜରାସ୍ତାରେ। ମଣ୍ଡିରେ ଧାନ ନଦେଇ ଦିନ ଦିନ ଧରି ରାଜରାସ୍ତାରେ ଲୋଡ଼ ଧାନ ବୋଝେଇ ଗାଡି ରଖି ପଡି ରହିଛନ୍ତି। ଯାହାକୁ ନେଇ ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ସରକାର ଦେଇଥିବା ପ୍ରତିଶ୍ରୁତିରେ ଫେଲ୍ ହୋଇଛନ୍ତି କହି ଆଜି ପୁରୀ ଜିଲ୍ଲା ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ଅନେକ ଚାଷୀ ରାଜରାସ୍ତାକୁ ଓହ୍ଲାଇ ଉଭୟ ପ୍ରଶାସନ ଓ ସରକାରଙ୍କୁ ତ୍ରୀବ ଭତ୍ସନା କରିଛନ୍ତି। ଆଜି ପୁରୀ ନିରାକାରପୁର ଜଗନ୍ନାଥ ସଡକ ବିଜିପୁର ଛକରେ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ଅନେକ ଚାଷୀ ରାଜ ରାସ୍ତାକୁ ଓହ୍ଲାଇ ଧାରଣା ଦେଇଥିଲେ। ସମର୍ଥନ ଦେଇ ସାଥ୍ ଦେଇଥିଲେ ବିଜୁ ଜନତା ଦଳର ନେତା ଓ କର୍ମୀ। ଏମିତିକି କୁଆଡେ ଦଳଗତ ମନୋଭାବ ନେଇ ପାତରଅନ୍ତର ରଖି ଯେଉଁମାନେ ବିଜେପି ଦଳର ସେଇମାନଙ୍କ ଧାନକୁ ଗ୍ରହଣ କରିଛି ମିଲର। ଯାହାଫଳରେ ଚାଷୀମାନଙ୍କ ମଧ୍ୟରେ ତେଜୁଛି ଅସନ୍ତୋଷ। ଯାହାକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି ବିଜେଡି ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟଙ୍କ ସହିତ ଉଭୟ କଣାସ ବ୍ଲକ ଓ ସତ୍ୟବାଦୀ ବ୍ଲକର ତୁଙ୍ଗ ନେତା। ଫଳରେ ପ୍ରଭାବିତ ହୋଇଥିଲା ଜଗନ୍ନାଥ ସଡ଼କ। ପୋଲିସ ଓ ସ୍ଥାନୀୟ ତହସିଲଦାର ଏବଂ ଅତିରିକ୍ତ ଜିଲ୍ଲାପାଳ ପହଞ୍ଚି ବୁଝାସୁଝା କରି ଖୁବଶୀଘ୍ର ଜିଲ୍ଲାପାଳଙ୍କୁ ଏ ବାବଦରେ ଅବଗତ କରେଇବା ପାଇଁ ପ୍ରତିଶ୍ରୁତି ଦେବା ପରେ ହଟିଥିଲା ରାସ୍ତାରୋକ କିନ୍ତୁ ନ୍ୟାୟ ପାଇଁ ରାଜରାସ୍ତା କଡରେ ଏବେବି ଅପେକ୍ଷାରତ ଅନେକ ଚାଷୀ। ଅଭିଯୋଗ ଅନୁଯାୟୀ, ଧାନର ଏଫ୍ଏକ୍ୟୁ ମାନ ଯାଞ୍ଚ ନେଇ ୫ରୁ ୧୦ ପ୍ରତିଶତ ଧାନ କାଟିବାକୁ ମିଲର କହିଥିବା ବେଳେ ଏହାକୁ ଚାଷୀମାନେ ବିରୋଧ କରିଥିଲେ। ୫ ପ୍ରତିଶତ ବଦଳରେ ୪ ପ୍ରତିଶତ କାଟିବାରେ ରାଜି ହୋଇଥିଲେ ମଧ୍ୟ ମିଲର ଏଥିରେ ରାଜି ହୋଇନଥିଲା।

## ବିଏସ୍ କଲେଜରେ ବନ ମହୋତ୍ସବ ପାଳିତ

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ବଡଚଣା ବ୍ଲକ୍ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବନ ମହୋତ୍ସବ ସପ୍ତାହ ପାଳନ ଉପଲକ୍ଷେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ସଂଯୋଜକ ଅଧ୍ୟାପକ କିଶୋର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଯୋଗଦେଇ ଜଙ୍ଗଲ ହିଁ ପ୍ରକୃତିର ଶ୍ରେଷ୍ଠ ଅବଦାନ। ଜୀବନ ଜୀବିକା ପାଇଁ ବୃକ୍ଷର ଅବଦାନ ଅତୁଳନୀୟ। ଜଙ୍ଗଲ ସୁରକ୍ଷା ସହିତ ବହୁଳ ଭାବେ ବୃକ୍ଷ ରୋପଣ ଏବଂ ଜଙ୍ଗଲ ସମ୍ପଦର ଅଭିବୃଦ୍ଧି କରିବା ଲକ୍ଷ୍ୟ ନେଇ ପ୍ରତ୍ୟେକ ଛାତ୍ରଛାତ୍ରୀ ବର୍ଷକୁ ପାଞ୍ଚଟି ବୃକ୍ଷଚାରା ରୋପଣ କରି ମାଆ ପରି ଯତ୍ନ ନେବାକୁ ଶପଥ ନେବାକୁ ଆହ୍ୱାନ ଦେଇଥିଲେ। କଲେଜର ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଳା, ବରିଷ୍ଠ ଅଧ୍ୟାପକ ନାରାୟଣ ମୁଦୁଲି ଯୋଗଦେଇ ଜଙ୍ଗଲ ଓ ପ୍ରକୃତିର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ସଭାପତି କିଶୋର କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଂଯୋଜିକା ଅଧ୍ୟାପିକା ଗୀତାଞ୍ଜଳୀ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ଡ. ଭଗ୍ୟଧର ନାୟକ, ପ୍ରଦୀପ କୁମାର ବରାଳ, ଡ. ସଂଜିତ୍ ମହାନ୍ତି, ଅଶୋକ କୁମାର ସାହୁ, ଶମ୍ଭୁନାଥ ହେମ୍ବ୍ରମ, ଡ. ହରି ନାରାୟଣ ସାହୁ, ପ୍ରିତମ ମିଶ୍ର, ଗିରିଶ ରାଉଳ, ଅଧ୍ୟାପିକା ରଞ୍ଜିତା ସ୍ୱାଇଁ, ଡ. ଅମ୍ବିକା ତ୍ରିପାଠୀ, ଶ୍ରାବଣୀ କନ୍ୟା ସ୍ୱାଗତିକା ସମେତ ଜାତୀୟ ସେବା ଯୋଜନାର ଛାତ୍ରଛାତ୍ରୀ ସହଯୋଗ କରିଥିଲେ।




## ରାମକୃଷ୍ଣ ନର୍ସିଂହୋମ ପକ୍ଷରୁ ଆମ୍ବୁଲାନ୍ସ ସେବା ଆରମ୍ଭ

ଜଳେଶ୍ୱର (ଭାସ୍କର ନ୍ୟୁଜ୍) : ଜଳେଶ୍ୱର ଅଞ୍ଚଳର ଜନସାଧାରଣଙ୍କୁ ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ତଥା ନିର୍ଭର ଯୋଗ୍ୟ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ରାମକୃଷ୍ଣ ନର୍ସିଂହୋମ ପକ୍ଷରୁ ଆମ୍ବୁଲାନ୍ସ ସେବା ଆରମ୍ଭ କରାଯାଇଛି। ଜଳେଶ୍ୱର ନୂଆ ବଜାର ସ୍ଥିତ ୬୦ନଂ ଜାତୀୟ ରାଜପଥ ନିକଟରେ ଥିବା ଏହି ନର୍ସିଂହୋମ ଜନସାଧାରଣଙ୍କୁ ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଏହି ଆମ୍ବୁଲାନ୍ସ ସେବା ଆରମ୍ଭ କରାଯାଇଛି ବୋଲି ମୁଖ୍ୟ ପରିଚାଳକ ସୁଭେନ୍ଦୁ କୁମାର ରାଉତ କହିଛନ୍ତି। ଅନେକ ସମୟରେ ସରକାରୀ ଆମ୍ବୁଲାନ୍ସକୁ ଅପେକ୍ଷା କରି ରୋଗୀ ବହୁ ସମୟରେ ଅସୁବିଧାରେ ପଡୁଥିବା ବେଳେ ଉକ୍ତ ସେବା ଲୋକମାନଙ୍କୁ ସାହାଯ୍ୟ କରିବ ଏବଂ ସ୍ୱଳ୍ପ ମୂଲ୍ୟରେ ଗରିବ ଲୋକମାନେ ଏହାକୁ ବ୍ୟବହାର କରିପାରିବେ ବୋଲି ଶ୍ରୀ ରାଉତ କହିଛନ୍ତି। ଏହି ଆମ୍ବୁଲାନ୍ସର ସେବା ପାଇବା ପାଇଁ ମୋବାଇଲ ନମ୍ବର- ୯୭୭୭୦୨୮୭୩୯ ଓ ୯୯୩୭୪୮୪୨୩୯କୁ ଯୋଗାଯୋଗ କରିବା ପାଇଁ ମଧ୍ୟ ସୂଚନା ଦେଇଛନ୍ତି।

## ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଆଇଏସ୍‌ଟିଇ ଛାତ୍ର ସମାବେଶ ଓ ଜାତୀୟ ପାଠଚକ୍ର




ଗୁଣୁପୁର (ଭାସ୍କର ନ୍ୟୁଜ୍) : ଗୁଣୁପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ଦୁଇଦିନିଆ ଓଡିଶା ବିଭାଗର ୨୬ତମ ଆଇଏସ୍‌ଟିଇ ଛାତ୍ର ସମାବେଶ ଏବଂ ଜାତୀୟ ପାଠଚକ୍ର 'ଭାରତର ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବିପ୍ଲବ- ବିଶ୍ୱ ଗୁରୁ' ସମ୍ପର୍କରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୟୁପିଏସସିର ପୂର୍ବତନ ଅଧ୍ୟକ୍ଷ ଡ. ଡି ପି ଅଗ୍ରୱାଲ ଆଭସୀ ମାଧ୍ୟମରେ ଯୋଗ ଦେଇ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବର୍ଦ୍ଧିତ ପ୍ରୟୋଗ ଏବଂ ଉଦୀୟମାନ ପ୍ରବୃତ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଆଇଏସ୍‌ଟିଇ ଓଡିଶା ବିଭାଗର ଅଧ୍ୟକ୍ଷ ଡ. ପ୍ରଭାତ କୁମାର ପାଢ଼ୀ ଯୋଗ ଦେଇ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ଭାରତୀୟଙ୍କ ଉଲ୍ଲେଖନୀୟ ସଫଳତା ବିଷୟରେ କହିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ଡ. ଏଭିଏନ୍ଏଲ୍ ଶର୍ମା ଯୋଗଦେଇ ବୈଷୟିକ ଓ ଅଭିନବକରଣ କ୍ଷେତ୍ରରେ ଭାରତ ବିଶ୍ୱଗୁରୁ ହେବାର କ୍ଷମତା ରହିଛି ବୋଲି କହିଥିଲେ। ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଡିନ ଡ. ତୁଲୁ ପଟ୍ଟନାୟକ ଯୋଗ ଦେଇ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଉତ୍ପତ୍ତି ଓ ବିକାଶ ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଏସ୍‌ଟି ଓଡ଼ିଶା ବିଭାଗର ବିଶିଷ୍ଟ ପ୍ରତିନିଧି ପ୍ରଫେସର୍ ପି କେ ସିଂ ଓ ଡ. ଇପସୀତା ଜେନା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଏନ ଭି ଜେ ରାଓ, ପରୀକ୍ଷା ନିୟନ୍ତ୍ରକ ଡ. ପି ବିଜୟ କୁମାର, ସମସ୍ତ ସ୍କୁଲର ଡିନ, ବିଭାଗୀୟ ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ମାନସ ରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ସଂଯୋଜକ ଡ. ରାଘେବେନ୍ଦ୍ର କୁମାର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସଫଳ ଉଦ୍ୟୋଗୀଙ୍କୁ ନେଇ ସମାବେଶ

ବେଲପାହାଡ (ଭାସ୍କର ନ୍ୟୁଜ୍) : ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ସ୍ଥିତ ଟିଆରଏଲ ଏସ୍‌ବିଆଇ ଆରସେଟିରୁ ତାଲିମପ୍ରାପ୍ତ ସଫଳ ଉଦ୍ୟୋଗୀ ମାନଙ୍କୁ ନେଇ ଶୁକ୍ରବାର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆରସେଟି କନଫେରେନ୍ସ କକ୍ଷରେ ଅନୁଷ୍ଠିତ ଏହି ସମାବେଶରେ ଓଡ଼ିଶା କୌଶଳ ବିକାଶ ପ୍ରକଳ୍ପ ସଂଯୋଜକ ସୌରଭ ନାଏକଙ୍କ ସହ ସ୍ନେହା ବାଲାସାହେବ ଗଓ୍ୱାଇ ପ୍ରମୁଖ ଅଧିକାରୀଗଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୬୦ରୁ ଉର୍ଦ୍ଧ୍ୱ ଉଭୟ ମହିଳା ଏବଂ ପୁରୁଷ ଉଦ୍ୟୋଗୀ ଯୋଗ ଦେଇ ସେମାନେ ପାଇଥିବା ସଫଳତା ବିଷୟରେ ଆଲୋଚନା କରିଥିଲେ। ଆରସେଟିରୁ ତାଲିମ ନେଇ ବିଭିନ୍ନ ବ୍ୟାଙ୍କ ସହାୟତାରେ ଋଣ ନେଇ ବ୍ୟବସାୟ କରି ଆତ୍ମନିର୍ଭର ହେବା ସହ କିଛି ଲୋକଙ୍କୁ ରୋଜଗାର ଦେଇଥିବା କଥା ଅନେକ ପ୍ରକାଶ କରିଥିଲେ। ଆରସେଟି ଅଧ୍ୟକ୍ଷ ଦ୍ୱୟ ରାଜକୁମାର ସାହୁ ଓ ନିବେଦିତା ବରଓ୍ୱାଙ୍କ ସମେତ, ରଶ୍ମିରଞ୍ଜନ ମହାନ୍ତି, ରଜନିରାଣି ନାଏକ, ସାଜିତ କୁଜୁର, ଅରୁଣ ପୁରୋହିତ, ମାନସ ରଞ୍ଜନ ବେହେରା ଓ ସନ୍ଧ୍ୟା ବାଗ ପ୍ରଭୃତି କେନ୍ଦ୍ର କର୍ମଚାରୀମାନେ କାର୍ଯ୍ୟକ୍ରମ ଆୟୋଜନରେ ବିଶେଷ ଭୂମିକା ନିର୍ବାହ କରିଥିଲେ।

## ରାଶିଫଳ

ଶନିବାର, ୧୨ ଜୁଲାଇ ୨୦୨୫




**ମେଷ:** ଆପଣ ଅନେକ ଉତ୍ସରୁ ଆର୍ଥିକ ଭାବରେ ଉପକୃତ ହେବେ। କେତେକଙ୍କ ପାଇଁ ପରିବାରରେ ନୂତନ ବ୍ୟକ୍ତିଙ୍କ ଆଗମନ ଉତ୍ସବ ଏବଂ ଆନନ୍ଦର ମୁହୂର୍ତ୍ତ ଆଣିଦେବ। ଆପଣଙ୍କ ମନରେ କାର୍ଯ୍ୟର ଚାପ ସତ୍ତ୍ୱେ, ଆପଣଙ୍କର ପ୍ରିୟ ଖୁସିର ମୁହୂର୍ତ୍ତ ଆଣିଦେବେ।




**ବୃଷ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ।




**ମିଥୁନ:** ଧୈର୍ଯ୍ୟବାନ ହୁଅ, କାରଣ ଆପଣଙ୍କର ବୁଝାମଣା ଏବଂ ପ୍ରୟାସ ନିଶ୍ଚିତ ଭାବରେ ଆପଣଙ୍କୁ ସଫଳ କରିବ। ବଡ ଯୋଜନା ଏବଂ ଚିନ୍ତାଧାରା ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବ। କୌଣସି ପ୍ରକାରର ବିନିଯୋଗ କରିବା ପୂର୍ବରୁ ସେହି ବ୍ୟକ୍ତିଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁସନ୍ଧାନ କରନ୍ତୁ।




**କର୍କଟ:** ଆପଣ ଚିନ୍ତା କରୁଥିବା ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତାର ଅଭାବ ଆପଣଙ୍କୁ ଚାପ ଦେଇପାରେ। ଆପଣଙ୍କର ହୃଦୟର ମଣିଷ ଦିନସାରା ଆପଣଙ୍କୁ ମନେ ରଖିବେ। ତାଙ୍କୁ ଆଶ୍ଚର୍ଯ୍ୟ କରିବା ପାଇଁ ଯୋଜନା ପ୍ରସ୍ତୁତ କରନ୍ତୁ ଏବଂ ତାଙ୍କ ପାଇଁ ଏକ ସୁନ୍ଦର ଦିନରେ ପରିଣତ କରିବାକୁ ଚିନ୍ତା କରନ୍ତୁ।




**ସିଂହ:** ଘରର ପରିବେଶ ସୁଖଦ ହେବ। ଆର୍ଥିକ ଲାଭ ସହିତ ବ୍ୟବସାୟରେ ଆପଣ ସନ୍ତୁଷ୍ଟ ଅନୁଭବ କରିବେ। ଆଜି ଆପଣଙ୍କର ବ୍ୟକ୍ତିତ୍ୱର ଉନ୍ନତି ହୋଇପାରେ। ଅତିଥିମାନେ ଆପଣଙ୍କ ଘରେ ପହଞ୍ଚିପାରନ୍ତି। ଆପଣ ରୋଜଗାରର ସୁଯୋଗ ପାଇପାରିବେ।



**କନ୍ୟା:** ଆର୍ଥିକ ଲାଭ ପାଇଁ ଆଜି ଭଲ ସୁଯୋଗ ମିଳିବ। ଆପଣଙ୍କ ସ୍ୱାସ୍ଥ୍ୟ ଭଲ ହେବ। ଭ୍ରମଣରୁ ଆପଣ ଉପକୃତ ହେବେ । ଆପଣ ଜଣେ ବନ୍ଧୁଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ପାଇବେ। ପରିବାରର ସମସ୍ତ ସଦସ୍ୟଙ୍କ ସହିତ ପାରସ୍ପରିକ ସମନ୍ୱୟ ରହିବ। ଆପଣ ଆଧ୍ୟାତ୍ମିକତା ପ୍ରତି ଅଧିକ ଆଗ୍ରହୀ ହେବେ।



**ତୁଳା:** ଆଜି ଆପଣଙ୍କୁ ଆରାମ ଏବଂ ଘନିଷ୍ଠ ବନ୍ଧୁ ଏବଂ ପରିବାର ସହିତ ଖୁସିର କିଛି ମୁହୂର୍ତ୍ତ ବିତାଇବାକୁ ପଡିବ। ଟଙ୍କା ଆପଣଙ୍କର ମୁଷ୍ଟିରୁ ସହଜରେ ଚାଲିଯିବ। ଆପଣ ପରିବାର ପ୍ରତି ଅଶାଳୀନ ବ୍ୟବହାର କରନ୍ତୁ ନାହିଁ। ଏହା ପାରିବାରିକ ଶାନ୍ତିକୁ ବିଘ୍ନ କରିପାରେ।




**ବିଛା:** ଆଜି ଆପଣ ଚାପରୁ ମୁକ୍ତି ପାଇପାରିବେ। ଆପଣ ଆରାମ ଅନୁଭବ କରିବେ। ସାମାଜିକ ଭାବରେ ତୁମର ପ୍ରତିଷ୍ଠା ବୃଦ୍ଧି ପାଇବ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ। ଲୋକମାନେ ଆପଣଙ୍କୁ ସାହାଯ୍ୟ କରିବା ଜାରି ରଖିବେ। ତୁମର ଯାତ୍ରା ଲାଭଦାୟକ ହେବ।



**ଧନୁ:** କୌଣସି କାର୍ଯ୍ୟରେ ଚିନ୍ତା ନ କରି କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ, ଆଜି ଆପଣଙ୍କ ପ୍ରିୟ ଲୋକଙ୍କଠାରୁ ଉପକୃତ ହେବ। ଇଚ୍ଛାଶକ୍ତିର ଅଭାବ ଆପଣଙ୍କୁ ଭାବପ୍ରବଣ ଏବଂ ମାନସିକ ଅସୁବିଧାରେ ପକାଇପାରେ। ଯଦି ଆପଣ ଆୟ ଅଭିବୃଦ୍ଧିର ଉତ୍ସ ଖୋଜୁଛନ୍ତି, ସୁରକ୍ଷିତ ଅର୍ଥନୈତିକ ପ୍ରକଳ୍ପରେ ବିନିଯୋଗ କରନ୍ତୁ। ଘରେ ସମନ୍ୱୟ ରକ୍ଷା କରିବା ପାଇଁ ଏକାଠି କାମ କରନ୍ତୁ।



**ମକର:** ଧାର୍ମିକ ଏବଂ ଆଧ୍ୟାତ୍ମିକ ଆଗ୍ରହର କାର୍ଯ୍ୟ କରିବା ପାଇଁ ଶୁଭ ଦିନ। ଶୀଘ୍ର ଟଙ୍କା ରୋଜଗାର କରିବାକୁ ଆପଣଙ୍କର ପ୍ରବଳ ଇଚ୍ଛା ଅଛି। ଆପଣଙ୍କ ସମସ୍ୟା ଆପଣଙ୍କ ପାଇଁ ବହୁତ ବଡ ହୋଇପାରେ, କିନ୍ତୁ ଆପଣଙ୍କ ଆଖପାଖର ଲୋକମାନେ ଆପଣଙ୍କ ଯନ୍ତ୍ରଣା ବୁଝିବେ ନାହିଁ। ବୋଧହୁଏ ସେମାନେ ଅନୁଭବ କରନ୍ତି ଯେ ସେମାନଙ୍କ ସହିତ ଏହାର କୌଣସି ସମ୍ପର୍କ ନାହିଁ। ଅନେକ ଲୋକଙ୍କ ପାଇଁ ଆଜିର ସନ୍ଧ୍ୟା ରୋମାଣ୍ଟିକ୍ ହେବ।



**କୁମ୍ଭ:** ସାମାଜିକ ଭାବରେ ଆପଣଙ୍କର ପ୍ରତିଷ୍ଠା ବୃଦ୍ଧି ପାଇବ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ। ଆପଣଙ୍କ ସମ୍ପର୍କରେ ମଧୁରତା ବୃଦ୍ଧି ପାଇବ। କାର୍ଯ୍ୟଭାର ଆପଣଙ୍କ ଉପରେ ସାମାନ୍ୟ ଅଧିକ ହୋଇପାରେ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏକ ଧାରଣା ସୃଷ୍ଟି କରିପାରିବ।



**ମୀନ:** କଠିନ ଅର୍ଥନୈତିକ ଅବସ୍ଥା ହେତୁ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଝିରେ ଅଟକି ଯାଇପାରେ। ଯଦି ଆପଣ ଆଜି ପ୍ରକୃତରେ ଲାଭ ଚାହୁଁଛନ୍ତି ତେବେ ଅନ୍ୟମାନଙ୍କ ମତାମତକୁ ଭଲଭାବେ ଶୁଣନ୍ତୁ। ଆପଣଙ୍କ ଜୀବନସାଥୀ ସହିତ ଆପଣଙ୍କର ଭାବପ୍ରବଣତା ଦୁର୍ବଳ ହେବାକୁ ଲାଗିବ। ହନୁମାନ ଚଳିସା ପଢନ୍ତୁ। ସମସ୍ତେ ଆପଣଙ୍କ ସହିତ ଭଲରେ ରହିବେ।



ଶ୍ରୀପତିଙ୍କ ସହ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଉମରକୋଟ ( ଭାସ୍କର ନ୍ୟୁଜ୍): ପବିତ୍ର ଗୁରୁପୂର୍ଣ୍ଣିମା ଉତ୍ସବ ଧୋଡ୍ରାସ୍ଥିତ ସହିଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ଜିଲ୍ଲାରେ ମାଟ୍ରିକ ପରୀକ୍ଷା ଫଳର ଗୁଣାତ୍ମକ ମାନ ବୃଦ୍ଧି ସହ, ବିଦ୍ୟାଳୟର ପରିବେଶ ଓ ସମୟାନୁବର୍ତ୍ତିତା ହେବା ପାଇଁ ପରାମର୍ଶ ଦେଇଥିଲେ। ପୂର୍ବାହ୍ନରେ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ଶିକ୍ଷା ସେତୁ, ଲକ୍ଷ୍ୟ ୨.୦, ଶ୍ରେଣୀଗୃହ ଶିକ୍ଷାଦାନ ଓ ସରକାରୀ ବିଧି ବ୍ୟବସ୍ଥା ସଂପର୍କରେ ପ୍ରଧାନ ଶିକ୍ଷକମାନଙ୍କୁ ଅବଗତ କରାଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର ବିଦ୍ୟାଳୟର ବିଭିନ୍ନ ରେକର୍ଡ ପତ୍ର ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତନ୍ମୟ ବେହେରା ବିଦ୍ୟାଳୟ ପରିତ୍ୟାଗ ପ୍ରମାଣପତ୍ର, ଆଡମିସନ ରେଜିଷ୍ଟର ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାର ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର, ଶ୍ରୀକାନ୍ତ ଜାନି, ସୁଦୀପ୍ତ ଦାସ, ରଶ୍ମିତା ନେତମ୍, ଈଶ୍ୱର ଚନ୍ଦ୍ର ମାଝୀ, ସୌମେନ୍ଦ୍ର ଭୌମିକ, ଦଶରଥ ଗଣ୍ଡ ପ୍ରମୁଖ ନିଜ ନିଜ ବ୍ଲକର ୨୦୨୫ ବର୍ଷ ମାଟ୍ରିକ ପରୀକ୍ଷା ଫଳର ତଥ୍ୟ ଉପସ୍ଥାନ ସହ ୨୦୨୬ ବର୍ଷର ମାଟ୍ରିକ ପରୀକ୍ଷା ଫଳ ପ୍ରସ୍ତୁତି ଓ ନିର୍ଦ୍ଧାରିତ କାର୍ଯ୍ୟପନ୍ଥା ସଂପର୍କରେ ଉପସ୍ଥାପନ କରିଥିଲେ । ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ ଆଗାମୀ ବିଜ୍ଞାନ ମେଳାରେ ପ୍ରକଳ୍ପ ପ୍ରସ୍ତୁତି ଏବଂ ପଞ୍ଚସଖା ଶିକ୍ଷା ସେତୁର ବିଭିନ୍ନ ସମସ୍ୟାର କାର୍ଯ୍ୟାବଳୀ ସମ୍ପର୍କରେ ମତ ରଖିଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ବକୋଦା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକ ଓ ଧନ୍ୟବାଦ୍ ଅର୍ପଣ କରିଥିଲେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର।

## ଅନ୍ଧାରୀ ନଦୀ ଉପରେ ସ୍ଥାୟୀ ପୋଲ ନାହିଁ

### ବାଜିରେ ଲାଗୁଛି ଜୀବନ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ଲଗାଣ ବର୍ଷା ଯୋଗୁଁ କୋରାପୁଟ ଜିଲ୍ଲାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ନଦୀ ନାଳ ଫୁଲି ଉଠିଛି। ଫଳରେ ଅନେକ ଦୁର୍ଗମ ଅଞ୍ଚଳ ଜଳବନ୍ଦୀ ହୋଇ ରହିଛି। ପିଲାଠୁ ବୁଢା ସଭିଏଁ ସମସ୍ୟାରେ ପଡିଛନ୍ତି। ଏପରିକି ଛାତ୍ରଛାତ୍ରୀ ମାନଙ୍କ ପାଠ ପଢା ଏକଦମ ଠପ ହୋଇ ପଡିଛି। ଏଇଭଳି ଏକ ଦୃଶ୍ୟ ଦଶମନ୍ତପୁର ବ୍ଲକରେ ଦେଖିବାକୁ ମିଳିଛି। କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡା ପଦର ପଞ୍ଚାୟତର ଶିଷକୁଡି ଗ୍ରାମବାସୀଙ୍କ ପାଇଁ ଦୁଃଖ ଆଣିଦେଇଛି ଅନ୍ଧାରୀ ନଦୀ। ନଦୀ ଉପରେ ପୋଲର କୌଣସି ବ୍ୟବସ୍ଥା ନଥିବାରୁ ଲୋକେ ପାଣି ଭିତରେ ପଶି ଯାତାୟତ କରନ୍ତି। ବର୍ଷା ଦୁଇମାସ ଗ୍ରାମବାସୀ ଏକ ପ୍ରକାର ଜଳବନ୍ଦୀ ଜୀବନ କାଟନ୍ତି। ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଅନ୍ଧାରୀ ନଦୀର ଜଳସ୍ତର ବଢ଼ିବାରୁ ଲୋକେ ଗ୍ରାମରୁ ବାହାରକୁ ଯିବାରେ ଅସୁବିଧା ଦେଖା ଦେଇଥିଲା।ଛାତ୍ରଛାତ୍ରୀଙ୍କ ସ୍କୁଲ ଯିବା ମଧ୍ୟ ବନ୍ଦ ହୋଇଯାଉଥିଲା। ଶେଷରେ ଆଜି ଜଳସ୍ତର ଟିକିଏ କମିବାରୁ ବିଦ୍ୟାଳୟ ଯିବାକୁ ଛାତ୍ର ଛାତ୍ରୀମାନଙ୍କୁ ଅଭିଭାବକ ମାନେ କାନ୍ଧରେ ବୋହି ନଦୀ ପାର କରୁଥିବା ଦେଖିବାକୁ ମିଳିଛି। ଗାଁରେ ୫୦ ପରିବାର ବସବାସ କରୁଥିବା ବେଳେ ଲୋକ ସଂଖ୍ୟା ୩ ଶହରୁ ଅଧିକା। ଅନ୍ଧାରୀ ନଦୀ ଉପରେ ସ୍ଥାୟୀ ପୋଲ ନଥିବାରୁ ପ୍ରତିବର୍ଷ ବର୍ଷା ଦିନେ ଏଇଭଳି ସମସ୍ୟା ଉପୁଜେ ବୋଲି ବଡ଼ କ୍ଷୋଭର ସହ ଗ୍ରାମବାସୀ କହିଛନ୍ତି।ନଦୀ ଉପରେ ଏକ ସ୍ଥାୟୀ ପୋଲ ନିର୍ମାଣ କରିବା ଲାଗି ଗ୍ରାମବାସୀ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ବାର ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ନିର୍ବାଚନ ସମୟରେ ମାଳ ମାଳ ନେତାଙ୍କ ଦେଖାମିଳେ। ସଭିଙ୍କର ଗୋଟିଏ କଥା,ଆମକୁ ଭୋଟ ଦିଅ ଆମ ଦଳ ଜିତିଲେ ଏସା କରିବୁ ତେସା କରିବୁ ବୋଲି ପ୍ରତିଶୃତି ଦିଅନ୍ତି । ହେଲେ ଜିତିଗଲା ପରେ ଆମେ ତାଙ୍କ ପାଇଁ ଅଲୋଡ଼ା ହେଇଯାଉ। ବିଧାୟକ ପରେ ବିଧାୟକ ଗଲେଣି ହେଲେ ଏଯାଏଁ କେହିବି ନିଜର ପ୍ରତିଶୃତି ରଖିଲେ ନାହିଁ। ଆଉ ପ୍ରଶାସନ କଥା ନକହିବା ଭଲ ବୋଲି ଗ୍ରାମବାସୀ କହିଛନ୍ତି।ବର୍ତ୍ତମାନ ଜିଲ୍ଲା ପ୍ରଶାସନ ର ନଜର ଶିଷକୁଡି ଗ୍ରାମ ଉପରେ କେବେ ପଡୁଛି ଆଉ ଗ୍ରାମବାସୀଙ୍କ ଦୁଃଖ କେବେ ଦୂର ହେଉଛି ତାହା ଏବେ ଦେଖିବାକୁ ବାକି ରହିଲା।

## ଅନ୍ନ ପ୍ରସାଦ ବଣ୍ଟନ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବଡ ରାଧାକାନ୍ତ ମଠ ନିକଟରେ ପବିତ୍ର ଗୁରୁ ପୂର୍ଣ୍ଣିମା ଅବସରରେ ହାଇଟେକ ଗ୍ରୁପ୍‌ର ଅଧ୍ୟକ୍ଷ ଡ଼ଃ. ତିରୁପତି ପାଣିଗ୍ରାହୀ ଏବଂ ପାରଳା ବିଧାୟକ ଇଂ ରୁପେଶ କୁମାର ପାଣିଗ୍ରାହୀଙ୍କ ଦ୍ୱାରା ମହାପ୍ରସାଦ ପରିବେଷଣର ଆୟୋଜନ କରାଯାଇଥିଲା। ଏଥିରେ ୧୦୮ ବ୍ରାହ୍ମଣ ଦେବତାମାନଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ଏହାଛଡା ସହରର ମାନ୍ୟଗଣ୍ୟ ବୁଦ୍ଧିଜୀବୀ ଏଥିରେ ଯୋଗଦାନ କରିଥିଲେ। ଡ଼ଃ.ପାଣିଗ୍ରାହୀ ଏବଂ ବିଧାୟକଙ୍କର ଏହିଭଳି କାର୍ଯ୍ୟକ୍ରମ ପାଇଁ ନିମନ୍ତିତ ଅତିଥିମାନେ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ। ଗୁରୁପୂର୍ଣ୍ଣିମା ଏକ ବିଶେଷ ଉତ୍ସବ ହୋଇଥିବାରୁ ପ୍ରତ୍ୟେକ ବର୍ଷ ଏହିପରି ସେ ଆୟୋଜନ କରନ୍ତି। ସ୍ଥାନୀୟ ଅଞ୍ଚଳର ହଜାର ହଜାର ଜଗନ୍ନାଥ ଭକ୍ତ ଏହି ପ୍ରସାଦ ସେବନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



## ମାଥିଲି ସଦର ଡାକ୍ତରଖାନାରେ ଟଏଲେଟ୍ ନାହିଁ

### ସାଲାଇନ୍ ଲଗାଇ ଶୌଚ ପାଇଁ ବାହାରକୁ ଯାଉଛନ୍ତି ରୋଗୀ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ମାଥିଲି ସଦର ସ୍ୱାସ୍ଥ୍ୟ କେନ୍ଦ୍ରରେ ଟଏଲେଟ୍ ବ୍ୟବସ୍ଥା ନଥିବାରୁ ଏକ ଦୁଃଖଦ ଘଟଣା ଘଟିଛି। ରୋଗୀ ଓ ସହଯୋଗୀଙ୍କ ଦ୍ୱାରା ଯାଇଥିବା ଛବି ଏବେ ସାମାଜିକ ମାଧ୍ୟମରେ ଭାଇରାଲ୍ ହେଉଛି। ଯେଉଁଠି ଏକ ପୁରୁଷ ରୋଗୀ, ଯାହାଙ୍କ ହାତରେ ସାଲାଇନ୍ ଲଗାଯାଇଛି, ସେ ଜଣେ ସହଯୋଗୀ ସହିତ ଡାକ୍ତରଖାନାରୁ ବାହାରି ସାଗର ବନ୍ଧ ପାଖକୁ ଶୌଚ ପାଇଁ ଯାଉଛନ୍ତି। ଚିକିତ୍ସାଳୟ ଭିତରେ ରହିଥିବା ଟଏଲେଟ୍ ଉପରେ ‘Under Construction’ ଲେଖାଥିବା ବୋର୍ଡ ଲଗାଯାଇଛି ଓ ଦ୍ୱାରକୁ ତାଲା ଲାଗିଛି। ରୋଗୀଙ୍କୁ ଶୌଚ କାର୍ଯ୍ୟ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିବାରୁ, ରାତି ଅନ୍ଧାରରେ ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି। ସ୍ଥାନୀୟ ଲୋକମାନଙ୍କ ମଧ୍ୟରୁ ଏକ ନିରାଶା ଓ କ୍ଷୋଭର ସ୍ୱର ଉଠିଛି। ସେମାନେ ପଚାରୁଛନ୍ତି – ‘ଏହା କଣ ଏକ ଡାକ୍ତରଖାନାର ମାନବିକତା ?’ ସ୍ୱାସ୍ଥ୍ୟ କେନ୍ଦ୍ରର ଟଏଲେଟ୍‌ର ବନ୍ଦ ଅବସ୍ଥା ଦ୍ୱାରା ଦୈନିକ ରୋଗୀ ଓ ସେମାନଙ୍କ ସହଯୋଗୀମାନେ ବିପଦରେ ପଡୁଛନ୍ତି। ଜିଲ୍ଲା ପରିଷଦ ସଭ୍ୟା ତଥା ବିଜେଡ଼ି ଜିଲ୍ଲା ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ କହିଛନ୍ତି ଏହି ଅବସ୍ଥା ଏକ ମାନବିକ ଅପରାଧ। ମୌଳିକ ସୁବିଧା ନ ଥିବାରୁ ରୋଗୀ ଏବଂ ତାଙ୍କ ପରିବାର ଲୋକ ଅପମାନ ବୋଧ କରୁଛନ୍ତି। ସେ ପ୍ରଶାସନ ପାଖରେ ଅନୁରୋଧ କରୁଛନ୍ତି ଯେ ତୁରନ୍ତ ଏହି ଅବ୍ୟବସ୍ଥାକୁ ଗୁରୁତ୍ୱର ସହ ନେଇ ବ୍ୟବସ୍ଥା କରାଯାଉ। ସ୍ଥାନୀୟ ଲୋକମାନେ ଦାବି କରୁଛନ୍ତି ଯେ ଏହି ଅବ୍ୟବସ୍ଥାରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ଜବାବ ଦେବା ନିହାତି ଦରକାର।



## ବିପଦସଙ୍କୁଳ ଅବସ୍ଥାରେ ମନୋରମା ଲଜ୍ ଓ ଦୋକାନ ଗୃହ



କନ୍ଧମାଳ(ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ମହକୁମାର କୋର୍ଟ ଛକରେ ଥିବା ପୌରପରିଷଦର ମନୋରମା ଲଜଟି ଦୀର୍ଘ ବର୍ଷ ହେଲା ବିପଦ ସଙ୍କୁଳ ଅବସ୍ଥାରେ ପଡିରହିଛି । ଏହି ଲଜ ତଳେ ବାରରୁ ପନ୍ଦରଟି ଦୋକାନ ଗୃହ ରହିଛି । ଏହି ଦୋକାନ ଗୃହ ଗୁଡିକ ସଦା ସର୍ବଦା ଖୋଲା ରହି ଲୋକମାନଙ୍କୁ ସୁବିଧା ଯୋଗାଉଛନ୍ତି । ପ୍ରତି ମାସରେ ଘର ଭଡା, ବିଦ୍ୟୁତ ଭଡା ସ୍ୱଳ୍ପ ମୂଲ୍ୟର ଅର୍ଥ ରାଶି ବାନ୍ଧି ଆସୁଛନ୍ତି । ତତ୍‌ସହିତ ଯେଉଁ ଲୋକମାନଙ୍କ ନାମରେ ପୂର୍ବରୁ ପୌରପରିଷଦ ଟେଣ୍ଡର ପ୍ରକ୍ରିୟାରେ ପ୍ରଦାନ କରାଯାଇଥିଲା । ପରବର୍ତ୍ତୀ ସମୟରେ ବିନା ଟେଣ୍ଡରରେ କେଉଁ ଅଧିକାରୀଙ୍କୁ ନ ଜଣାଇ ଅଧିକାରୀ ଓ କର୍ମଚାରୀଙ୍କୁ ବିଭିନ୍ନ ଉପାୟରେ ସଲା ସୁତୁରା କରି ଅଧିକାଂଶ ଦୋକାନ ଗୃହ ଅନ୍ୟମାନଙ୍କୁ ଅଧିକ ଟଙ୍କାରେ ଭଡା ଦେବା ସହ ଅଧିକ ଅଗ୍ରିମ ରାଶି ଦ୍ୱିତୀୟ ପକ୍ଷଠୁ ନେଇଥିବାର ଚର୍ଚ୍ଚା ହେଉଛି । ଉପର ମହଲାରେ ମନୋରମା ଲଜକୁ ଜନସାଧାରଣଙ୍କୁ ସୁବିଧା ଦେବା ପାଇଁ ଯେଉଁ ବ୍ୟକ୍ତିଙ୍କୁ ଲିଜ ଆକାରରେ ଦିଆଯାଇଥିଲା।

### ପ୍ରଶାସନ ନଜର ଦେବେ କି ?

କିଛିବର୍ଷ ଏହା ଚାଲି ଆସୁଥିଲା। ବର୍ତ୍ତମାନ ଦୀର୍ଘ ବର୍ଷ ହେଲାଣି ଲଜଟି କାମ କରୁନି କି ଜନସାଧାରଣଙ୍କୁ ସେବା ସୁବିଧା ଦେଇ ପାରୁନି । ଲଜ ଭଡା କି ବିଦ୍ୟୁତ ଭଡା ମଧ୍ୟ ବନ୍ଧା ଯାଉନଥିବାର ଚର୍ଚ୍ଚା ହେଉଛି। ଏହାଦ୍ୱାରା ପୌରପରିଷଦର ବାକିଆ ଅର୍ଥ ରାଶି ଦିନକୁ ଦିନ ବୃଦ୍ଧି ପାଉଛି। ପୌରପରିଷଦ ତା ଉପରେ କୌଣସି ପଦକ୍ଷେପ ନେଉନଥିବା ସୂଚନା ମିଳୁଛି । ତଳ ଦୋକାନ ଗୃହ ଗୁଡିକରେ ବର୍ଷା ଦିନେ ପାଣି ଗଳୁଛି ଓ ଭଗ୍ନ ଅବସ୍ଥାରେ ରହିଛି । ଅନ୍ୟ କେତୋଟି ଦୋକାନ ଗୃହ ଭଗ୍ନ ଆଡ଼କୁ ଗତି କଲାଣି । ଯଥା ଶିଘ୍ର ଏହା ଉପରେ ଯଦି କିଛି ପଦକ୍ଷେପ ନ ନିଆଯାଏ, ତେବେ ଆଗକୁ ଯଦି ଭୁଶୁଡ଼ି ପଡି କାହାର କିଛି ଜୀବନ ପ୍ରତି ବିପଦ ଘଟେ ସେଥିପାଇଁ ପୌର ପରିଷଦ ଓ ଜିଲ୍ଲା ପ୍ରଶାସନ ଦାୟୀ ରହିବକି ? ବିପଦ ଆଗରୁ ଉକ୍ତ ସ୍ଥାନରେ ଯେଉଁ ସବୁ ଦୋକାନ ଗୃହ ଗୁଡିକ ଭାଙ୍ଗି ତାର ନୂତନ ଭାବେ ନିର୍ମାଣ ପାଇଁ ସର୍ବ ସାଧାରଣରେ ଦାବି ହେଉଛି ।

## ଗୁରୁ ପୂର୍ଣ୍ଣମା ଉତ୍ସବ ପାଳିତ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗୁରୁବାର ଦିନ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପାରଳାଖେମୁଣ୍ଡି ଠାରେ ଶ୍ରୀଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପରମ ପବିତ୍ର ଗୈରିକ ଧ୍ୱଜକୁ ପୂଜନ କରିବା ସହ ଆଜିକାର ଦିବସର ମହତ୍ତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଦେବୀ ମଠର ମହନ୍ତ ପୂଜ୍ୟ ଶ୍ରୀ ରାମାନନ୍ଦ ଦାସ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଅପରାହ୍ନ ସମୟରେ ତିନିଠାକୁରଙ୍କ ସୁନାବେଶ ଅବସରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ଭକ୍ତ ମାନଙ୍କୁ ହାଲୁଆ ପ୍ରସାଦ ବିତରଣ କରାଯାଇଥିଲା । ଭକ୍ତମାନେ ବହୁ ଆନନ୍ଦର ସହ ପ୍ରସାଦ ସେବନ କରିଥିଲେ।ଉକ୍ତ କାର୍ଯ୍ୟକ୍ରମଟି ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଅବିଭାବକମାନଙ୍କ ସହଯୋଗ ସଫଳ ହୋଇଥିଲା । ଏଥିରେ ବିଦ୍ୟାଳୟର ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ।

## ଗୋଟିଏ ବଂଶର ବୋଲି ମହଙ୍ଗା ପଡ଼ିଲା ପ୍ରେମ କରିବା

## ବିଲରେ ହଳ କରାଇଲେ, ଗାଁରୁ ତଡ଼ିଦେଲେ ଗ୍ରାମବାସୀ




### ପୁଣି କଙ୍ଗାରୁକୋର୍ଟର ଶିକାର ହେଲେ ଦୁଇ ନିରୀହ ଜୀବନ

କଲ୍ୟାଣସିଂହପୁର(ଭାସ୍କର ନ୍ୟୁଜ୍): ଏବେବି ବଞ୍ଚିରହିଛି ନିଷ୍ଠୁର କଙ୍ଗାରୁକୋର୍ଟ ପରମ୍ପରା। ଗୋଟିଏ ବଂଶର ହୋଇଥିବାରୁ ମହଙ୍ଗା ପଡିଲା ପ୍ରେମୀଯୁଗଳଙ୍କୁ। ବିଲରେ ହଳ କରିବା ପରେ ତଡା ଖାଇଲେ।ଏବେ ଉଭୟଙ୍କ ଖୋଜ ଖବର ନାହିଁ। ଏପରି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଶିକରପାଇ ପଞ୍ଚାୟତ କଞ୍ଚାମଯୋଡ଼ି ଗାଁରୁ। ସୋସିଆଲ ମିଡିଆରେ ଏକ ଭିଡ଼ିଓ ଭାଇରାଲ୍ ହେବାରେ ଲାଗିଛି। ଗ୍ରାମ ଦେବୀଙ୍କ ପାଖରେ ପୂଜାପାଠ କରାଇବା ପରେ ବଳଦ ସ୍ଥାନରେ ଗୋଟିଏ ପୁଅ ଓ ଝିଅର କାନ୍ଧରେ ଯୁଆଳି ପକେଇ କ୍ଷେତରେ ଚଷିବାକୁ ବାଧ୍ୟ କରାଯାଉଛି। ଉଭୟଙ୍କ ଅନିଚ୍ଛା ସତ୍ତ୍ୱେ ଧମକଚମକ ଦେଇ ହଳ କରାଉଛନ୍ତି ଗାଁ ଲୋକେ। ଏହାର ଅନୁସନ୍ଧାନରୁ ଜଣାପଡ଼ିଲାଯେ, ଗାଁ ଲୋକଙ୍କ ନିଷ୍ପତ୍ତି ଅନୁସାରେ ଉଭୟଙ୍କୁ ଦଣ୍ଡ ଦିଆଯାଇ ଗାଁରୁ ତଡି ଦିଆଯାଇଛି। ଏମାନଙ୍କ ଭୁଲ ଥିଲା ଉଭୟ ଗୋଟିରେ ବଂଶର ସମ୍ପର୍କରେ ଆତା (ପିଉସୀ ନାନୀ) ପୁତୁରା ଅଟନ୍ତି। ଆଦିବାସୀ ପରମ୍ପରା ଅନୁଯାୟୀ ଗୋଟିଏ ବଂଶର ହୋଇଥିଲେ ବିବାହ ବନ୍ଧନରେ ଆବଦ୍ଧ ହୋଇପାରିବେ ନାହିଁ । କାରଣ ସେମାନେ ଭାଇ ଭଉଣୀ କିମ୍ବା ଆତା (ପିଉସୀ ନାନୀ) ପୁତୁରା ହୋଇଥାନ୍ତି , ଯାହାକି ଗୋଟିଏ ରକ୍ତର ସମ୍ପର୍କ। ତେଣୁ ବିବାହ ହୋଇ ପାରିବ ନାହିଁ। କଞ୍ଚାମାଯୋଡ଼ି ଗାଁର ଲାକ ସାରକା ଓ କୋଡ଼ିଆ ସାରକାଙ୍କ ପ୍ରେମ ସମ୍ପର୍କ ରହିଥିଲା। ଦିନେ ଉଭୟଙ୍କୁ ଏକତ୍ରିତ ଥିବା ଗାଁ ଲୋକେ ଦେଖି ଥିଲେ। ଏହାକୁ ନେଇ ଗାଁ କୁଟୁମ୍ବ ବୈଠକ ବସି ଉଭୟଙ୍କୁ ଏହି ଦଣ୍ଡ ଶୁଣାଇଥିଲେ। ଯାହା ତାଙ୍କ ପରମ୍ପରା ରହିଛି। କେବଳ ଏତିକିରେ ସୀମିତ ନଥିଲା ଉଭୟଙ୍କୁ ଗାଁ ଛାଡ଼ିବାକୁ ପଡ଼ିଲା ବର୍ତ୍ତମାନ୍ ପ୍ରେମୀଯୁଗଳ କେଉଁଠାରେ ଅଛନ୍ତି କାହାରିକୁ ଜଣାନାହିଁ। ଏନେଇ କାହାର ପ୍ରତିକ୍ରିୟା ମଧ୍ୟ ମିଳିପାରିନାହିଁ। ତେବେ ଗାଁରେ ଯେ ଏବେ ନିଷ୍ଠୁର କଙ୍ଗାରୁକୋର୍ଟ ପରମ୍ପରା ବଞ୍ଚିଛି ତାହା ଏଥିରୁ ଅନୁମେୟ।

## ଡାକ୍ତରଙ୍କ ବଦଳିକୁ ପ୍ରତିବାଦ କରି ଧାରଣା

ଉମରକୋଟ(ଭାସ୍କର ନ୍ୟୁଜ୍): ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତରଙ୍କ ବଦଳିକୁ ପ୍ରତିବାଦ କରି ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ଶତାଧିକ ଆଶା କର୍ମୀ ଓ ସ୍ଥାନୀୟ ବାସିନ୍ଦା ଧାରଣାରେ ବସିଛନ୍ତି। ଡାକ୍ତରଙ୍କ ବଦଳି ବାତିଲ କରି ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ପୁନଃ ଅବସ୍ଥାପିତ ନକଲେ ଆଗାମୀ ଦିନରେ ରାଜରାସ୍ତାରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ଉପରେ ପ୍ରାୟ ୫ଟି ବ୍ଲକ ଓ ମୁନ୍ସିପାଲିଟିର ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଲୋକେ ଚିକିତ୍ସା ପାଇଁ ନିର୍ଭର କରିଥାନ୍ତି। ମଙ୍ଗଳବାର ଦିନ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ସୁମନ୍ତ ରାଉଳଙ୍କୁ ଜିଲ୍ଲାପାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବଦଳି କରିଥିଲେ ଏବଂ ଡାକ୍ତର ସୁମନ୍ତ ରାଉଳ ବଦଳିର ଚିଠି ପାଇବା ପରେ ଜିଲ୍ଲା ଚିକିତ୍ସାଳୟ ଠାରେ ଯୋଗ ଦେଇଥିବା ସୂଚନା ମିଳିଛି। ଉପଖଣ୍ଡ ଚିକିତ୍ସାଳୟକୁ ପ୍ରତିଦିନ ୧୦୦ ଗର୍ଭବତୀ ମହିଳା ଚିକିତ୍ସା ପାଇଁ ଆସିଥାନ୍ତି । ପ୍ରାୟ ପନ୍ଦର ରୁ କୋଡିଏ ଜଣ ମହିଳା ପ୍ରସୂତି ହୋଇଥାନ୍ତି । ସେହିଭଳି ହାରାହାରି ପ୍ରତିଦିନ ପ୍ରାୟ ୫୦ ମହିଳା ଅଲଟ୍ରାସାଉଣ୍ଡ କରିଥାନ୍ତି ଏବଂ ପ୍ରତି ମାସରେ ପ୍ରାୟ ୬୦ ରୁ ୭୦ ଜଣ ମହିଳା ଅସ୍ତ୍ରୋପଚାର ଜରିଆରେ ପ୍ରସୂତି ହୋଇଥାନ୍ତି । ଏହିଭଳି ସ୍ଥିତିରେ ଜଣେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କୁ ଉପଖଣ୍ଡ ଚିକିତ୍ସାଳୟରୁ ବଦଳି କରି ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବା କେତେଦୂର ଯୁକ୍ତି ଯୁକ୍ତ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଚାଲିଥିବା ବେଳେ ଆଜି ପ୍ରାୟ ୧୨ ଘଟିକା ଠାରୁ ବ୍ଲକର ଶତାଧିକ ଆଶା କର୍ମୀ ଓ ସ୍ଥାନୀୟ ବାସିନ୍ଦା ଡାକ୍ତର ରାଉଳ ଙ୍କୁ ଫେରାଇ ଆଣିବାକୁ ଚିକିତ୍ସାଳୟ ସମ୍ମୁଖରେ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ଆମେ ଗ୍ରାମାଞ୍ଚଳରୁ ଜଣେ ଗର୍ଭବତୀଙ୍କୁ ଆଣି ଚିକିତ୍ସାଳୟକୁ ଆସିଲେ ଡାକ୍ତର ରାଉଳ ରୋଗୀଙ୍କୁ ଅନେକ ସହଯୋଗ କରିଥାନ୍ତି ବୋଲି ଆଶା କର୍ମୀ ମାନେ କହିଛନ୍ତି। ବୁଧବାର ଦିନ ଡାକ୍ତର ରାଉଳଙ୍କ ଅନୁପସ୍ଥିତିରେ ଉପଖଣ୍ଡ ଚିକିତ୍ସାଳୟରୁ ପ୍ରାୟ ୬ ଜଣ ଗର୍ଭବତୀ ମହିଳା ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର ହୋଇଥିବା ସୂଚନା ମିଳିଛି।




## ଅବକାରୀ ପକ୍ଷରୁ ମିଳିତ ଚଢ଼ଉ: କଫ୍‌ସିରପ୍ ଜବତ, ଜଣେ ଗିରଫ

ବରଗଡ(ଭାସ୍କର ନ୍ୟୁଜ୍): ବରଗଡ଼ ସଦର ଓ ମୋବାଇଲ ଅବକାରୀ ପକ୍ଷରୁ ମିଳିତ ଚଢାଉରେ ଭଟଲିଠାରେ ୧୧.୫୦୦ ଲିଟର କଫସିରପ୍ ଜବତ ହୋଇଛି। ଚଢ଼ଉରେ ଜଣେ ଚୋରା ଚାଲାଣକାରୀ ଧରାଯିବା ସହ ମୋବାଇଲ ଜବତ ହୋଇଛି । ଗୋକୁଲ ଧର, ରଶ୍ମିତା ଲାକ୍ରା ଚଢ଼ଉରେ ସାମିଲ ଥିଲେ।

## ହରଭଙ୍ଗା ଅଞ୍ଚଳର ନିଖୋଜ ନାବାଳିକା ଚେନ୍ନାଇରୁ ଉଦ୍ଧାର

ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ପୋଲିସ୍ ପକ୍ଷରୁ ପ୍ରାପ୍ତ ସୂଚନା ଅନୁଯାୟୀ ହରଭଙ୍ଗା ଥାନା ଅଞ୍ଚଳରୁ ନିଖୋଜ ଥିବା ଜଣେ ନାବାଳିକାକୁ ଚେନ୍ନାଇରୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛି ହରଭଙ୍ଗା ପୋଲିସ। ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକା ଗତ ତା ୩୦.୫.୨୦୨୫ ରିଖ ଠାରୁ ନିଖୋଜ ଥିଲେ। ନାବାଳିକା ଜଣକ ପରିବାର ଲୋକଙ୍କ ସହ କୌଣସି କାରଣରୁ ରାଗି ଟ୍ରେନ୍ ଯୋଗେ ଚେନ୍ନାଇ ଚାଲି ଯାଇଥିବାବେଳେ ଚେନ୍ନାଇରେ ଅନୁଗୁଳ ଅଂଚଳର ଏକ ଦମ୍ପତି ନାବାଳିକା ରାଗରେ ଘରୁ ଚାଲି ଆସିଥିବା ଜାଣି ଆଶ୍ରୟ ଦେଇଥିଲେ। ପରେ ପରିବାରକୁ ଫୋନ ଯୋଗେ ସୂଚନା ଦେଇଥିଲେ । ଘର ଲୋକେ ଜାଣିବା ପରେ ହରଭଙ୍ଗା ଥାନାରେ କହିଥିଲେ। ଆଇଆଇସି ନଳିନୀ କାନ୍ତ ଦାଶ ଏକ ପୋଲିସ ଟିମ ଗଠନ କରି ଚେନ୍ନାଇ ପଠାଇ ଥିଲେ ଓ ନାବାଳିକା ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

## ବିଭିନ୍ନ ସମସ୍ୟା ନେଇ ଡିଏଫ୍‌ଓଙ୍କ ଦ୍ୱାରସ୍ଥ ହେଲେ ସର୍ପ ଉଦ୍ଧାରକାରୀ ଟିମ୍



ବୌଦ୍ଧ:(ଭାସ୍କର ନ୍ୟୁଜ୍): ବୌଦ୍ଧ ବନଖଣ୍ଡ କାର୍ଯ୍ୟାଳୟ ଠାରେ ଜିଲ୍ଲାରେ କାର୍ଯ୍ୟ କରୁଥିବା ସର୍ପ ଉଦ୍ଧାରକାରୀ ସଦସ୍ୟମାନେ ସେମାନଙ୍କ ବିଭିନ୍ନ ସମସ୍ୟା ଓ ଦାବି ନେଇ ଡିଏଫଓଙ୍କ ଦ୍ୱାରସ୍ଥ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଜିଲ୍ଲାର କିଛି ସ୍ୱେଚ୍ଛାସେବୀ ସର୍ପଧରାଳୀ ବିଭିନ୍ନ ଲୋକଙ୍କ ଘର ଭିତରକୁ ପଶିଯାଉଥିବା ସର୍ପମାନଙ୍କୁ ଉଦ୍ଧାର କରି ବନବିଭାଗ ପରାମର୍ଶ କ୍ରମେ ଜଙ୍ଗଲରେ ସୁରକ୍ଷିତ ଭାବରେ ଛାଡି ଆସୁଛନ୍ତି । ଉକ୍ତ କାର୍ଯ୍ୟ ପାଇଁ ବନ ବିଭାଗ କୌଣସି ପାରିଶ୍ରମିକ ଦେଉନଥିବା ବେଳେ ସର୍ପ ଉଦ୍ଧାର ପାଇଁ ଆବଶ୍ୟକ ସୁରକ୍ଷିତ ସରଞ୍ଜାମ ଆଦି ମଧ୍ୟ ପ୍ରଦାନ କରୁନାହିଁ । କିଛି ସର୍ପ ଉଦ୍ଧାରକାରୀ ସ୍ୱେଚ୍ଛାସେବୀ ବନବିଭାଗ ପକ୍ଷରୁ ଚନ୍ଦକା ଠାରେ ହୋଇଥିବା ତାଲିମ କାର୍ଯ୍ୟକ୍ରମରେ ତାଲିମ ନେଇଥିଲେ ମଧ୍ୟ ତାଙ୍କୁ କୌଣସି ସହାୟତା ପ୍ରଦାନ କରାଯାଇନଥିବା ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି । ଏ ସମସ୍ତ ସମସ୍ୟା ଓ ଦାବି ନେଇ ଆଜି ସର୍ପ ଉଦ୍ଧାରକାରୀ ମାନେ ଡିଏଫଓଙ୍କ ଦ୍ୱାରସ୍ଥ ହୋଇଥିଲେ । ସଭାପତି ମିଥୁନ ଭୋକ୍ତା, ସଂପାଦକ ଦାଶରଥୀ ମେହେର,ସଦସ୍ୟ ସଞ୍ଜୟ ଗୁରୁ, ପାଣ୍ଡେଶ୍ୱର ସାହୁ, ଚିନ୍ତାମଣି ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ ।

## ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବାରେ ୯୨୨ରୋଗୀ ଉପକୃତ

ନବରଙ୍ଗପୁର(ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାର ‘ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ‘ଦ୍ୱାରା ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ବଦ୍ଧପରିକର। ମେଡିକାଲ କଲେଜର ଅଭିଜ୍ଞ ଓ ବରିଷ୍ଠ ବିଶେଷଜ୍ଞ ଡାକ୍ତର ଏଥିପାଇଁ ୪ ଦିନିଆ ନବରଙ୍ଗପୁର ଜିଲ୍ଲାକୁ ଗସ୍ତ କରି ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଛନ୍ତି । ସ୍ନାୟୁ ରୋଗ, ପେଟ ଓ ଗ୍ୟାସ ଜନିତ ରୋଗ, ମୂତ୍ରାଶୟ ଜନିତ ରୋଗ, ହୃଦରୋଗ , କିଡନୀ ଜନିତ ରୋଗ, ଅନ୍ତସ୍ରାବରେ ପୀଡ଼ିତ ବ୍ୟକ୍ତିମାନେ ସ୍ୱାସ୍ଥ୍ୟ ସେବା ଲାଭ କରିଛନ୍ତି। ୬ ତାରିଖ ସୁଦ୍ଧା ରୋଗୀ ନିଜର ନାମ ବିଭିନ୍ନ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପଞ୍ଜୀକୃତ କରି ଜିଲ୍ଲା ସଦର ମହକୁମା ଡାକ୍ତରଖାନା ଆସିଥିଲେ । ପେଟ ଓ ଗ୍ୟାସ ଜନିତ ରୋଗରେ ୧୯୫ ଜଣ, ହୃଦ୍‌ରୋଗରେ ୧୪୭, ମୂତ୍ରାଶୟ ରୋଗୀ ୮୫, ସ୍ନାୟୁ ଜନିତ ରୋଗୀ ୩୪୭, କିଡନୀ ରୋଗରେ ୮୪ ଜଣ, ଅନ୍ତସ୍ରାବ ରୋଗ ରେ ୬୧ ଏଭଳି ମୋଟ ୯୨୨ ରୋଗୀ ସ୍ୱାସ୍ଥ୍ୟ ସେବା ପାଇଛନ୍ତି । ୧୮ ଜଣ ରୋଗୀଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ମେଡିକାଲ୍ କଲେଜ, ଏମ୍ସ ମେଡ଼ିକାଲ ଏବଂ ଅନ୍ୟ ମେଡ଼ିକାଲ କଲେଜକୁ ରେଫର କରାଯାଇଛି । ୨ ଜଣଙ୍କର ମୂତ୍ରାଶୟ ରୋଗର ଅସ୍ତ୍ରୋପଚାର କରାଯାଇଛି । ଏହି ଶିବିରରେ ଇକୋ ୪୭, ଏଣ୍ଡୋସ୍କୋପି ୧୪, ଏକ୍ସରେ ୭୧, ଲାବ ଟେଷ୍ଟ ୧୬୫, ଇସିଜି ୯୨ ଜଣଙ୍କର ପରୀକ୍ଷା ହୋଇଥିଲା।ଏହି ପରିପ୍ରେକ୍ଷୀରେ ସୁବାସ ଚନ୍ଦ୍ର ବୋଷ ମେଡିକାଲ କଲେଜରୁ ସ୍ନାୟୁ ବିଭାଗ ଡାକ୍ତର ନିହାର ରଞ୍ଜନ ବିଶ୍ୱାଳ, ମୂତ୍ରାଶୟ ବିଭାଗ ଡାକ୍ତର ସବ୍ୟସାଚୀ ପଣ୍ଡା, କିଡନୀ ଜନିତ ବିଭାଗ ଡାକ୍ତର ଅରୁଣା ଆଚାର୍ଯ୍ୟ, ହୃଦରୋଗ ବିଭାଗ ଡାକ୍ତର ଯଶୋବନ୍ତ ବେହେରା, ପେଟ ଓ ଗ୍ୟାସ ଜନିତ ବିଭାଗ, ସବ୍ୟସାଚୀ ପଣ୍ଡା, ଯଶବନ୍ତ ବେହେରା, ପେଟ ଓ ଗ୍ୟାସ ଜନିତ ଡାକ୍ତର ସମୀର କୁମାର ହୋତା, ସ୍ନାୟୁ ବିଭାଗ ଡାକ୍ତର ନିହାର ରଞ୍ଜନ ବିଶ୍ୱାଳ, ଅନ୍ତସ୍ରାବ ବିଭାଗ ଡାକ୍ତର ଦେବାର୍ଚ୍ଚନ ଜେନା ପ୍ରମୁଖ ବିଶେଷଜ୍ଞ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନୁଷ୍ଠିତ ମୁଖ୍ୟ ମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଶିବିରରେ ରୋଗୀମାନଙ୍କୁ ଚିକିତ୍ସା,ପରାମର୍ଶ ପ୍ରଦାନ କରିଛନ୍ତି । ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ସେବା ଜନିତ ପରାମର୍ଶ ଓ ମାଗଣା ଔଷଧ ପ୍ରଦାନ କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପଣ୍ଡାଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗର ଡାକ୍ତର, ଫାର୍ମାସୀ, ନର୍ସ ଓ ସ୍ୱାସ୍ଥ୍ୟ କର୍ମଚାରୀ ସହଯୋଗ କରିଥିଲେ।




## ନବଜାତକଙ୍କ ଅନ୍ଧତ୍ୱ ଦୂର ପାଇଁ ପଦକ୍ଷେପ

ନୂଆପଡ଼ା(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନବଜାତକ ଶିଶୁ ମାନଙ୍କ ଅନ୍ଧତ୍ୱ ଦୂର ପାଇଁ ଏକ ସମୁଚିତ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି । ନିର୍ଦ୍ଧାରିତ ଜନ୍ମ ତାରିଖ ପୂର୍ବରୁ ଜନ୍ମ ଗ୍ରହଣ କରିଥିବା ଏବଂ ଜନ୍ମ ସମୟରେ ଦୁଇ କିଗ୍ରା ତଳେ ଥିବା ବହୁ ଶିଶୁ ମାନଙ୍କ ମଧ୍ୟରୁ ଅନେକଙ୍କ ଦୃଷ୍ଟିଦୋଷ ରହିଥାଏ, ଯାହା ସେମାନଙ୍କୁ ଅନ୍ଧରେ ପରିଣତ କରି ଦିଏ। ଏବେ ସେହିଭଳି ଶିଶୁ ମାନଙ୍କ ଚିକିତ୍ସା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ମୁଖ୍ୟ ଡାକ୍ତରଖାନା କର୍ତ୍ତୃପକ୍ଷ ସ୍ୱନାମଧନ୍ୟ ଅନୁଷ୍ଠାନ ଏଲ୍‌ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ, ଭୁବନେଶ୍ୱର ସହିତ ଯୋଗାଯୋଗ କରିଛନ୍ତି। ପ୍ରତି ମାସରେ ଥରେ ସେଠାରୁ ଚିକିତ୍ସକ ଦଳ ଆସି ଏହିଭଳି ପୀଡ଼ିତ ଶିଶୁ ମାନଙ୍କ ଚକ୍ଷୁ ପରୀକ୍ଷା କରି ଆବଶ୍ୟକ ଔଷଧ ଦେବା ସହିତ ଉପଚାର କରିବେ। ଯେଉଁ ମାନଙ୍କ ଅପରେସନ ଭୁବନେଶ୍ୱର ରେ ହେବ, ସେଥିପାଇଁ ଆବଶ୍ୟକ ଖର୍ଚ୍ଚ ଆର୍ ବି ଏସ୍ କେ, ନୂଆପଡ଼ା ଏବଂ ରାଜ୍ୟ ଏନ୍ ଏଚ୍ ଏମ୍ ବହନ କରିବ। ଗତ ନଅ ତାରିଖ ରେ ଏଲ୍ ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନରୁ ଚିକିତ୍ସକ ଦଳ ଆସି ସେମାନଙ୍କ ସ୍ୱତନ୍ତ୍ର ଚିକିତ୍ସା ଶିବିର (Retinopathy of premature , ROP) ଆରମ୍ଭ କରିଛନ୍ତି ଫ ଏହି ଶିବିରରେ ସି ଡି ଏମ୍ ଓ, ଡଃ ମନୋଜ କୁମାର ସାହୁ, ଡି ଏମ୍ ଓ ଡଃ ଲଳିତ କୁମାର ବିଶି, ଏ ଡି ପି ଏଚ୍ ଓ ଡଃ ଉମାକାନ୍ତ ମେହେର , ଏ ଡି ପି ଏଚ୍ ଓ ଡଃ ଗୁରୁପ୍ରସାଦ ଜେନା, ଏ ଡି ପି ଏଚ୍ ଓ ଡଃ ତନ୍ମୟ କୁମାର ତ୍ରିପାଠୀ, ଡି ପି ଏମ୍ ଓ ସତ୍ୟ ନାରାୟଣ ତ୍ରିପାଠୀ, ଏଚ୍ ଏମ୍ ସିପ୍ରାମୟୀ ବିଶ୍ୱାଳ, ଆର୍ ବି ଏସ୍ କେ ମ୍ୟାନେଜର ଫିରୋଜ କୁମାର ବାଗ ଓ ଏଲ୍ ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ଚିକିତ୍ସକ ଦଳ ଉପସ୍ଥିତ ଥିଲେ ।



## କାଦୁଅ ଭର୍ତ୍ତି ଗ୍ରାମରାସ୍ତାରେ ଧାନତଳି ରୋଇ ପ୍ରତିବାଦ



ମାଲକାନଗିରି (ଭାସ୍କର ନ୍ୟୁଜ୍): ରାସ୍ତା ପାଲଟିଛି ମରଣଯନ୍ତା, ଆଣ୍ଠୁଏ ଲେଖାଏଁ କାଦୁଅ ଭର୍ତ୍ତି ରାସ୍ତାରେ ଯାତାୟାତ କରୁଛନ୍ତି ଗ୍ରାମବାସୀ। ବର୍ଷାଦିନ ଆସିଲେ ବହୁ ଦୁର୍ଦ୍ଦଶା ଭୋଗୁଥିବା କହିଛନ୍ତି ଗ୍ରାମବାସୀ। ତେବେ ଗ୍ରାମକୁ ଭଲ ରାସ୍ତାଟିଏ ଯେପରି ଏମାନଙ୍କ ପାଇଁ ପାଲଟିଛି ସାତ ସପନ। ଆଜି ବିକାଶ ର ଏପରି ନଗ୍ନ ଚିତ୍ର ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନିଳାକାମ୍ବେରୁ ସଦର ପଞ୍ଚାୟତରେ। ତେବେ ଏହି ଗ୍ରାମର ନିଳାକାମ୍ବେରୁ-ଗଣେଶ ମନ୍ଦିର ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ବାରମ୍ବାର ଅଭିଯୋଗ ପରେ ବ୍ଲକ ପ୍ରଶାସନ କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏଥିସହ ଏହି ରାସ୍ତା ଟି ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ୪୦୦ ମିଟର ଦୂରରେ ରହିଥିଲେ ମଧ୍ୟ ସବୁ ଜାଣି ଚୁପ ରହିଛନ୍ତି ପଞ୍ଚାୟତ କର୍ତ୍ତୃପକ୍ଷ। ଉତ୍ତମ ରାସ୍ତାଟିଏ ନଥିବାରୁ ଆମ୍ବୁଲାନ୍ସ ମଧ୍ୟ ବିଭିନ୍ନ ସମୟରେ ଏହି ରାସ୍ତାରେ ଦବି ଯାଉଥିବା ସହ ବାଇକ ଚାଳକମାନେ ବିଭିନ୍ନ ସମୟରେ ଏହି କାଦୁଅ ଭର୍ତ୍ତି ରାସ୍ତାରେ ପଡି ଆହତ ହେଉଥିବା ଗ୍ରାମବାସୀ କହିଛନ୍ତି। ତେଣୁ ପ୍ରଶାସନକୁ ନିଘୋଡ଼ ନିଦ୍ରାରୁ ଭାଙ୍ଗିବାକୁ ଶେଷରେ ବାଧହୋଇ ଗ୍ରାମବାସୀ ଧାନତଳି ରୋଇ ଏହି ନିଆରା ପ୍ରତିବାଦ କରିଛନ୍ତି। ଏଥିସହ ଯଦି ଆଗାମୀ ଦିନରେ ଏହି ରାସ୍ତା ତୁରନ୍ତ ନିର୍ମାଣ କରାନଯାଏ ତାହେଲେ ବାଧହୋଇ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ନୂଆଦିଲ୍ଲୀ : ଅପରେସନ ସିନ୍ଦୂରକୁ ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି ପ୍ରଶଂସା କରିଛନ୍ତି ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ। ସେ କହିଛନ୍ତି, ବିଦେଶୀ ଗଣମାଧ୍ୟମମାନେ ଅପରେସନ ସିନ୍ଦୂର ସମୟରେ ଭାରତର ବ୍ୟାପକ କ୍ଷତି ହୋଇଥିବା ନେଇ ଯେଉଁ ପ୍ରଚାର କରୁଛନ୍ତି ତାହା ସଂପୂର୍ଣ୍ଣ ମିଥ୍ୟା। ପାକିସ୍ତାନର ମିସାଇଲ ମାଡ଼ରେ ଭାରତର ଅନେକ କ୍ଷତି ହୋଇଥିବା ବିଦେଶୀ ଗଣମାଧ୍ୟମ ପ୍ରଚାର କରୁଛନ୍ତି। ଡୋଭାଲ ଦୃଢ଼ଭାବେ କହିଛନ୍ତି ଯେ ଯେଉଁ ଗଣମାଧ୍ୟମମାନେ ଏପରି ପ୍ରଚାର କରୁଛନ୍ତି ସେମାନେ ଭାରତୀୟ କ୍ଷତିର ଗୋଟିଏ ଫଟୋ ଦେଖାଇଲେ ତାକୁ ସେ ଗ୍ରହଣ କରିବେ। ସେ କହିଛନ୍ତି, ଅପରେସନରେ ଭାରତର କୌଣସି କ୍ଷତି ହୋଇନାହିଁ। ଆଇଆଇଟି ମାଡ୍ରାସରେ ଆୟୋଜିତ ଏକ ସମାରୋହରେ ଉଦବୋଧନ ଦେଇ ଡୋଭାଲ କହିଛନ୍ତି, ବିଦେଶୀ ଗଣମାଧ୍ୟମ ଅପରେସନ ସିନ୍ଦୂରକୁ ନେଇ ମିଥ୍ୟା ଖବର ପ୍ରସାରଣ କରୁଛନ୍ତି। ମୋତେ ଏପରି ଗୋଟିଏ ଫଟୋ କି ଭିଡିଓ ଦେଖାଅ, ଯେଉଁଥିରେ ଭାରତର କ୍ଷତି ହୋଇଛି। ଶ୍ରୀ ଡୋଭାଲ ଆହୁରି କହିଥିଲେ ଯେ ଟେକ୍ନୋଲୋଜି ଓ ୱାର ଫେୟର ମଧ୍ୟରେ ସଂପର୍କ ସର୍ବଦା ଗୁରୁତ୍ୱପୂର୍ଣ୍ଣ। ଆମେ ଅପରେସନ ସିନ୍ଦୂରକୁ ନେଇ ଗର୍ବିତ। ଆମେ ଏଥିପାଇଁ ଗର୍ବିତ ଯେ ଏହି ଅପରେସନ ସମୟରେ ଆମେ ସ୍ୱଦେଶୀ ଟେକ୍ନୋଲୋଜି ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଥିଲୁ। ଆଉ ଆମର ସମସ୍ତ ଲକ୍ଷ୍ୟ ମଧ୍ୟ ସଠିକ ରହିଥିଲା। ଆମେ କେବଳ ଆତଙ୍କବାଦୀ ଘାଟିଗୁଡ଼ିକୁ ଧ୍ୱଂସ କରିଥିଲୁ। ସୂଚନାଯୋଗ୍ୟ ଯେ ଜାମ୍ମୁକାଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ନିରୀହ ପର୍ଯ୍ୟଟକ ମୃତ୍ୟୁବରଣ କରିବା ପରେ ଭାରତ ପକ୍ଷରୁ ଅପରେସନ ସିନ୍ଦୂର ଅଭିଯାନ ଆରମ୍ଭ ହୋଇଥିଲା। ଏହା ଏବେ ମଧ୍ୟ ବଳବତ୍ତର ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସାଧାରଣ ଜୀବନଯାତ୍ରା...

କଡ଼ରେ ବସି ଶାନ୍ତିପୂର୍ଣ୍ଣଭାବେ ଆନ୍ଦୋଳନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଗତ ୪ ଦିନ ହେବ ଚକ ଅଖ ଠପ୍ ହୋଇ ପଡ଼ିଥିବାରୁ ସରକାର ତୁରନ୍ତ ଏହାର ସମାଧାନ ପାଇଁ ବିଭିନ୍ନ ମହଲରେ ଦାବି ଜୋର ଧରିଛି। ପୂର୍ବରୁ ଡ୍ରାଇଭର ମହାସଂଘ ସହ ପରିବହନ ମନ୍ତ୍ରୀଙ୍କର ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନଥିଲା। ତେବେ ତୁରନ୍ତ ଆନ୍ଦୋଳନ ପ୍ରତ୍ୟାହାର କରି ଲୋକଙ୍କୁ ସେବା ଯୋଗାଇ ଦେବାପାଇଁ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଡ୍ରାଇଭର ମହାସଂଘକୁ ଅନୁରୋଧ କରିଛନ୍ତି। ଯଦିଓ ସରକାର ଓ ପେଟ୍ରୋଲିୟମ ଆସୋସିଏସନ ରାଜ୍ୟରେ ପେଟ୍ରୋଲ ଓ ଡିଜେଲ ମହଜୁଦ ରହିଛି ବୋଲି ଘୋଷଣା କରୁଛନ୍ତି, ତଥାପି ତେଲଟାଙ୍କି ଗୁଡ଼ିକରେ ଲୋକଙ୍କ ଭିଡ କମିବାର ନାଁ ନେଉନାହିଁ। ଯାତ୍ରୀମାନେ ବିଭିନ୍ନ ସ୍ଥାନକୁ ଯିବାପାଇଁ ଅପେକ୍ଷା କରିଥିଲେ ମଧ୍ୟ ତାହା ସମ୍ଭବପର ହୋଇପାରୁ ନାହିଁ । ଯଦି ଆଉ ଦିନେ କି ଦୁଇଦିନ ଆନ୍ଦୋଳନ ଜାରି ରହେ ତେବେ ପରିସ୍ଥିତି ଭୟାନକ ରୂପ ଧାରଣ କରିବ। ଏବେ ବି ଗ୍ୟାସ୍ ଅଭାବରୁ ବହୁ ହୋଟେଲ ବନ୍ଦ ରହିଥିବାବେଳେ ଲୋକଙ୍କ ଘରେ ମଧ୍ୟ ଗ୍ୟାସର ଅଭାବ ଦେଖାଦେଇଛି। ପନିପରିବା ଦର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ତୁରନ୍ତ ସଂକଟର ସମାଧାନ ପାଇଁ ସରକାର ପଦକ୍ଷେପ ନିଅନ୍ତୁ ବୋଲି ବିଭିନ୍ନ ମହଲରେ ଦାବି ହେଉଛି।

### ସମ୍ବିଧାନ ଉପରେ...

ଆଉ ଏବେ ଏହି ଚୋରି ବିଜେପି ବିହାରରେ କରିବାକୁ ଯାଉଛି। ସେ ଆହୁରି କହିଥିଲେ, ଓଡ଼ିଶାରେ ଏବେ ବିଜେପି ମଡେଲ। ଏଠାରେ ୫ରୁ ୬ କମ୍ପାନୀଙ୍କୁ ଆପଣଙ୍କ ସରକାର ସମ୍ପତ୍ତି ଯୋଗାଇ ଦେଉଛନ୍ତି। ମୁଁ ଚାଷୀ, ଗରିବ ଓ ମହିଳାଙ୍କୁ ଭେଟିଛି। ସେମାନଙ୍କ ଦୁଃଖ ମଧ୍ୟ ଶୁଣିଛି। ଜଳ, ଜଙ୍ଗଲ, ମାଟି ଆଦିବାସୀଙ୍କର ଅଛି ଏବଂ ଆଗାମୀ ଦିନରେ ରହିବ। ଏଠାରେ ଆଦିବାସୀଙ୍କୁ ନ ପଚାରି ଜମି ଛଡ଼ାଇ ନିଆଯାଏ। ସେମାନଙ୍କୁ ପଟ୍ଟା ଦିଆଯାଏ ନାହିଁ। କ୍ଷତିପୂରଣ ନ ଦେଇ ଭୟଭୀତ କରାନ୍ତି, ଧମକ ଦିଅନ୍ତି। ଯେଉଁ ଆଦିବାସୀ ଚାଷୀ ଓ ଗରିବଙ୍କ ଉପରେ ବିଜେପି ସରକାର ଅତ୍ୟାଚାର କରୁଛି, କଂଗ୍ରେସ ସେମାନଙ୍କ ସହ ଛିଡ଼ା ହେବ ବୋଲି ସେ ଦୃଢୋକ୍ତି ବାଢିଥିଲେ। ସେ କହିଥିଲେ ଯେ ମହିଳାଙ୍କ ବିରୋଧରେ ଅତ୍ୟାଚାର ହେଉଛି। ଗଣଦୁଷ୍କର୍ମ ଏକ ତିନିଦିନିଆ ଘଟଣାରେ ପରିଣତ ହୋଇଛି। ପ୍ରତିଦିନ ୧୫ରୁ ଅଧିକ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ଏ ସରକାର ୨୪ ଘଣ୍ଟା ଧରି ଆପଣଙ୍କ ରକ୍ତ ପିଉଛନ୍ତି। ଆପଣମାନେ ଯେତେବେଳେ ବି ଡାକିବେ ମୁଁ ଆସିବି ଓ ଆପଣମାନଙ୍କ ସହ ଛିଡ଼ା ହେବି ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫସଲବୀମା ଯୋଜନା ଲାଗୁ କରିଥିଲେ। ଏଥିପାଇଁ ମୋଦୀ ଆପଣଙ୍କଠାରୁ ଟଙ୍କା ନେଲେ କିନ୍ତୁ କ୍ଷତିପୂରଣ ଦେଲେ ନାହିଁ। ଓଡ଼ିଶାରେ ସରକାର ବଦଳାଇବା ଜରୁରି ବୋଲି ରାହୁଲ ମତ ଦେଇଥିଲେ। ଏହି ସମାବେଶରେ ଯୋଗଦେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ କହିଥିଲେ ଯେ ଏ ସରକାର ଗରିବଙ୍କ ପାଇଁ ନୁହେଁ, କେବଳ ଧନୀଙ୍କ ସ୍ୱାର୍ଥପାଇଁ କାମ କରୁଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲକ୍ଷ୍ୟ ହେଉଛି ଦେଶର ସମ୍ବିଧାନକୁ ସମାପ୍ତ କରିବା। ଓଡ଼ିଶାରେ କଂଗ୍ରେସର ଅବଦାନକୁ ଉଜାଗର କରି ଶ୍ରୀ ଖଡଗେ କହିଥିଲେ, ଓଡ଼ିଶାରେ ଯାହା ବି କିଛି ହୋଇଛି ତାହା କଂଗ୍ରେସ କରିଛି। ବିଜେପି କିଛି କାମ ନ କରି କେବଳ ଶ୍ରେୟ ନେବାପାଇଁ ପ୍ରୟାସ ଚଳାଇଛି। ଭାଜପା ଦେଶବାସୀଙ୍କ ବିକାଶ ପାଇଁ ମିଥ୍ୟା ସ୍ଲୋଗାନ ଦେଇ ଦେଶର ସମ୍ପତ୍ତିକୁ ବିକ୍ରି କରି ଚାଲିଛି। ଏ ସରକାର ଗରିବଙ୍କୁ ଲୁଟୁଛି ଏବଂ ଧନୀଙ୍କୁ ସୁବିଧା ଦେଉଛି ବୋଲି ସେ ଅଭିଯୋଗ କରିଥିଲେ। କଂଗ୍ରେସର ସାଧାରଣ ସଂପାଦକ କେ.ସି.ବେଣୁଗୋପାଳ ସମାରୋହରେ ଯୋଗଦେଇ କହିଥିଲେ ଯେ ସମ୍ବିଧାନକୁ ସଂପୂର୍ଣ୍ଣଭାବେ ଶେଷ କରିଦେବା ପାଇଁ ବିଜେପି ପ୍ରୟାସ ଆରମ୍ଭ କରିଛି। କିନ୍ତୁ ସେ ଅନ୍ୟମାନଙ୍କ ଉପରେ ଦୋଷ ଲଦିବାରେ ଲାଗିଛି। ଦେଶବାସୀ ବିଜେପିର କାରସାଦି ଉପରେ ଅବଗତ ହୋଇ ସାରିଲେଣି। ସେହିପରି ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ତାଙ୍କ ଉଦବୋଧନରେ କହିଥିଲେ ଯେ ବିଜେପି ଧର୍ମ ନାମରେ ବିଭାଜନ ରାଜନୀତି କରୁଛି। ଓଡ଼ିଶାର ଲୋକେ ଏବେ କଂଗ୍ରେସକୁ ଭରସା କରିବା ଆରମ୍ଭ କଲେଣି। ତେଣୁ ଆଗାମୀ ଦିନରେ ରାଜ୍ୟରେ କଂଗ୍ରେସର ସ୍ଥିତି ସୁଦୃଢ଼ ହେବ ବୋଲି ସେ କହିଥିଲେ। ଶୁକ୍ରବାର ପୂର୍ବାହ୍ନରେ ରାହୁଲ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ କଂଗ୍ରେସ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହାପରେ କଡ଼ା ସୁରକ୍ଷା ମଧ୍ୟରେ ସେ ବରମୁଣ୍ଡା ପଡ଼ିଆକୁ ଆସିଥିଲେ।

### ୩ ମାସ ମଧ୍ୟରେ...

ସରକାର ଚିଠି ଲେଖିଛନ୍ତି। ଖୁବ୍‌ଶୀଘ୍ର ଗଣତି ପ୍ରକ୍ରିୟା ଆରମ୍ଭ କରାଯିବ। ଅସ୍ଥାୟୀ ଟ୍ରେଜେରୀରୁ ମହାପ୍ରଭୁଙ୍କ ରତ୍ନ ବାକ୍ସଗୁଡ଼ିକୁ ପ୍ରଥମେ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ରତ୍ନଭଣ୍ଡାରର ଗଣତି ପ୍ରକ୍ରିୟା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ। ରିଜର୍ଭବ୍ୟାଙ୍କର ଗଭର୍ଣ୍ଣରଙ୍କଠାରୁ ସମୟ ମିଳିବା ପରେ ଗଣତି ପ୍ରକ୍ରିୟା ଆରମ୍ଭ ହେବ। ସୂଚନାଯୋଗ୍ୟ ଯେ ଇତିମଧ୍ୟରେ ଭିତର ଓ ବାହାର ରତ୍ନଭଣ୍ଡାରର ମରାମତି ଓ ସଂରକ୍ଷଣ କାର୍ଯ୍ୟ ସାରି ଏଏସ୍‌ଆଇ ଶ୍ରୀମନ୍ଦିର ପ୍ରଶାସନକୁ ଚାବି ହସ୍ତାନ୍ତର କରିଛି। ବାହାର ରତ୍ନଭଣ୍ଡାରରେ ବର୍ମାଟିକ କାଠରେ କବାଟ ଲଗାଯାଇଥିବାବେଳେ ଏହାକୁ ରୁପା ଛାଉଣୀ କରାଯିବ। ସେହିପରି ଭିତର ରତ୍ନଭଣ୍ଡାର କବାଟକୁ ସୁନା ଛାଉଣୀ କରିବାକୁ ସ୍ଥିର କରିଛି ଶ୍ରୀମନ୍ଦିର ପ୍ରଶାସନ। ଏବେ ରତ୍ନଭଣ୍ଡାରରେ ୬ଟି ତାଲା ପଡ଼ିଛି। ଭିତର ଓ ବାହାର ରତ୍ନଭଣ୍ଡାର ସଂପୂର୍ଣ୍ଣ ସୁରକ୍ଷିତ ରହିଛି। ଗଣତି ପୂର୍ବରୁ ରତ୍ନଭଣ୍ଡାର ଅଳଙ୍କାରଗୁଡ଼ିକ ମୂଳ ଭଣ୍ଡାରକୁ ଆସିବାର ବ୍ୟବସ୍ଥା କରାଯିବ। ସୂଚନାଯୋଗ୍ୟ ଯେ ୨୦୨୪ ଜୁଲାଇ ୧୪ରେ ଭିତର ଓ ବାହାର ରତ୍ନଭଣ୍ଡାର ଖୋଲାଯାଇଥିଲା। ରତ୍ନ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେହିବର୍ଷ ଡିସେମ୍ବର ୧୭ ତାରିଖରୁ ରତ୍ନଭଣ୍ଡାର ମରାମତି କାମ ଆରମ୍ଭ ହୋଇଥିଲା। ୬ ମାସ ଧରି ଏହି ମରାମତି କାର୍ଯ୍ୟ ଚାଲୁ ରହିଥିଲା।

---

**NOTICE**

By virtue of an affidavit No-24 sworn before the Executive Magistrate, Nimapara dtd. 9.06.2025, I Smt Ranulata Behera, S/o: Sisir Kumar Senapati resident of Bilua Mundali, PO: Jharling, PS: Astaranga, Dist-Puri, declares that my Husband's name changed from Sunil Behera to Sisir Kumar Senapati. Henceforth, he shall be known as Sisir Kumar Senapati for all purposes.

---

ଭାରତ ସରକାର
ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ
ଯୁବ ବ୍ୟାପାର ବିଭାଗ
ଶାସ୍ତ୍ରୀ ଭବନ ନୂଆଦିଲ୍ଲୀ

ନଂ. ୧-୧୨୦୧୧/୧/୨୦୨୫ଏନପିଓ୍ୱାଇଏଡି ୧୨.୦୭.୨୦୨୫

ଯୁବ ବ୍ୟାପାର ବିଭାଗ ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ତେନ୍‌ଜିଂ ନର୍ଗେ ଜାତୀୟ ସାହସିକତା ପୁରସ୍କାର-୨୦୨୪, ଉତ୍କୃଷ୍ଟ ପାଇଁ ସର୍ବୋଚ୍ଚ ଜାତୀୟ ମାନ୍ୟତା ସାହସିକତା କ୍ଷେତ୍ରରେ ସଫଳତା ପାଇଁ ଆବେଦନପତ୍ର ଆହ୍ୱାନ କରୁଛନ୍ତି। ଏହି ପୁରସ୍କାରର ଲକ୍ଷ୍ୟ ସେହି ବ୍ୟକ୍ତିମାନଙ୍କୁ ସମ୍ମାନିତ କରିବା, ଯେଉଁମାନେ ସ୍ଥଳ, ଜଳ ଓ ବାୟୁରେ ଅସାଧାରଣ ସାହସ, ଦକ୍ଷତା ଏବଂ ସାହସିକତାର ମନୋଭାବ ପ୍ରଦର୍ଶନ କରିଥିବା ବ୍ୟକ୍ତି ଏବଂ ଯେଉଁମାନେ ସାହସିକତା କ୍ଷେତ୍ରରେ ଜୀବନବ୍ୟାପୀ ଏବଂ ବିଶିଷ୍ଟ ଅବଦାନ ରଖିଛନ୍ତି। ପୁରସ୍କାର ଯୋଗ୍ୟତା, ମାନଦଣ୍ଡ ଇତ୍ୟାଦି ବିଷୟରେ ବିବରଣୀ ପୋର୍ଟାଲ (**https://awards.gov.in**) କିମ୍ବା ସଦ୍ୟତମ ସମାଚାର ବିଭାଗ ଯୁବ ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ୱେବସାଇଟ୍ **https://yas.nic.in** ମାଧ୍ୟମରେ ପାଇପାରିବେ।

ଯୋଗ୍ୟ ବ୍ୟକ୍ତିମାନଙ୍କୁ କେବଳ ଭାରତ ସରକାରଙ୍କ ପୁରସ୍କାର ପୋର୍ଟାଲରେ (**https://awards.gov.in**) ନାମାଙ୍କନ ଦାଖଲ କରିବାକୁ ଉତ୍ସାହିତ କରାଯାଉଛି। ନାମାଙ୍କନ ଦାଖଲର ଶେଷ ତାରିଖ ୧୫ ଜୁଲାଇ ୨୦୨୫।

ଉପସଚିବ
ଯୁବ ବ୍ୟାପାର ବିଭାଗ

cbc 47107/11/0005/2526

---

OFFICE OFFICE THE ROURKELA MUNICIPAL CORPORATION: ROURKELA
INVITATION FOR BID

No. 8698 Dated 10.07.2025 **C-658**

**Bid Identification No. :- MC/RMC/31/2025**

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. MC/RMC/31/2025 for 08 nos. Civil work with value of Rs. 14.43 lakh to 15.05 Lakh.

1. Bid documents will be available in website www.tendersorissa.gov.in from 10.07.2025.
2. Bids must be submitted on "online" on or before 21.07.2025 by 17.00 hours.
3. Bids shall be opened at 11.00 hours on 22.07.2025 in the office of the undersigned in the presence of the bidders or their authorized agents.
4. Other details will be available in the web site tendersorissa.gov.in

Municipal Commissioner,
Rourkela Municipal Corporation

OIPR 13131/11/0151/2526

---

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ:(୦୬୭୪)୨୩୯୩୫୨୪,
ଏପିବିଏକ୍ସ:(୦୬୭୪)୨୩୯୧୫୪୨,୨୩୯୦୧୪୧
ଫାକ୍ସ:(୦୬୭୪)୨୩୯୩୯୫୨, ୱେବ ସାଇଟି: https://oshb.org

**CAD-1078**

ବିଜ୍ଞାପନ

ପତ୍ର ସଂଖ୍ୟା: ୧୩୨ ତା:୦୧.୦୭.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି ଗୃହ ନଂ-ଏଲ.ଆଇ.ଜି-୩/୧୬୨ (LIG 3/162), ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଗୋପୀନାଥ ପଟ୍ଟନାୟକ, ପିତା-୰ରଘୁନାଥ ପଟ୍ଟନାୟକ,ସା/ପୋ କଣ୍ଟୋ, ଥାନା ଆନନ୍ଦପୁର, ଜିଲ୍ଲା କେନ୍ଦୁଝରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଉକ୍ତ ଆବଣ୍ଟନ ଗ୍ରହୀତା ଶ୍ରୀ ଗୋପୀନାଥ ପଟ୍ଟନାୟକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ୧.ସ୍ୱାଗତ ମହାନ୍ତି, ୨.ସ୍ୱୟଂମ ମହାନ୍ତି, ଏମାନଙ୍କ ପିତା-ତପନ କୁମାର ମହାନ୍ତି, ସା-ପ୍ଲଟ ନଂ-୪୯, ଗୌତମ ନଗର, ପୋ-ବି.ଜେ.ବି. ନଗର, ଥାନା-ବଡ଼ଗଡ଼, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

ସ୍ୱା/-ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR 13030/11/0737/2526

---

**O-410** ☎ 06670-235504
E_Mail: serwbpt@yahoo.com

GOVT. OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS, CIRCLE, BHAWANIPATNA

Bid identification No.:- BPT/Online-06/2025-26 Date- 09.07.2025

NOTICE INVITING TENDERS FOR ROAD WORKS IN ODISHA
NATIONAL COMPETITIVE BIDDING THROUGH e-Procurement

1. Name of the Work : Periodical Renewal work of 5 year post DLP PMGSY Roads in the District of Kalahandi and Nuapada.
2. No of Works : 02 Nos.
3. Location details : Nuapada District
4. Estimated Cost : As per NIT.
5. Period of Completion : As per NIT.
6. Cost of tender paper : Rs.10,000/- per set.
7. Other details

| Availability of tender for online bidding | | Last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 16.07.2025 11.00 A.M. | 31.07.2025 5.00 P.M. | 30.07.2025 | 01.08.2025 at 11.00 A.M. |

Further details can be seen from the web site "www.tendersorissa.gov.in"

Sd/-Chief Construction Engineer
Rural Works Circle, Bhawanipatna

OIPR 25102/11/0021/2526

---

email- serwsbd2003@yahoo.com

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA **O-403**

No: ____________/ Date: ____________/

e- Procurement Notice for Building works

1 Name of the work : Construction of Building Works - 04 Nos
3 Class of contractor : "B" & "A" Class of (Odisha PWD) or relevant class of other licensing authority.
3 Estimated Cost : Various from Rs.118.23 Lakhs to Rs.118.29 Lakhs (Approximately)
4 Details projects as per Annexure attached. :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD – Online – 08/2025-26 | 16.07.2025 at 11.00 A.M. | 30.07.2025 up to 5.00 P.M. | 29.07.2025 up to 2.00 P.M. | 31.07.2025 at 11.00 A.M. | To be intimated separately |

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above e-tender web site.

Sd/-Chief Construction Engineer,
Rural Works Circle, Sunabeda.

OIPR 25182/11/0066/2526

---

GOVERNMENT OF ODISHA
OFFICE OF SUPERINTENDING ENGINEER
MINOR IRRIGATION DIVISION, MALKANGIRI **A-379**
E-mail ID: - midivmalkangiri@gmail.com

NOTICE INVITING TENDER
E-Procurement Notice
Bid Identification No. SEMIDMKG - 02/2025-26
Letter No. 1088 Dt. 07.07.2025

The Superintending Engineer, Minor Irrigation Division, Malkangiri on behalf of Governor of Odisha invites **Percentage rate** bids in **Double cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

1. Name of the work : Repair to Surplus Escape of Patraput MIP in Mathili Block of Malkangiri District under Critical Scheme.
2. Total Number of work : 01 (One) No.
3. Estimated cost : Approximately Rs. 71.18 lakh .
4. Period of completion : 06(Six) Calendar Months
5. Class of Contractor : "B" Class Contractor
6. Date and time of availability of bid documents in the portal : From 10.00 A.M of 14.07.25 to 5.00 PM of 28.07.2025
7. Last date /time for receipt of bids in the portal : 5.00 pm on 28.07.2025
8. Date of opening of bid : At 11.00 am on 29.07.2025 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division,Malkangiri
11. Further details can be seen from the Government of Odisha Web-site:www.tendersorissa.gov.in

Sd/-Superintending Engineer
M.I. Division, Malkangiri

OIPR 32285/11/0005/2526

---

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ:(୦୬୭୪)୨୩୯୩୫୨୪,
ଏପିବିଏକ୍ସ:(୦୬୭୪)୨୩୯୧୫୪୨,୨୩୯୦୧୪୧
ଫାକ୍ସ:(୦୬୭୪)୨୩୯୩୯୫୨, ୱେବ ସାଇଟି: https://oshb.org

**CAD-1093**

ବିଜ୍ଞାପନ

ପତ୍ର ସଂଖ୍ୟା: ୧୩୧ ତା:୦୧.୦୭.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି ଦୋକାନ ଗୃହ ନଂ-ଏ-୧୧(A-11), ଡୁମୁଡୁମା,୩ୟ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ମଞ୍ଜୁଳା ମିଶ୍ର, ସ୍ୱାମୀ-କାଶୀନାଥ ମିଶ୍ର, ସା-ବରଡିହି ଶାସନ, ପୋ/ଥାନା-ଶରଣ କୂଳ, ଜିଲ୍ଲା-ନୟାଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ମଞ୍ଜୁଳା ମିଶ୍ର ଉକ୍ତ ଦୋକାନ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ବିଜୟ କୁମାର ବେହେରା, ପିତା-ପ୍ରଫୁଲ୍ଲ କୁମାର ବେହେରା, ପ୍ଲଟ ନଂ-ଏ/୨୩, ଲେନ-୭, ରୋଡ-୧, ବରମୁଣ୍ଡା, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା ଙ୍କଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR 13030/11/0733/2526

---

OFFICE OF THE CHIEF EXECUTIVE,
REGIONAL PLANT RESOURCE CENTRE BHUBANESWAR **MM-118**

No.125/RPRC. Date: 09.07.2025

E- Tender Call Notice for Supply of Plants.

Sealed tenders are invited from reputed Plant Suppliers (Principals/Authorized Agents/ Distributors/Dealers/Individuals/Supplier) for supply of Plants. The detail technical specifications, other terms and conditions and formats are available in the office website www.rprcbbsr.in/https://rprc.ewizard.in from 11.07.2025 at 10.00 AM. Interested parties may submit their tender through https://rprc.ewizard.in on or before Dt. 28.07.2025 (before 10.30 AM.) positively. Incomplete tenders and tender documents received after the due date and time will not be considered. The undersigned reserves the right to reject any or all the tenders without assigning any reasons thereof.

Sd/-
CHIEF EXECUTIVE

OIPR 08004/11/0043/2526

---

GOVERNMENT OF ODISHA, "e"-PROCUREMENT NOTICE

OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR.
E-mail: eeroads.khr@rediffmail.com
No. 3478 Date 09.07.2025 **B-292**
Invitation For Bids
Bid Identification No. SER&BKHR - 06 /2025-26

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate bids in Double Cover system in ONLINE MODE only. | |
| 2 | Nature of work | Construction of RCC Drain and Approach Road & Landscaping/ Renovation & Approach road/ Extension of PWD IB/Compound wall,Main gate,Rest Shed, Information Centre & Approach road. |
| 3 | No. of work | 04 Nos. works. |
| 4 | Tender Paper cost | As specified in the notice for the respective Work, to be remit online only. |
| 5 | Class of Contractor | As specified in the notice for the respective Work. |
| 6 | Availability of Bid Documents in the website | 10.00 hours of 17.07.2025 to 17.00 Hours of 31.07.2025 |
| 7 | Date of opening of Technical Bid | Dt. 01.08.2025 at 11:30 hours |
| 8 | EMD/Bid Security | As specified in the notice to be remitted on line only |
| 9 | The Bidders shall have to participate in ONLINE bidding only. Further details can be seen from the website: https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd/- Superintending Engineer
Khariar (R&B) Division, Khariar

OIPR 34062/11/0028/2526

---

OFFICE OFFICE THE ROURKELA MUNICIPAL CORPORATION: ROURKELA
INVITATION FOR BID

No. 8650 Dated 09.07.2025 **C-659**

**Bid Identification No. :- MC/RMC/30/2025**

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. MC/RMC/30/2025 for 10 nos. Civil work with value of Rs. 8.97 lakh to 38.82 Lakh.

1. Bid documents will be available in website www.tendersorissa.gov.in from 10.07.2025.
2. Bids must be submitted on "online" on or before 25 .07.2025 by 17.00 hours.
3. Bids shall be opened at 11.00 hours on 28 .07.2025 in the office of the undersigned in the presence of the bidders or their authorized agents.
4. Other details will be available in the web site tendersorissa.gov.in

Sd/-Municipal Commissioner,
Rourkela Municipal Corporation

OIPR 13131/11/0149/2526

---

e-mail ID – eephctcii@gmail.com
sephdctc521@gmail.com

GOVERNMENT OF ODISHA **C-630**
OFFICE OF THE SUPERINTENDING ENGINEER,
P. H. DIVISION, CUTTACK

e-procurement Notice for Bid Identification No. SEPH-DIVISION, CTC- 13 of 2025-26

1. Name of the work : - 1 No of P.H. work
2. Estimated cost : - Rs. 44.97 Lakhs
3. Period of completion : - 12 months
4. Date & time of availability of bid document in the portal : - 14.07.2025 from 11.00 AM to 23.07.2025 upto 5.00 PM
5. Last date & time of seeking clarification :- 18.07.2025 upto 5.00 P.M
6. Last date / time of receipt of bids in the portal : - 23.07.2025 upto 5.00 PM
7. Date & time of opening of bids : - 24.07.2025 at 11.00 AM
8. Name and address of the officer inviting bid : - The Superintending Engineer, P.H.Division, Cuttack-753004, Odisha. Ph. (0671) 2441063, email :- eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in

Sd/-Superintending Engineer (I/C)
P.H. Division, Cuttack

OIPR 13009/11/0005/2526

---

OHPC ISO 9001-14001 18001 Certified

OFFICE OF THE SR. GENERAL MANAGER (ELECTRICAL) **CAD-1046**
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, ODISHA, E-mail: sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

TENDER CALL NOTICE NO. UIHEP-16/2025-26 DATE 07.07.2025

Sealed Tenders are invited in two parts i.e. (i) Techno Commercial Bid & (ii) Price bid in separate sealed envelopes from reputed manpower service provider agency fulfilling the eligibility criteria for the services as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Engagement of 06 Nos. of LMV Drivers for UIHEP, Mukhiguda through outsourcing agencies for two years. | 7,080/- (inclusive of GST) | 38,480/- | From 15.07.2025 to 28.07.2025 up to 13.00 Hrs | 28.07.2025 (up to 13:30 Hrs) | 28.07.2025 at 16:30 Hrs |

For details of the tender documents, terms & conditions please visit/ refer our website www.ohpcltd.com.

Sd/-Unit Head
UIHEP, Mukhiguda

OIPR 04008/11/0033/2526

---

OFFICE OF THE MUNICIPAL COUNCIL: RAYAGADA
DIST-RAYAGADA
PIN CODE-765001, ODISHA **C-665**
E-mail ID - raygadam.hud@od.gov.in

Letter No ୪୯୧୬ Dt୧୦.୦୭.୨୦୨୫

ବିଜ୍ଞାପନ

ଏତଦ୍ୱାରା ରାୟଗଡ ପୌରପରିଷଦର ମଧ୍ୟରେ ବସବାସ କରି ରହୁଥିବା ସର୍ବ ସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉ ଅଛି ଯେ ଆସନ୍ତା ୦୧.୦୮.୨୦୨୫ ଠାରୁ ୩୧.୦୭.୨୦୨୬ ଏକବର୍ଷ ସକାଶେ ପରିଷଦର ଦୈନିକ ବଜାର୍ ଫି ଆଦାୟ ନିମନ୍ତେ ଲିଜ୍ ଦେବା ସକାଶେ ସ୍ଥିର କରାଯାଇଛି, ଇଚ୍ଛୁକ ବ୍ୟକ୍ତି କିମ୍ବା ସଂସ୍ଥା ଟେଣ୍ଡର ମାଧ୍ୟମରେ ଆସନ୍ତା ତା. ୨୩.୦୭.୨୦୨୫ ସନ୍ଧ୍ୟା ଘ.୦୫.୦୦ ଟିକା ମଧ୍ୟରେ ସେମାନଙ୍କ ଟେଣ୍ଡର ଦାଖଲ କରିପାରିବେ , ପ୍ରାପ୍ତ ଟେଣ୍ଡର ଗୁଡିକ ପରଦିନ ଅର୍ଥାତ ତା. ୨୪.୦୭.୨୦୨୫ ପୂର୍ବାହ୍ନ ଘ ୧୧.୦୦ ଟିକା ସମୟରେ ଟେଣ୍ଡର ଦେଇଥିବା ବ୍ୟକ୍ତି କିମ୍ବା ତାଙ୍କ ପ୍ରତିନିଧି ଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ , ପୌରପରିଷଦ ସର୍ବୋଚ୍ଚ ଟେଣ୍ଡରକୁ ଗ୍ରହଣ କରିବାକୁ ବାଧ୍ୟନୁହନ୍ତି, ବିନା କାରଣରେ ସମସ୍ତ ଟେଣ୍ଡରକୁ ରଦ୍ଦ କରିଦେବାର ଅଧିକାର ପୌରକର୍ତ୍ତୃପକ୍ଷ ଙ୍କ ରହିଛି ।

ପ୍ରକାଶଥାଉକି ଏକବର୍ଷ ସକାଶେ ଦୈନିକ ବଜାର ଫି ଆଦାୟ ପାଇଁ ସର୍ବନିମ୍ନ upsert price ଟ.୭,୩୨,୦୦୦/- କୁ ପୌର କାର୍ଯ୍ୟାଳୟ ଦ୍ୱାରା ଧାର୍ଯ୍ୟ କରାଯାଇଛି, ଯେଉଁ ବ୍ୟକ୍ତି ଟେଣ୍ଡର ଦାଖଲ ପାଇଁ ଇଚ୍ଛୁକ ପରିଷଦ ଦ୍ୱାରା ଧାର୍ଯ୍ୟ ମୂଲ୍ୟ ଠାରୁ ଅଧିକା ଦେଇ ଟେଣ୍ଡର ଦାଖଲ କରିପାରିବେ ।

ତା.୧୧.୦୭.୨୦୨୫ ଠାରୁ ତା.୨୩.୦୭.୨୫ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସ ମାନଙ୍କରେ ଟେଣ୍ଡର ପେପର ଟ.୫୦୦/- ଙ୍କା ଦେଇ ନେଇ ପାରିବେ ଏବଂ ଅମାନତ ରାଶି ଟ.୩୦୦୦୦/- କାର୍ଯ୍ୟାଳୟରେ ଦାଖଲ କରି ଉକ୍ତ ରସିଦ ସହ ନିମ୍ନ ଲିଖିତ ପ୍ରମାଣ ପତ୍ରର ନକଲ ସହ ଟେଣ୍ଡର ଟେଣ୍ଡର ବକ୍ସରେ ଦାଖଲ କରିପାରିବେ ।

ସବିଶେଷ ବିବରଣୀ କାର୍ଯ୍ୟାଳୟର ର ଭାରପ୍ରାପ୍ତ କର୍ମଚାରୀ ଙ୍କ ଠାରୁ ପାଇ ପାରିବେ ।

ସ୍ୱା/-କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ,ରାୟଗଡ

OIPR 13150/11/0073/2526

ଓଡ଼ିଶା ଭାସ୍କର
ODISHA BHASKAR



# ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ: ଭାରତ ଉପରେ ୫୦୦ ପ୍ରତିଶତ ଶୁଳ୍କ ଲଗାଇପାରେ ଆମେରିକା। ରୁଷ ସହିତ ଭାରତର ବାଣିଜ୍ୟିକ ସମ୍ବନ୍ଧ ଭଲ ଥିବାରୁ ଆମେରିକା ଏହି ପଦକ୍ଷେପ ନେଇପାରେ। ଏ ସମ୍ପର୍କିତ ଏକ ପ୍ରଶ୍ନରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦୦ ପ୍ରତିଶତ ଶୁଳ୍କ ଲାଗୁ କରିବା ନେଇ ଇସାରା କରିଛନ୍ତି। ଏହା ସମ୍ପୂର୍ଣ୍ଣ ତାଙ୍କ ପସନ୍ଦ(ଇଚ୍ଛା ଉପରେ ନିର୍ଭରଶୀଳ) ବୋଲି ଟ୍ରମ୍ପ କହିଛନ୍ତି। ପୂର୍ବରୁ ଟ୍ରମ୍ପ ଚେତାବନୀ ଦେଇ କହିଥିଲେ ଯେ, ଋଷ ସହିତ ବାଣିଜ୍ୟିକ ସମ୍ପର୍କ ରଖୁଥିବା ଦେଶଗୁଡ଼ିକ ଉପରେ ସେ ବଡ଼ ଶୁଳ୍କ ଲାଗୁ କରିବେ। ଏପରି କି ସେ 'ଦ ସାଙ୍କସନିଂ ରୁଷ ଆକ୍ଟ-୨୦୨୫କୁ ମଧ୍ୟ ସମର୍ଥନ କରିଥିଲେ, ଯେଉଁ ଆଇନରେ ରୁଷଠାରୁ ତୈଳଜାତ ଉତ୍ପାଦ କ୍ରୟ କରୁଥିବା ଭାରତ ଏବଂ ଚୀନ ଉପରେ ୫୦୦% ଶୁଳ୍କ ଲାଗୁ କରିବାର ପ୍ରାବଧାନ ରହିଛି। ଏହି ପ୍ରାବଧାନ ସମ୍ପର୍କରେ ଟ୍ରମ୍ପଙ୍କୁ ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ କରିବାରୁ ଏହା ସମ୍ପୂର୍ଣ୍ଣ ତାଙ୍କ ଉପରେ ନିର୍ଭରଶୀଳ ବୋଲି ଟ୍ରମ୍ପ କହିଥିଲେ।

## ୫୧ ହଜାର ନିଯୁକ୍ତିପତ୍ର ବାଣ୍ଟିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୨ ଜୁଲାଇ, ୨୦୨୫ରେ ପୂର୍ବାହ୍ନ ପ୍ରାୟ ୧୧ଟାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗ ଓ ସଙ୍ଗଠନରେ ନବନିଯୁକ୍ତ ୫୧ ହଜାରରୁ ଅଧିକ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବିତରଣ କରିବେ। ଏହି ଅବସରରେ ସେ ନବନିଯୁକ୍ତଙ୍କୁ ସମ୍ବୋଧିତ କରିବେ। ରୋଜଗାର ମେଳା, ରୋଜଗାର ସୃଜନକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ସମ୍ପୂର୍ଣ୍ଣ କରିବା ଦିଗରେ ଏକ ପଦକ୍ଷେପ । ରୋଜଗାର ମେଳା ଯୁବପିଢ଼ିଙ୍କୁ ସଶକ୍ତ କରିବା ସହ ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଭାଗିଦାରୀ ସକାଶେ ସାର୍ଥକ ଅବସର ପ୍ରଦାନ କରିବା ପାଇଁ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଦେଶବ୍ୟାପୀ ରୋଜଗାର ମେଳା ମାଧ୍ୟମରେ ଏ ପର୍ଯ୍ୟନ୍ତ ୧୦ ଲକ୍ଷରୁ ଅଧିକ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଷୋଡ଼ଶ ରୋଜଗାର ମେଳା ଦେଶବ୍ୟାପୀ ୪୭ ଟି ସ୍ଥାନରେ ଆୟୋଜନ କରାଯିବ। ଏହି ନିଯୁକ୍ତି କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ପ୍ରଦାନ କରାଯାଉଛି। ଦେଶବ୍ୟାପୀ ଚୟନ ହୋଇଥିବା ଏହି ନୂତନ କର୍ମଚାରୀମାନେ ରେଳ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ଡାକ ବିଭାଗ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଅର୍ଥ ସେବା ବିଭାଗ, ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟ ସହିତ ଅନ୍ୟ ବିଭାଗ ଏବଂ ମନ୍ତ୍ରଣାଳୟ ଗୁଡ଼ିକରେ ଯୋଗଦେବେ।

## କାଫେ ଉପରକୁ ଗୁଳିମାଡ଼ ପରେ କପିଳଙ୍କ ଘର ବାହାରେ ସୁରକ୍ଷା ବୃଦ୍ଧି

ମୁମ୍ବଇ: ଲୋକପ୍ରିୟ ହାସ୍ୟାଭିନେତା କପିଲ ଶର୍ମାଙ୍କ କାନାଡ଼ାସ୍ଥିତ କାଫେ ଉପରକୁ ଗୁଳିମାଡ଼ ଘଟଣା ପରେ ମୁମ୍ବାଇସ୍ଥିତ ତାଙ୍କ ବାସଭବନ ବାହାରେ ପୁଲିସ ଗତିବିଧି ଦେଖିବାକୁ ମିଳିଛି। କପିଲଙ୍କ ଘର ବାହାରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିଛି ମୁମ୍ବଇ ପୁଲିସ। ଶୁକ୍ରବାର ସକାଳେ ମୁମ୍ବଇ ପୁଲିସର ଏକ ଟିମ୍ ? ହଠାତ୍ ଓଶିୱାରାସ୍ଥିତ କପିଲ ଶର୍ମାଙ୍କ ଘରେ ପହଞ୍ଚିଥିଲା। ତେବେ ପୁଲିସ କିଛି ସମୟ ରହିବା ପରେ କୌଣସି ବୟାନ ନ ଦେଇ ସେଠାରୁ ଚାଲିଯାଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପୁଲିସର ଉପସ୍ଥିତି ସମୟରେ କିଛି ସମୟ ପାଇଁ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଖବର ଅନୁସାରେ, ଏହି ଗସ୍ତ କେବଳ ସୁରକ୍ଷା ସମୀକ୍ଷା ପାଇଁ ଥିଲା। ପୁଲିସ ଜାଣିବାକୁ ଚାହୁଁଥିଲା ଯେ, କପିଲଙ୍କ ସୁରକ୍ଷା ଦାୟିତ୍ୱ କେଉଁ ଏଜେନ୍ସି ନେଇଛି, କେତେ ସୁରକ୍ଷାକର୍ମୀ ନିୟୋଜିତ ଅଛନ୍ତି ଏବଂ କୋଠା ଭିତରେ କେତେ ସତର୍କତା ଅବଲମ୍ବନ କରାଯାଉଛି। ବାସଭବନ ସହ କପିଲ ଶୁଟିଂ କରୁଥିବା ସ୍ଥାନରେ ମଧ୍ୟ ସୁରକ୍ଷା ବଢାଇ ଦିଆଯାଇଛି। ସୂଚନାଯୋଗ୍ୟ, କାନାଡାରେ ଥିବା କପିଲ ଶର୍ମାଙ୍କ କାଫେ ଉପରକୁ କେତେକ ଦୁର୍ବୃତ୍ତ ବୁଧବାର ରାତିରେ ଏକାଧିକ ରାଉଣ୍ଡ ଗୁଳିମାଡ କରିଛନ୍ତି। ତେବେ ଏହି ଆକ୍ରମଣ ପାଇଁ ଖଲିସ୍ତାନୀ ଆତଙ୍କବାଦୀ ହରଜିତ୍ ସିଂହ ଲାଡି ନିଜକୁ ଦାୟୀ କରିଛି। ହରଜିତ୍ ଭାରତ ପାଇଁ ଜଣେ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ। ସେ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ବାବର ଖାଲସା ଇଣ୍ଟରନେସନାଲ ସହିତ ସମ୍ପୃକ୍ତ। କପିଲ ଶର୍ମା ଅତୀତରେ ଦେଇଥିବା ଏକ ମନ୍ତବ୍ୟ ପାଇଁ ତାଙ୍କ କାଫେ ଉପରକୁ ଏପରି ଆକ୍ରମଣ ହୋଇଥିବା ହରଜିତ୍ କହିଛନ୍ତି। କପିଲ ତାଙ୍କର ଏହି କାଫେଟିକୁ ନିକଟରେ ଉଦ୍‌ଘାଟନ କରିଥିଲେ।

## ଯମୁନା ପୁନରୁଦ୍ଧାର ନେଇ ଶାହାଙ୍କ ସମୀକ୍ଷା ବୈଠକ



ନୂଆଦିଲ୍ଲୀ : କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀରେ ଯମୁନା ପୁନରୁଦ୍ଧାର ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରେ କେନ୍ଦ୍ର ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ, କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି. ଆର. ପାଟିଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଏବଂ ସମ୍ପୃକ୍ତ ମନ୍ତ୍ରଣାଳୟ ତଥା ଦିଲ୍ଲୀ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଉଦବୋଧନ ଦେଇ କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ କହିଥିଲେ ଯେ ଦିଲ୍ଲୀ ପ୍ରଦୂଷଣ ନିୟନ୍ତ୍ରଣ କମିଟି (ଡିପିସିସି) ଜଳ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ କାର୍ଯ୍ୟ କରିବା ଉଚିତ। ସେ କହିଥିଲେ ଯେ ଦିଲ୍ଲୀ ସରକାର ଶିଳ୍ପ ସଂସ୍ଥାଗୁଡ଼ିକରୁ ବୃଦ୍ଧି ପାଉଥିବା ପ୍ରଦୂଷଣକୁ ରୋକିବା ପାଇଁ ନିରନ୍ତର ଏବଂ ପ୍ରଭାବୀ ପଦକ୍ଷେପ ନେବା ଉଚିତ। ଅମିତ ଶାହ କହିଥିଲେ ଯେ ଦିଲ୍ଲୀ ବ୍ୟତୀତ ଅନ୍ୟ ରାଜ୍ୟରୁ ବର୍ଜ୍ୟବସ୍ତୁ ରୂପରେ ଯମୁନା ନଦୀରେ ରାସାୟନିକ ପଦାର୍ଥ ମଧ୍ୟ ମିଶୁଛି, ତେଣୁ ଯମୁନା ନଦୀକୁ ସଫା କରିବା ପାଇଁ ଏହି ସମସ୍ତ ରାଜ୍ୟ ମିଳିତ ଭାବେ କାର୍ଯ୍ୟ କରିବା ଉଚିତ। ଅମିତ ଶାହ ନଜଫଗଡ ଏବଂ ଶାହଦରାର ମୁଖ୍ୟ ନାଳଗୁଡ଼ିକରେ ବାୟୋକେମିକାଲ ଅକ୍ସିଜେନ ଡିମାଣ୍ଡ (ବିଓଡି) କୁ ଉନ୍ନତ କରିବା ଲାଗି କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅମିତ ଶାହ ଦିଲ୍ଲୀର ଦୁଇଟି ମୁଖ୍ୟ ନାଳ ନଜଫଗଡ ଏବଂ ଶାହଦରା ନାଳର ଡ୍ରୋନ୍ ସର୍ଭେ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଦିଲ୍ଲୀ ସରକାରଙ୍କ ଦ୍ୱାରା ନଦୀଗୁଡ଼ିକର ସ୍ୱଚ୍ଛତା ପାଇଁ କରାଯାଉଥିବା ପ୍ରୟାସ ବ୍ୟତୀତ ଜାତୀୟ ସ୍ୱଚ୍ଛ ଗଙ୍ଗା ମିଶନ (ଏନ୍‌ଏମସିଜି) ର ବଜେଟ୍ ବୃଦ୍ଧି କରିବାର ଆବଶ୍ୟକତା ରହିଛି। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଯମୁନାକୁ ସଫା କରିବା ସହିତ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସଟିପି) ର କ୍ଷମତା ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ୨୦୨୮ ସୁଦ୍ଧା ଏସଟିପି କ୍ଷମତାକୁ ୧୫୦୦ ଏମଜିଡି କୁ ବୃଦ୍ଧି କରିବା ଲାଗି ସେ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ଶାହ କହିଥିଲେ ଯେ ହରିୟାଣା, ଦିଲ୍ଲୀ ଏବଂ ଉତ୍ତର ପ୍ରଦେଶ ଭଳି ସମସ୍ତ ତିନୋଟି ରାଜ୍ୟ ଯମୁନାର ପୁନରୁଦ୍ଧାର ପାଇଁ ପ୍ରୟାସ କରିବା ଉଚିତ ଏବଂ ସେମାନଙ୍କ ଏସଟିପି ଗୁଡ଼ିକରୁ ପ୍ରବାହିତ ହେଉଥିବା ଜଳର ପରୀକ୍ଷଣରେ ନିୟମିତତା ଏବଂ ସ୍ୱଚ୍ଛତା ରହିବା ଉଚିତ। ସେ ଏସଟିପି ନିର୍ଗମନର ତୃତୀୟ ପକ୍ଷ ଗୁଣବତ୍ତା ପରୀକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅମିତ ଶାହ କହିଥିଲେ ଯେ ଦିଲ୍ଲୀରେ ଅନେକ ଜଳଭଣ୍ଡାର ରହିଛି, ଯେଉଁଥିରେ ଦିଲ୍ଲୀ ସରକାର ବର୍ଷା ଜଳ ସଂଗ୍ରହ କରିବାର ବ୍ୟବସ୍ଥା କରିବା ଉଚିତ। ଅମିତ ଶାହ ଜାତୀୟ ରାଜଧାନୀରେ ଅନଧିକୃତ ଡାଏରୀଗୁଡ଼ିକର ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଯମୁନାରେ ଇ-ପ୍ରବାହ ବୃଦ୍ଧି ଉପରେ ଶ୍ରୀ ଅମିତ ଶାହ ବିଶେଷ ଗୁରୁତ୍ୱାରୋପ କରିଥିଲେ ଏବଂ କହିଥିଲେ ଯେ ଏହି ପ୍ରସଙ୍ଗରେ ଉତ୍ତରପ୍ରଦେଶ ସରକାରଙ୍କ ସହ ଆଲୋଚନା କରିବା ଏବଂ ଏହାର ସମାଧାନ ଖୋଜିବାର ଆବଶ୍ୟକତା ରହିଛି, ଯାହାଦ୍ୱାରା ଯମୁନା ଦିଲ୍ଲୀରେ ପ୍ରବେଶ କରିବା ସମୟରେ ଏହାର ପ୍ରବାହରେ ଉନ୍ନତି ଅଣାଯାଇପାରିବ। ସେ କହିଥିଲେ ଯେ ଓଖଲା ଏସଟିପି ର ବିଶୋଧିତ ଜଳ ଯମୁନା ନଦୀର ତଳମୁଣ୍ଡକୁ ଛାଡ଼ିଦେବା ଉଚିତ, ଯାହା ନଦୀ ଜଳର ଗୁଣବତ୍ତାରେ ଉନ୍ନତି ଆଣିବାରେ ସହାୟକ ହେବ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ଯେ ଦିଲ୍ଲୀରେ ଜଳ ଯୋଗାଣ ସମ୍ବନ୍ଧରେ ଏକ ବିସ୍ତୃତ ସର୍ଭେ କରାଯିବା ଉଚିତ, ଯାହା ଦ୍ୱାରା ଦିଲ୍ଲୀରେ ରହୁଥିବା ସମସ୍ତଙ୍କୁ ଖାଦ୍ୟ ଯୋଗାଇବା ପାଇଁ କେତେ ପାଣି ଆବଶ୍ୟକ ତାହା ସ୍ଥିର କରାଯାଇପାରିବ। ବୋରୱେଲ ମାଧ୍ୟମରେ ଅନିୟନ୍ତ୍ରିତ ଜଳ ଉତ୍ତୋଳନ ଦିଲ୍ଲୀରେ ଏକ ବଡ଼ ସମସ୍ୟା, ଯାହା ଉପରେ ଦିଲ୍ଲୀ ଜଳ ବୋର୍ଡ ଏକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ସେ କହିଥିଲେ ଯେ ଏହି ବୋରୱେଲଗୁଡ଼ିକୁ ପର୍ଯ୍ୟାୟକ୍ରମେ ନିୟମିତ କରାଯିବା ଉଚିତ।

## ବିଷ୍ଣୁଦେବଙ୍କୁ ଭେଟିଲେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ



ରାୟପୁର: କେନ୍ଦ୍ର ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେ ଶୁକ୍ରବାର ଛତିଶଗଡରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କୁ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଶ୍ରୀସାଏ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ସହ ଏକ କୋଷା ସିଲ୍କ ସାଲ ଏବଂ ଏକ ପ୍ରତିକୃତି ଉପହାର ଦେଇଥିଲେ ଯାହାକି ଛତିଶଗଡର ଐତିହ୍ୟ ଓ କାରୁକାର୍ଯ୍ୟ ଉପରେ ନିର୍ମିତ। ଏହି ସାକ୍ଷାତ ସମୟରେ ଉଭୟ ଆଦିବାସୀମାନଙ୍କର ବିକାଶ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ବିଶେଷ କରି ଆଦିବାସୀ ଯୁବବର୍ଗଙ୍କୁ ଦକ୍ଷତାର ସହ ସଶକ୍ତ କରିବା, ଶିକ୍ଷା କ୍ଷେତ୍ରରେ ଅଗ୍ରାଧିକାର ଦେବା ଏବଂ ଉତ୍ତମ ସ୍ୱାସ୍ଥ୍ୟ ସେବାଯୋଗାଇ ଦେବା ସହ ସେ ସବୁ ଅଞ୍ଚଳର ଭିତ୍ତିଭୂମି ବିକାଶ ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ଶ୍ରୀ ସାଏ କେନ୍ଦ୍ର ମନ୍ତ୍ରୀଙ୍କୁ ଆଦିବାସୀଙ୍କ ପାଇଁ କରାଯାଇଥିବା ଯୋଜାନା ଉପରେ ତାଙ୍କୁଅବଗତ କରାଇଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ସହାୟତା ଯୋଗାଇ ଦେବାକୁ ମଧ୍ୟ ଅନୁରୋଧ କରିଥିଲେ। ଏହି ଅବସରରେ ଶ୍ରୀ ଉଇକେ ଛତିଶଗଡର ଆଦିବାସୀ ବିକାଶ କାର୍ଯ୍ୟକୁ ପ୍ରଶଂସା କରିବା ସହ ଛତିଶଗଡ ସରକାର ନେଉଥିବା ପଦକ୍ଷେପକୁ ମଧ୍ୟ ପ୍ରଶଂସା କରିଥିଲେ।

## ଭୂକମ୍ପରେ ପୁଣି ଦୋହଲିଲା ଦିଲ୍ଲୀ



ନୂଆଦିଲ୍ଲୀ: ପୁଣି ଭୂକମ୍ପରେ ଦୋହଲିଲା ଦିଲ୍ଲୀ । ଲଗାତାର ୪୮ ଘଣ୍ଟା ଭିତରେ ୨ ଥର ଦିଲ୍ଲୀକୁ ଲାଗିଲାଣି ଭୂକମ୍ପର ଝଟକା । ଆଜି ସଞ୍ଜରେ ପୁଣି ଦିଲ୍ଲୀରେ ଭୂମିକମ୍ପ ଅନୁଭୂତ ହୋଇଛି । ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୩.୭ ଥିବା ବେଳେ ସଂଧ୍ୟା ୭.୪୯ରେ ଭୂମିକମ୍ପ ଅନୁଭୂତ ହୋଇଛି । ଭୂକମ୍ପର କେନ୍ଦ୍ରସ୍ଥଳ ହରିୟାଣାର ଝାଜର ରହିଛି । ତେବେ ଗତକାଲି ବି ଦିଲ୍ଲୀ ଭୂମିକମ୍ପରେ ଦୋହଲିଥିଲା । କାଲି ମଧ୍ୟ ଭୂକମ୍ପର କେନ୍ଦ୍ରସ୍ଥଳ ହରିୟାଣାର ଝାଜର ରହିଥିଲା ବେଳେ ଗତକାଲି ସକାଳେ ହୋଇଥିଲା ଦିଲ୍ଲୀରେ ଭୂମିକମ୍ପ । ଗତକାଲି ସକାଳୁ ସକାଳୁ ଥରିଥିଲା ଭାରତର ରାଜଧାନୀ । ସକାଳ ୯ଟା ୪ରେ ଭୂକମ୍ପ ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୪.୪ ଥିଲା । ଦିଲ୍ଲୀ, ନୋଏଡା ଏବଂ ଗାଜିଆବାଦରେ ଅନୁଭୂତ ହୋଇଥିଲା ଭୂକମ୍ପ। ପ୍ରାୟ ୧୦ ସେକେଣ୍ଡ ଯାଏଁ ଥରିଥିଲା ଦିଲ୍ଲୀ । ସକାଳୁ ସକାଳୁ ଭୂକମ୍ପରେ ଭୟଭୀତ ହୋଇ ଘରୁ ବାହାରି ଆସିଥିଲେ ଲୋକେ। ଆଉ ଦୁଇ ଦିନ ଭିତରେ ପୁଣି ଆଜି ସଞ୍ଜରେ ଭୂମିକମ୍ପ ହୋଇଥିବା ବେଳେ ଲୋକେ ଡରିଯାଇଛନ୍ତି।

# ବାଣିଜ୍ୟ



ନୂଆଦିଲ୍ଲୀ : ଭାରତର ଅଗ୍ରଣୀ ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ, ସୋନାଲିକା ଟ୍ରାକ୍ଟର୍ସ କୃଷକଙ୍କୁ ଉତ୍ତମ ଉତ୍ପାଦକତା ଓ ସମୃଦ୍ଧି ପ୍ରଦାନ କରିବା ପାଇଁ କଷ୍ଟମାଇଜ କରାଯାଇଥିବା ଏହାର ହେଭି ଡ୍ୟୁଟି ଟ୍ରାକ୍ଟରଗୁଡିକ ସହିତ ନୂଆ ବେଂଚମାର୍କ ସୃଷ୍ଟି କରିପାରିଛି । ଏହି ଆଭିମୁଖ୍ୟ କମ୍ପାନୀକୁ ୨୦୨୫-୨୬ ଆର୍ଥିକ ବର୍ଷର ୧ମ ତ୍ରୈମାସିକରେ ସର୍ବୋଚ୍ଚ ୪୩,୬୦୩ଟି ଟ୍ରାକ୍ଟର ବିକ୍ରିର ନୂଆ ରେକର୍ଡ ହାସଲ କରିବାକୁ ସକ୍ଷମ କରିଛି। ଏହି ସଫଳତା ବ୍ରାଣ୍ଡର ପ୍ରତ୍ୟେକ କୃଷକଙ୍କ ପାଇଁ ରହିଥିବା 'ଦମ୍ ଆଗେ ବଢ଼ନେ କା' ପ୍ରତିଶ୍ରୁତି ଏବଂ ୨୦-୧୨୦ଏଚପି ଟ୍ରାକ୍ଟର ସେଗମେଂଟରେ ଏହାର ଅତ୍ୟାଧୁନିକ ନିର୍ମାଣ କ୍ଷମତାର ପ୍ରମାଣ ଅଟେ। ସୋନାଲିକାର ପ୍ରତ୍ୟେକ ହେଭି ଡ୍ୟୁଟି ଟ୍ରାକ୍ଟରକୁ ସର୍ବୋଚ୍ଚ ଗୁଣବତା ମାନଦଣ୍ଡ ପୂରଣ କରିବା ପାଇଁ ଷ୍ଟେଟ-ଅଫ-ଦି-ଆର୍ଟ ରୋବୋଟିକ ଓ ଅଟୋମେଶନ ଟେକ୍ନୋଲୋଜିର ବ୍ୟବହାର କରି ବିକଶିତ କରାଯାଉଛି। ଏହି ସଫଳତା ସମ୍ପର୍କରେ ଇଂଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ, ରମଣ ମିତଲ କହିଛନ୍ତି, 'ଆମର ହେଭି ଡ୍ୟୁଟି ଟ୍ରାକ୍ଟର ପ୍ରଦାନ କରୁଥିବା 'ଦମ୍ ଆଗେ ବଢନେ କା' ପ୍ରତିଶ୍ରୁତି ସହିତ ଆମେ ସବୁବେଳେ ପ୍ରତ୍ୟେକ କୃଷକଙ୍କ ଯାତ୍ରାରେ ସାର୍ଥକ ଯୋଗଦାନ ଦେବା ପାଇଁ ଲକ୍ଷ୍ୟ ରଖିଥାଉ।

## ପିଏନ୍‌ବି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଭୁବନେଶ୍ୱର ଗସ୍ତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଭୁ ପ୍ରସାଦ ମହାପାତ୍ର ଭୁବନେଶ୍ୱର ଗସ୍ତରେ ଆସିଥିଲେ। ତାଙ୍କର ଏହି ଗସ୍ତ ଅବସରରେ ସେ ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ସାକ୍ଷାତ କରିଥିଲେ। ଅନୁସୂଚୀତ ଜାତି/ଜନଜାତି ଏବଂ ଓବିସି ବିକାଶ ବିଭାଗର ପ୍ରମୁଖ ସଚିବ ଆଇଏଏସ୍ ସଞ୍ଜୀବ କୁମାର ମିଶ୍ର, ପିଡବ୍ଲୁଡି ଏବଂ ଖାଦ୍ୟ ଯୋଗାଣ ବିଭାଗର ପ୍ରମୁଖ ସଚିବ ଆଇଏଏସ୍ ସଞ୍ଜୟ କୁମାର ସିଂ ଏବଂ ପଞ୍ଚାୟତରାଜ ବିଭାଗର ନିର୍ଦ୍ଦେଶକ ଆଇଏଏସ୍ ଜ୍ୟୋତି ପ୍ରକାଶ ଦାଶ ପ୍ରମୁଖଙ୍କୁ ମଧ୍ୟ ସେ ଗସ୍ତ ସମୟରେ ସାକ୍ଷାତ କରିଥିଲେ। ଓଡିଶାର ବିକାଶରେ ବ୍ୟାଙ୍କର ଅଂଶଗ୍ରହଣ ଏବଂ ସମସ୍ତ ସରକାରୀ ପ୍ରାୟୋଜିତ ଯୋଜନାରେ ବ୍ୟାଙ୍କର ସହଯୋଗ ସମ୍ପର୍କରେ ସେ ସମସ୍ତଙ୍କୁ ଅବଗତ କରାଇଥିଲେ। ସେ ମନ୍ତ୍ରୀଙ୍କୁ ସରକାରଙ୍କ ସହିତ ବ୍ୟାଙ୍କର ସମ୍ପର୍କକୁ ସୁଦୃଢ କରିବାକୁ ଅନୁରୋଧ କରିଥିଲେ। ଏଥି ସହିତ ଶ୍ରୀ ମହାପାତ୍ର ସମସ୍ତ କର୍ତ୍ତୃପକ୍ଷଙ୍କୁ ବ୍ୟାଙ୍କରେ ନୂତନ ଭାବେ ଆରମ୍ଭ ହୋଇଥିବା ବିଭିନ୍ନ ଯୋଜନାର ଲାଭ ସମ୍ପର୍କରେ ବୁଝାଇ କହିଥିବା ସହ ଏହି ଯୋଜନା ସମ୍ପର୍କୀତ ବୁକ୍‌ଲେଟ୍ ପ୍ରଦାନ କରିଥିଲେ। ସେ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ମଣ୍ଡଳ କାର୍ଯ୍ୟାଳୟ ମଧ୍ୟ ପରିଦର୍ଶନ କରିଥିଲେ। ଶ୍ରୀ ମହାପାତ୍ର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ଏବଂ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଓଡିଶା ଅନ୍ତର୍ଗତ ସମସ୍ତ କର୍ମଚାରୀଙ୍କୁ ସମ୍ବୋଧିତ କରିବା ସହ ସେମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ଅଞ୍ଚଳ ପ୍ରମୁଖ ଭୂଷଣ ଶର୍ମା, ଉପ-ଅଞ୍ଚଳ ପ୍ରମୁଖ କ୍ଷେତ୍ରବାସୀ ମିଶ୍ର ଏବଂ ଭୁବନେଶ୍ୱର ମଣ୍ଡଳର ମଣ୍ଡଳ ପ୍ରମୁଖ ଲକ୍ଷ୍ମୀକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆଇନକ୍ସ କ୍ଲିନ୍ ଏନର୍ଜି ପକ୍ଷରୁ ଡିଆର୍‌ଏଚ୍‌ପି ଦାଖଲ

ନୂଆଦିଲ୍ଲୀ: ଆଇନକ୍ସ କ୍ଲିନ୍ ଏନର୍ଜି ଲିମିଟେଡ୍ ପକ୍ଷରୁ ଇନିସିଆଲ୍ ପବ୍ଲିକ୍ ଅଫରିଂ (ଆଇପିଓ) ଜରିଆରେ ୬,୦୦୦ କୋଟି ଟଙ୍କା ସଂଗ୍ରହ କରିବା ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। କମ୍ପାନି ୧୦ ପ୍ରତି ଇକ୍ୱିଟି ପ୍ରତ୍ୟାହାର କରିବା ପ୍ରସ୍ତାବ ଦେଇଛି ଏବଂ ଏହାର ବଜାର ପୁଁ ୫୦,୦୦୦ କୋଟି ଟଙ୍କା ହେବା ନେଇ ଲକ୍ଷ୍ୟ ରଖିଛି। ୧୨ ବିଲିୟନ୍ ଡଲାରର ଆଇନକ୍ସ ଜିଏଫ୍‌ଏଲ୍ ଗ୍ରୁପ୍‌ର ଅଂଶ ଆଇନକ୍ସ କ୍ଲିନ୍ ଏନର୍ଜି ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି ଯେ ଏହା ସେବି ଓ ଷ୍ଟକ୍ ଏକ୍ସଚେରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ୍ ଦାଖଲ କରିଛି। ଏହି ଅଫରର ଅଧିକାଂଶ ଭାଗ ନୂଆ ସେୟାର ହେବ ଏବଂ ଏଥିରୁ ଯେଉଁ ପାଣ୍ଠି ସଂଗୃହୀତ ହେବ ତାହାକୁ ସୋଲାର ଓ ସ୍ୱାଧୀନ ବିଦ୍ୟୁତ ଉତ୍ପାଦନକାରୀ (ଆଇପିପି) ପାଇଁ ନୂଆ ବ୍ୟବସ୍ଥା ସ୍ଥାପନ କରିବାରେ ବିନିଯୋଗ କରାଯିବ। ଆଇନକ୍ସ କ୍ଲିନ୍ ଏନର୍ଜି ଲିମିଟେଡ୍ ଲିମିଟେଡ୍ ଅକ୍ଷୟ ଶକ୍ତି ପ୍ରକଳ୍ପ ବିକାଶ ଓ ପରିଚାଳନା କରୁଥିବା ସହିତ ଏହାର ସହାୟକ ସଂସ୍ଥା ଆଇନକ୍ସ ନିଓ ଏନର୍ଜିସ୍ ଓ ଆଇନକ୍ସ ସୋଲାର୍ ଜରିଆରେ ସୋଲାର ସେଲ୍ ଓ ମଡ୍ୟୁଲ୍ ଉତ୍ପାଦନ କରୁଛି। ବର୍ତ୍ତମାନ ଆଇନକ୍ସ କ୍ଲିନ୍ ଏନଜିର ମୋଟ ପରିଚାଳନା କ୍ଷମତା ୧୫୭ ମେଗାୱାଟ୍ ରହିଥିବା ବେଳେ ସେଥିରୁ ୧୦୭ ମେଗାୱାଟ୍ ପବନ ଶକ୍ତି ଓ ୫୦ ମେଗାୱାଟ୍ ସୌର ଶକ୍ତି ରହିଛି। ଏଥି ସହିତ ୪୦୦ ମେଗାୱାଟ୍ ନିର୍ମାଣାଧୀନ ରହଥିବା ବେଳେ ସେଥିରୁ ୩୫୦ ମେଗାୱାଟ୍ ହାଇବ୍ରିଡ୍ ଓ୫୦ ମେଗାୱାଟ୍ ସୋଲାର୍ ପ୍ରକଳ୍ପ ରହିଛି। କମ୍ପାନିର ୨.୨ ଗିଗାୱାଟ୍‌ର ପ୍ରକଳ୍ପ ସ୍ଥାପନ ହେବାକୁ ଯାଉଛି ବୋଲି କେୟାର୍‌ଏଜ୍ ରିପୋର୍ଟରୁ ଜଣାପଡ଼ିଛି। ଏହି ଅଫର୍‌ର ବୁକ୍ ରନିଂ ଲିଡ୍ ମ୍ୟାନେଜର ହେଉଛନ୍ତି ଜେଏମ୍ ଫାଇନାନ୍ସିଆଲ୍, ମୋତିଲାଲ ଓସ୍ୱାଲ୍, ନୁଭାମା, ଆଇଆଇଏଫ୍‌ଏଲ୍ ସିକ୍ୟୁରିଟିଜ୍ ଓ ଆଇସିଆଇସିଆଇ ସିକ୍ୟୁରିଟିଜ୍।

## ବନ୍ଧନ ଲାଇଫ ପକ୍ଷରୁ ଆଇଇନକମ ୱେଲ୍‌ଥର ଶୁଭାରମ୍ଭ




ନୂଆଦିଲ୍ଲୀ: ବନ୍ଧନ ଗ୍ରୁପର ଜୀବନ ବୀମା ଶାଖା, ବନ୍ଧନ ଲାଇଫ୍ ଇନସ୍ୟୁରାନ୍ସ ବନ୍ଧନ ଲାଇଫ୍ ଆଇଇନକମ୍ ୱେଲଥ୍ ର ଶୁଭାରମ୍ଭ ଘୋଷଣା କରିଛି । ଏହା ପ୍ରିମିୟମ୍ ପୈଠର ୫ ରୁ ୭ ଦିନ ମଧ୍ୟରେ ତୁରନ୍ତ ଆୟ ଦେବା ଆରମ୍ଭ କରେ, ଏବଂ ୧୦୦ ବର୍ଷ ବୟସ ପର୍ଯ୍ୟନ୍ତ ଜୀବନ ସୁରକ୍ଷା ମଧ୍ୟ ପ୍ରଦାନ କରେ। ଏହି ଆୟରେ ସୁନିଶ୍ଚିତ ଦେୟ ସହିତ ସମ୍ଭାବ୍ୟ ନଗଦ ବୋନସ୍ ଅନ୍ତର୍ଭୁକ୍ତ। ପ୍ଲାନ୍ ର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି 'ସୁରକ୍ଷିତ ପଲିସି ଲାଭ', ଯାହା ନିଶ୍ଚିତ କରେ ଯେ ଯଦି ପଲିସି ଅବଧି ମଧ୍ୟରେ ପଲିସିଧାରକଙ୍କ ମୃତ୍ୟୁ ହୁଏ, ତେବେ ପରିବାର ଏକକାଳୀନ ରାଶି ପାଆନ୍ତି ଏବଂ ଭବିଷ୍ୟତରେ କୌଣସି ପ୍ରିମିୟମ୍ ଦେୟ ନ ଦେଇ ଆୟ ଏବଂ ପରିପକ୍ୱତା ଲାଭ ପାଇବା ଜାରି ରହେ। ତିନି ମାସ ପର୍ଯ୍ୟନ୍ତ ପ୍ରବେଶ ବୟସ ସହିତ, ବନ୍ଧନ ଲାଇଫ୍ ଆଇଇନକମ୍ ୱେଲଥ୍ ପିତାମାତା ଏବଂ ଅଭିଭାବକଙ୍କୁ ସେମାନଙ୍କ ପିଲାଙ୍କ ପାଇଁ ଶୈଶବରୁ ଆର୍ଥିକ ସୁବିଧା ପ୍ରସ୍ତୁତ ଆରମ୍ଭ କରିବାକୁ ଅନୁମତି ଦିଏ। ଏହି ଅଂଶଗ୍ରହଣକାରୀ ଜୀବନ ବୀମା ଯୋଜନାରେ ମହିଳା ପଲିସିଧାରକମାନେ ଅତିରିକ୍ତ ୧.୫% ଆୟ ଲାଭ କରନ୍ତି ଏବଂ ସେମାନଙ୍କ ପାଇଁ ନମନୀୟ ପେମେଂଟ ବିକଳ୍ପ ମଧ୍ୟ ରହିଛି। ବନ୍ଧନ ଲାଇଫ୍ ଆଇଇନକମ୍ ୱେଲଥ୍ ପଲିସିଧାରକଙ୍କ ମୃତ୍ୟୁ ଘଟଣାରେ, ପୈଠ ହୋଇଥିବା ମୋଟ ପ୍ରିମିୟମ୍ ରାଶିର ଅତି କମରେ ୧୦୫% ପରିବାରକୁ ମିଳିଥାଏ। ଦୈନନ୍ଦିନ ଖର୍ଚ୍ଚ ପରିଚାଳନା, ଜରୁରୀକାଳୀନ ପାଣ୍ଠି ତିଆରି କିମ୍ବା ଭବିଷ୍ୟତ ଲକ୍ଷ୍ୟ ପାଇଁ ସଂଚୟ କରିବା ହେଉ, ଏହି ପ୍ଲାନ୍ ବ୍ୟକ୍ତିଗତ ଆବଶ୍ୟକତା ଅନୁଯାୟୀ ହୋଇଥାଏ। ଏହି ନୂତନ ପ୍ଲାନ୍‌ର ଗୁରୁତ୍ୱ ଉପରେ ବନ୍ଧନ ଲାଇଫ୍ ଇନସ୍ୟୁରାନ୍ସର ଏମଡି ଏବଂ ସିଇଓ ସତୀଶ୍ୱର ବି. କହିଛନ୍ତି, 'ବନ୍ଧନ ଲାଇଫ୍ ଆଇଇନକମ୍ ୱେଲଥ୍ କେବଳ ଏକ ପଲିସି ନୁହେଁ; ଏହା ଏକ ଆର୍ଥିକ ସମାଧାନ ଯାହା କେବଳ ଜୀବନବ୍ୟାପୀ ଜୀବନ ସୁରକ୍ଷା ପ୍ରଦାନ କରେ ନାହିଁ ବରଂ ତୁରନ୍ତ ପରିପୂରକ ଆୟ ମଧ୍ୟ ପ୍ରଦାନ କରେ। ଦୈନନ୍ଦିନ ଖର୍ଚ୍ଚ ପାଇଁ ବ୍ୟବହୃତ ହେଉ କିମ୍ବା ବଡ଼ ସ୍ୱପ୍ନ ପାଇଁ ସଂଚୟ ହେଉ, ଏହି ପରିପୂରକ ଆୟ ଆମର ଗ୍ରାହକମାନଙ୍କୁ ସମ୍ମାନ ଏବଂ ଆତ୍ମବିଶ୍ୱାସର ସହିତ ବଂଚିବାକୁ ସଶକ୍ତ କରେ।' ପ୍ରିମିୟମ୍ ୫ ରୁ ୧୨ ବର୍ଷ ପର୍ଯ୍ୟନ୍ତ ପୈଠ କରାଯାଇପାରିବ ଯେଉଁଥିରେ ପଲିସି କଭରେଜ୍ ୪୫ ବର୍ଷ କିମ୍ବା ୧୦୦ ବର୍ଷ ବୟସ ପର୍ଯ୍ୟନ୍ତ ରହିବ।

## ଏଡବ୍ଲୁଏସ ପକ୍ଷରୁ ସ୍ପେଶ ଆକ୍‌ସିଲରେଟର ପ୍ରୋଗ୍ରାମ ଶୁଭାରମ୍ଭ

ନୂଆଦିଲ୍ଲୀ: ଆମାଜନ ୱେବ ସର୍ଭିସେସ (ଏଡବ୍ଲୁଏସ) ପକ୍ଷରୁ ଏସିଆ ପାସିଫିକ ଓ ଜାପାନ (ଏପିଜେ)ରେ ଷ୍ଟାର୍ଟଅପଗୁଡିକୁ ସହଯୋଗ କରିବା ପାଇଁ ଡିଜାଇନ କରାଯାଇଥିବା ଏକ ଏଡବ୍ଲୁଏସ ସ୍ପେଶ ଆକ୍‌ସିଲରେଟର: ଏପିଜେ ୨୦୨୫ର ଶୁଭାରମ୍ଭ ଘୋଷଣା କରାଯାଇଛି । ଏହା ଏସିଆ ପ୍ରଶାନ୍ତ ମହାସାଗର ଅଂଚଳରେ ଉଦ୍ଭାବନ ଓ ବିକଶିତ ସ୍ପେଶ ଅର୍ଥନୀତିକୁ ପ୍ରୋତ୍ସାହିତ କରି ସ୍ପେଶ ଟେକ୍ନୋଲୋଜି ଉପରେ ଗୁରୁତ୍ୱ ଦେଉଛି। ଏହି ୧୦ ସପ୍ତାହର ଆକ୍‌ସିଲରେଟର ପ୍ରୋଗ୍ରାମ ୪୦ଟି ପର୍ଯ୍ୟନ୍ତ ମନୋନିତ ଷ୍ଟାର୍ଟଅପକୁ ସେମାନଙ୍କର ମିଶନ ପ୍ରସ୍ତୁତ, ବିକଶିତ ଓ ବିସ୍ତାର କରିବା ପାଇଁ ଏଡବ୍ଲୁଏସର ବ୍ୟବହାର କରିବାରେ ସାହାଯ୍ୟ କରିବ ଏବଂ ଉତ୍ସର୍ଗୀକୃତ ବ୍ୟବସାୟିକ ସଂଶାଧନ, ଟେକ୍ନୋଲୋଜି ଓ ବ୍ୟବସାୟ କ୍ଷମତାକୁ ନେଇ ବିଶେଷଜ୍ଞତା ଓ ମାର୍ଗଦର୍ଶନ ପ୍ରଦାନ କରିବ। ଏହି ଆକ୍‌ସିଲରେଟର ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ କିମ୍ବା ଜାପାନରେ ଅବସ୍ଥିତ ସମସ୍ତ ପର୍ଯ୍ୟାୟର ସ୍ପେଶ-ସେକ୍ଟର ଷ୍ଟାର୍ଟଅପଗୁଡିକ ପାଇଁ ଖୋଲା ରହିଛି। ଅଂଶଗ୍ରହଣକାରୀମାନେ ନିଜର ଟେକ୍ନୋଲୋଜି ପ୍ଲାଟଫର୍ମ ନିର୍ମାଣ କରିବା, ନିଜର ପରିଚାଳନା ବିସ୍ତାର କରିବା ଓ ନିବେଶ ସୁଯୋଗ ହାସଲ କରିବା ପାଇଁ ଏହି ପ୍ରୋଗ୍ରାମର ବ୍ୟବହାର କରିପାରିବେ। ଏଡବ୍ଲୁଏସ ସ୍ପେଶ ଆକ୍‌ସିଲରେଟର: ଏପିଜେ ପାଇଁ ଆବେଦନ ଜୁଲାଇ ୮ ତାରିଖ ୨୦୨୫ରୁ ସେପ୍ଟେମ୍ବର ୫ ତାରିଖ ୨୦୨୫ ମଧ୍ୟରେ ଦାଖଲ କରାଯାଇପାରିବ। ଏଡବ୍ଲୁଏସ ସ୍ପେଶ ଆକ୍‌ସିଲରେଟର: ଏପିଜେ ୨୦୨୫କୁ ଏଡବ୍ଲୁଏସ ପାର୍ଟନେର ଟି-ହବ, ମିନ୍‌ଫାଏ, ଫ୍ୟୁଜିକ ଓ ଆନ୍‌ସିସ ସହିତ ଇନ-ସ୍ପେଶ, ଦ ଅଷ୍ଟ୍ରେଲିଆ ସ୍ପେଶ ଏଜେନ୍ସି, ଆଇଲଂଚ୍ ଓ ସ୍କାଏ ପର୍‌ଫେକ୍ଟ ଜେଏସଏଟି କୋଅପରେଶନ ଭଳି ଅଗ୍ରଣୀ ସ୍ପେଶ ଅର୍ଗାନାଇଜେଶନ ସହ ସହଭାଗିତାରେ ପ୍ରଦାନ କରାଯିବ। ଏହି ପ୍ରୋଗ୍ରାମକୁ ସେପ୍ଟେମ୍ବର ୨୦୨୫ରୁ ଭର୍ଚୁଆଲ ମାଧ୍ୟମରେ ଓ ବ୍ୟକ୍ତିଗତ ଭାବେ ପ୍ରଦାନ କରାଯିବ, ଯାହା ଡିସେମ୍ବର ୨୦୨୫ରେ ଏକ ଡେମୋ ଡେ'ରେ ଶେଷ ହେବ। ଏସମ୍ପର୍କରେ ଏଡବ୍ଲୁଏସରେ ଏରୋସ୍ପେଶ ଆଣ୍ଡ ସାଟେଲାଇଟ ବିଜ୍‌ନେସ୍ ବିଭାଗର ନିର୍ଦ୍ଦେଶକ କ୍ଲିଂଟ କ୍ରୋସିଏର କହିଛନ୍ତି, 'ଅଷ୍ଟ୍ରେଲିଆ ସ୍ପେଶ ଏଜେନ୍ସି, ଇନ୍-ସ୍ପେଶ, ଆଇଲଂଚ ଓ ସ୍କାଏ ପର୍‌ଫେକ୍ଟ ଜିଏସଏଟି ସହ ସହଭାଗିତା ସେମାନଙ୍କ ନିଜ ନିଜ ଦେଶରେ ମହାକାଶ ଅର୍ଥନୀତିର ବିକାଶରେ ସହଯୋଗ କରିବା ପାଇଁ ସ୍ଥାନୀୟ ସ୍ପେଶ ଏଜେନ୍ସି ଓ ଇଣ୍ଡଷ୍ଟ୍ରୀ ଲିଡରଙ୍କ ସହ କାର୍ଯ୍ୟ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ସୂଚିତ କରୁଛି।

## ଓଡ଼ିଶାରେ ସର୍ବାଧିକ ମୋବାଇଲ୍ ଗ୍ରାହକ ଯୋଡିଛି ଜିଓ: ଟ୍ରାଇ




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଓଡ଼ିଶାରେ ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ରିଲାଏନ୍ସ ଜିଓ ମେ ମାସରେ ରାଜ୍ୟରେ ସର୍ବାଧିକ ସଂଖ୍ୟକ ନୂତନ ମୋବାଇଲ୍ ଗ୍ରାହକ ଯୋଡ଼ିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ରିଲାଏନ୍ସ ଜିଓ ମେ ମାସରେ ଓଡ଼ିଶାରେ ୧.୫୪ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଯୋଡ଼ିଛି। ମେ ମାସରେ ଓଡ଼ିଶାରେ ଯୋଡି ହୋଇଥିବା ମୋଟ ନୂତନ ମୋବାଇଲ୍ ଗ୍ରାହକଙ୍କ ମଧ୍ୟରୁ ୯୧ ପ୍ରତିଶତରୁ ଅଧିକ ଜିଓ ନେଟୱାର୍କରେ ସାମିଲ ହୋଇଛନ୍ତି। ଏଥିସହିତ, ଓଡ଼ିଶାରେ ଜିଓ ନେଟୱାର୍କରେ ମୋଟ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ମେ ମାସ ଶେଷ ସୁଦ୍ଧା ୧.୬୨ କୋଟି ଅତିକ୍ରମ କରିଛି। ଜିଓ ଓଡ଼ିଶାରେ ୪୬ ପ୍ରତିଶତରୁ ଅଧିକ ଗ୍ରାହକ ବଜାର ଅଂଶ ହାସଲ କରିଛି। ଅନ୍ୟ ଅପରେଟରମାନଙ୍କ ମଧ୍ୟରେ ଭୋଡାଫୋନ ଆଇଡ଼ିଆ ମେ ମାସରେ ରାଜ୍ୟରେ ୧୮୮୪୨ ନୂତନ ମୋବାଇଲ୍ ଗ୍ରାହକ ଯୋଡିଥିବାବେଳେ ଏହା ପଛକୁ ଏୟାରଟେଲ୍ ମାତ୍ର ୩୬୯୩ ମୋବାଇଲ୍ ଗ୍ରାହକ ଯୋଡିଛି। ବିଏସଏନଏଲ ଏହି ମାସରେ ୮୦୦୦ ରୁ ଅଧିକ ମୋବାଇଲ୍ ଗ୍ରାହକ ହରାଇଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି। ତଥ୍ୟ ଅନୁଯାୟୀ, ଓଡ଼ିଶାରେ ମେ ମାସରେ ୧.୬୮ ଲକ୍ଷ ନୂତନ ମୋବାଇଲ ଗ୍ରାହକ ଯୋଡିହେବା ସହିତ ରାଜ୍ୟରେ ମୋଟ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ୩୧ ମେ, ୨୦୨୫ ସୁଦ୍ଧା ୩.୫୨ କୋଟି ଅତିକ୍ରମ କରିଛି। ଜାତୀୟ ସ୍ତରରେ, ଜିଓ ମେ ମାସରେ ସର୍ବାଧିକ ୨୭ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଯୋଡିଛି, ଯାହା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତୁଳନାରେ ପ୍ରାୟ ୧୦ ଗୁଣ ଅଧିକ ରହିଛି। ଉଲ୍ଲେଖଯୋଗ୍ୟ ଯେ ରିଲାଏନ୍ସ ଜିଓ ନିକଟରେ ଓଡ଼ିଶାରେ ୫ ଲକ୍ଷରୁ ଅଧିକ ଜିଓଫାଇବର ଏବଂ ଜିଓଏୟାରଫାଇବର ଗ୍ରାହକ ହାସଲର ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। ଓଡ଼ିଶାରେ ୫ଜି ଏଫଡବ୍ଲୁଏ ବା ଏୟାରଫାଇବର ସେବାରେ ପ୍ରାଧାନ୍ୟ ବିସ୍ତାର କରି ଜିଓ ଏହି କ୍ଷେତ୍ରରେ ୮୪ ପ୍ରତିଶତରୁ ଅଧିକ ଗ୍ରାହକ ବଜାର ଅଂଶ ହାସଲ କରିଛି। ରାଜ୍ୟରେ ୱାୟାରଲେସ୍, ୱାୟାରଲାଇନ୍ ଏବଂ ୫ଜି ଏଫଡବ୍ଲୁଏ କ୍ଷେତ୍ରରେ ଓଡ଼ିଶାର ସର୍ବାଧିକ ପସନ୍ଦର ଡିଜିଟାଲ୍‌ସେବା ପ୍ରଦାନକାରୀ ଭାବରେ ଜିଓର ୪୬ ପ୍ରତିଶତରୁ ଅଧିକ ମୋବାଇଲ୍ ଗ୍ରାହକ ବଜାର ଅଂଶ, ୫୫ ପ୍ରତିଶତରୁ ଅଧିକ ୱାୟାରଲାଇନ୍ ଗ୍ରାହକ ବଜାର ଅଂଶ ଏବଂ ୮୪ ପ୍ରତିଶତରୁ ଅଧିକ ୫ଜି ଏଫଡବ୍ଲୁଏ ଗ୍ରାହକ ବଜାର ଅଂଶ ରହିଛି।

## ଆମାଜନ ବିଜନେସରେ ଅତୁଳନୀୟ ସଞ୍ଚୟ ସୁବିଧା

ନୂଆଦିଲ୍ଲୀ : ଆମାଜନ ବିଜନେସ ଏହି ପ୍ରାଇମ୍ ଡେ ରେ ବ୍ୟବସାୟିକ ଗ୍ରାହକମାନଙ୍କ ପାଇଁ କିଛି ମହାନ ଡିଲ୍ ଘୋଷଣା କରିଛି, ଯାହା ୧୨ ଜୁଲାଇରୁ ୧୪ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଚାଲୁ ରହିବ। ପ୍ରଥମ ଥର ପାଇଁ, ପ୍ରାଇମ୍ ଡେ ଏକ ୭୨ ଘଂଟାର ସପିଂ ସେଲିବ୍ରେସନ୍ ହେବ, ଯେଉଁ ସମୟରେ ବ୍ୟବସାୟିକ ଗ୍ରାହକମାନେ ଲାପଟପ୍, ଟାବଲେଟ୍, ହେଡଫୋନ୍, ଏସି, କୁଲର, ଫ୍ୟାନ୍, ଅଫିସ୍ ଫର୍ଣ୍ଣିଚର, ରୋଷେଇ ଘର ଉପକରଣ ଏବଂ ଶିଳ୍ପ ଯୋଗାଣ ସମେତ ବିଭିନ୍ନ ଉତ୍ପାଦ ଉପରେ ଆକର୍ଷଣୀୟ ଡିଲ୍ ପାଇପାରିବେ। ଗ୍ରାହକମାନେ ବିଭିନ୍ନ ବର୍ଗରେ ବଲ୍କ କ୍ରୟ ଉପରେ ୨୦% ପର୍ଯ୍ୟନ୍ତ ଅତିରିକ୍ତ ରିହାତି ମଧ୍ୟ ଅନଲକ୍ କରିପାରିବେ ଏବଂ ସେମାନଙ୍କର ପ୍ରି-ପେଡ୍ ଅର୍ଡରଗୁଡ଼ିକରେ ଯୋଗ୍ୟ ବର୍ଗଗୁଡ଼ିକରେ ଟ. ୯,୯୯୯ ପର୍ଯ୍ୟନ୍ତ କ୍ୟାସବ୍ୟାକ୍ ଉପଭୋଗ କରିପାରିବେ। ଏହି ପ୍ରାଇମ୍ ଡେରେ ଏହି ଅବିଶ୍ୱସନୀୟ ଡିଲ୍ ହାତଛଡ଼ା ନକରି ଆମାଜନ୍ ବିଜନେସ୍ କୁ ଯାଆନ୍ତୁ । ବଲ୍କ ଅର୍ଡର ପାଇଁ ଟାବଲେଟ୍ ଏବଂ ଲାପଟପ୍ ଉପରେ ୬୫% ପର୍ଯ୍ୟନ୍ତ, ସ୍ପିକର ଏବଂ କ୍ୟୁମର ଇଲେକ୍ଟ୍ରୋନିକ୍ସ ଉପରେ ୮୦% ପର୍ଯ୍ୟନ୍ତ ରିହାତି, ଶିଳ୍ପ ଯୋଗାଣ ଉପରେ ୬୦% ପର୍ଯ୍ୟନ୍ତ ରିହାତି ଏବଂ ବହୁ-ୟୁନିଟ୍ କ୍ରୟ ଉପରେ ୮୦% ପର୍ଯ୍ୟନ୍ତ ରିହାତି ପାଆନ୍ତୁ ।



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ କୋଚ ଗୌତମ ଗମ୍ଭୀର ଶୁକ୍ରବାର ବିସିସିଆଇର ନୂଆ ନିୟମ ଉପରେ ମୁହଁ ଖୋଲିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ଶୃଙ୍ଖଳାର ପରାଜୟ ପରେ ବିସିସିଆଇ ବିଦେଶ ଗସ୍ତ ସମୟରେ ପରିବାରଙ୍କ ସହ ଖେଳାଳିଙ୍କର ସମୟ ସୀମିତ କରିଥିଲା। ୪୫ ଦିନରୁ ଅଧିକ ସମୟ ଚାଲୁଥିବା ମ୍ୟାଚ୍‌ରେ ପରିବାରଙ୍କୁ ୧୪ ଦିନ ସହିତ ରହିବାକୁ ଅନୁମତି ଦିଆଯାଇଥିଲା। ଏହି ନିୟମକୁ ବିରାଟ କୋହଲି କଠୋର ଭାବେ ଆଲୋଚନା କରିଥିଲେ ଓ ଏହାକୁ ଗ୍ରହଣ କରିନଥିଲେ। କିନ୍ତୁ ଚେତେଶ୍ୱର ପୁଜାରାଙ୍କ ସହିତ ଏକ ସାକ୍ଷାତକାରରେ ଗମ୍ଭୀର କହିଛନ୍ତି ଯେ, ଖେଳାଳିଙ୍କୁ ବୁଝିବାକୁ ପଡ଼ିବ ଯେ ବିଦେଶ ଗସ୍ତ ଏକ ଛୁଟି ଭ୍ରମଣ ନୁହେଁ। ପରିବାର ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଏକ କଥା ବୁଝିବା ଆବଶ୍ୟକ। ଆପଣ ଏଠାରେ ଏକ ଉଦ୍ଦେଶ୍ୟରେ ରହିଛନ୍ତି। ଏହା ଛୁଟି ନୁହେଁ, ଏକ ବଡ଼ ଉଦ୍ଦେଶ୍ୟ ପାଇଁ। ଡ୍ରେସିଂ ରୁମରେ କିମ୍ବା ଏହି ଗସ୍ତରେ କ'ଣ ଥରେ ଏପରି ସୁଯୋଗ ମିଳିଥାଏ ଯାହା ଦେଶକୁ ଗର୍ବିତ କରିବ? ତେଣୁ ମୁଁ ପରିବାରଙ୍କୁ ସହିତ ନ ଥିବା ବିରୋଧୀ ନୁହେଁ, ଗମ୍ଭୀର କହିଛନ୍ତି। ସେ ଆହୁରି କହିଛନ୍ତି, ପରିବାର ଥିବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଯଦି ଆପଣଙ୍କର ଧ୍ୟାନ ଦେଶକୁ ଗର୍ବିତ କରିବା ଉପରେ ରହିଥାଏ ଓ ଏକ ବଡ଼ ଉଦ୍ଦେଶ୍ୟ ପାଇଁ ଦାୟିତ୍ୱ ନିଅନ୍ତି, ତେବେ ସବୁ ଠିକ୍ ଅଛି। ମୋର ପାଇଁ ସେହି ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଅନ୍ୟ କୌଣସି କଥା ଅପେକ୍ଷା ବଡ଼।

### ଇଣ୍ଡିଆ-ଇଂଲଣ୍ଡ ତୃତୀୟ ଟେଷ୍ଟ

# ଇଂଲଣ୍ଡ ୩୮୭ରେ ଅଲ୍‌ଆଉଟ, ଭାରତର ବ୍ୟାଟିଂ ଜାରି

**ଦ୍ୱିତୀୟ ଦିବସ**



ଲର୍ଡସ : ଲର୍ଡସ ଟେଷ୍ଟ ଏକ ନାଟକୀୟ ସ୍ଥିତିରେ ପହଞ୍ଚିଛି । ଇଂଲଣ୍ଡର ୩୮୭ ରନ ଜବାବରେ ବ୍ୟାଟିଂ କରୁଥିବା ଭାରତ ମଧ୍ୟ ୧୪୫ ରନରେ ୩ଟି ୱିକେଟ ହରାଇଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗତ ଟେଷ୍ଟରେ ଭାରତୀୟ ବିଜୟର କର୍ଣ୍ଣଧାର ସାଜିଥିବା ଅଧିନାୟକ ଶୁବମନ ଗିଲ ଶସ୍ତାରେ ପାଭିଲିୟନ ଫେରିଛନ୍ତି। ସେ ମାତ୍ର ୧୬ ରନ କରି କ୍ରିସ୍ ଓକ୍ସଙ୍କ ବଲରେ ଆଉଟ ହୋଇଥିଲେ । ତେବେ କେଏଲ ରାହୁଲ ନିଜର ଅର୍ଦ୍ଧଶତକ ପୂରଣ କରି କ୍ରିଜ୍‌ରେ ଅଛନ୍ତି। ସେହିପରି କରୁଣ ନାୟାର ୪୦ ରନ କରିଥିଲେ। ରିଷଭ ପନ୍ଥ ୧୯ରନ୍ କରି କ୍ରିଜ୍‌ରେ ଅଛନ୍ତି। ଏହି ମ୍ୟାଚରେ ଇଂଲଣ୍ଡ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦଳ ପକ୍ଷରୁ ଜ୍ୟାକ କ୍ରାଉଲି ଓ ବେନ ଡକେଟ ଏକ ଭଲ ଆରମ୍ଭ କରିଥିଲେ ବି ଏକ ବଡ଼ ପାର୍ଟନରସିପ କରିପାରିନଥିଲେ । ଡକେଟ୍ ୨୩ ଓ କ୍ରାଉଲି ୧୮ ରନ କରିଥିଲେ । ତେବେ ଓଲି ପୋପ୍ ଓ ଜୋ ରୁଟଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ ଦେଖିବାକୁ ମିଳିଥିଲା । ପୋପ୍ ୪୪ ରନ କରିଥିବାବେଳେ ରୁଟ୍ ଏକ ଲଢୁଆ ଶତକ ଅର୍ଜନ କରିଥିଲେ । ସେହିପରି ବେନ ଷ୍ଟୋକ୍ସ ୪୪ ରନ କରିଥିବାବେଳେ ଜେମି ସ୍ମିଥ ଓ ବ୍ରାଇଡନ କାର୍ସେ ଅର୍ଦ୍ଧଶତକ ଅର୍ଜନ କରିଥିଲେ । ଭାରତ ପକ୍ଷରୁ ଯଶପ୍ରୀତ ବୁମରା ୫ଟି ୱିକେଟ ନେଇଥିବାବେଳେ ନୀତୀଶ ରେଡ୍ଡି ଓ ମହମ୍ମଦ ସିରାଜ ୨ଟି ଲେଖାଏଁ ୱିକେଟ ନେଇଥିଲେ । ସେହିପରି ରବୀନ୍ଦ୍ର ଜାଦେଜା ଗୋଟିଏ ୱିକେଟ ନେଇଥିଲେ। ଇଂଲଣ୍ଡ ପକ୍ଷରୁ କ୍ରିସ୍ ଓ୍ୱେକ୍ସ, ଜୋଫ୍ରା ଆଚର ଓ ଅଧିନାୟକ ବ୍ରେନ୍ ଷ୍ଟୋକ୍ସ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି।

# ଭାରତୀୟ ମହିଳା ଦଳର ଶୃଙ୍ଖଳା ବିଜୟ



ମାଞ୍ଚେଷ୍ଟର: ଇଂଲଣ୍ଡରେ ଭାରତୀୟ ମହିଳା ଦଳ କମାଲ କରିଛନ୍ତି। ଇଂଲଣ୍ଡ ବିପକ୍ଷ ଟି-୨୦ ଶୃଙ୍ଖଳା ଜିତିନେଇ ଇତିହାସ ସୃଷ୍ଟି କରିଛି। ଭାରତୀୟ ମହିଳା ଦଳ ୨୦୨୨ରେ ଇଂଲଣ୍ଡରେ ୩-୦ରେ ଦିନିକିଆ ଶୃଙ୍ଖଳା ଜିତି ଇତିହାସ ରଚିଥିଲା। ୪ର୍ଥ ଟ୍ୱେଣ୍ଟି୨୦ ମ୍ୟାଚ୍‌ରେ ଇଂଲଣ୍ଡ ମହିଳା ଦଳକୁ ୬ ୱିକେଟ୍‌ରେ ଭାରତ ପରାସ୍ତ କରିଛି। ଫଳରେ ୫ ମ୍ୟାଚ୍‌ର ଟ୍ୱେଣ୍ଟି୨୦ ଶୃଙ୍ଖଳାରେ ଭାରତ ୩-୧ରେ ଆଗୁଆ ରହି ଏହାକୁ ଜିତିନେଇଛି। ସ୍ପିନରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ପ୍ରଥମେ ବ୍ୟାଟିଂକରି ଇଂଲଣ୍ଡ ୭ ୱିକେଟ୍‌ରେ ୧୨୬ ରନ୍ କରିଥିଲା। ପ୍ରଥମ ୪ ବ୍ୟାଟରଙ୍କ ସଫଳତା ବଳରେ ୧୭ ଓଭରରେ ୪ ୱିକେଟ୍ ହରାଇ ଭାରତ ଜିତି ନେଇଥିଲା। ଇଂଲଣ୍ଡ ମହିଳା ଦଳ ଟସ୍ ଜିତି ବ୍ୟାଟିଂ କରିଥିଲା। ଘରୋଇ ଦଳର କୌଣସି ବ୍ୟାଟର ବଡ଼ ସ୍କୋର କରି ପାରିନଥିଲେ। ସୋଫିଆ ଡଙ୍କଲି ୧୯ ବଲ୍‌ରୁ ୨୨ ଓ ଆଲିସ୍ କାପ୍‌ସି ୨୧ ବଲରୁ ୧୮ ରନ୍ କରିଥିଲେ। ଆମି ଜୋନ୍‌ସ ୯ ରନ୍ କରିଥିଲେ। ଅଧିନାୟିକା ଟାମି ବ୍ୟୁମଣ୍ଟ ୧୯ ବଲ୍‌ରୁ ୨୦ ଓ ପେଚ୍ ସ୍କୋଫିଲ୍ଡ ୧୮ ବଲ୍‌ରୁ ୧୬ ରନ୍ କରିଥିଲେ। ଶେଷ ୩ ଓଭରରୁ ଇଂଲଣ୍ଡ ୨୫ ରନ୍ କରିଥିଲା। ସୋଫି ଇକ୍‌ଲେଷ୍ଟୋନ୍ ୧୦ ବଲ୍‌ରୁ ୧୬ ଓ ଇସି ୱଙ୍ଗ୍ ୧୦ ବଲ୍‌ରୁ ୧୧ ରନ୍ କରି ଅପରାଜିତ ଥିଲେ। ଦୁଇ ବାମହାତି ସ୍ପିନର ଶ୍ରୀ ଚରଣି ଓ ରାଧା ଯାଦବ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଭାରତ ୧୨୭ ରନ୍ ବିଜୟଲକ୍ଷ୍ୟର ପିଛା କରିଥିବା ବେଳେ ଦୁଇ ଓପନର ସ୍ମୃତି ମାନ୍ଧାନା ଓ ଶେଫାଳି ବର୍ମା ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ଇଂଲଣ୍ଡ ପୂରା ଇନିଂସରେ ୮ଟି ଚୌକା ମାରିଥିବା ବେଳେ ଭାରତ ପ୍ରଥମ ୪ ଓଭରରୁ ୯ଟି ଚୌକା ମାରି ପାରିଥିଲା। ୭ ଓଭରରେ ୫୬ ରନ୍‌ର ଭାଗୀଦାରି ପରେ ଶେଫାଳି ବର୍ମା ୧୯ ବଲ୍‌ରୁ ୬ଟି ଚୌକା ସହ ୩୧ ରନ୍‌କରି ଆଉଟ୍ ହୋଇଥିଲେ। ମାନ୍ଧାନା ୩୧ ବଲ୍‌ରୁ ୫ଟି ଚୌକା ସହ ୩୨ ରନ୍ କରିଥିଲେ। ଜେମିମା ରଡ୍ରିଗ୍ସେଜ୍ ଓ ଅଧିନାୟିକା ହରମନପ୍ରୀତ କୌର ୩ୟ ୱିକେଟ? ପାଇଁ ୪୮ ରନ୍ ଯୋଡ଼ିଥିଲେ। ହରମନପ୍ରୀତ ୨୫ ବଲ୍‌ରୁ ୩ଟି ଚୌକା ସହ ୨୬ ରନ୍ କରିଥଲେ। ଜେମିମା ୨୨ ବଲ୍‌ରୁ ଗୋଟିଏ ଚୌକା ସହ ୨୪ ରନ୍‌କରି ଅପରାଜିତ ଥିଲେ। ମାତ୍ର ୧୫ ରନ ଦେଇ ୨ଟି ୱିକେଟ୍ ନେଇଥିବା ରାଧା ଯାଦବ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ।

## ରେଫରୀ ହେବାର ଯୋଗ୍ୟତା ଅର୍ଜନ କଲେ ଶୁଭ୍ରାଂଶୁ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ରାଜ୍ୟ ଖୋଖୋ ରେଫରୀ ପରୀକ୍ଷାରେ କେନ୍ଦୁଝରର ଶୁଭ୍ରାଂଶୁ ଦାଶ କୃତିତ୍ୱ ହାସଲ କରିଛନ୍ତି । ରାଜ୍ୟର ସର୍ବକନିଷ୍ଠ ରେଫରୀ ହେବାର ଯୋଗ୍ୟତା ସେ ଅର୍ଜନ କରିଥିବାବେଳେ ଏଥିପାଇଁ ତାଙ୍କୁ ବିଭିନ୍ନ ସ୍ତରରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । ୨୦୨୪ମସିହା ଅକ୍ଟୋବର ମାସରେ ରାଜ୍ୟ ଖୋଖୋ ସଂଘ ତରଫରୁ ରେଫରୀ ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ମୋଟ ୪୧୮ଜଣ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୦୩ଜଣ କୃତକାର୍ଯ୍ୟ ହୋଇଥିଲେ । କେନ୍ଦୁଝର ଜିଲ୍ଲାର ଜଣେ ଯୁବକ ରାଜ୍ୟର ସର୍ବକନିଷ୍ଠ ଖୋଖୋ ରେଫରୀ ହେବାର କୃତିତ୍ୱ ଅର୍ଜନ କରିଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ସୂଚନାଯୋଗ୍ୟ ଯେ ଶୁଭ୍ରାଂଶୁ କେନ୍ଦୁଝର ପୁରୁଣା ସହରର ବିଶ୍ୱେଶ୍ୱରପୁର ଶାସନର ସୁନନ୍ଦ ଦାଶଙ୍କର ଏକମାତ୍ର ପୁତ୍ର ଓ ରବିନ କୁମାର ପ୍ରହରାଜଙ୍କର ନାତି ଅଟନ୍ତି।

## କପିଳଦେବଙ୍କ ରେକର୍ଡ ଭାଙ୍ଗିଲେ ବୁମ୍‌ରାହ



ଲଣ୍ଡନ: ଏଠାରେ ଚାଲିଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଯଶପ୍ରୀତ ବୁମରାହଙ୍କ ଚମତ୍କାର ବୋଲିଂ ସହାୟତାରେ ଭାରତ ୩୮୭ ରନରେ ଇଂଲଣ୍ଡକୁ ଅଲଆଉଟ କରିଛି । ବୁମ୍‌ରା ୭୪ ରନରେ ୫ଟି ୱିକେଟ ଅକ୍ତିଆର କରିଥିଲେ । ଏହି ଅବସରରେ ଭାରତର ମହାନ ଅଲରାଉଣ୍ଡର କପିଳ ଦେବଙ୍କ ଏକ ରେକର୍ଡ ବୁମ୍‌ରା ଭଙ୍ଗ କରିଛନ୍ତି । ଇଂଲଣ୍ଡରେ ଭାରତ ପକ୍ଷରୁ କପିଳ ଦେବ ୧୩ ମ୍ୟାଚରେ ୪୩ ୱିକେଟ ନେଇଥିବା ବେଳେ ବୁମରାହ ୧୧ ମ୍ୟାଚରେ ୪୭ ୱିକେଟ ନେଇ ତାଙ୍କୁ ପଛରେ ପକାଇ ଦେଇଛନ୍ତି । ଏହି ତାଲିକାରେ ଈଶାନ୍ତ ଶର୍ମା ଶୀର୍ଷରେ ରହିଛନ୍ତି । ସେ ୧୫ ମ୍ୟାଚରେ ୫୧ ୱିକେଟ ନେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ସାମୀ ୧୪ ମ୍ୟାଚରେ ୪୨ ଓ ଅନୀଲ କୁମ୍ବଲେ ୧୦ ମ୍ୟାଚରୁ ୩୬ ୱିକେଟ ନେଇଛନ୍ତି। ବୁମରାହ ସଠିକ ଲାଇନ ଓ ଲେନଥରେ ବୋଲିଂ କରି ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କୁ ଅସୁବିଧାରେ ପକାଇଥିଲେ। ଏହି ମ୍ୟାଚରେ ମହମ୍ମଦ ସିରାଜ, ନୀତିଶ କୁମାର ରେଡ୍ଡୀ ୨ଟି ଲେଖାଏଁ ୱିକେଟ ନେଇଥିବା ବେଳେ ରବୀନ୍ଦ୍ର ଜାଡେଜା ଗୋଟିଏ ୱିକେଟ ନେଇଥିଲେ। ଜୋ ରୁଟଙ୍କ ଶତକ ବଳରେ ଇଂଲଣ୍ଡ ପ୍ରଥମ ଇନିଂସରେ ୩୮୭ ରନ କରିବାକୁ ସକ୍ଷମ ହୋଇଥିଲା।

## ଭାରତ, ଶ୍ରୀଲଙ୍କା ବୋର୍ଡର ନିଷ୍ପତ୍ତି: ଖେଳାଯିବନି ଏସିଆ କପ୍!




ନୂଆଦିଲ୍ଲୀ: ଏସିଆ କପ କ୍ରିକେଟର ଭବିଷ୍ୟତ ଏବେ ଧୀରେ ଧୀରେ ଅନ୍ଧକାର ମଧ୍ୟକୁ ଠେଲି ହୋଇଯିବାରେ ଲାଗୁଛି । ଭାରତ ଓ ଶ୍ରୀଲଙ୍କା ବୋର୍ଡ ଏସୀୟ କ୍ରିକେଟ ପରିଷଦ ବୈଠକରେ ଅଂଶଗ୍ରହଣ କରିବା ପାଇଁ ମନା କରିବା ପରେ ଏହି ସଂଶୟ ସୃଷ୍ଟି ହୋଇଛି । ଅନଲାଇନରେ ଏହି ୨ଟି ଟିମ ଅଂଶଗ୍ରହଣ କରିବା ପାଇଁ ରାଜି ହୋଇ ନ ଥିଲେ । ଭାରତ ୨୦୨୫ ଏସିଆ କପ ଆୟୋଜନ କରିବ । ଭାରତ ଚଳିତ ବର୍ଷ ବାଂଲାଦେଶ ଗସ୍ତରେ ସୁରକ୍ଷା ଦୃଷ୍ଟିକୋଣରୁ ଯିବା ପାଇଁ ମନା କରି ଦେଇଛି । ଫଳରେ ଏହି ସିରିଜକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି । ଏହା ମଧ୍ୟରେ ଭାରତ ଓ ଶ୍ରୀଲଙ୍କା ଏକ ସୀମିତ ଓଭର ସିରିଜ ଖେଳିବା ପାଇଁ ଯୋଜନା କରୁଛନ୍ତି । ଏସିସିରେ ଜଡିତ ଜଣେ ପାକିସ୍ତାନ ଅଧିକାରୀ ଏ ନେଇ କ୍ଷୋଭ ପ୍ରକାଶ କରିଛନ୍ତି । ପାକିସ୍ତାନ ଓ ବାଂଲାଦେଶ ୨୦ରୁ ୨୪ ଜୁଲାଇ ପର୍ଯ୍ୟନ୍ତ ଢ଼ାକାରେ ଟି୨୦ ସିରିଜ ଖେଳିବେ । ସେଥିପାଇଁ ସେଠାରେ ଏହି ବୈଠକରେ ଆୟୋଜନ କରାଯାଇଥିଲା। ଦୀର୍ଘ ଦିନ ହେବ ବାଂଲାଦେଶ ଏସିସି ବୈଠକ ଆୟୋଜନ କରି ନଥିଲା, ସେଥିପାଇଁ ଏହି ପ୍ରସ୍ତାବ ଦିଆଯାଇଥିଲା ବୋଲି ପାକିସ୍ତାନର ଅଧିକାରୀଜଣଙ୍କ କହିଛନ୍ତି । ଟେଲିକମ୍ ଏସିଆ ସ୍ପୋର୍ଟର ଏକ ରିପୋର୍ଟ ଅନୁଯାୟୀ, ଛଅ ଦେଶୀୟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଦୁଇ ମାସରୁ କମ୍ ସମୟ ବାକି ଥିବା ବେଳେ ଉଭୟ ବୋର୍ଡ ଏହି ନିଷ୍ପତ୍ତି ନେଇଛନ୍ତି।

## ଜାତୀୟ କନିଷ୍ଠ ରଗବୀରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ୨ ଖେଳାଳି



ବାରିପଦା (ଭାସ୍କର ନ୍ୟୁଜ୍): ଚଳିତ ମାସ ୮ ରୁ ୯ ତାରିଖ ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ଡେରାଡୁନ ଠାରେ ଶେଷ ହୋଇଥିବା ୭ମ ଜାତୀୟ କନିଷ୍ଠ ରଗବୀ ପ୍ରତିଯୋଗିତା-୨୦୨୫ ରେ ଓଡ଼ିଶା ଦଳ ରୌପ୍ୟ ପଦକ ହାସଲ କରିଥିବା ବେଳେ, ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ୨ ଜଣ ବାଳିକା ଓଡ଼ିଶା ଦଳରେ ସ୍ଥାନ ପାଇ ବିଜୟ ହେବାର ବିଶେଷ ଭୂମିକା ଗ୍ରହଣ କରିଥିଲେ। ସେମାନେ ହେଲେ; ସୁମିତ୍ରା ମୁର୍ମୁ ଓ ନମିତା ହେମ୍ବ୍ରମ ଓ ତାଙ୍କର ଏହି ସଫଳତାର ଖବର ପାଇ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଭଞ୍ଜସେନ। ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଲ ହାଁସଦା, କୋଚ ରୂପାଲୀ ସୋରେନ, ବାରିପଦା ଶାଖା ପରିଚାଳକ ରଣଜିତ ରାଉତ, ପ୍ରଶିକ୍ଷକ ଚନ୍ଦନ ସିଂ, ରାଜକିଶୋର ପାତ୍ର, ତରଣୀସେନ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସଙ୍କ ସମେତ ବହୁ କ୍ରୀଡ଼ାବିତ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି।

# ଝିଅକୁ ହତ୍ୟା କଲା ବାପା



ଗୁରୁଗ୍ରାମ: ହରିୟାଣାର ଗୁରୁଗ୍ରାମରେ ଟେନିସ ଖେଳାଳି ରାଧିକା ଯାଦବଙ୍କୁ ତାଙ୍କ ବାପା ଗୁଳି କରି ହତ୍ୟା କରିଛନ୍ତି। ଏ ନେଇ ସାରା ଦେଶ ସ୍ତବ୍ଧ। ରାଧିକାଙ୍କ ବାପା ପୋଲିସ ସମ୍ମୁଖରେ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ସେହି ସମୟରେ, ରାଧିକାଙ୍କ ମାଆ ମଧ୍ୟ ଏହି ମାମଲାରେ ତାଙ୍କର ଯନ୍ତ୍ରଣା ପ୍ରକାଶ କରିଛନ୍ତି। ତାଙ୍କ ସ୍ୱାମୀ ତାଙ୍କ ଝିଅକୁ ତାଙ୍କ ଜନ୍ମଦିନରେ ହତ୍ୟା କରିଥିଲେ। ମାମଲାଟି ଗୁରୁଗ୍ରାମର ସେକ୍ଟର-୫୭ର। ଗୁରୁବାର ସକାଳେ ରାଧିକା ରୋଷେଇ ଘରେ ରୋଷେଇ କରୁଥିଲେ, ସେତେବେଳେ ତାଙ୍କ ବାପା ପଛରୁ ଆସି .୩୨ ବୋର ରିଭଲଭରରେ ରାଧିକାଙ୍କ ଉପରେ ଗୁଳି ଚଳାଇବା ଆରମ୍ଭ କଲେ। ଏଥିମଧ୍ୟରୁ ତିନୋଟି ଗୁଳି ରାଧିକାଙ୍କ ପିଠିରେ ବାଜିଲା, ଯାହା ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବାପା କହିଛନ୍ତି ଯେ, ଲୋକମାନେ ତାଙ୍କ ଝିଅ ଟେନିସ ଖେଳିବାକୁ ପସନ୍ଦ କରୁ ନଥିଲେ। ସେ ଏ ବିଷୟରେ ରାଧିକାକୁ ବୁଝାଇବାକୁ ମଧ୍ୟ ଚେଷ୍ଟା କରିଥିଲେ, କିନ୍ତୁ ସେ ଶୁଣି ନ ଥିଲେ, ତେଣୁ କ୍ରୋଧରେ ସେ ରାଧିକାଙ୍କୁ ହତ୍ୟା କରିଥିଲେ। କିନ୍ତୁ ଏବେ ଏହି ମାମଲାରେ ଆଉ ଏକ ବଡ଼ ଖୁଲାସା ହୋଇଛି। ଘଟଣା ସମୟରେ ରାଧିକାଙ୍କ ମାଆ ମଧ୍ୟ ଘରେ ଉପସ୍ଥିତ ଥିଲେ ଏବଂ ତାଙ୍କ ରୁମରେ ବିଶ୍ରାମ ନେଉଥିଲେ। ତଥାପି, ସେ ହତ୍ୟା ବିଷୟରେ ପୋଲିସକୁ କିଛି କହିବାକୁ ମନା କରିଦେଇଛନ୍ତି।

## ୧୧ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଆରମ୍ଭ




ଢେଙ୍କାନାଳ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଚେସ୍ ସଂଘ ଦ୍ୱାରା ଏବଂ ନିଖିଳ ଓଡିଶା ଚେସ୍ ସଂଘ ଆନୁକୂଲ୍ୟରେ ଢେଙ୍କାନାଳସ୍ଥିତ ଟାଉନ୍ ହଲ୍ ପରିସରରେ ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ଚଳିତ ୧୦ ରୁ ୧୩ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଉକ୍ତ ପ୍ରତିଯୋଗିତା ଅଲ୍ ଇଣ୍ଡିଆ ଚେସ୍ ଫେଡେରେସନ୍ ଏବଂ ଫିଡେ ଦ୍ୱାରା ସ୍ୱିକୃତି ଲାଭ କରି ରେଟିଂ ଟୁର୍ଣ୍ଣାମେଂଟ୍‌ର ମାନ୍ୟତା ଲାଭ କରିଛି। ଉଭୟ ଓପନ୍ ଏବଂ ବାଳିକା ବର୍ଗରେ ଅନୁଷ୍ଠିତ ହେଉଥିବା ଉକ୍ତ ପ୍ରତିଯୋଗିତାରେ ୨୦ଟି ଜିଲ୍ଲାରୁ ୨୫ ବାଳିକା ପ୍ରତିଯୋଗୀଙ୍କ ସହ ମୋଟ୍ ୯୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ୩୦ଜଣ ଆନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ଖେଳାଳୀ ଅନ୍ତର୍ଭୁକ୍ତ । ପ୍ରତିଯୋଗିତାରେ ମୋଟ୍ ୮ ରାଉଣ୍ଡ ଖେଳ ଅନୁଷ୍ଠିତ ହେବ । ପ୍ରତିଯୋଗିତାରେ ମୋଟ୍ ୨୦ ହଜାର ଟଙ୍କାର ନଗଦ ଅର୍ଥରାଶି ସହ ମୋଟ୍ ୫୪ଟି ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ । ଆଜି ଅନୁଷ୍ଠିତ ହୋଇଥିବା ପ୍ରଥମ ରାଉଣ୍ଡରେ ଓପନ୍ ବର୍ଗରେ ମନିଶ୍ ମିଶ୍ର, ଚୌଧୁରୀ ଶୁଭମ୍ ନନ୍ଦ, ହୃଦେଶ ପାଣିଗ୍ରାହୀ, ପ୍ରିୟଙ୍କର ମୁଦୁଲି, ଶୁଭାଶିଷ ବାରିକ, ରେୟାଂଶ ସାମଲ, କୁଶାଗ୍ର ଦିକ୍ଷିତ୍, ଅରଚିଶ୍‌ମାନ ନାଥ, ସିଦ୍ଧାର୍ଥ ମଲ୍ଲିକ, ସାଇ ଅମ୍ରିତ୍ ପଟ୍ଟଆରୀ, ଶ୍ରେୟାଂଶ ଦାସ, ସତ୍ୟମ ରାଉତ, ସୁଜାଦିତ୍ୟ ସାହୁ, ଶ୍ରୀହନ୍ ପଣ୍ଡା, ତନୁ ଶାଶ୍ୱତ ଭେଲ୍‌ଗା, ରୟାନ୍ ଭରଦ୍ୱାଜ୍ ପାଢୀ, ଦିବ୍ୟେଶ ମହାପାତ୍ର, ଅଂଶୁମାନ ତରାଇ, ଅଂଶୁମାନ ମିଶ୍ର, ବାଳିକା ବର୍ଗରେ ଆର୍‌ୟା ମହାନ୍ତି, ଅନିଶା ଆଚାର୍ଯ୍ୟ, ଅରନିଶ ଦାଶ, ପ୍ରେରଣା ପ୍ରିୟମ୍ବଦା ବେହେରା, ରାଜଭିଶ, ସାରଦା, ଆରାଧ୍ୟା, ଅକ୍ଷରା, ସାମିନା, ସ୍ନେହାସ୍ମିତା ପ୍ରମୁଖ ବିଜୟୀ ହୋଇ ମିଳିତ ଭାବେ ଅଗ୍ରଣୀ ଲାଭ କରିଛନ୍ତି । ଉକ୍ତ ପ୍ରତିଯୋଗିତାକୁ ଆନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ତାପସ କୁମାର ମହାନ୍ତି ଏବଂ ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ପରିଚାଳନା କରୁଛନ୍ତି।


**ଭାରତୀୟ ବାୟୁସେନା**

**ଭାରତୀୟ ବାୟୁସେନାରେ ଜଣେ ବାୟୁସେନା ଭାବରେ ଯୋଗଦାନ କରନ୍ତୁ**

ଭାରତୀୟ ବାୟୁସେନା ଭାରତୀୟ/ଗୋର୍ଖା (ନେପାଳୀ ପୁରୁଷଙ୍କ ପ୍ରଜା)ରୁ ଅନଲାଇନ ଆବେଦନ ଆମନ୍ତ୍ରଣ କରୁଛି ବାୟୁସେନାରେ (ଅଣ ବୈଷୟିକ) ଚିକିତ୍ସା ସହାୟକ ବାଣିଜ୍ୟରେ ବାୟୁସେନା ଭାବରେ ଯୋଗ ଦେବାପାଇଁ ଚୟନ ପରୀକ୍ଷା ପାଇଁ ପ୍ରାର୍ଥୀମାନେ ୦୨/୨୦୨୬।

| | | |
|---|---|---|
| ୧. | ଅନଲାଇନ ପଞ୍ଜିକରଣ ତାରିଖ | ୧୧ ଜୁଲାଇ ୨୦୨୫, ୧୧ଟାଠାରୁ ୩୧ ଜୁଲାଇ ୨୦୨୫, ୧୧ଟା ପର୍ଯ୍ୟନ୍ତ |
| ୨. | ଅନଲାଇନ ପରୀକ୍ଷା ତାରିଖ | ସେପ୍ଟେମ୍ବର ୨୫, ୨୦୨୫ଠାରୁ |
| | ବୈବାହିକ ସ୍ଥିତି ଏବଂ ଜନ୍ମ ତାରିଖ ବ୍ଲକ୍ | ୩.୧. ଡାକ୍ତରୀ ସହାୟକ (୧୦+୨ ପ୍ରାର୍ଥୀଙ୍କ ପାଇଁ) ପ୍ରାର୍ଥୀମାନେ ବିବାହ କରିନଥିବେ ଏବଂ ଜୁଲାଇ୨, ୨୦୦୯ ଏବଂ ୨୦୨୫ ଜୁଲାଇ ମଧ୍ୟରେ ଜନ୍ମ ହୋଇଥିବେ (ଦୁଇଟିଯାକ ତାରିଖ ଅନ୍ତର୍ଭୁକ୍ତ)। ୩.୨. ଡାକ୍ତରୀ ସହାୟକ (ଡିପ୍ଲୋମା/ଫାର୍ମାସୀରେ ବିଏସ୍‌ସି ପ୍ରାର୍ଥୀଙ୍କ ପାଇଁ) ପ୍ରାର୍ଥୀମାନେ ବିବାହିତ ଥିବେ ଏବଂ ୨୦୦୨ ଜୁଲାଇ ୨ ଏବଂ ୨୦୦୭ ଜୁଲାଇ ୨ ମଧ୍ୟରେ ଜନ୍ମ ହୋଇଥିବେ (ଦୁଇଟିଯାକ ତାରିଖ ଆବଶ୍ୟକ) ବିବାହିତ ପ୍ରାର୍ଥୀମାନେ ୨୦୦୨ ଜୁଲାଇ ୨ ଏବଂ ୨୦୦୫ ଜୁଲାଇ ମଧ୍ୟରେ ଜନ୍ମଗ୍ରହଣ କରିଥିବେ (ଦୁଇଟିଯାକ ତାରିଖ ଆବଶ୍ୟକ)। |
| ୪. | ଶିକ୍ଷାଗତ ଯୋଗ୍ୟତା | ପ୍ରାର୍ଥୀମାନେ ୧୦+୨/ ଇଣ୍ଟରମିଡିଏଟ/ତତ୍ତୂଲ୍ୟ ପରୀକ୍ଷାରେ ପଦାର୍ଥ ବିଜ୍ଞାନ, ରସାୟନ, ବାୟୋଲୋଜି ଏବଂ ଇଂରାଜୀରେ ଯେକୌଣସି ଶିକ୍ଷାବୋର୍ଡ ଯାହାକି କେନ୍ଦ୍ରଦ୍ୱାରା ସ୍ୱୀକୃତ, ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ, ଅତି କମ୍‌ରେ ୫୦% ମୋଟ ନମ୍ବର ଏବଂ ୫୦% ନମ୍ବର ଇଂରାଜୀରେ ରଖିଥିବେ। କିମ୍ବା ନିଶ୍ଚିତ ଭାବେ ଦୁଇବର୍ଷର ଭୋକେସନାଲ ପାଠ୍ୟକ୍ରମ ସହ ଅଣ ଭୋକେସନାଲ ବିଷୟ ଯଥା- ପଦାର୍ଥ ବିଜ୍ଞାନ, ରସାୟନ, ବାୟୋଲୋଜି ଏବଂ ଇରାଜୀ ଯେକୌଣସି କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସ୍ୱୀକୃତିପ୍ରାପ୍ତ ଶିକ୍ଷାବୋର୍ଡ, ୫୦% ମୋଟ ନମ୍ବର ଏବଂ ଇଂରାଜୀରେ ୫୦% ନମ୍ବର ରଖିଥିବେ। ୪.୨. ଆବେଦନକାରୀ ନିଶ୍ଚିତ ଭାବେ ଇଣ୍ଟରମିଡିଏଟ/ ୧୦+୨/ତତ୍ତୂଲ୍ୟ ପରୀକ୍ଷାରେ ପଦାର୍ଥ ବିଜ୍ଞାନ, ରସାୟନ, ବାୟୋଲୋଜି ଏବଂ ଇଂରାଜୀରେ ଅତି କମ୍‌ରେ ମୋଟ ନମ୍ବରର ୫୦% ଏବଂ ଇଂରାଜୀରେ ୫୦% ନମ୍ବର ରଖିଥିବେ। ଏଥିସହିତ ଡିପ୍ଲୋମା/ଫାର୍ମାସୀରେ ବିଏସ୍‌ସି ସହ ମୋଟ ମାର୍କର ୫୦% ନମ୍ବର ଏବଂ ରାଜ୍ୟ ଫାର୍ମାସୀ କାଉନସିଲ କିମ୍ବା ଫାର୍ମାସୀ କାଉନସିଲ ଅଫ୍ ଇଣ୍ଡିଆ (ପିସିଆଇ)ରେ ନିଶ୍ଚିତ ଭାବେ ରେଜିଷ୍ଟ୍ରେସନ କରିଥିବେ ଏବଂ ସେମାନଙ୍କର ଭାଲିଡ୍ ରେଜିଷ୍ଟ୍ରେସନ ରହିଥିବ। ଏହା ଜରୁରୀ ଆବଶ୍ୟକତା ନୋଟ୍-୧. ଶିକ୍ଷାବୋର୍ଡଗୁଡ଼ିକ (୧୦+ଯୁକ୍ତ ଦୁଇ କିମ୍ବା ତତ୍ତୂଲ୍ୟ ପାଇଁ) ଯାହାକି କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ସ୍ୱୀକୃତ ହୋଇଥିବେ ସେମାନଙ୍କୁ ଅନୁମତି ଦିଆଯିବ। ନୋଟ୍-୨. ୧୦+୨/ଇଣ୍ଟରମିଡିଏଟ/ତତ୍ତୂଲ୍ୟ/ଡିପ୍ଲୋମା/ଫାର୍ମାସୀରେ ବିଏସ୍‌ସି କିମ୍ବା ସଂପୃକ୍ତ ଶିକ୍ଷାବୋର୍ଡ ଦ୍ୱାରା ପ୍ରଚଳିତ ନିୟମ ଅନୁଯାୟୀ ନମ୍ବର ରଖିଥିଲେ ବିଚାରଯୋଗ୍ୟ ହେବେ। (ନମୁନା ପାଇଁ ୪୯.୯୯%କୁ ୪୯% ଧରାଯିବ, କିନ୍ତୁ ଏହା ୫୦% ହେବ ନାହିଁ)। |
| ୫. | ଗ୍ରୁପ୍ ଏବଂ ଟ୍ରେଡ୍ | ଏୟାରମ୍ୟାନ ଗ୍ରୁପ୍ ୱାଇ (ଅଣ ବୈଷୟିକ) ମେଡ଼ିକାଲ ଆସିଷ୍ଟାଣ୍ଟ ଟ୍ରେଡ ପାଇଁ କେବଳ। |
| ୬. | ରେଜିଷ୍ଟ୍ରେସନ ଫି | ଟ.୫୫୦+ ଜିଏସ୍‌ଟି |

ବିଜ୍ଞାପନ ସଂପର୍କରେ ଅଧିକ ବିବରଣୀ ପାଇଁ ୱେବ ପୋର୍ଟାଲ ଲଗ୍ ଇନ କରନ୍ତୁ www.airmenselection.cdac.in

ସମ୍ପୂର୍ଣ୍ଣ ବିବରଣୀ ପାଇଁ କ୍ୟୁଆର କୋଡ୍ ସ୍କାନ କରନ୍ତୁ। CBC 10803/11/0007/2526



**Government of Jharkhand**
**Department of Mines & Geology**
**Directorate of Geology**
**Engineer's Hostel No-2, 2nd Floor, Dhurwa, Ranchi**

**Expression of Interest**
**Notice No.-01/2025-26 for Date Extends**
**Corrigendum**

Expression of Interest (EOI) Notice no. 01/2025-26 was published on 25.06.2025 in different News Papers vide PR. No.- 355830 Mines and Geology (25-26) D. Last date of submission of EOI was 17.07.2025 (up to 3.00 P.M.). During pre-bid meeting held on dated-10.07.2025, participants have requested for the time extension for bid submission of the above-said EOI. Hence, on request of the participants, the last date of submission of EOI is extended till dated 28.07.2025 up to 3.00 P.M and the Bid will be opened on 06.08.2025 at 3.30 P.M. The remaining Terms & Conditions of the above-mentioned EOI will remain the same.

Sd/-
(Manoj Kumar)
Director, Geology

PR 357036 Mines and Geology(25-26).D



**OFFICE OF THE EXECUTIVE ENGINEER**
**Road Construction Department, Road Division, Daltonganj**

**e-Procurement Notice**
**e-Tender Ref No-5/RCD/Daltonganj/2025-26/616 Dated:- 10.07.2025**

| | | |
|---|---|---|
| 1. | Name of Work | **Ordinary Repair Work of North Koel Semra Mines Link Road (Working Length-2.75 to 4.50 Km) for the year 2025-26.** |
| 2. | Estimated Cost | **Rs. 2,00,00,000.00 (Rupees Two Crore) Only.** |
| 3. | Bid Security (Amount) | **Rs. 4,00,000.00 (Rupees Four Lac) Only.** |
| 4. | Time of Completion | **03 Months** |
| 5. | Date of Publication of Tender on Website | **21.07.2025, 10:30 AM** |
| 6. | Last Date/Time of Online Bid Submission | **12.08.2025, 12:00 Noon** |
| 7. | Date and Time of Bid opening | **13.08.2025, 12:30 PM** |
| 8. | Bid (Tender Fee & EMD) Submission Address | **Cost of bidding document (for a non refundable fee) & Bid security as indicated shall be payable online through http://jharkhandtenders.gov.in** |
| 9. | Name & address of officer Inviting tender | **Executive Engineer, R.CD., Road Division, Daltonganj.06562-225019** |
| 10. | E-mail Id | **eercdmedini-jhr@nic.in** |
| 11. | Helpline number of e Procurement cell | **0651-2401010** |

**Note : Estimated amount may vary.**
For further details can be seen on website http://jharkhandtenders.gov.in.

**Executive Engineer**
Road Construction Department
Road Division, Daltonganj

PR 357088 Road (25-26)_D



**Office of the Executive Engineer**
**Road Construction Department,**
**Road Division, Garhwa**

**e-Procurement Notice**
**For National Competitive Bidding**
e-Tender Reference No. : RCD/GARHWA/758/2025-26
Date:- 11.07.2025

| | | |
|---|---|---|
| 1. | Name of the work | **Widening And Srengthening/ Reconsstruction Of Barwadih-Mandal-Bhandariya Road (Part-II, Ch. 25.00 km. to Ch. 45.00 km.) (Total Length = 20 km) for the year 2025-26 Under R.C.D.Road Division, Garhwa** |
| 2a. | Approximate Value of Work | Rs. **82,78,25,396.00** (Rupees Eighty Two crore Seventy Eight Lac Twenty Five thousand Three hundred Ninety Six) only. |
| b. | Bid Security* | Rs. **82,79,000.00** (Rupees Eighty Two Lac Seventy Nine thousand) only. |
| 3. | Time of Completion | 15 (Fifteen) Months. |
| 4. | Date of Publication of Tender on website | 18-07-2025, 10.30 A.M. |
| 5. | Last date/Time for receipt of bids | 06-08-2025, 12.00 Noon |
| 6. | Name & address of office Inviting tender | Executive Engineer, RCD, Road Division, Garhwa Pin Code - 822114 |
| 7. | Contact no. of Procurement officer | **06561-295161** |
| 8. | Helpline number of e-Procurement cell | **0651-2401010** |

Note :- The Bid Amount & Bid security will be decrease or increase.
***Further details can be seen on website*** http://jharkhandtenders.gov.in
UCAN registration is mandatory for the bidders who are already registered in appropriate class with road construction department Govt. of Jharkhand.

**Executive Engineer,**
Road Construction Department,
Road Division, Garhwa

PR 357098 Road (25-26)_D



ଓଡ଼ିଶା ଭାସ୍କର
ODISHA BHASKAR

# ରାଜଧାନୀରେ ରାହୁଲ୍














ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭୁବନେଶ୍ୱରରେ ପହଞ୍ଚିବା ପରେ ସେଠାରୁ ସିଧାସଳଖ ବରମୁଣ୍ଡା ପଡ଼ିଆରେ 'ସମ୍ବିଧାନ ବଞ୍ଚାଅ ଦେଶ ବଞ୍ଚାଅ' ମହାସମାବେଶରେ ଯୋଗ ହେଇଥିଲେ । ତେବେ ରାହୁଲଙ୍କୁ ଦେଖିବା ପାଇଁ ବିମାନବନ୍ଦରରୁ ଆରମ୍ଭ କରି ବରମୁଣ୍ଡା ପଡିଆ ଯାଏଁ କଂଗ୍ରେସ କର୍ମୀ ଉତ୍କଣ୍ଠାର ସହ ଅପେକ୍ଷା କରିଥିବାବେଳେ ରାଜଧାନୀରେ କଂଗ୍ରେସ କର୍ମୀଙ୍କ ବିପୁଳ ଗହଳି ଦେଖିବାକୁ ମିଳିଥିଲା । ବିମାନବନ୍ଦରରୁ ଏକ ବିରାଟ କାର୍‌କେଟ୍‌ରେ ସମାବେଶ ସ୍ଥଳକୁ ଯାତ୍ରା କରିଥିଲେ। ତାଙ୍କୁ ବହୁ ସଂଖ୍ୟାରେ ରାସ୍ତା କଡରେ କଂଗ୍ରେସ ପ୍ରେମୀ ଛିଡା ହୋଇ ସ୍ୱାଗତ କରିଥିଲେ। ରାଜ୍ୟରେ ବିଜେପି ସରକାର ଆସିବା ପରେ ଏହା ରାହୁଲ୍‌ଙ୍କ ପ୍ରଥମ ଓଡ଼ିଶା ଗସ୍ତ। ତାଙ୍କର ଗସ୍ତକୁ ନେଇ ରାଜ୍ୟ କଂଗ୍ରେସରେ ବେଶ୍ ଉତ୍ସାହ ଦେଖାଦେଇଥିଲା। ସମାବେଶକୁ ସଫଳ କରିବା ପାଇଁ ପିସିସି ସଭାପତି ଭକ୍ତଚରଣ ଦାସଙ୍କଠାରୁ ଆରମ୍ଭ କରି ବରିଷ୍ଠ ନେତା, ଯୁବ ଓ ଛାତ୍ର କଂଗ୍ରେସ ମଧ୍ୟ ସମସ୍ତ ବଳ ଖଟାଇଛନ୍ତି। ରାହୁଲ୍‌ଙ୍କ ସହ ଏଆଇସିସିର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଓ ସାଧାରଣ ସମ୍ପାଦକ କେ ସି ବେଣୁଗୋପାଳ ମଧ୍ୟ ଓଡ଼ିଶା ଆସିଥିଲେ । ତାଙ୍କର ଏହି ଗସ୍ତ ସମୟରେ ୫୩ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲେ।




















Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର କଲେଜରେ +୩ ବିଜ୍ଞାନ,କଳା ଓ ବାଣିଜ୍ୟ ବିଭାଗରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ କଲେଜ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ରଶ୍ମୀ ରାଉତରାୟଙ୍କ ପୌରହିତ୍ୟରେ କଲେଜର ଗୋପବନ୍ଧୁ ସଭାଗୃହରେ ୨୧୦ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରଛାତ୍ରୀ ଶୃଙ୍ଖଳାର ସହ ଭଲ ପାଠପଢ଼ି ପିତାମାତା, ରାଜ୍ୟ ତଥା ଦେଶର ମାନ ରଖିବାକୁ ଅଧ୍ୟକ୍ଷା ପରାମର୍ଶ ଦେଇଥିଲେ । ନୂତନ ଶିକ୍ଷାନିତୀ-୨୦୨୦ ସମ୍ପର୍କରେ ଅଧ୍ୟାପକ ସୁମନ୍ତ ସାହୁ ସୂଚନା ପ୍ରଦାନ କରିଥିଲେ । ଶିକ୍ଷାନିତୀରେ ପରୀକ୍ଷା ପ୍ରଣାଳୀ ଉପରେ ପ୍ରଧାପକ ଡ. ଦୀପକ କୁମାର ଦାସ ଆଲୋକପାତ କରିଥିଲେ । ପ୍ରଶାସନିକ ଅଧିକାରିଣୀ ପ୍ରାଧ୍ୟାପିକା ଡ. ହରପ୍ରିୟା ମହାପାତ୍ର, ସମର ଶିକ୍ଷାର୍ଥୀ ବାହିନୀର ମୁଖ୍ୟ ରତିକାନ୍ତ ସ୍ୱାଇଁ, ଜାତୀୟ ସେବା ସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀ ସ୍ୱାଭିମାନ ସାମନ୍ତରାୟ, ରେଡକ୍ରସ ବିଭାଗର ମୁଖ୍ୟ ଡ.ମମତା ସାହୁ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ନବାଗତ କରି ପାଠପଢ଼ା ସହ ମହାବିଦ୍ୟାଳୟର ଅତିରିକ୍ତ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିଥିଲେ । ଓଡିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ଡ.ପ୍ରଫୁଲ୍ଲ କୁମାର ସାହୁ ପରିଚାଳନା କରିଥିଲେ ଏବଂ ଅଧ୍ୟାପକ ଯୁକ୍ତେଶ୍ୱର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜନସଂଖ୍ୟା ସ୍ଥିରତା ପକ୍ଷର ଶୁଭାରମ୍ଭ କଲେ ସ୍ୱାସ୍ଥ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନର ସଭାଗୃହଠାରେ ରାଜ୍ୟସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ -୨୦୨୫ରେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲୋକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ଅବସରରେ ପରିବାର କଲ୍ୟାଣ, ମାନବାଧିକାର ଓ ନାରୀମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରିଛନ୍ତି । ପରିବାର ଯୋଜନା, ଲିଙ୍ଗଗତ ସମାନତା, ମାତୃତ୍ୱ, ସ୍ୱାସ୍ଥ୍ୟ ଏବଂ ମାନବିକ ଅଧିକାର ସମେତ ବିଭିନ୍ନ ଜନସଂଖ୍ୟା ସମ୍ବନ୍ଧୀୟ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରିବା ବିଶ୍ୱ ଜନସଂଖ୍ୟା ଦିବସର ପ୍ରଧାନ ଲକ୍ଷ୍ୟ ବୋଲି ସେ ମତପ୍ରକାଶ କରିଛନ୍ତି । ମିଳିମିଶି ସୁସ୍ଥ ସମାଜ ପରିବେଶ ଗଠନ ପାଇଁ ସମସ୍ତେ ଚେଷ୍ଟିତ ହେବାକୁ ସେ ଆହ୍ୱାନ କରିଥିଲେ । ରାଜ୍ୟରେ ପରିବାର ନିୟୋଜନ ଅଭିଯାନକୁ ସଫଳ କରିବା ନିମନ୍ତେ ବହୁବିଧ ପଦକ୍ଷେପମାନ ଗ୍ରହଣ କରାଯାଉଛି । ଏହାର ଫଳସ୍ୱରୂପ ପରିବାର କଲ୍ୟାଣ କାର୍ଯ୍ୟକ୍ରମର ବିଭିନ୍ନ କ୍ଷେତ୍ରରେ ବିଗତ ବର୍ଷ ମଧ୍ୟରେ ଆଶାନୁରୂପକ ସଫଳତା ଲାଭ କରିଛି । ସମସ୍ତ ସେବା ପ୍ରଦାନକାରୀମାନଙ୍କୁ ତାଲିମ ମାଧ୍ୟମରେ ସେମାନଙ୍କର ଦକ୍ଷତା ବୃଦ୍ଧି କରାଯାଉଛି । ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୋଷ୍ଠୀସ୍ତରୀୟ ସ୍ୱେଚ୍ଛାସେବୀ, ଆଶା ଦିଦିମାନଙ୍କ ମାଧ୍ୟମରେ ଜନସାଧାରଣଙ୍କୁ ଆବଶ୍ୟକ ସୁଚନା ପ୍ରଦାନକରି ସେବା ଗ୍ରହଣ ନିମନ୍ତେ ପ୍ରବର୍ତ୍ତାଯାଉଛି ବୋଲି ମନ୍ତ୍ରୀ କହିଥିଲେ । ଏହି ଅବସରରେ ଡକ୍ଟର ମହାଲିଙ୍ଗ କହିଥିଲେ ଯେ ରାଜ୍ୟରେ ପରିବାର ନିୟୋଜନ ଅଭିଯାନକୁ ସଫଳ କରିବା ନିମନ୍ତେ ବହୁବିଧ ପଦକ୍ଷେପମାନ ଗ୍ରହଣ କରାଯାଉଛି । ଏହି ଅବସରରେ ଉନ୍ନତ ପ୍ରଦର୍ଶନ ପାଇଁ ବିଭିନ୍ନ ଜିଲ୍ଲାମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ରାଜଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ରଖିଥିବା ବେଳେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡାକ୍ତର ଅମରେନ୍ଦ୍ର ମହାନ୍ତି ନିଜର ବକ୍ତବ୍ୟ ରଖି ଥିଲେ । ଶେଷରେ ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ମୁରଲୀଧର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ରଥଯାତ୍ରାରେ ସେବା ଯୋଗାଇଲା ଟିପିସିଓଡିଏଲ୍‌ର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଡିସ୍ପେନ୍ସେରି




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ଏହାର ସିଏସଆର୍ ପ୍ରୟାସ ଆରୋଗ୍ୟ ଅଧୀନରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଡିସପେନସେରି (ଏମ୍‌ଏଚ୍‌ଡି) ଜରିଆରେ ସମାଜ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତା ପ୍ରଦର୍ଶନ କରିଛି । ରଥଯାତ୍ରାରେ ପବିତ୍ର ପୁରୀ ବଡ଼ଦାଣ୍ଡରେ ରଥ ଗଡ଼ିବା ସମୟରେ ଟିପିସିଓଡିଏଲ୍‌ର ଏମ୍‌ଏଚ୍‌ଡି ଗୁଡ଼ିକ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ମୌଳିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିଲେ । ଶାରଧାବାଲୀ ସ୍ଥିତ ଟିପିସିଓଡିଏଲ୍ କଂଟ୍ରୋଲ୍ ରୁମ୍ ନିକଟରେ ସମୁଦ୍ର କୂଳରେ ପଲିଶ୍ରୀ ମେଳା ଏବଂ ପୁରୀ ରେଳଷ୍ଟେସନ୍ ଭଳି ତିନିଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏହି ଭ୍ରାମ୍ୟମାଣ ଡିସପେନସେରି ଗୁଡ଼ିକୁ ନିୟୋଜିତ କରାଯାଇଥିଲା । ସେଗୁଡ଼ିକ ରଥଯାତ୍ରା, ବାହୁଡ଼ା ଯାତ୍ରା ଏବଂ ସୁନା ବେଶ ସମୟରେ ୨୯,୦୦୦ରୁ ଅଧିକ ଶ୍ରଦ୍ଧାଳୁଙ୍କୁ ଚିକିତ୍ସା ସେବା ପ୍ରଦାନ କରିଥିଲେ । ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, ରଥଯାତ୍ରା ସମୟରେ ଆମ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଡିସପେନ୍‌ସେରି ମାଧ୍ୟମରେ ଭକ୍ତମାନଙ୍କୁ ସେବା ପ୍ରଦାନ କରିବା ଆମର ଏକ ନମ୍ର ପ୍ରୟାସ ଥିଲା । ପ୍ରତ୍ୟକ୍ଷ ଭାବେ ସମୟୋପଯୋଗୀ ଚିକିତ୍ସା ସେବା ଏବଂ ସହାୟତା ପ୍ରଦାନ କରି ଆବଶ୍ୟକତା ସମୟରେ ସମାଜ ସହ ରହିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ଉତ୍ସବ ଅବସର ବ୍ୟତୀତ ଟିପିସିଓଡିଏଲ୍‌ର ଏମ୍‌ଏଚ୍‌ଡି ଗୁଡ଼ିକ ଏହାର ନିରନ୍ତର ସିଏସ୍‌ଆର୍ ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇରହିଛି । କେବଳ ଗତବର୍ଷରେ ଏମ୍‌ଏଚ୍‌ଡିଗୁଡ଼ିକ ଭୁବନେଶ୍ୱର, କଟକ, ଢେଙ୍କାନାଳ ଏବଂ ପାରାଦ୍ୱୀପ ବିଦ୍ୟୁତ୍ ସର୍କଲ ଅଧୀନସ୍ଥ ୨,୭୦୦ଟି ଗ୍ରାମରେ ୨ ଲକ୍ଷରୁ ଅଧିକ ବ୍ୟକ୍ତିଙ୍କୁ ସେବା ପ୍ରଦାନ କରିଛନ୍ତି । ଦୁର୍ଗମ ଅଞ୍ଚଳରେ ଅନେକ ଲୋକଙ୍କ ପାଇଁ ଏହି ଭ୍ରାମ୍ୟମାଣ ୟୁନିଟ୍ ଗୁଡ଼ିକ ଚିକିତ୍ସାର ପ୍ରଥମ ମାଧ୍ୟମ ପାଲଟିଛି ।

# ଚିକିତ୍ସା ଅଭାବରୁ ଆବାସିକ ବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ମାମଲାରେ ରାଜ୍ୟ ସରକାରଙ୍କୁ ନୋଟିସ୍

କଟକ(ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲାର ବାଲିଗୁଡା ବ୍ଲକ ଅନ୍ତର୍ଗତ ଏକ ସରକାରୀ ଆବାସିକ ବିଦ୍ୟାଳୟରେ ଚିକିତ୍ସା ଅଭାବରୁ ଜଣେ ଛାତ୍ରୀ ମୃତ୍ୟୁ ମାମଲାରେ ରାଜ୍ୟ ମାନବାଧିକାର ଆୟୁକ୍ତ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି । ଆବେଦନକାରୀ ଆଇନଜୀବୀ ପ୍ରବୀର୍ ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି କମିଶନ ରାଜ୍ୟ ସରକାରଙ୍କୁ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ଆସନ୍ତା ଅକ୍ଟୋବର ୪ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କମିଶନ ଆଦେଶ ଦେଇଛନ୍ତ । ସୂଚନାଥାଉକି କନ୍ଧମାଳ ଜିଲ୍ଲାର ବାଲିଗୁଡା ବ୍ଲକ ଅନ୍ତର୍ଗତ ଏକ ସରକାରୀ ଆବାସିକ ବିଦ୍ୟାଳୟରେ ୭ବର୍ଷୀୟା ଛାତ୍ରୀ ମିତା ମଲ୍ଲିକ ଗତ ୨୦୨୪ ମସିହା ଜୁନ ୨୫ ତାରିଖରେ ସେହି ବିଦ୍ୟାଳୟରେ ଅନୁଷ୍ଠିତ ଏକ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ମ୍ୟାଲେରିଆ ଆକ୍ରାନ୍ତ ହୋଇଥିବାର ଜଣାପଡିଥିଲା । କିନ୍ତୁ ଅସୁସ୍ଥ ମିତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇନଥିଲା । ପରଦିନ ତାର ଶରୀରର ଉତାପ ଅହେତୁକ ବୃଦ୍ଧି ପାଇବା ହେତୁ ତାଙ୍କୁ ବାଲିଗୁଡା ହସ୍ପିଟାଲକୁ ନିଆଯାଇଥିଲା ଏବଂ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାରେ ଜିଲ୍ଲା ପ୍ରଶାସନ ତରଫରୁ ପିଏ, ଆଇଟିଡିଏ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନେଇ ଯୁଗ୍ମ ତଦନ୍ତ ହୋଇଥିଲା । ତଦନ୍ତ ପରେ ସଂପୃକ୍ତ ବିଦ୍ୟାଳୟର ଛାତ୍ରାବାସର ସହାୟକ ତତ୍ତ୍ୱାବଧାରକ ଅସୁସ୍ଥ ଛାତ୍ରୀଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଇନଥିବାରୁ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଛାତ୍ରୀଜଣକ ମ୍ୟାଲେରିଆରେ ପିଡ଼ିତ ବୋଲି ଜାଣି ସୁଦ୍ଧା ହସ୍ପିଟାଲ ନେବାକୁ ସୁପାରିସ କରିନଥିବାରୁ ସେମାନେ ଅବହେଳା କରିଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରିଥିଲେ । ଏହାକୁ ନେଇ ଆବେଦନକାରୀ ରାଜ୍ୟ ମାନବାଧିକାର ଆୟୁକ୍ତରେ ମାମଲା ରୁଜୁ କରିଥିଲେ ।

# ଅନୁପ୍ରବେଶକାରୀ ଆସୁନାହାନ୍ତି, ସେମାନଙ୍କୁ ଅଣାଯାଉଛି: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଂଲାଦେଶ ଦେଶରୁ ଅନେକ ଅନୁପ୍ରବେଶ କାରୀ ପଶ୍ଚିମବଙ୍ଗ ଦେଇ ଅନୁପ୍ରବେଶ କରୁଛନ୍ତି । ଗୋଟେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକ ଅନୁପ୍ରବେଶ କରୁଛନ୍ତି । ଯେଉଁ ହିନ୍ଦୁ ଶିଖ ବୌଦ୍ଧ, ପାର୍ସୀ, ଖ୍ରୀଷ୍ଟିଆନ ଯେଉଁମାନେ ବାଂଲାଦେଶ ଓ ଆଫଗାନିସ୍ତାନରେ ନିର୍ଯ୍ୟାତନାର ଶିକାର ହେଉଛନ୍ତି ସେମାନଙ୍କୁ ଆଣିବା ପାଇଁ ଆଇନ ବି କରିଛୁ । କିନ୍ତୁ ଅନ୍ୟ ସମ୍ପ୍ରଦାୟର ଲୋକ ତୁମେ କାହିଁକି ଅନୁପ୍ରବେଶ କରି କି ଆସୁଛ । ସେମାନେ ଆସୁ ନାହାନ୍ତି ବରଂ ସେମାନଙ୍କୁ ଅଣା ଯାଉଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ମମତା ବାନାର୍ଜୀଙ୍କ ଟିଏମସି ଦଳ ସେମାନଙ୍କୁ ଆଣୁଛି ନିଜର ଭୋଟର କାୟା ବୃଦ୍ଧି କରିବା ପାଇଁ । ସେମାନଙ୍କୁ ରାସନ କାର୍ଡ ମଧ୍ୟ ଦେଉଛନ୍ତି ଓ ଆଧାର କାର୍ଡ କରୁଛି । ହିନ୍ଦୁ ମାନଙ୍କ ବିରୁଦ୍ଧରେ ଅପରାଧ କରାଉଛନ୍ତି । ଏମିତି ନ ହେଉ ପଶ୍ଚିମବଙ୍ଗ ରେ ମୂଳ ଭାରତୀୟ ନାଗରିକ ସେମାନେ ସଂଖ୍ୟା ଲଘୁ ହେଇ ନ ଯାଆନ୍ତୁ । ବେଙ୍ଗଲ ରେ ଟିଏମସି ସରକାର ଯାହା କରୁଛି ତାଙ୍କୁ ଭଗବାନ କି ଇତିହାସ କେବେ ବି କ୍ଷମା ଦେବେନି । ପଶ୍ଚିମବଙ୍ଗରେ ଆଜି ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ । ଯଦି ଆଜି ଆପଣ ବେଙ୍ଗଲ ଯିବେ ସୁରକ୍ଷିତ ଫେରିବେ କି ନାହିଁ ଠିକ ନାହିଁ । ଟିଏମସି ପ୍ରାୟୋଜିତ ଅନୁପ୍ରବେଶ କାରୀଆଣେ ଆତଙ୍କବାଦୀ କରୁଛନ୍ତି । ଆତଙ୍କବାଦୀ ତିଆରିର ଏକ୍ତୁଡ଼ିଶାଳ ପାଲଟିଛି ପଶ୍ଚିମବଙ୍ଗ ।

# ବାସଭବନରେ ଲୋକଙ୍କ ଅଭିଯୋଗ ଶୁଣିଲେ ଆଇନ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାସଭବନରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଶୁକ୍ରବାର ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନଠାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣମାନେ ସାକ୍ଷାତ କରିବା ସହ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ଓ ଅଭିଯୋଗ ଜଣାଇଥିଲେ । ଉକ୍ତ ସମସ୍ୟାଗୁଡ଼ିକୁ ଅତି ଗମ୍ଭୀରତାର ସହ ନେଇ ସମାଧାନ ଏବଂ ଉଚିତ୍ ନ୍ୟାୟ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ସହ ଏହା ଉପରେ ବିଶେଷ ଧ୍ୟାନ ଦେବା ପାଇଁ ସମ୍ବନ୍ଧୀୟ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ ।

# ନିର୍ଗୁଣ୍ଡି ଠାରେ ରେଳ ଫ୍ଲାଏଓଭରକୁ ମଞ୍ଜୁରି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ୮୦୨.୯ କୋଟି ଟଙ୍କାମୂଲ୍ୟରେ କଟକ-ନିର୍ଗୁଣ୍ଡି ଚତୁର୍ଥ ରେଳ ଲାଇନ (୧୫.୯୯ କିଲୋମିଟର) ଏବଂ ନିର୍ଗୁଣ୍ଡି ଠାରେ ଏକ ରେଳ ଫ୍ଲାଏଓଭରକୁ ମଞ୍ଜୁରୀ ଦେଇଛନ୍ତି । ଏହା ହାଓଡା-ଚେନ୍ନାଇ ମୁଖ୍ୟ ଲାଇନ ସେକ୍ସନ ଏବଂ କଟକ-ପାରାଦୀପ ସେକ୍ସନରେ ଟ୍ରେନ ପରିଚାଳନାର କ୍ଷମତା ଏବଂ ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ । ଓଡିଶାକୁ ଆଉ ଏକ ଭିତିଭୂମି ପ୍ରୋତ୍ସାହନ ସ୍ୱରୂପ, ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ୮୦୨.୯ କୋଟି ମୂଲ୍ୟରେ କଟକ-ନିର୍ଗୁଣ୍ଡି ଚତୁର୍ଥ ଲାଇନ (୧୫.୯୯ କିଲୋମିଟର) ଏବଂ ନିର୍ଗୁଣ୍ଡି ଠାରେ ଏକ ରେଳ ଫ୍ଲାଏଓଭରକୁ ମଞ୍ଜୁର କରିଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ପ୍ରକଳ୍ପର ଲକ୍ଷ୍ୟ ହେଉଛି ହାଓଡା-ଚେନ୍ନାଇ ମୁଖ୍ୟ ଲାଇନ ସେକ୍ସନ ଏବଂ କଟକ-ପାରାଦୀପ ସେକ୍ସନରେ ଟ୍ରେନ ପରିଚାଳନାର କ୍ଷମତା ଏବଂ ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା । କଟକ-ନିର୍ଗୁଣ୍ଡି ସେକ୍ସନ ହାଓଡ଼ା-ଚେନ୍ନାଇ ହାଇ-ଡେନ୍ସିଟି ନେଟୱାର୍କର ଏକ ଅଂଶ । ପାରାଦୀପ ବନ୍ଦରରୁ କଟକରେ ମୁଖ୍ୟ ଲାଇନକୁ କ୍ରସିଂ କରୁଥିବାରୁ ଏହି କରିଡରରେ ବର୍ତ୍ତମାନ ଅଧିକ ଭିଡ଼ ପରିଲକ୍ଷିତ ହେଉଛି । ତାଳଚେର ଯିବା ପାଇଁ କଟକରେ କୌଣସି ସିଧାସଳଖ ଜଙ୍କସନ ବ୍ୟବସ୍ଥା ନଥିବାରୁ, ପୃଷ୍ଠ-ସ୍ତର କ୍ରସିଂ ଯୋଗୁଁ ଟ୍ରେନଗୁଡ଼ିକ ପ୍ରାୟତଃ ଦୀର୍ଘ ବିଳମ୍ବର ସମ୍ମୁଖୀନ ହେଉଛନ୍ତି । ଏହି ପ୍ରକଳ୍ପର ଅଂଶ ଭାବରେ ମହାନଦୀ ଏବଂ ବିରୂପାରେ ଦୁଇଟି ନଦୀ ସେତୁ ମଧ୍ୟ ନିର୍ମାଣ କରାଯିବ ।

# ୫୧ ହଜାର ନିଯୁକ୍ତିପତ୍ର ବାଣ୍ଟିବେ ପ୍ରଧାନମନ୍ତ୍ରୀ ମୋଦୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦିନ ୧୧ଟାରେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗ ଓ ସଂଗଠନରେ ନିଯୁକ୍ତି ପାଇଥିବା ନବନିଯୁକ୍ତ ଯୁବପିଢ଼ିଙ୍କୁ ୫୧,୦୦୦ ରୁ ଅଧିକ ନିଯୁକ୍ତିପତ୍ର ବଣ୍ଟନ କରିବେ । ଏହି ଅବସରରେ ସେ ନବନିଯୁକ୍ତମାନଙ୍କୁ ସମ୍ବୋଧନ ମଧ୍ୟ କରିବେ । ରୋଜଗାର ମେଳା, ନିଯୁକ୍ତି ସୃଷ୍ଟିକୁ ସର୍ବୋଚ୍ଚ ଅଗ୍ରାଧୀକାର ପ୍ରଦାନକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିଶୃତିକୁ ପୂରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ଯୁବପିଢ଼ିଙ୍କୁ ଏକ ସାର୍ଥକ ଅବସର ପ୍ରଦାନ କରି ସେମାନଙ୍କ ସଶକ୍ତିକରଣ ଓ ରାଷ୍ଟ୍ର ନିର୍ମାଣରେ ଅଂଶଗ୍ରହଣ ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ ପ୍ରଦାନ କରିବାରେ ରୋଜଗାର ମେଳା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ସମଗ୍ର ଦେଶରେ ଏପର୍ଯ୍ୟନ୍ତ ୧୦ ଲକ୍ଷରୁ ଅଧିକ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି । ୧୬ତମ ରୋଜଗାର ମେଳା ଦେଶର ୪୭ଟି ସ୍ଥାନରେ ଆୟୋଜିତ ହେବ । କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ ଏହି ନିଯୁକ୍ତି କରାଯାଉଛି । ପୂର୍ବତଟ ରେଳବାଇ ଦ୍ୱାରା ଆୟୋଜିତ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମରେ ୧୬ତମ ରୋଜଗାର ମେଳାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବେ । ପୂର୍ବତଟ ରେଳବାଇର ବିଶାଖାପାଟଣା ଏବଂ ସମ୍ବଲପୁର ଡିଭିଜନରେ ମଧ୍ୟ କାର୍ଯ୍ୟକ୍ରମ ହେବ ।

## ନାବାଳିକା ଅପହରଣ ଓ ବଳାତ୍କାର ମାମଲା

# ଆସାମୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

କଟକ(ଭାସ୍କର ନ୍ୟୁଜ୍): ଜଣେ ନାବାଳିକାକୁ ଅପହରଣ କରିବା ଓ ତାକୁ ବିବାହର ପ୍ରତିଶୃତି ଦେଇ ବଳତ୍କାର କରିବା ମାମଲାରେ କଟକର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଆସାମୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି । କୋର୍ଟ ଏଡି ମାମଲାରେ କଟକ ଜିଲ୍ଲାର ବଡମ୍ବା ମଝିପଡାର ଆସାମୀ ବିଜୟ ପ୍ରଧାନ (୨୭)କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ତେବେ ଜୋରିମାନା ଦାଖଲ କରିନପାରିଲେ ଆସାମୀକୁ ଆଉ ଅଧିକ ୨ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ଆଦେଶରେ କହିଛିଁ । ୨୦୨୩ ମସିହା ଜାନୁୟାରୀ ୫ ତାରିଖରେ ଆସାମୀ ଜଣେ ୧୫ ବର୍ଷୀୟା ନାବାଳିକାକୁ ବିବାହର ପ୍ରତିଶୃତି ଦେଇ ଅପହରଣ କରି ନେଇଥିଲା । ତାକୁ ଆସାମୀ ଜଣକ ବଳତ୍କାର କରିବା ସହ ଏକୁଟିଆ ଛାଡି ଫେରାର ହୋଇଯାଇଥିଲା । ଏ ନେଇ ପିଡିତାର ପରିବାର ପକ୍ଷରୁ ୨୦୨୩ ମସିହା ଜାନୁୟାରୀ ୧୨ ତାରିଖରେ ଗୁରୁଡିଝାଟିଆ ଥାନାରେ ଏତଲା ରୁଜୁ କରାଯାଇଥିଲା । ଏହି ଘଟଣାରେ ୨୦୨୩ ଏପ୍ରିଲ୍ ୧୭ ତାରିଖରେ ପୁଲିସ୍ ଆସାମୀ ବିରୋଧରେ ଅଭିଯୋଗପର୍ଦ୍ଦ ଦାଖଲ କରିଥିଲାବେଳେ କୋର୍ଟ ଆସାମୀ ବିରୋଧରେ ୨୦୨୪ ଫେବୃୟାରୀ ୨୩ ତାରିଖରେ ଚାର୍ଜଫ୍ରେମ୍ କରିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ରମେଶ ଚନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ ।

# କଂଗ୍ରେସ ରାଲିକୁ ସମର୍ଥନ ଦେବାରୁ ରାଜନୀତି ଦେଖାଦେଇଛି: ପରିବହନ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ଡ୍ରାଇଭର୍ ମହାସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ପ୍ରସଙ୍ଗ । ଡ୍ରାଇଭର ଭାଇମାନଙ୍କୁ ଆନ୍ଦୋଳନରୁ ଓହରିବାକୁ ନିବେଦନ କରିଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ଏନେଇ ମନ୍ତ୍ରୀ କହିଛନ୍ତି ଯେ, ଆନ୍ଦୋଳନ କରୁଥିବା ଡ୍ରାଇଭର ମହାସଂଘର ସମସ୍ତ ଦାବିକୁ ଡ୍ରାଇଭରଙ୍କ ହିତରେ ଥିବା ସରକାର ଶୁଣି ଓ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା ହୋଇସାରିଥିବା ବେଳେ ପୁଣି ଆନ୍ଦୋଳନର ଆବଶ୍ୟକତା ନାହିଁ । ଆସନ୍ତା ୧୧ ତାରିଖରେ ଥିବା କଂଗ୍ରେସ ରାଲିକୁ ସମର୍ଥନ ଦେଇ ଦିନକ ପାଇଁ ସ୍ଥଗିତ ରଖିବା ଆନ୍ଦୋଳନରେ ରାଜନୀତି ଦେଖାଦେଇଛି । ନିରୀହ, ସରଳ ଡ୍ରାଇଭରଙ୍କୁ ଡ୍ରାଇଭର ନେତା ଆନ୍ଦୋଳନ ନାମରେ ଭ୍ରମିତ କରନ୍ତୁ ନାହିଁ । ଡ୍ରାଇଭର ଭାଇମାନଙ୍କୁ ଆନ୍ଦୋଳନରୁ ଓହରିବାକୁ ନିବେଦନ କରୁଛନ୍ତି ମନ୍ତ୍ରୀ ।

# ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ




କଟକ(ଭାସ୍କର ନ୍ୟୁଜ୍): ସମ୍ପ୍ରତି ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳନ ଅବସରରେ ଜିଲ୍ଲା ମତ୍ସ୍ୟ ଅଧିକାରୀ କଟକଙ୍କ ଆନୁକୂଲ୍ୟରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉପମତ୍ସ୍ୟ ନିର୍ଦ୍ଦେଶିକା ବବିତା ମହନ୍ତ ସ୍ୱାଗତ ଅଭିଭାଷଣ ରଖିବା ସହ ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ ନାୟକ ଓ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରାଜଶ୍ରୀ ବେହେରା ଯୋଗ ଦେଇ ରାଜ୍ୟ ସରକାରଙ୍କ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କୃଷି ତଥା ପ୍ରାଣୀ ସମ୍ପଦ ବିକାଶ ବିଭାଗର ଯୋଜନା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଅନ୍ତର୍ଗତ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ରୂପରେଖ ସମ୍ବନ୍ଧରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲାର ୧୦୦ ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍‌ଯୋଗୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅଗ୍ରଣୀ ମତ୍ସ୍ୟଜୀବୀ / ବାୟୋଫ୍ଲେକ୍ସ, ଉଦ୍‌ଯୋଗୀ / ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରଯାଇଥିଲା । କେନ୍ଦ୍ରମନ୍ତ୍ରୀ, ରାଜୀବ ରଞ୍ଜନ ସିଂଙ୍କ ଅଧକ୍ଷତାରେ କେନ୍ଦ୍ରୀୟ ମଧୁର ଜଳ କୃଷି ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର ଠାରେ ଆୟୋଜିତ ଜାତୀୟ ମତ୍ସ୍ୟଚାଷୀ ଦିବସ-୨୦୨୫ କାର୍ଯ୍ୟକ୍ରମ ଭିଡିଓ କନଫରେନସିଂ ମାଧ୍ୟମରେ ସିଧା ପ୍ରସାରଣ କରଯାଇଥିଲା । ସମସ୍ତ ରାଜ୍ୟରୁ ଯୋଗଦେଇଥିବା ବିଭିନ୍ନ ଅଗ୍ରଣୀ ମତ୍ସ୍ୟଚାଷୀ ଏଥିରେ ଭାଗ ନେଇଥିଲେ ଓ ମତ ବିନିମୟ କରିଥିଲେ । ଶେଷରେ ଉପମତ୍ସ୍ୟ ନିର୍ଦ୍ଦେଶିକା ବବିତା ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆତ୍ମାହୁତି ଦେବାକୁ ରାଜ୍ୟ ଗୃହରକ୍ଷୀ ମହାସଂଘର ଚେତାବନୀ


ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ କାର୍ଯ୍ୟରତ ୧୭୬୭୫ ଜଣ ଗୃହରକ୍ଷୀ ସେମାନଙ୍କର ନ୍ୟାର୍ଯ୍ୟ ଦାବିକୁ ସରକାରଙ୍କ ନିକଟରେ ଉପସ୍ଥାପନା କରିଆସୁଛନ୍ତି । ରାଜ୍ୟର ସମସ୍ତ ପ୍ରକାର ଆଇନ୍ ଶୃଙ୍ଖଳା ପରିସ୍ଥିତିଠାରୁ ଆରମ୍ଭ କରି ପ୍ରଶାସନିକ ଓ ସର୍ବସାଧାରଣଙ୍କ ସୁରକ୍ଷା କ୍ଷେତ୍ରରେ ସେମାନଙ୍କର କୌଣସି ସାମୁହିକ ସୁରକ୍ଷା ନଥାଇ ମଧ୍ୟ ସରକାରୀ କର୍ମଚାରୀ ଭଳି ବର୍ଷସାରା ବିଭିନ୍ନ ପ୍ରକାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନା କରିଆସୁଛନ୍ତି । ରାଜ୍ୟ ଗୃହ ବିଭାଗ ପକ୍ଷରୁ ଗୃହରକ୍ଷୀମାନଙ୍କୁ ପଦୋନ୍ନତି ଦିଗରେ ୨୦୦୧ ମସିହାରେ ଯେଉଁ ନିଷ୍ପି ନିଆଯାଇଥିଲା ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଉନାହିଁ । ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ବାଟମଣା କରାଯାଉଛି । ୨୦୧୩ ଏବଂ ୨୦୧୮ ମସିହାରେ ନିଜର ନ୍ୟାୟ ପାଇଁ ସରକାରଙ୍କ ପାଖକୁ ଆସିଥିବା ଗୃହରକ୍ଷୀମାନଙ୍କୁ ଷଡ଼ଯନ୍ତ୍ରମୂଳକ ଭାବରେ ବାଡ଼େଇ ଚାକିରିରୁ ବହିଷ୍କାର କରାଯାଇ ମିଥ୍ୟା ମକଦ୍ଦମା ଦିଆଯାଇ ଜେଲ୍ ହାଜତକୁ ପଠାଇ ଦିଆଗଲା । ଏକ ଶୃଙ୍ଖଳିତ ବିଭାଗରେ କାର୍ଯ୍ୟ କରୁଥିବା ଗୃହରକ୍ଷୀମାନଙ୍କ ପ୍ରତି ସରକାରଙ୍କର ଏଭଳି ବୈମାତୃକ ମନୋଭାବକୁ ମହାସଂଘ ପକ୍ଷରୁ ନିନ୍ଦା କରାଯାଇଛି । ସରକାର ପରିର୍ବନ ହେଲେ । ବିଡ଼ମ୍ବନାର ବିଷୟ ଗୃହରକ୍ଷୀମାନଙ୍କ ୬୦ ବର୍ଷର ପୁରୁଣା ଆଇନ୍ର ପରିର୍ବନ ଦିଗରେ ସରକାର କୌଣସି ପ୍ରକାର ଯତ୍ନଶୀଳ ନୁହଁନ୍ତି । ସବୁକୁ ବିଚାର କରାଯାଇ ଆସନ୍ତା ବିଧାନସଭା ଅଧିବେଶନ ପୂର୍ବରୁ ଯଦି ସରକାର ମହାସଂଘର ସମସ୍ୟାକୁ ବିଚାର ନ କରନ୍ତି, ତେବେ ଅଧିବେଶନ ସମୟରେ ଗୃହରକ୍ଷୀମାନେ ଆତ୍ମାହୂତି ଦେବେ ବୋଲି ରାଜ୍ୟ ସଭାପତି ଉପେନ୍ଦ୍ର ମହାପାତ୍ର ସରକାରଙ୍କୁ ଚେତାବନୀ ଦେଇଛନ୍ତି । ଏଥିପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହଜାର ହଜାର ଗୃହରକ୍ଷୀ ସ୍ୱେଚ୍ଛାକୃତ ଭାବେ ଏଭଳି ନିଷ୍ପତିକୁ ଗ୍ରହଣ କରିଛନ୍ତି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

## ପଶ୍ଚିମବଙ୍ଗ ଶ୍ରମିକଙ୍କୁ ଅଟକ ରଖିବା ଘଟଣା

# ମାନବ ଅଧିକାର କମିଶନଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଏବଂ ଅନ୍ୟ ବାମପନ୍ଥୀ ଦଳ ଯଥା ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ), ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ-ଲେନିନ୍‌ବାଦୀ) ଲିବରେସନ ଓ ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ୍ ପକ୍ଷରୁ ଭୁବନେଶ୍ୱରଠାରେ ମାନବ ଅଧିକାର କମିଶନଙ୍କୁ ଶୁକ୍ରବାର ମଧ୍ୟାହ୍ନରେ ସାକ୍ଷାତକରି ପଡ଼ୋଶୀ ପଶ୍ଚିମ ବଙ୍ଗଳାରୁ ଆସି ଓଡ଼ିଶାରେ ବିଭିନ୍ନ ସ୍ଥାନରେ କାର୍ଯ୍ୟକାରୁଥିବା ୪୪୮ଜଣ ପ୍ରବାସୀ ଶ୍ରମିକମାନଙ୍କୁ ବଙ୍ଗଳାଦେଶୀ ଓ ରୋହିଙ୍ଗିୟା ଭାବେ ସନ୍ଦେହକରି ବେଆଇନ ଭାବରେ ଅଟକ ରଖିବା ଘଟଣାରେ ହସ୍ତକ୍ଷେପ କରିବା ପାଇଁ ନିବେଦନ ଜଣାଇ ସ୍ମାରକପତ୍ର ପ୍ରଦାନ କରାଯାଇଛି । ପଶ୍ଚିମ ବଙ୍ଗଳାର ୪୪୪ଜଣ ଝାରସୁଗୁଡ଼ା ଜିଲ୍ଲାରେ ଏବଂ ୪ଜଣ ଜଗତସିଂହପୁରର ପାରାଦ୍ୱୀପଠାରେ ପଶ୍ଚିମ ବଙ୍ଗଳାର ପ୍ରବାସୀ ଶ୍ରମିକଙ୍କୁ ଅଟକ ରଖାଯାଇଛି । ଏହି ସ୍ମାରକ ପତ୍ର ପ୍ରଦାନ କରିବା ପାଇଁ ସିପିଆଇ ରାଜ୍ୟ ସହ ସମ୍ପାଦକ କ୍ଷୀରୋଦ ସିଂହଦେଓ, ସିପିଆଇ(ଏମ୍)ର ପ୍ରଦୀପ୍ତ ନାୟକ, ସିପିଆଇ(ଏମ୍-ଏଲ୍) ଲିବରେସନର ମହେନ୍ଦ୍ର ପରିଡ଼ା ଏବଂ ଫରୱାର୍ଡ଼ ବ୍ଲକ୍‌ର ରାଜ୍ୟ ସମ୍ପାଦକ ଜ୍ୟୋତିରଂଜନ ମହାପାତ୍ର ଓଡିଶା ମାନବ ଅଧିକାର କମିଶନରଙ୍କୁ ତାଙ୍କର କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ । କମିଶନର ତୁରନ୍ତ ହସ୍ତକ୍ଷେପକରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିନିଧିମଣ୍ଡଳୀଙ୍କୁ ଆଶ୍ୱାସନା ପ୍ରଦାନ କରିଥିଲେ ।

# ଗନ୍ଧର୍ଭିକା ତରଫରୁ ରସୋତ୍ସବ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶୀ ନୃତ୍ୟ ବଞ୍ଚିଛି ଓ ବଞ୍ଚିଥିବ । ଏଥିରେ କେବଳ ଓଡ଼ିଆ ଜାତିର ପ୍ରାଣ ସଂଚାରିତ ହେଉନାହିଁ ଓଡ଼ିଆ ଜାତିର ସମ୍ମାନ ମଧ୍ୟ ସମପରିମାଣରେ ଜଡ଼ିତ । ତେଣୁ ଯେଉଁମାନେ ଓଡ଼ିଶୀ ନୃତ୍ୟକୁ ବଞ୍ଚାଇ ରଖି ବିଶ୍ୱ ଦରବାରରେ ଓଡ଼ିଆ ଜାତିର ଟେକ ରଖି ଆସିଛନ୍ତି, ସେମାନେ ଆମର ନମସ୍ୟ । ସେମାନଙ୍କୁ ଉତ୍ସାହ ଓ ପ୍ରେରଣା ଯୋଗାଇବା ଆମ ସମସ୍ତଙ୍କର ଦାୟିତ୍ୱ । ଗତ ଜୁଲାଇ ୯ ତାରିଖ ଦିନ ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ଅଗ୍ରଣୀ ଅନୁଷ୍ଠାନ ଗନ୍ଧର୍ଭିକା ତରଫରୁ ରସୋତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ପଦ୍ମଶ୍ରୀ ପ୍ରଭାକର ମହାରଣା, ପଦ୍ମଶ୍ରୀ ଦେବୀପ୍ରସାଦ ପଟ୍ଟନାୟକ, ଧନେଶ୍ୱର ସ୍ୱାଇଁ ଯୋଗ ଦେଇଥିଲେ । ଗନ୍ଧର୍ଭିକା ସହ ସମ୍ପାଦକ ହରେକୃଷ୍ଣ ଧଳଙ୍କ କଳା ପ୍ରତି ଥିବା ନିଷ୍ଠା ଓ ଅବଦାନକୁ ପ୍ରଶଂସା କରିଥିଲେ । ଏହି ଅବସରରେ ୨୦୨୫ ଗନ୍ଧର୍ଭିକା ସମ୍ମାନରେ ଖ୍ୟାତନାମା ନୃତ୍ୟାଙ୍ଗନା ପଦ୍ମଶ୍ରୀ ଡକ୍ଟର ଅରୁଣା ମହାନ୍ତି ମହୋଦୟାଙ୍କୁ ସମ୍ମାନିତ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ହର୍ଯଶା ମହାକୁଡ, ପଲକ୍ କୁମାର, ପୂଜା ଦାସ ନିଜର ଏକାକିକ ନୃତ୍ୟ ପରିବେଷଣ କରିଥିଲେ । ନୃତ୍ୟସା ଟ୍ରଷ୍ଟର ସାମୁହିକ ନୃତ୍ୟ ସହ ଲଗ୍ନା ସୁଶ୍ରୀ ପୃଷ୍ଟି ଏବଂ ସୂର୍ଭି ତ୍ରିପାଠୀଙ୍କ ଯୁଗଳ ନୃତ୍ୟ ମଞ୍ଚସ୍ଥ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଶକ୍ତି ସମ୍ପନ୍ନ ପରିଡ଼ା, ଅଭିପ୍ସା ଗୀତାଞ୍ଜଳୀ ବେହେରା, ମନୋଜ କୁମାର ପ୍ରଧାନ ଅକାକିକ ନୃତ୍ୟ ପରିବେଷଣ କରିଥିଲେ । ଡୁଏଟରେ ଆରାଧନା ଦାସ ଓ ଅନ୍ନପୂର୍ଣ୍ଣା ମହାପାତ୍ର , ବିଭୁ ପ୍ରସାଦ ବେହେରା ଓ ଆକଂଶା ଦାସ ନୃତ୍ୟ ପରିବେଷଣ କରିଥିବା ବେଳେ ଓଡ଼ିଶୀ ଡାନ୍ସ କ୍ରିଏସନ ତରଫରୁ ସାମୁହିକ ନୃତ୍ୟ ପରିବେଷିତ ହୋଇଥିଲା । ଶେଷରେ ସମସ୍ତ ନୃତ୍ୟକାର ଓ ନୃତ୍ୟାଙ୍ଗନାଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରଭାତ କୁମାର ସ୍ୱାଇଁ, ସଚ୍ଚିଦାନନ୍ଦ ଦାସ, ଶୁଭଶ୍ରୀ ମୁଖାର୍ଜୀ, ଯୁଧିଷ୍ଠିର ନାୟକ ଅତିଥି ଭାବେ ଯୋଗଦାନ କରିଥିଲେ ।



# ଆମ କଳାହାଣ୍ଡି



## ଚାଷୀଙ୍କ ଭାଲେଣି | ବର୍ଷା ଅଭାବରୁ ଅଟକିଛି ରୁଆ ବେଉସା



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଶେଷରେ ଚାଷୀଙ୍କୁ ନିରାଶ କରିଛି ଲଘୁଚାପ ବର୍ଷା। ଏବେ ଜମି ସବୁ ଆଁ କରି ରହିଛି। ଯାଉନି ହଲ ଲଙ୍ଗଳ। ଅଟକି ରହିଛି ରୁଆ ବେଉସା। ଜୁଲାଇ ଯିବାକୁ ବସିଲାଣି ହେଲେ ଚାଷ କାମ ଶେଷ ହୋଇ ପାରୁନି। ଭାଲେଣି ଭିତରେ ବୁଡି ରହିଛି ଚାଷୀ। ଧାନ ଗଜା ଉଠି ରୁଆ ବେଉସା ବତର ହେଲାଣି। ଠିକ୍ ଏହି ସମୟରେ ଜମିରେ ରୋଇବା ବେଳ। ହେଲେ ଚାଷ ଜମିରେ ଧୂଳି ଉଡୁଛି। ଅନ୍ୟପଟେ ବୁଣା ଧାନ ଗଜା ବାହାରି ବେଉସା କରିବା ସମୟ ଦେଖା ଦେଲାଣି। ଆଶା କରାଯାଉଥିଲା ଲଘୁଚାପ ବର୍ଷାରେ ଚାଷ କାମ ସାରିଦେବେ ଚାଷୀ। ହେଲେ ନିରାଶ ହେବାକୁ ପଡିଥିବା କୁହନ୍ତି ଚାଷୀ। ଧର୍ମଗଡ଼ ଅଞ୍ଚଳର ବିଭିନ୍ନ ସ୍ଥାନରେ ଏଭଳି ସଙ୍କଟ ଦେଖା ଦେଲାଣି। ଏପରିକି କିଛି ନ ହେଉଣୁ ମରୁଡି ଆକଳନ କଲାଣି ଚାଷୀ। ବିଶେଷ ଭାବେ ବ୍ଲକର ଦଣ୍ଡପାଟ ଅଞ୍ଚଳ ଏବେ ବର୍ଷା ଅଭାବରେ ଚାଷ କାମ ଅଟକି ରହିଥିବା ଦେଖା ଦେଇଛି। ଅଞ୍ଚଳର ଅନେକ ସ୍ଥାନରେ ଲିଫ୍ଟ କେନାଲ ରହିଛି ସତ। ହେଲେ ଏ ଯାବତ କେନାଲ ଡିଭିଜନ ପାଣି ଛାଡି ନ ଥିବା ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିଛି। ଅଞ୍ଚଳର ବେହେରା ଜୟନ୍ତପୁର ଟେଣ୍ଡାପାଲି, ଖୁଣ୍ଟିଆ, ଛନ୍ନାଣବାହାଲି, ଆଦି ପଞ୍ଚାୟତ ମାନଙ୍କରେ ଲିଫ୍ଟ କେନାଲ ରହିଛି ସତ ହେଲେ ଅଧିକାଂଶ ଜମିରେ ଜଳ ସେଚନ ହୋଇ ପାରୁ ନ ଥିବା ଅଭିଯୋଗ ଦୀର୍ଘ ଦିନରୁ ହୋଇ ଆସୁଛି। ହେଲେ ଲିଫ୍ଟକେନାଲ ଡିଭିଜନ ପ୍ରଶାସନର ନିଘା ରହୁ ନ ଥିବା ଅଭିଯୋଗ ହୁଏ। ଅନ୍ୟପଟେ ଅଞ୍ଚଳର ପର୍ଲା ଧଅରପୁର ପଞ୍ଚାୟତ ଜଳ ସେଚନର କୌଣସି ବ୍ୟବସ୍ଥା ନ ଥିବା ବେଳେ ଉପରବାଲା ଭରସାରେ ଚାଷ କାମ କରାଯାଏ। ପର୍ଲା ଠାରେ କେନାଲ ରହିଛି ସତ ହେଲେ ନିର୍ମାଣ ଦିନଠୁ ପାଣି ପାଇଁ ନାହିଁ ଚାଷୀ। ତ୍ରୁଟି ପୂର୍ଣ୍ଣ କେନାଲ ଖୋଳନ ଯୋଗୁ ଉପର ମୁଣ୍ଡରୁ ପାଣି ଆସି ପାରୁ ନ ଥିବା କହନ୍ତି ଚାଷୀ। ବର୍ତ୍ତମାନ ବର୍ଷା ଗାଏବ କାରଣରୁ ଭାଲେଣି ରେ ଚାଷୀ ଥିବା ବେଳେ ଲିଫ୍ଟ କେନାଲ ଭରସା କରିଛି ଚାଷୀ। କେନାଲ ବିଭାଗ ତୁରନ୍ତ ଲିଫ୍ଟ କେନାଲରେ ପାଣି ଯୋଗାଇ ଦେଲେ ହୁଏତ ଚାଷ କାମ ଆଗେଇ ପାରିବ ବୋଲି ମତ ପ୍ରକାଶ ପାଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଓୟୁଏଟି ପରୀକ୍ଷାଫଳ ପ୍ରକାଶିତ

## ଟପ୍-୬ରେ ଭବାନୀପାଟଣା କୃଷି ମହାବିଦ୍ୟାଳୟର ଛାତ୍ରଛାତ୍ରୀ







ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ନିଜର ଏକାନ୍ତ ନିଷ୍ଠା, ପ୍ରବଳ ଇଚ୍ଛାଶକ୍ତି ତଥା ଶିକ୍ଷକ ମାନଙ୍କ ସମୟୋପଯୋଗୀ ସଫଳ ଦିଗଦର୍ଶନ ଯେ ଉଦୟୋଗୀ ଛାତ୍ରଛାତ୍ରୀମାନଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇପାରେ ତାହା ଆଜି ପ୍ରମାଣିତ କରି ଦେଖାଇଛନ୍ତି ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ କଳାହାଣ୍ଡି ଭବାନୀପାଟଣାର କୃଷି ମହାବିଦ୍ୟାଳୟର ଚତୁର୍ଥ ବାର୍ଷିକ କୃଷି ସ୍ନାତକ ଛାତ୍ରଛାତ୍ରୀମାନେ। ଏହି ମହାବିଦ୍ୟାଳୟର ୬ ଜଣ ଛାତ୍ରଛାତ୍ରୀ ସେମାନଙ୍କ ଶେଷ ପରୀକ୍ଷାରେ ବିଶ୍ୱ ବିଦ୍ୟାଳୟ ସ୍ତରରେ ପ୍ରଥମ ଛଅଟି ସ୍ଥାନ ଅଧିକାର କରି କେବଳ କଳାହାଣ୍ଡି ନୁହେଁ ସମଗ୍ର ରାଜ୍ୟ ପାଇଁ ଉଦାହରଣ ସୃଷ୍ଟି କରି ପାରିଛନ୍ତି। ରାଜ୍ୟରେ ଓୟୁଏଟିର କୃଷି ସ୍ନାତକ ଶିକ୍ଷାର ତିନୋଟି ଶାଖା ଥିଲାବେଳେ ଭବାନୀପାଟଣା ଶାଖାର ଛାତ୍ରଛାତ୍ରୀ ମାନେ ଜୁନ୍ ମାସରେ ହୋଇଥିବା ପରୀକ୍ଷାରେ ସର୍ବାଧିକ ନମ୍ବର ଆଣି ସମସ୍ତ ଶାଖାର ପିଲାମାନଙ୍କ ମଧ୍ୟରୁ ପ୍ରଥମ ଛଅଟି ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କ ମଧ୍ୟରୁ ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରଥମ ସ୍ଥାନରେ ରୋଜାଲିନ୍ ପାଣିଗ୍ରାହୀ, ଦ୍ୱିତୀୟ ସ୍ଥାନରେ ଅଙ୍କିତ କୁମାର ମହନ୍ତ ଓ ତୃତୀୟ ସ୍ଥାନରେ ଭାଲେଣ୍ଟିନା ପଟ୍ଟନାୟକ ରହି ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଅନ୍ୟ ପକ୍ଷରେ ଅଜିତ କୁମାର ପ୍ରଧାନ, ଶ୍ରଦ୍ଧା ସାହୁ ଏବଂ ଶୁଭଶ୍ରୀ ଜେନା ଯଥାକ୍ରମେ ୪ର୍ଥ,୫ମ ଓ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭବାନୀପାଟଣା କୃଷି ମହାବିଦ୍ୟାଳୟର ୯୪ ଜଣ ପିଲା ପ୍ରଥମ ଶ୍ରେଣୀରେ ଡିଷ୍ଟିଂକ୍ସନ୍ ସହ ପାଶ୍ କରିଥିବା ବେଳେ ୧୦୫ ଜଣ ପିଲା ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି। ଛାତ୍ରଛାତ୍ରୀମାନଙ୍କର ଏଭଳି ସଫଳତାରେ ଭବାନୀପାଟଣା କୃଷି ମହାବିଦ୍ୟାଳୟରେ ଆନନ୍ଦର ଲହରୀ ଖେଳିଯାଇଛି। ଡିନ୍. ପ୍ରଫେସର ଡ. ସଂଦୀପ୍ତ କୁମାର ନାୟକ ଓ ଅନ୍ୟାନ୍ୟ ସହ ପ୍ରଫେସର, ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀ ଓ ଅଭିଭାବକମାନେ ପରୀକ୍ଷା ଫଳରେ ପ୍ରସନ୍ନତା ପ୍ରକାଶ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ବ୍ରଜବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁ ପୂର୍ଣ୍ଣିମା ଉତ୍ସବ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବ୍ରଜବିହାର ଠାରେ ମହର୍ଷି ବ୍ୟାସଦେବଙ୍କ ଜନ୍ମଦିବସ ଅବସରରେ ଗୁରୁପୂର୍ଣ୍ଣିମା ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଅଛି। କାର୍ଯ୍ୟକ୍ରମଟି ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ମନୋଜ କୁମାର ମୁଣ୍ଡଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ ଶିଶୁ ଭାଇଭଉଣୀ ଏବଂ ପରିଚାଳନା ଦାୟିତ୍ୱ ନେଇଥିଲେ ବରିଷ୍ଠ ଗୁରୁଜୀ ଶିବ ପ୍ରଧାନ ଓ ଜୟରାମ ସାହୁ। ଆଜି ଦିନର ମହତ୍ତ୍ୱ ଏବଂ ଗୁରୁ ବ୍ୟାସଦେବଙ୍କ ଲେଖନୀ ଉପରେ ଶିଶୁ ...ଷଣ ରଖିଥିଲେ ଦଶମ ଶ୍ରେଣୀର ...ଶିବାନନ୍ଦ ବାରିକ, ସାଇ ଅର୍ଣ୍ଣବ ଦାଶ ...ଅଷ୍ଟମ ଶ୍ରେଣୀର ଭଉଣୀ ଅନନ୍ୟା ...ମୁଖ୍ୟ ଅତିଥି ବନଶ୍ରୀ ଦାଶ ତାଙ୍କ ...ଷଣରେ ଆଜି ଦିବସର ତାତ୍ପର୍ଯ୍ୟ ରଖି ...ପୂର୍ଣ୍ଣିମା ଦିବସକୁ ଗୁରୁତ୍ୱ ଦେଇ ଏବଂ ...ସେବକ କିପରି ଧ୍ୱଜାକୁ ସମ୍ମାନ ଦେଇ ପୂଜନ କରନ୍ତି ତାହା ବିଶଦ୍ ଭାବରେ ବ୍ୟାଖ୍ୟା କରିଥିଲେ। ଅଧକ୍ଷୀୟ ଅଭିଭାଷଣରେ ପ୍ରଧାନଆଚାର୍ଯ୍ୟ ଗୁରୁର କର୍ତ୍ତବ୍ୟ ଏବଂ ଶିଷ୍ୟ ଗୁରୁ ପ୍ରତି ସମ୍ମାନ ରଖିବାକୁ ନେଇ ଅଳ୍ପରେ ବହୁତ କିଛି କଥା ରଖିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ରଶ୍ମିରେଖା ସାମନ୍ତରାୟ ଗୁରୁମା ଏବଂ ଶିବାନନ୍ଦ ବାରିକ। ବୌଦ୍ଧିକ ବିଭାଗର ସମସ୍ତ ଦାୟିତ୍ୱ ନ୍ୟସ୍ତ ଥିଲା ରଶ୍ମିତା ପଣ୍ଡା, ରଶ୍ମିତା ମିଶ୍ର ଏବଂ ମୋନାଲି ମହାପାତ୍ରଙ୍କ ଉପରେ। ଧନ୍ୟବାଦ ଅର୍ପଣ କରିଥିଲେ ସୁକାନ୍ତି ଗୌଡ଼ ଓ ଶିଶୁମାନଙ୍କ ଦାୟିତ୍ୱ ବୁଝିଥିଲେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମାମାନେ।

## ଆଠ ଫୁଟର ଅଜଗର ଉଦ୍ଧାର




କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଅବୁଜବାହାଲ ଠାରେ ୮ଫୁଟ୍ ଲମ୍ବର ଏକ ଅଜଗରସାପ ଉଦ୍ଧାର କରିଛି ବନ ବିଭାଗ। ମଦନପୁର ବନ ବିଭାଗ ସୂଚନା ପାଇବା ପରେ ମଦନପୁର ବନପାଳ ସମ୍ପଦ କୁମାର, ମ. ରାମପୁର ବନାଞ୍ଚଳ ସହକାରୀ ବନ ସରକ୍ଷକ ଅସିତ କୁମାର ଦାସ, ମ. ରାମପୁର ବନପାଳ ଦୀପକ ସା, ମୋହନଗିରୀ ବନପାଳ ବିଶ୍ୱଜିତ ଠାକୁର, ବନରକ୍ଷୀ ସତ୍ୟ ଭାମା ନାଗ ପ୍ରମୁଖ ଉପସ୍ଥିତ ରହି ସାପଟିକୁ ଉଦ୍ଧାର କରିବା ସହ ଅଲାତରା ସୁନାମୁଖୀ ଜଙ୍ଗଲରେ ଛାଡିଥିବା ମଦନପୁର ବନପାଳ ସମ୍ପଦ କୁମାର ସୂଚନା ଦେଇଛନ୍ତି।

## ଶ୍ରମିକ ଧର୍ମଘଟ ଓ ରାଲି

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ଓ ସ୍ୱାଧୀନ ଫେଡେରେସନ ବାମପନ୍ଥୀ ଦଳମାନଙ୍କ ସମର୍ଥନରେ ଦିଆଯାଇଥିବା ସର୍ବ ଭାରତୀୟ ଧର୍ମଘଟ ଡାକରାରେ କଳାହାଣ୍ଡି ଜିଲ୍ଲା ସଦର ମହକୁମାରେ ସର୍ବଭାରତୀୟ ଧର୍ମଘଟ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ଦେଇ କଳାହାଣ୍ଡି ଶ୍ରମ କାର୍ଯ୍ୟାଳୟଠାରେ ପହଞ୍ଚିଲା ପରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଆଇଟିୟୁସି, ସିଆଇଟିୟୁର ନେତୃତ୍ୱ ନେଇଥିବା ବହୁ ପ୍ରମୁଖ ସାଥିମାନେ ସେଠାରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ସଭାରେ ବିଶିଷ୍ଟ ବାମପନ୍ଥୀ ନେତା ସାଥି ନବ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ଜିଲ୍ଲା ସହ ସମ୍ପାଦକ, ସି.ପି.ଆଇ.ଏମ୍ ଜିଲ୍ଲା ସମ୍ପାଦକ ଓଡିଶା ନିର୍ମାଣଶ୍ରମିକ ୟୁନିଅନ ସମିତି, ଜିଲ୍ଲା ସମ୍ପାଦକ କଳାହାଣ୍ଡି ଚିତ୍ର ଶିଳ୍ପୀ କଳାକାର ସଂଘ ଜିଲ୍ଲା ସଭାପତି ସିପିଆଇଏମ ପୂର୍ବତନ ଜିଲ୍ଲା ସମ୍ପାଦକ (ସିଆଇଟିୟୁ)ସର୍ବ ଭାରତୀୟ ଧର୍ମଘଟର ୧୭ ଦଫା ଉପରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ଓଡିଶା ନିର୍ମାଣ ଶ୍ରମିକ ସଂଘ ଜିଲ୍ଲା ସଭାପତି, ଓଡିଶା ପାଚିକା ସହାୟିକା ସଂଘ ଜିଲ୍ଲା ସଭାପତି, ଓଡିଶା ଫରେଷ୍ଟହୁଡ୍ ଏଗ୍ରିକଲଚର ଆଣ୍ଡ ବିଲଡିଂ କନ୍ସ୍ଟ୍ରକସନ୍ ୱାର୍କର ୟୁନିୟନ ଜିଲ୍ଲା ସଭାପତି, ରାତ୍ର ଜଗୁଆଳି ଜିଲ୍ଲା ସଭାପତି ତଥା ଅନ୍ୟାନ୍ୟ ଶ୍ରମିକ ନେତାମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ଡ. ମନଭିନ ହେଲେ ଡିଏଭି ବେଦାନ୍ତ ଇଣ୍ଟର ନେସନାଲ ସ୍କୁଲର ନୂତନ ଅଧକ୍ଷା

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ଲାଞ୍ଜିଗଡ଼ସ୍ଥିତ ଡିଏଭି ବେଦାନ୍ତ ଇଣ୍ଟର ନେସନାଲ ସ୍କୁଲର ନୂତନ ଅଧକ୍ଷା ଭାବେ ଯୋଗଦେଇଛନ୍ତି ଡ. ମନଭିନ କୌର। ସ୍କୁଲର ଅଧକ୍ଷ ସଦାନନ୍ଦ ହୋତାଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିବା ପରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିପରି ଲାଞ୍ଜିଗଡ ପ୍ରେସ କ୍ଲବ ତରଫରୁ ସଭାପତି ସୁଶୀଲ କୁମାର ବାଗ, କୋଷାଧ୍ୟକ୍ଷ ପରେଶ କୁମାର ନାୟକ, ସଦସ୍ୟ ରମେଶ ଚନ୍ଦ୍ର ନାୟକ, ପ୍ରଭୁରଞ୍ଜନ ସାମଲ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହିତ ଆଲୋଚନା କରିଥିଲେ। ସ୍କୁଲରେ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ, ଶୈକ୍ଷିକ ପରିବେଶରେ ଆହୁରି ଉନ୍ନତି ଆଣିବା ସହିତ ସ୍କୁଲର ସୁନାମକୁ ବଜାୟ ରଖିବାକୁ ସେ ଯଥାସାଧ୍ୟ ଉଦ୍ୟମ କରିବେ ବୋଲି



କହିଛନ୍ତି। ସେହିପରି ପ୍ରତିଟି ବିଷୟରେ ଛାତ୍ରଛାତ୍ରୀଙ୍କ ପାଠପଢାଠାରୁ ଆରମ୍ଭ କରି ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟରେ ଦକ୍ଷ ଓ ନିପୁଣ କରାଇବା ତାଙ୍କର ପ୍ରାଥମିକତା ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଶ୍ରୀମତୀ କୌର ରାଜସ୍ଥାନ ଜୟପୁରର ମୂଳବାସିନ୍ଦା ଅଟନ୍ତି। ଜଣେ ମେଧାବୀ ଛାତ୍ରୀ ଭାବେ ବାଣିଜ୍ୟରେ ସ୍ନାତକୋତ୍ତର ଓ ଅର୍ଥନୀତିରେ ପିଏଚଡି ଡିଗ୍ରୀ ହାସଲ କରିବା ସହିତ ସ୍ୱର୍ଣ୍ଣ ପଦକ ପ୍ରାପ୍ତ ଅଟନ୍ତି। ସେ ନିଜ ଚାକିରୀ ଜୀବନ ରାଜସ୍ଥାନ ଜୟପୁରରେ ଆରମ୍ଭ କରିବା ପରେ ଓଡ଼ିଶାର ରାଉରକେଲାସ୍ଥିତ ଗୁରୁନାନକ ପବ୍ଲିକ ସ୍କୁଲର ଅଧକ୍ଷା ଭାବେ ଦୀର୍ଘ ୧୧ ବର୍ଷ ସଫଳତାର ଦାୟିତ୍ୱ ତୁଲାଇଥିଲେ। ଏହାପରେ ସେ ଲାଞ୍ଜିଗଡ଼ସ୍ଥିତ ଡିଏଭି ବେଦାନ୍ତ ଇଣ୍ଟର ନେସନାଲ ସ୍କୁଲରେ ଅଧକ୍ଷା ଭାବେ ଯୋଗ ଦେଇଛନ୍ତି।

## ୮ କେଜି ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ



କୋକସରା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅବକାରୀ ଥାନା ପକ୍ଷରୁ ଆମପାଣି ପଞ୍ଚାୟତ ଭାଲିଆଯୋର ଗ୍ରାମର ଅଭିରାମ ନାଏକଙ୍କ ଘରେ ଚଢ଼ାଉ। ଚଢାଉ କରି ଅବକାରୀ ବିଭାଗ ୮ କେଜି ଗଞ୍ଜେଇ ଜବତ କରିବା ସହ ଏକ ବାଇକ ଜବତ କରିଛି। ଏଥିସହ ଗଞ୍ଜେଇ ଚାଲାଣ ଅଭିଯୋଗରେ ଅଭିରାମ ନାଏକଙ୍କୁ କୋର୍ଟ ଚାଲାଣ କରାଯାଇଛି। ତେବେ କୋକସରା ଅବକାରୀ ଥାନା ଅଧିକାରୀ ନରେନ୍ଦ୍ର ମିଞ୍ଜଙ୍କ ନେତୃତ୍ୱରେ ଏହି ଚଢାଉ ହୋଇଥିବା ସୂଚନା ମିଳିଛି ।

## ଓମ୍ ସାଇ ଦ୍ୱାରିକାମାୟୀ ଆଶ୍ରମରେ ଭଜନ ସଂନ୍ଧ୍ୟା





ଭବାନୀପାଟଣା, (ଭାସ୍କର ନ୍ୟୁଜ୍) ସ୍ଥାନୀୟ ରେଡକ୍ରସ କଲ୍ୟାଣମଣ୍ଡପ ସମ୍ମୁଖ ଭାଗରେ ଥିବା ଶ୍ରୀ ଶିରିଡି ସାଇବାବାଙ୍କ ଓମ୍ ସାଇ ଦ୍ୱାରିକାମାୟୀ ଆଶ୍ରମରେ ୧୦ ତାରିଖ ଗୁରୁବାର ଦିନ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପବିତ୍ର ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷରୁ ବାବାଙ୍କର କାକଡ ଆରତୀ ସମାପନ ହୋଇଥିଲା। ପରେପରେ ସକାଳ ୭ଟାରୁ ଘ୮.୩୦ ମିନିଟ ପର୍ଯ୍ୟନ୍ତ ମହାସ୍ନାନ, ଘ.୯.୩୦ ରୁ ପବିତ୍ର ଘୃତଯଜ୍ଞ ମନ୍ଦିର ପୁରୋହିତ ଘାସିରାମ ଶତପଥୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ସାଇ ଶ୍ରଦ୍ଧାଳୁ ପ୍ରମୋଦ କୁମାର ସାହୁ ଓ ତାଙ୍କ ଧର୍ମପତ୍ନୀ କୁନି ସାହୁ କର୍ତ୍ତା ରୂପେ ଉପସ୍ଥିତ ରହି ଯଜ୍ଞକାର୍ଯ୍ୟ ତୁଲାଇଥିଲେ। ଶିରିଡି ସାଇବାବାଙ୍କ ମଧ୍ୟାହ୍ନ ଆରତୀ ପରେ ହଜାର ହଜାର ସାଇ ଭକ୍ତ ଅନ୍ନ ପ୍ରସାଦ ଗ୍ରହଣ କରିବା ସହ ସାଇ କରୁଣା ପ୍ରାପ୍ତ ହୋଇଥିଲେ। ସଂଧ୍ୟା ଆରତୀ ପରେ ପରେ ସାଇ ଚରଣାଶ୍ରିତ ଡାକ୍ତର ରଥଙ୍କ ନେତୃତ୍ୱରେ ଚିତ୍ତାକର୍ଷକ ଭଜନ ସଂଧ୍ୟାର ଆୟୋଜନ କରାଯାଇଥିଲା। ଏଥିରେ ବହୁ କଣ୍ଠଶିଳ୍ପୀ ଉପସ୍ଥିତ ରହି ଭକ୍ତି ସଂଗୀତ ପରିବେଶଣ କରି ଉପସ୍ଥିତ ଶ୍ରୋତାମାନଙ୍କ ମନୋରଞ୍ଜନ କରିଥିଲେ।

## ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ବଳବତ୍ତର

ନର୍ଲା, (ଭାସ୍କର ନ୍ୟୁଜ): ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ ଆନ୍ଦୋଳନ। ନର୍ଲା ବ୍ଲକ ଡ୍ରାଇଭର ସଂଘର ସଭାପତି ବିମନ୍ତ ପଧାନଙ୍କ ନେତୃତ୍ୱରେ ଉପସଭାପତି ରବି ଧରୁଆ, ସାଧାରଣ ସମ୍ପାଦକ ଯଶୋବନ୍ତ ନିଆଲ, ଯୁଗ୍ମ ସମ୍ପାଦକ ପଙ୍କଜ ଗଉଡ, କୋଷାଧ୍ୟକ୍ଷ ଧନେଶ୍ୱର ସାହୁ, ୨୬ ଗୋଟି ପଞ୍ଚାୟତର ସଭାପତି ଓ ସଂଘର ସଦସ୍ୟମାନେ ବ୍ଲକର ନର୍ଲା ଚାରିଛକ, ଛତିକୁଡା ଛକ, ରାକ୍ସି ପେଟ୍ରୋଲ ପମ୍ପ ଛକ, ଭୀମକେଲା ଛକ ଓ ପଲମ ଛକରେ ଧାରଣାରେ ବସିଛନ୍ତି। ଡ୍ରାଇଭର ସଂଘର ଆନ୍ଦୋଳନ ଯୋଗୁଁ ପରିବହନ ସେବା ଓ ଯାତ୍ରୀ ସେବା ପ୍ରଭାବିତ ହୋଇଛି। ରାସ୍ତାର ଦୁଇ ପାର୍ଶ୍ୱରେ ଶହ ଶହ ଟ୍ରକ ଓ ଯାନବାହାନ ଅଟକି ରହିଛି। ଯାତ୍ରୀ ଓ ସ୍କୁଲ କଲେଜର ଛାତ୍ରଛାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛତିକୁଡ଼ା ଠାରେ ଉପସ୍ଥିତ ରହି ଡ୍ରାଇଭର ମାନଙ୍କୁ ସୁରକ୍ଷା ଦେବା ସହ ଶୃଙ୍ଖଳାର ସହିତ ଧାରଣାରେ ବସିଥିଲେ। ଯେଉଁ ଦିନ ପର୍ଯ୍ୟନ୍ତ ଆମର ଦାବି ସରକାର ନ ଶୁଣିଛନ୍ତି ସେ ଦିନ ପର୍ଯ୍ୟନ୍ତ ଧାରଣାରେ ବସି ରହିବେ ବୋଲି ଧାରଣକ୍ଷରେ ବସି ଥିବା ସମସ୍ତ ଡ୍ରାଇଭର କହିଥିଲେ । ଶହଶହ ସଂଖ୍ୟାରେ ଟ୍ରକ୍ ଗୁଡ଼ିକ ଛତିକୁଡା ରୁ ଶାନ୍ତପୁର ପର୍ଯ୍ୟନ୍ତ ଧାଡିରେ ରହିଥିବାର ଦେଖିବାକୁ ମିଳିଥିଲା ଏବଂ ସାଧାରଣ ଯାତ୍ରୀମାନେ ନାହିଁ ନ ଥିବାର ଅସୁବିଧା ସମ୍ମୁଖୀନ ହୋଇଛନ୍ତି।

## ଜୟଦୁର୍ଗା ହାଇସ୍କୁଲରେ ବନ ମହୋତ୍ସବ ପାଳିତ




ନର୍ଲା, (ଭାସ୍କର ନ୍ୟୁଜ୍) : ପ୍ରତିବର୍ଷ ପରି ଏହି ବର୍ଷ ମଧ ଜୟଦୁର୍ଗା ହାଇସ୍କୁଲ, ନର୍ଲା ରୋଡରେ ଜାତୀୟ ବନମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଉତ୍ସାହ ଓ ଉତ୍ସର୍ଗ ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଗଛ ଯେପରିକି ପିଆଶାଳ, ନିମ୍ବ, କଦମ୍ବ ଓ ଜାମୁକୋଳି ଆଦି ଚାରାରୋପଣ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଶ୍ୱମ୍ଭର ଭୋଇଙ୍କ ନେତୃତ୍ୱ ଓ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କର, ନାରାୟଣ ପଧାନ, ଚକ୍ରଧର ସା, ଓ ବବି ରଣା ସହଯୋଗ କରିଥିଲେ। ଏହା ସହିତ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ସାରା ଦେଶରେ ପାଳିତ ହେଉଥିବା 'ଏକ ପେଡ ମା କେ ନାମ' ନାମକ ବୈଶିଷ୍ଟ୍ୟପୂର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟର ମିନି ନର୍ସରୀରୁ ଛାତ୍ରଛାତ୍ରୀମାନଙ୍କୁ ବୃକ୍ଷ ପ୍ରଦାନ କରି ନିଜ ଘରେ ଲଗାଇବା ପାଇଁ ପ୍ରୋତ୍ସାହିତ କରାଯାଇଥିଲା। ଏହି ଅବସରରେ ଶ୍ରୀ କର ବୃକ୍ଷର ଉପାଦେୟତା, ପରିବେଶ ଉପରେ ପ୍ରଭାବ ଓ ଏହାର ନିମିତ୍ତ ନାଗରିକ ଦାୟିତ୍ୱ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଗଭୀର ସୂଚନା ଓ ପ୍ରେରଣା ଦେଇଥିଲେ ।

## ବସୁଧା ପ୍ରକଳ୍ପରୁ ଲକ୍ଷ୍ୟାଧିକ ଟଙ୍କାର କେବୁଲ ଚୋରି


କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ବସୁଧା ପ୍ରକଳ୍ପରୁ ଲକ୍ଷାଧିକ ଟଙ୍କାର ତମ୍ବା କେବୁଲ ଚୋରି ହେଉଥିବା ବେଳେ ପୋଲିସ ଦୁର୍ବୃତ୍ତଙ୍କୁ ଧରିବାରେ ବିଫଳ ହୋଇଛି। ସୂଚନା ଅନୁସାରେ ଏହି ବ୍ଲକରେ ୫୦ ଦିନ ଭିତରେ ୧୧ ବସୁଧା ପ୍ରକଳ୍ପରୁ ତମ୍ବା ତାର ଚୋରି ହୋଇଛି। ଗତ ମେ ୧୭ ତାରିଖରେ ଗଜବାହାଲ, ଅବୁଜବାହାଲ, ବୁଢ଼ୀପଦର, ଜୁନ ୨୨ରେ ପୌରକେଲା, କୁନ୍ଦେଇପାଲି, ପୁଟିଗାଁ, ବୁଢ଼ୀପଦର, ଚଳିତ ମାସ ୪ ତାରିଖରେ ରିଞ୍ଜା, ଭଟାପଲା, ଦେଓଗାଁ ଆଦି ଗାଁରେ ଥିବା ବସୁଧା ପ୍ରକଳ୍ପରୁ ତାର ଚୋରି ହୋଇଥିବା ନେଇ ପୋଲିସ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। ପୁଣି ବୁଧବାର ରାତିରେ ରିଷିଡାଠାରୁ କେବୁଲ ଚୋରି ହୋଇଥିବା ନେଇ ରିଷିଡା ଫାଣ୍ଡିରେ ଅଭିଯୋଗ ହୋଇଛି। ଏଭଳି ଘଟଣା ନେଇ ଜଳ ଯୋଗାଣରେ ସମସ୍ୟା ସୃଷ୍ଟି ହେଉଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ଅନୁସାୟା ଭଞ୍ଜ କହିଛନ୍ତି। ଏ ନେଇ କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଥବିର ବରିହାଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ବୋଲି କହିଛନ୍ତି।

## ରାଶିଫଳ


ଶନିବାର, ୧୨ ଜୁଲାଇ ୨୦୨୫



**ମେଷ:** ଆପଣ ଅନେକ ଉତ୍ସରୁ ଆର୍ଥିକ ଭାବରେ ଉପକୃତ ହେବେ। କେତେକଙ୍କ ପାଇଁ ପରିବାରରେ ନୂତନ ବ୍ୟକ୍ତିଙ୍କ ଆଗମନ ଉତ୍ସବ ଏବଂ ଆନନ୍ଦର ମୁହୂର୍ତ୍ତ ଆଣିଦେବ। ଆପଣଙ୍କ ମନରେ କାର୍ଯ୍ୟର ଚାପ ସତ୍ତ୍ୱେ, ଆପଣଙ୍କର ପ୍ରିୟ ଖୁସିର ମୁହୂର୍ତ୍ତ ଆଣିଦେବେ।



**ବୃଷ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ।



**ମିଥୁନ:** ଧୈର୍ଯ୍ୟବାନ ହୁଅ, କାରଣ ଆପଣଙ୍କର ବୁଝାମଣା ଏବଂ ପ୍ରୟାସ ନିଶ୍ଚିତ ଭାବରେ ଆପଣଙ୍କୁ ସଫଳ କରିବ। ବଡ ଯୋଜନା ଏବଂ ଚିନ୍ତାଧାରା ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବ। କୌଣସି ପ୍ରକାରର ବିନିଯୋଗ କରିବା ପୂର୍ବରୁ ସେହି ବ୍ୟକ୍ତିଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁସନ୍ଧାନ କରନ୍ତୁ।



**କର୍କଟ:** ଆପଣ ଚିନ୍ତା କରୁଥିବା ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତାର ଅଭାବ ଆପଣଙ୍କୁ ଚାପ ଦେଇପାରେ। ଆପଣଙ୍କର ହୃଦୟର ମଣିଷ ଦିନସାରା ଆପଣଙ୍କୁ ମନେ ରଖିବେ। ତାଙ୍କୁ ଆଶ୍ଚର୍ଯ୍ୟ କରିବା ପାଇଁ ଯୋଜନା ପ୍ରସ୍ତୁତ କରନ୍ତୁ ଏବଂ ତାଙ୍କ ପାଇଁ ଏକ ସୁନ୍ଦର ଦିନରେ ପରିଣତ କରିବାକୁ ଚିନ୍ତା କରନ୍ତୁ।




**ସିଂହ:** ଘରର ପରିବେଶ ସୁଖଦ ହେବ। ଆର୍ଥିକ ଲାଭ ସହିତ ବ୍ୟବସାୟରେ ଆପଣ ସନ୍ତୁଷ୍ଟ ଅନୁଭବ କରିବେ। ଆଜି ଆପଣଙ୍କର ବ୍ୟକ୍ତିତ୍ୱର ଉନ୍ନତି ହୋଇପାରେ। ଅତିଥିମାନେ ଆପଣଙ୍କ ଘରେ ପହଞ୍ଚିପାରନ୍ତି। ଆପଣ ରୋଜଗାରର ସୁଯୋଗ ପାଇପାରିବେ।




**କନ୍ୟା:** ଆର୍ଥିକ ଲାଭ ପାଇଁ ଆଜି ଭଲ ସୁଯୋଗ ମିଳିବ। ଆପଣଙ୍କ ସ୍ୱାସ୍ଥ୍ୟ ଭଲ ହେବ। ଭ୍ରମଣରୁ ଆପଣ ଉପକୃତ ହେବେ । ଆପଣ ଜଣେ ବନ୍ଧୁଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ପାଇବେ। ପରିବାରର ସମସ୍ତ ସଦସ୍ୟଙ୍କ ସହିତ ପାରସ୍ପରିକ ସମନ୍ୱୟ ରହିବ। ଆପଣ ଆଧ୍ୟାତ୍ମିକତା ପ୍ରତି ଅଧିକ ଆଗ୍ରହୀ ହେବେ।



**ତୁଳା:** ଆଜି ଆପଣଙ୍କୁ ଆରାମ ଏବଂ ଘନିଷ୍ଠ ବନ୍ଧୁ ଏବଂ ପରିବାର ସହିତ ଖୁସିର କିଛି ମୁହୂର୍ତ୍ତ ବିତାଇବାକୁ ପଡିବ। ଟଙ୍କା ଆପଣଙ୍କର ମୁଷ୍ଟିରୁ ସହଜରେ ଚାଲିଯିବ। ଆପଣ ପରିବାର ପ୍ରତି ଅଶାଳୀନ ବ୍ୟବହାର କରନ୍ତୁ ନାହିଁ। ଏହା ପାରିବାରିକ ଶାନ୍ତିକୁ ବିଘ୍ନ କରିପାରେ।



**ବିଛା:** ଆଜି ଆପଣ ଚାପରୁ ମୁକ୍ତି ପାଇପାରିବେ। ଆପଣ ଆରାମ ଅନୁଭବ କରିବେ। ସାମାଜିକ ଭାବରେ ତୁମର ପ୍ରତିଷ୍ଠା ବୃଦ୍ଧି ପାଇବ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ। ଲୋକମାନେ ଆପଣଙ୍କୁ ସାହାଯ୍ୟ କରିବା ଜାରି ରଖିବେ। ତୁମର ଯାତ୍ରା ଲାଭଦାୟକ ହେବ।



**ଧନୁ:** କୌଣସି କାର୍ଯ୍ୟରେ ଚିନ୍ତା ନ କରି କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ, ଆଜି ଆପଣଙ୍କ ପ୍ରିୟ ଲୋକଙ୍କଠାରୁ ଉପକୃତ ହେବ। ଇଚ୍ଛାଶକ୍ତିର ଅଭାବ ଆପଣଙ୍କୁ ଭାବପ୍ରବଣ ଏବଂ ମାନସିକ ଅସୁବିଧାରେ ପକାଇପାରେ। ଯଦି ଆପଣ ଆୟ ଅଭିବୃଦ୍ଧିର ଉତ୍ସ ଖୋଜୁଛନ୍ତି, ସୁରକ୍ଷିତ ଅର୍ଥନୈତିକ ପ୍ରକଳ୍ପରେ ବିନିଯୋଗ କରନ୍ତୁ। ଘରେ ସମନ୍ୱୟ ରକ୍ଷା କରିବା ପାଇଁ ଏକାଠି କାମ କରନ୍ତୁ।



**ମକର:** ଧାର୍ମିକ ଏବଂ ଆଧ୍ୟାତ୍ମିକ ଆଗ୍ରହର କାର୍ଯ୍ୟ କରିବା ପାଇଁ ଶୁଭ ଦିନ। ଶୀଘ୍ର ଟଙ୍କା ରୋଜଗାର କରିବାକୁ ଆପଣଙ୍କର ପ୍ରବଳ ଇଚ୍ଛା ଅଛି। ଆପଣଙ୍କ ସମସ୍ୟା ଆପଣଙ୍କ ପାଇଁ ବହୁତ ବଡ ହୋଇପାରେ, କିନ୍ତୁ ଆପଣଙ୍କ ଆଖପାଖର ଲୋକମାନେ ଆପଣଙ୍କ ଯନ୍ତ୍ରଣା ବୁଝିବେ ନାହିଁ। ବୋଧହୁଏ ସେମାନେ ଅନୁଭବ କରନ୍ତି ଯେ ସେମାନଙ୍କ ସହିତ ଏହାର କୌଣସି ସମ୍ପର୍କ ନାହିଁ। ଅନେକ ଲୋକଙ୍କ ପାଇଁ ଆଜିର ସନ୍ଧ୍ୟା ରୋମାଣ୍ଟିକ୍ ହେବ।



**କୁମ୍ଭ:** ସାମାଜିକ ଭାବରେ ଆପଣଙ୍କର ପ୍ରତିଷ୍ଠା ବୃଦ୍ଧି ପାଇବ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ। ଆପଣଙ୍କ ସମ୍ପର୍କରେ ମଧୁରତା ବୃଦ୍ଧି ପାଇବ। କାର୍ଯ୍ୟଭାର ଆପଣଙ୍କ ଉପରେ ସାମାନ୍ୟ ଅଧିକ ହୋଇପାରେ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏକ ଧାରଣା ସୃଷ୍ଟି କରିପାରିବ।



**ମୀନ:** କଠିନ ଅର୍ଥନୈତିକ ଅବସ୍ଥା ହେତୁ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଝିରେ ଅଟକି ଯାଇପାରେ। ଯଦି ଆପଣ ଆଜି ପ୍ରକୃତରେ ଲାଭ ଚାହୁଁଛନ୍ତି ତେବେ ଅନ୍ୟମାନଙ୍କ ମତାମତକୁ ଭଲଭାବେ ଶୁଣନ୍ତୁ। ଆପଣଙ୍କ ଜୀବନସାଥୀ ସହିତ ଆପଣଙ୍କର ଭାବପ୍ରବଣତା ଦୁର୍ବଳ ହେବାକୁ ଲାଗିବ। ହନୁମାନ ଚଲିସା ପଢନ୍ତୁ। ସମସ୍ତେ ଆପଣଙ୍କ ସହିତ ଭଲରେ ରହିବେ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯